ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨/୨୦୨୬ (୧୬ ପୃଷ୍ଠା) | Bhubaneswar, Monday, February 2/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 70 | ମୂଲ୍ୟ₹୭/-



**ଯମଜ ସନ୍ତାନର ବାପା ହେଲେ ରାମ ଚରଣ**

ଟଲିଉଡ୍‌ର ପାୱାର କପଲ ରାମ ଚରଣ ଏବଂ ଉପାସନା କୋନିଡେଲାଙ୍କ ଘରକୁ ଆସିଛନ୍ତି ଦୁଇ ନୂଆ ଅତିଥି। ଉପାସନା ଏକ ପୁତ୍ର ଏବଂ ଏକ କନ୍ୟା ସନ୍ତାନ (ଯମଜ)ଙ୍କୁ ଜନ୍ମ ଦେଇଛନ୍ତି।

୦୫

୧୬

**ଅଲକାରାଜ ଚାମ୍ପିୟନ**

ସ୍ପେନର କାର୍ଲୋସ ଅଲକାରାଜ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ଟାଇଟଲ ଜିତିବା ସହ ଓପନ ଏରାର ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାରିୟରର ସ୍ଲାମ ପୂରଣ କରିଛନ୍ତି।



# ମଧ୍ୟବିତ୍ତଙ୍କୁ କିଛି ନାହିଁ

**ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ସଂସଦରେ ଲଗାତର ନବମ ଥର ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିଛନ୍ତି। ବୈଶ୍ୱିକ ଅନିଶ୍ଚିତତା, ଭୂରାଜନୈତିକ ଉତ୍ତେଜନା, ମୁଦ୍ରାସ୍ଫୀତି ଓ ବାଣିଜ୍ୟ ଚାପ ମଧ୍ୟରେ ପ୍ରସ୍ତୁତ ଏହି ବଜେଟ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବା, ଅଭିବୃଦ୍ଧିକୁ ଅବ୍ୟାହତ ରଖିବା ଓ ସାମାଜିକ ଅନ୍ତର୍ଭୁକ୍ତୀକରଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଅଣାଯାଇଛି ବୋଲି ସୀତାରାମନ୍ କହିଛନ୍ତି। କିନ୍ତୁ ଆୟକର ସ୍ଲାବ୍‌ରେ କୌଣସି ପରିବର୍ତ୍ତନ ଅଣାଯାଇ ନାହିଁ। ସେହିପରି ଦରଦାମ୍‌କୁ ନିୟନ୍ତ୍ରଣ କରିବା ଦିଗରେ ମଧ୍ୟ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଏଥିଯୋଗୁ ମଧ୍ୟବିତ୍ତ ନିରାଶ ହୋଇଛନ୍ତି। ସୀତାରାମନ୍ ବଜେଟ ଅଭିଭାଷଣ ବେଳେ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ ଟ୍ୟାକ୍ସ (ଏସ୍‌ଟିଟି)କୁ ୦.୦୨%ରୁ ୦.୦୫% ପର୍ଯ୍ୟନ୍ତ ବୃଦ୍ଧି ଘୋଷଣା କରିବା ମାତ୍ରେ ଭାରତୀୟ ପୁଞ୍ଜିବଜାର ଧରାଶାୟୀ ହୋଇଯାଇଥିଲା। ସେନ୍‌ସେକ୍ସ ୧,୮୪୩ ପଏଣ୍ଟ (୨.୨୩%) ଖସିଥିବାବେଳେ ନିଫ୍ଟି୫୦ରେ ୫୯୩ ପଏଣ୍ଟ (୨.୩୩%) ହ୍ରାସ ଘଟିଥିଲା।**

**ନୂଆଦିଲ୍ଲୀ,୧।୨**

ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ସଂସଦରେ କେନ୍ଦ୍ରୀୟ ବଜେଟ ୨୦୨୬-୨୭ ଉପସ୍ଥାପନ କରିଛନ୍ତି। ଏଥିରେ ସ୍ୱଳ୍ପକାଳୀନ ଲୋକପ୍ରିୟତା ପରିବର୍ତ୍ତେ ମଧ୍ୟମ-ଅବଧିଭିତ୍ତିକ ଅଭିବୃଦ୍ଧି, ବିତ୍ତୀୟ ସଂଯମ ଓ ଢାଞ୍ଚାଗତ ସଂସ୍କାରକୁ ପ୍ରାଥମିକତା ଦିଆଯାଇଛି। ବିଶ୍ୱ ବାଣିଜ୍ୟର ମନ୍ଦଗତି ଓ ଭୂରାଜନୈତିକ ଉତ୍ତେଜନା ମଧ୍ୟରେ ପ୍ରସ୍ତୁତ ହୋଇଥିବା ୫୩.୫ ଲକ୍ଷ କୋଟି ଟଙ୍କାର ଉକ୍ତ ବଜେଟ ଭାରତର ଘରୋଇ ଅର୍ଥନୀତି ଉପରେ ଆତ୍ମବିଶ୍ୱାସ ବଢ଼ାଇବା ସହ ବାହ୍ୟ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସକ୍ଷମ ହେବ ବୋଲି ସରକାର ଆଶାବ୍ୟକ୍ତ କରିଛନ୍ତି। ଏହା ହେଉଛି ସୀତାରାମନ୍‌ଙ୍କ ୯ମ ବଜେଟ। ଅର୍ଥମନ୍ତ୍ରୀ ପ୍ରଥମେ ରାଷ୍ଟ୍ରପତି ଭବନ (କର୍ତ୍ତବ୍ୟ ଭବନ) ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ରାଷ୍ଟ୍ରପତି ପାରମ୍ପରିକ ଭାବେ ଦହି-ଚିନି ଖୁଆଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତାମିଲନାଡୁର କାଞ୍ଚିବରମ୍ ଶାଢ଼ି ପିନ୍ଧି ଓ ଏକ ଟାବ୍‌ଲେଟ ଧରି ସେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ ଓ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ସେଠାରୁ ଫେରିଥିଲେ। ସୀତାରାମନ୍ ବଜେଟ ଉପସ୍ଥାପନ କରି କହିଥିଲେ, ଏହି ଅର୍ଥ ବିଲ୍ ସବ୍ କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ ଉପରେ ଆଧାରିତ ବିକଶିତ ଭାରତ ଦ୍ୱାରା ଅନୁପ୍ରାଣିତ। ବିଶ୍ୱରେ ଅନିଶ୍ଚିତତା ଲାଗି ରହିଥିବାବେଳେ ଭାରତ ଦ୍ରୁତତମ ଅର୍ଥନୀତି ରୂପେ ନିଜ ସ୍ୱାତନ୍ତ୍ର୍ୟ ବଜାୟ ରଖିଛି। ଦୃଢ଼ ଘରୋଇ ଚାହିଦା ଓ ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଯୋଗୁ ଏହା ସମ୍ଭବ ହୋଇପାରିଛି। ସରକାର ମାକ୍ରୋଇକୋନୋମିକ୍ ସ୍ଥିରତାକୁ ବଜାୟ ରଖି ଅଭିବୃଦ୍ଧି ଓ ସ୍ଥିରତା ପ୍ରତି ପ୍ରତିଶ୍ରୁତିବଦ୍ଧ। କୃଷକଙ୍କ ଆୟ ବୃଦ୍ଧି ସରକାରଙ୍କ ପ୍ରାଥମିକତା ହୋଇ ରହିଆସିଛି। ଏହାକୁ ଦୃଷ୍ଟିରେ ରଖି ସରକାର କୃଷି, ପ୍ରାଣୀ ଓ ମତ୍ସ୍ୟ ସମ୍ପଦ କ୍ଷେତ୍ରରେ ଉତ୍ପାଦନଶୀଳତା, ବିବିଧକରଣ, ପ୍ରଯୁକ୍ତିର ପ୍ରୟୋଗକୁ ଗୁରୁତ୍ୱ ଦେଉଛନ୍ତି। କୃଷି ଗ୍ରାମାଞ୍ଚଳ ବିକାଶର ଇଞ୍ଜିନ୍ ହେବା ଜରୁରୀ ବୋଲି ସେ କହିଛନ୍ତି।

ଭିତ୍ତିଭୂମି ନିର୍ମାଣ ସମ୍ପର୍କରେ ସୀତାରାମନ୍ କହିଛନ୍ତି, ଘରୋଇ କ୍ଷେତ୍ରରେ ସାଧାରଣ ପୁଞ୍ଜି ବ୍ୟୟ ଜାରି ରହିବ। ଏହାଦ୍ୱାରା ଭାରତର ଦୀର୍ଘମିଆଦୀ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ। ଯୋଗସୂତ୍ରତା, ଲଜିଷ୍ଟିକ୍ ଓ ସହରାଞ୍ଚଳ ଭିତ୍ତିଭୂମି ବିକାଶକୁ ବହୁଗୁଣିତ କରିବ। ପୁଞ୍ଜି ବଜାରରେ ଫ୍ୟୁଚର୍ସ ଓ ଅପ୍ସନ୍ କାରବାର ପାଇଁ ସରକାର ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ ଟ୍ୟାକ୍ସରେ ବୃଦ୍ଧି ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ସୀତାରାମନ ବଜେଟରେ ପ୍ରତିରକ୍ଷା ବ୍ୟୟବରାଦ ୭,୮୪,୬୭୮ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଗତବର୍ଷ ଏହି କ୍ଷେତ୍ରକୁ ୬,୮୧,୨୧୦ କୋଟି ଟଙ୍କା ☞ପୃଷ୍ଠା-୪

### ପ୍ରମୁଖ ଖର୍ଚ୍ଚ (କୋଟିରେ)

| | |
|---|---|
| ପରିବହନ | ୫,୯୮,୫୨୦ |
| ପ୍ରତିରକ୍ଷା | ୫,୯୪,୫୮୫ |
| ଗ୍ରାମୀଣ ବିକାଶ | ୨,୭୩,୧୦୮ |
| ସ୍ୱରାଷ୍ଟ୍ର ବ୍ୟାପାର | ୨,୫୫,୨୩୪ |
| କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ | ୧,୬୨,୬୭୧ |
| ଶିକ୍ଷା | ୧,୩୯,୨୮୯ |
| ଶକ୍ତି | ୧,୦୯,୦୨୯ |
| ସ୍ୱାସ୍ଥ୍ୟ | ୧,୦୪,୫୯୯ |
| ସହରୀ ବିକାଶ | ୮୫,୫୨୨ |
| ଆଇଟି, ଟେଲିକମ୍ | ୭୪,୫୬୦ |
| ବାଣିଜ୍ୟ ଓ ଶିଳ୍ପ | ୭୦,୨୯୬ |
| ସାମାଜିକ କଲ୍ୟାଣ | ୬୨,୩୬୨ |
| ସାଇଣ୍ଟିଫିକ୍ ବିଭାଗ | ୫୫,୭୫୬ |
| ଟିକସ ପ୍ରଶାସନ | ୪୫,୫୦୦ |
| ବହିର୍ବ୍ୟାପାର | ୨୨,୧୧୯ |
| ଅର୍ଥ | ୨୦,୬୪୯ |
| ପୂର୍ବୋତ୍ତର ଅଞ୍ଚଳ ବିକାଶ | ୬,୮୧୨ |



**୧ ଟଙ୍କାର ଆୟ**

୧-କର୍ପୋରେଟ୍ ଟିକସ ୧୮%
୨-ଆୟକର ୨୧%
୩-ସୀମା ଶୁଳ୍କ ୪%
୪-କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ୬%
୫-ଜିଏସ୍‌ଟି ୧୫%
୬-ଅଣ ଟିକସ ରାଜସ୍ୱ ୧୦%
୭-ଅଣ ଋଣ ପୁଞ୍ଜିରୁ ୨%
୮-ଧାର ଓ ଅନ୍ୟ ସୂତ୍ରରୁ ୨୪%



**୧ ଟଙ୍କାର ବ୍ୟୟ**

୧-କେନ୍ଦ୍ରୀୟ ଯୋଜନା ୧୭%
୨-ସୁଧ ପରିଶୋଧ ୨୦%
୩-ପ୍ରତିରକ୍ଷା ୧୧%
୪-ପ୍ରମୁଖ ରିହାତି ୬%
୫-ଅର୍ଥ ଆୟୋଗ ଓ ଅନ୍ୟାନ୍ୟ ଦେୟ ୭%
୬-ଟିକସ ଓ ଶୁଳ୍କ ବାବଦ ରାଜ୍ୟର ଅଂଶଧନ ୨୨%
୭-ପେନସନ ୨%
୮-ଅନ୍ୟାନ୍ୟ ଖର୍ଚ୍ଚ ୭%
୯-କେନ୍ଦ୍ର ପ୍ରାୟୋଜିତ ଯୋଜନା ୮%



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍

**ଶସ୍ତା**

- ୧୭ଟି ଗୁରୁତ୍ୱପୂର୍ଣ୍ଣ କର୍କଟ ଔଷଧ
- ମୋବାଇଲ ଓ ଟାବଲେଟ୍
- ୭ ଦୁର୍ଲଭ ରୋଗର ଚିକିତ୍ସା
- ମାଇକ୍ରୋୱେଭ ଓଭନ
- ସୌର ଉପକରଣ
- ବିଦେଶ ଯାତ୍ରା ଓ ପାଠପଢ଼ା
- ଇଭି ବ୍ୟାଟେରୀ
- ଚମଡ଼ା ଓ ଜୋତା

**ମହଙ୍ଗା**

- ସିଗାରେଟ, ପାନ ମସଲା, ଗୁଟଖା, ତମାଖୁ
- ବିଦେଶୀ ମଦ, ସ୍ପିରିଟ୍
- ବିଳାସପୂର୍ଣ୍ଣ ଘଣ୍ଟା
- କଫି ମେଶିନ
- ବିଦେଶୀ ଛତା
- ଶେୟାର ମାର୍କେଟ ଟ୍ରେଡିଂ
- କେତେକ ରାସାୟନିକ ସାର

## ଅଭିବୃଦ୍ଧିମୂଳକ, ଯୁବଶକ୍ତି ବଜେଟ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧।୨(ରବିନାରାୟଣ ଜେନା)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ରବିବାର ସଂସଦରେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆଣିଥିବା ବଜେଟ ବାସ୍ତବରେ ଏକ ଅଭିବୃଦ୍ଧିମୂଳକ ଓ ଯୁବଶକ୍ତି ବଜେଟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶର ଆର୍ଥିକ ଅଭିବୃଦ୍ଧିକୁ ଜାରି ରଖିବା ପାଇଁ ମୋଦି ସରକାରଙ୍କ ଶାସନ କାଳ ସମୟରେ ବର୍ତ୍ତମାନ ସୁଦ୍ଧା ୩୫୦ଟି ଢାଞ୍ଚାଗତ ସଂସ୍କାର ଅଣାଯାଇଛି, ଯାହାକି ସ୍ୱାଧୀନ ଭାରତର ଅର୍ଥନୈତିକ ଇତିହାସରେ ଏକ ବିରଳ ଅଧ୍ୟାୟ। ଏହାଦ୍ୱାରା ଆତ୍ମନିର୍ଭର ଭାରତ, ବିକଶିତ ଭାରତ ଗଠନ ଦିଗରେ ଆମର ଯେଉଁ ଲକ୍ଷ୍ୟ ରହିଛି, ତାହା ତ୍ୱରାନ୍ୱିତ ହୋଇପାରିଛି। ☞ପୃଷ୍ଠା-୪

# ଓଡ଼ିଶା ସମେତ ୪ ରାଜ୍ୟରେ ହେବ ରେଆର୍ ଆର୍ଥ କରିଡର

**କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ଲୋକ ସଭାରେ ବଜେଟ ୨୦୨୬-୨୭ ଉପସ୍ଥାପନ ବେଳେ ଓଡ଼ିଶା ସମେତ ୪ ରାଜ୍ୟରେ ବିରଳ ମୃତ୍ତିକା (ରେୟାର ଆର୍ଥ) କରିଡର କରାଯିବା ପାଇଁ ଘୋଷଣା କରିଛନ୍ତି। ଏହା ଭାରତର ଭବିଷ୍ୟତ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଭୂମିକାକୁ ଅତି ଗୁରୁତ୍ୱପୂର୍ଣ୍ଣ କରିବ ବୋଲି କୁହାଯାଉଛି। କିନ୍ତୁ ରେୟାର୍ ଆର୍ଥ କରିଡରକୁ ନେଇ ପରିବେଶବିତ୍ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମନରେ କେତେକ ଦ୍ୱନ୍ଦ୍ୱ ରହିଛି। ବିରଳ ମୃତ୍ତିକା ଉତ୍ତୋଳନ ଏବଂ ପ୍ରକ୍ରିୟାକରଣ ସମୟରେ ତେଜଷ୍କ୍ରିୟ ବର୍ଜ୍ୟବସ୍ତୁ ନିର୍ଗତ ହୋଇଥାଏ। ଏହାର ଠିକ୍ ପରିଚାଳନା ନ ହେଲେ ମାଟି ଏବଂ ଜଳରେ ବିଷାକ୍ତ ରାସାୟନିକ ପଦାର୍ଥ ମିଶିବା ଆଶଙ୍କା ରହିଛି। ସେହିପରି ଉପକୂଳବର୍ତ୍ତୀ ବାଲିରୁ ଖଣିଜ ଉତ୍ତୋଳନ ହେଲେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କର ଜୀବିକା ପ୍ରଭାବିତ ହୋଇପାରେ। ଅନ୍ୟପକ୍ଷରେ ରେୟାର ଆର୍ଥ ପ୍ରକ୍ରିୟାକରଣ କେନ୍ଦ୍ର ନିକଟରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପାଇଁ କ'ଣ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ବହୁ ବିରୋଧୀ ଦଳ ଏବଂ ସାମାଜିକ କର୍ମୀ ପ୍ରଶ୍ନ ଉଠାଉଛନ୍ତି।**




**ନୂଆଦିଲ୍ଲୀ,୧।୨**

ବିରଳ ମୃତ୍ତିକା ହେଉଛି ୧୭ଟି ଖଣିଜ ପଦାର୍ଥର ଏକ ସମୂହ, ଯାହା ଆଧୁନିକ ଇଲେକ୍ଟ୍ରୋନିକ୍ସ ପାଇଁ ଅପରିହାର୍ଯ୍ୟ। ଏହି କରିଡରର ଅର୍ଥ ହେଉଛି ଖଣିରୁ ଖଣିଜ ଉତ୍ତୋଳନ କରିବାଠାରୁ ଆରମ୍ଭ କରି ତାହାର ପ୍ରକ୍ରିୟାକରଣ ଏବଂ ଶେଷରେ ସେଥିରୁ ସାମଗ୍ରୀ ତିଆରି କରିବା ପର୍ଯ୍ୟନ୍ତ ଏକ ସମ୍ପୂର୍ଣ୍ଣ ଶିଳ୍ପ ନେଟୱର୍କ ଗଢ଼ିବା। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ କେରଳରେ ଏହି ସମର୍ପିତ କରିଡର ନିର୍ମାଣ କରାଯିବ। ନଭେମ୍ବର ୨୦୨୫ରେ ଆରମ୍ଭ ହୋଇଥିବା ୭,୨୮୦ କୋଟିର 'ରେୟାର ଆର୍ଥ ପର୍ମାନେଣ୍ଟ ମାଗ୍‌ନେଟ୍ ସ୍କିମ୍'କୁ ଏହି କରିଡର ମାଧ୍ୟମରେ ଆହୁରି ବ୍ୟାପକ କରାଯିବ। ବିଶ୍ୱ ବଜାରରେ, ବିଶେଷକରି ଚାଇନା ଉପରେ ରହିଥିବା ନିର୍ଭରତାକୁ ହ୍ରାସ କରି ଭାରତକୁ ବିରଳ ମୃତ୍ତିକା କ୍ଷେତ୍ରରେ 'ଆତ୍ମନିର୍ଭର' କରିବା ହେଉଛି କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ବାଲି (ବିଚ୍ ସ୍ୟାଣ୍ଡ ମିନେରାଲ୍ସ)ରୁ ପ୍ରଚୁର ପରିମାଣର ☞ପୃଷ୍ଠା-୪

# ନିବେଶକଙ୍କୁ ଝଟକା

## ୧୫୫୦ ପଏଣ୍ଟ ତଳକୁ ସେନ୍‌ସେକ୍ସ

**ମୁମ୍ବାଇ,୧।୨**

କେନ୍ଦ୍ର ସରକାର ରବିବାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। କିନ୍ତୁ ଏହି ବଜେଟ୍ ନିବେଶକକାରୀଙ୍କ ମହଲରେ ନୈରାଶ୍ୟ ସୃଷ୍ଟି କରିଛି ; ଯାହାର ପ୍ରଭାବ ଶେୟାର ବଜାର ଉପରେ ଅନୁଭୂତ ହୋଇଛି। ରବିବାର ଶେୟାର ବଜାର ଖୋଲା ରହିବା ସହିତ କାରବାର ହୋଇଥିଲେ ହେଁ ଦୁଇ ପ୍ରମୁଖ ସୂଚକାଙ୍କ, ସେନ୍‌ସେକ୍ସ ଏବଂ ନିଫ୍ଟି କାରବାର ଭାରୀମାତ୍ରାରେ ପ୍ରଭାବିତ ହୋଇଛି। କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ୧୫୫୦ ପଏଣ୍ଟ ହ୍ରାସ ପାଇ ୮୦,୭୨୨ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟିରେ ୪୯୫ ପଏଣ୍ଟ ହ୍ରାସ ଘଟି କାରବାର ଶେଷ ବେଳକୁ ୨୪,୮୨୫ ପଏଣ୍ଟରେ ବନ୍ଦ ରହିଛି। ନିବେଶକାରୀ ବିଭିନ୍ନ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର କରିନେବାରୁ ବହୁ ପ୍ରମୁଖ କମ୍ପାନୀଗୁଡିକର ବଜାର ପୁଞ୍ଜି(ଏମକ୍ୟାପ୍) ସ୍ଥିତି ମଧ୍ୟ ଦୁର୍ବଳ ହୋଇଛି। ରବିବାର ହୋଇଥିବା କାରବାରରେ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡିକର ଏମ୍‌କ୍ୟାପ୍ ହାରାହାରି ଭାବେ ୪୫୦ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଏହାଦ୍ୱାରା ଦିନକ ମଧ୍ୟରେ ନିବେଶକାରୀଙ୍କ ୧୦ ଲକ୍ଷ କୋଟି ଟଙ୍କା ସ୍ୱାହା ହୋଇଯାଇଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ୍ ଉପସ୍ଥାପନ କରିବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଶେୟାର ବଜାର ଭାରୀମାତ୍ରାରେ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା। ଏହାପଛରେ ୩ଟି ମୁଖ୍ୟ କାରଣ ରହିଥିବା ଶେୟାର କାରବାର ବିଶେଷଜ୍ଞମାନେ କହିଛନ୍ତି। ବିଶେଷତଃ ଡେରିଭେଟିଭ୍(ଷ୍ଟକ୍) ଉପରେ ପ୍ରଚଳିତ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସ୍ୱାସ୍ଥ୍ୟ ପାଇଁ ୦.୫%

SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in






# ୧,୬୨,୬୭୧ କୋଟିର କୃଷି ବଜେଟ



ନୂଆଦିଲ୍ଲୀ,୧।୨

ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବାରୁ କୃଷିଭିତ୍ତିକ ଅର୍ଥନୀତି ଉପରେ କେନ୍ଦ୍ର ସରକାର ଜୋର୍ ଦେଇଛନ୍ତି। ଏଥି ସକାଶେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟରେ ୧,୬୨,୬୭୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଗ୍ରାମୀଣ ଜୀବିକା କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ଓ ପାରମ୍ପରିକ ଫସଲ ଚାଷ ଉପରେ ନିର୍ଭରଶୀଳତା କମାଇବା ଲକ୍ଷ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍

## ଗ୍ରାମୀଣ ଆୟ ବିବିଧୀକରଣ ଉପରେ ଗୁରୁତ୍ୱ

ରବିବାର ବଜେଟ ଉପସ୍ଥାପନ ବେଳେ ମାଛଚାଷ, ପଶୁପାଳନ ଓ ଉଚ୍ଚମୂଲ୍ୟ କୃଷି କ୍ଷେତ୍ର ପାଇଁ ବଡ଼ ପ୍ୟାକେଜ୍ ଘୋଷଣା କରିଛନ୍ତି।

ବଜେଟରେ ଆସନ୍ତା ଆର୍ଥିକବର୍ଷ ପାଇଁ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ସକାଶେ ୧,୬୨,୬୭୧ କୋଟି ଟଙ୍କା ବିନିଯୋଗ ନିର୍ଦ୍ଧାରଣ କରାଯାଇଛି, ଯାହାକି ୨୦୨୫-୨୬ର ସଂଶୋଧିତ ଅନୁମାନ ୧,୫୧,୮୫୩ କୋଟି ଟଙ୍କାଠାରୁ ୭.୧୨% ଅଧିକ। ସୀତାରାମନ୍ କହିଛନ୍ତି, ସରକାର 'ସବକା ସାଥ, ସବକା ବିକାଶ' ଏବଂ 'ବିକଶିତ ଭାରତ' ଲକ୍ଷ୍ୟ ପୂରଣକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଉତ୍ପାଦକତା ବୃଦ୍ଧି ଓ ଉଦ୍ୟମିତା ମାଧ୍ୟମରେ କୃଷକଙ୍କ ଆୟ ବଢ଼ାଇବା ଦିଗରେ ନିର୍ଦ୍ଦିଷ୍ଟ ପ୍ରୟାସ ଆବଶ୍ୟକ। ମାଛଚାଷ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ପାଇଁ ଭାରତୀୟ ଜାହାଜ ଦ୍ୱାରା ଭାରତର ଏକ୍ସକ୍ଲୁସିଭ ଇକୋନୋମିକ୍ ଜୋନ୍ ଓ ସମୁଦ୍ରରେ ଧରାଯାଇଥିବା ମାଛ ଉପରେ କୌଣସି ଶୁଳ୍କ ଲାଗୁ ହେବନାହିଁ। ୫୦୦ଟି ଜଳାଶୟ ଓ 'ଅମୃତ ସରୋବର'ର ସମନ୍ୱିତ ବିକାଶ କରାଯିବ। ଉପକୂଳ ଅଞ୍ଚଳରେ ଷ୍ଟାର୍ଟଅପ, ମହିଳା ନେତୃତ୍ୱାଧୀନ ଗୋଷ୍ଠୀ ଓ ଫିଶ ଫାର୍ମର୍ସ ପ୍ରୋଡ୍ୟୁସର ଅର୍ଗାନାଇଜେଶନ (ଏଫ୍ଏଫ୍ପିଓ) ମାଧ୍ୟମରେ ମୂଲ୍ୟଶୃଙ୍ଖଳ ସଶକ୍ତ କରାଯିବ। ସେହିପରି ପଶୁପାଳନ କୃଷି ଆୟର ପ୍ରାୟ ୧୬% ଅଂଶ ଦେଉଥିବା ଉଲ୍ଲେଖ କରି ଅର୍ଥମନ୍ତ୍ରୀ ୨୦,୦୦୦ରୁ ଅଧିକ ପ୍ରାଣୀଚିକିତ୍ସକ ଓ ପାରାଭେଟ୍ ପ୍ରୋଫେଶନାଲ ସୃଷ୍ଟି ପାଇଁ ଋଣଯୁକ୍ତ ପୁଞ୍ଜି ସବସିଡି ଯୋଜନା ଘୋଷଣା କରିଛନ୍ତି। ଏହା ମାଧ୍ୟମରେ ଘରୋଇ କ୍ଷେତ୍ରରେ ପ୍ରାଣୀଚିକିତ୍ସା କଲେଜ, ହସ୍ପିଟାଲ, ଡାଇଗ୍ନୋଷ୍ଟିକ୍ ଲାବ୍ ଓ ପ୍ରଜନନ କେନ୍ଦ୍ର ସ୍ଥାପନକୁ ସମର୍ଥନ ମିଳିବ।

କୃଷି ଉତ୍ପାଦ ବିବିଧୀକରଣ ଓ କୃଷକ ଆୟ ବୃଦ୍ଧି ପାଇଁ ନଡ଼ିଆ, ଚନ୍ଦନ, କୋକୋ ଓ କାଜୁ ପରି ଉଚ୍ଚମୂଲ୍ୟ ଫସଲକୁ ଉପକୂଳ ଅଞ୍ଚଳରେ ପ୍ରୋତ୍ସାହନ ଦିଆଯିବ। ଉତ୍ତରପୂର୍ବ ଭାଗରେ ଅଗର ଗଛ ଓ ପାହାଡ଼ିଆ ଅଞ୍ଚଳରେ ଆଲମଣ୍ଡ, ଅଖରୋଟ ଓ ପାଇନ୍ ନଟ୍ ଚାଷ ପାଇଁ ଯୋଜନା ରହିଛି। ଭାରତୀୟ କାଜୁ ଓ କୋକୋ ପାଇଁ ଏକ କାର୍ଯ୍ୟକ୍ରମ ୨୦୩୦ ସୁଦ୍ଧା ଦେଶକୁ ଉତ୍ପାଦନ ଓ ପ୍ରୋସେସିଂରେ ଆତ୍ମନିର୍ଭରଶୀଳ କରିବା ସହିତ ଏହାକୁ ପ୍ରିମିୟମ ବିଶ୍ୱ ମାର୍କା କରିବା ଲକ୍ଷ୍ୟ ରଖାଯାଇଛି। ବଜେଟ ଅନୁଯାୟୀ, ଏହି ପଦକ୍ଷେପଗୁଡ଼ିକ ଟିକସ ସଞ୍ଚୟ ମାଧ୍ୟମରେ କୃଷକ ଓ ମତ୍ସ୍ୟଜୀବୀଙ୍କ ଲାଭ ବଢ଼ାଇବ। ସହକାରୀ ସଂସ୍ଥାମାନେ ସମାବେଶୀ ଗ୍ରାମୀଣ ବୃଦ୍ଧିକୁ ମଜବୁତ କରିବେ ଓ ସାମୁଦ୍ରିକ ରପ୍ତାନିର ପ୍ରତିଯୋଗିତାମୂଳକ ଦକ୍ଷତା ସହ ମୂଲ୍ୟ ଆଦାୟ ବୃଦ୍ଧି ହେବ।



## 'ଭିବି-ଜି ରାମ ଜି'କୁ ୯୫,୦୦୦ କୋଟି

**କେନ୍ଦ୍ର** ସରକାର ଗ୍ରାମାଞ୍ଚଳ ଲୋକଙ୍କୁ ନିଶ୍ଚିତ ରୋଜଗାର ଯୋଗାଇଦେବା ପାଇଁ ଆଣିଥିବା ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଜୀବିକା ମିଶନ (ଗ୍ରାମୀଣ) (ଭିବି-ଜି ରାମ ଜି) ଯୋଜନା ପାଇଁ ବଜେଟରେ ୯୫,୬୯୨.୩୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ଏମ୍ଜିଏନ୍ଆର୍ଇଜିଏ ବାବଦରେ ୩୦,୦୦୦ କୋଟି ଟଙ୍କା ରଖାଯାଇଛି। ଭିବି-ଜି ରାମ ଜି ଯୋଜନାରେ ଗ୍ରାମାଞ୍ଚଳରେ କାମଧନ୍ଦା କରିବାକୁ ଚାହୁଁଥିବା ଲୋକମାନଙ୍କୁ ବର୍ଷକୁ ୧୨୫ ଦିନ କାମ ଯୋଗାଇଦେବାର ପ୍ରତିଶ୍ରୁତି ଦିଆଯାଇଛି। ଉପା ସରକାର ଅମଳରୁ ଚାଲିଆସୁଥିବା ଏମ୍ଜିଏନ୍ଆର୍ଇଜିଏ ସ୍ଥାନରେ ଉକ୍ତ ନୂଆ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ତେବେ ଏହା କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଏମ୍ଜିଏନ୍ଆର୍ଇଜିଏ ଯୋଜନା ଜାରି ରହିବ ଏବଂ ଅଧା ଥିବା କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରାଯିବ ବୋଲି ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଗ୍ରାମାଞ୍ଚଳ ବିକାଶ ବିଭାଗ ନିମନ୍ତେ ୧,୯୪,୩୬୮.୮୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଗତବର୍ଷ ଉକ୍ତ ବିଭାଗକୁ ୧,୮୬,୯୯୫.୬୧ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା।

## ଜଳ ଜୀବନ ମିଶନ ପାଇଁ ୬୭,୬୭୦ କୋଟି



୨୦୨୬-୨୭ ବର୍ଷ ଲାଗି ବଜେଟରେ ଜଳ ଜୀବନ ମିଶନ (ଜେଜେଏମ୍) ନିମନ୍ତେ ୬୭,୬୭୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହାକି ଗତବର୍ଷ ତୁଳନାରେ ଅଧିକ। ଗତବର୍ଷ ଏହି ବିଭାଗକୁ ୬୭,୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍ଏୱାଇ-ଜି) ନିମନ୍ତେ ୫୪,୯୧୭ କୋଟି ଟଙ୍କା ପ୍ରସ୍ତାବ ରହିଛି। ୨୦୨୫-୨୬ ବର୍ଷରେ ସଂଶୋଧିତ ବଜେଟ ଆକଳନ ୩୨,୫୦୦ କୋଟି ଟଙ୍କା ଥିଲା। ସେହିପରି ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମାଞ୍ଚଳ ଜୀବିକା ମିଶନ (ଡିଏୱାଇଏନ୍ଆର୍ଏଲ୍ଏମ୍) ନିମନ୍ତେ ବଜେଟରେ ୧୯,୨୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୨୦୨୫-୨୬ ବର୍ଷ ନିମନ୍ତେ ସଂଶୋଧିତ ଆକଳନ ୧୬,୦୦୦ କୋଟି ଟଙ୍କା ଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍ଜିଏସ୍ୱାଇ)ରେ ୧୯,୦୦୦ କୋଟି ଟଙ୍କା ବ୍ୟୟ ନିମନ୍ତେ ପ୍ରସ୍ତାବ ରହିଛି। ୨୦୨୫-୨୬ ବର୍ଷର ସଂଶୋଧିତ ଆକଳନ ୧୧,୦୦୦ କୋଟି ଟଙ୍କା ଥିଲା।

## ଖାଦ୍ୟ, ସାର ଓ ଇନ୍ଧନ ସବ୍ସିଡି ୪.୪୭% କମ୍ ଧାର୍ଯ୍ୟ

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଖାଦ୍ୟ, ସାର ଓ ଇନ୍ଧନ ଉପରେ ବାର୍ଷିକ ସବ୍ସିଡି ୪.୪୭ ପ୍ରତିଶତ ହ୍ରାସ କରି ୪,୧୦,୪୯୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଖାଦ୍ୟ, ସାର ଓ ଇନ୍ଧନ ସବ୍ସିଡିର ସଂଶୋଧିତ ଅନୁମାନ ୪,୨୯,୭୩୫ କୋଟି ବୋଲି ଅନୁମାନ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷ ପାଇଁ ଖାଦ୍ୟ ସବ୍ସିଡି ୨,୨୭,୬୨୯ କୋଟି ହେବ ବୋଲି ଆନୁମାନ କରାଯାଇଛି, ଯାହା ଚଳିତବର୍ଷର ସଂଶୋଧିତ ଅନୁମାନ ୨,୨୮,୧୫୪ କୋଟିଠାରୁ କମ୍। ଖାଦ୍ୟ ସବ୍ସିଡିର ସର୍ବାଧିକ ବ୍ୟୟ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍ଜିକେଏୱାଇ) ଅଧୀନରେ ହୁଏ, ଯାହା ମାଧ୍ୟମରେ ସରକାର ୮୧ କୋଟିରୁ ଅଧିକ ହିତାଧିକାରୀଙ୍କୁ ମାଗଣା ରାଶନ ଯୋଗାଇ ଦେଉଛନ୍ତି। ଦ୍ୱିତୀୟ ବଡ଼ ବ୍ୟୟ ସାର ସବ୍ସିଡି ଉପରେ, ଯାହା ଆସନ୍ତା ଆର୍ଥିକ ବର୍ଷ ପାଇଁ ୧,୭୦,୮୦୫ କୋଟି ନୁମାନ କରାଯାଇଛି। ୨୦୨୫-୨୬ ବର୍ଷର ସଂଶୋଧିତ ଅନୁମାନଠାରୁ ଏହା ୧,୮୬,୪୬୦ କୋଟି କମ୍। ସେଥିରୁ ୟୁରିଆ ସବ୍ସିଡି ୧,୧୬,୮୦୫ କୋଟି ଓ ଅନ୍ୟ (ଅଣୟୁରିଆ) ସାର



ପାଇଁ ୫୪,୦୦୦ କୋଟି ଧାର୍ଯ୍ୟ କରାଯାଇଛି। ପେଟ୍ରୋଲିୟମ ସବ୍ସିଡି ୨୦୨୬-୨୭ ପାଇଁ ୧୨,୦୮୫ କୋଟି ଟଙ୍କା ନୁମାନ କରାଯାଇଛି, ଯାହା ଚଳିତ ବର୍ଷ ସଂଶୋଧିତ ଅନୁମାନ ୧୫,୧୨୧ କୋଟିରୁ କମ୍।

## ମହିଳା ଏସ୍ଏଚ୍ଜି ଉଦ୍ୟୋଗୀଙ୍କ ପାଇଁ ସ୍ଥାପନ ହେବ ଏସ୍ଏଚ୍ଇ ମାର୍ଟ

**ଲକ୍ଷପତି** ଦିଦି ଯୋଜନା ସଫଳତା ଆଧାରରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଗୋଷ୍ଠୀ ମାଲିକାନାରେ ଖୁଚୁରା ଦୋକାନ ସ୍ଥାପନ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଲୋକ ସଭାରେ ବଜେଟ ଉପସ୍ଥାପନ କରିବା ଅବସରରେ ଅର୍ଥମନ୍ତ୍ରୀ କହିଛନ୍ତି, ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍ଜି) ସଦସ୍ୟମାନଙ୍କ ପାଇଁ ପରବର୍ତ୍ତୀ ପଦକ୍ଷେପ ହେଉଛି 'ଉଦ୍ୟୋଗ ମାଲିକ'। ମହଳାମାନଙ୍କୁ ଉଦ୍ୟୋଗ ମାଲିକରେ ପରିଣତ କରିବା ପାଇଁ ଋଣ ସହାୟତା ଯୋଗାଇଦେବା ନିମନ୍ତେ ପ୍ରସ୍ତାବ ରଖିଥିବା ଅର୍ଥମନ୍ତ୍ରୀ କହିଛନ୍ତି। ଗୋଷ୍ଠୀ ମାଲିକାନାରେ ଥିବା ରିଟେଲ ଆଉଟ୍ଲେଟ୍ଗଡ଼ିକରେ ସ୍ୱୟଂସହାୟକ ଉଦ୍ୟୋଗ- ଏସ୍ଏଚ୍ଇ ମାର୍ଟ ଖୋଲାଯିବ। ଲକ୍ଷପତି ଦିଦି ହେଉଛନ୍ତି, ଏସ୍ଏଚ୍ଜିର ମହିଳା ସଦସ୍ୟ ଯେଉଁମାନଙ୍କ ବାର୍ଷିକ ପରିବାର ଆୟ



ଅନ୍ୟୁନ ୧ ଲକ୍ଷ ଟଙ୍କାରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ୨ କୋଟିରୁ ଊର୍ଦ୍ଧ୍ୱ ମହିଳା ଲକ୍ଷପତି ଦିଦି ହୋଇଥିବା ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ୨୦୨୭ ସୁଦ୍ଧା ଏହାକୁ ୩ କୋଟିରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

## ବଜେଟ ପ୍ରତିକ୍ରିୟା...



୨୦୨୬-୨୭ ବଜେଟ୍ ଏକ ଦୂରଦର୍ଶୀ ବଜେଟ୍ ଯାହାକି ବିଭିନ୍ନ କ୍ଷେତ୍ରରେ ଭବିଷ୍ୟତ ଲାଗି ପ୍ରଶସ୍ତ ମାର୍ଗ ପ୍ରସ୍ତୁତ କରିବ। ବର୍ତ୍ତମାନର ଆବଶ୍ୟକତାକୁ ପୂରଣ କରି ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହା ସଶକ୍ତ ଭିତ୍ତି ସ୍ଥାପନ କରିବ। ବିଶେଷକରି ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ପ୍ରତିଷ୍ଠା କରିବା ସଙ୍କଳ୍ପ ପାଇଁ ଏହା ସହାୟକ ହେବା ସହିତ ତ୍ୱରିତ ସଂସ୍କାର ବ୍ୟବସ୍ଥାରେ ଏହି ବଜେଟ୍ ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଯୋଜନାକୁ ମଧ୍ୟ ସୁଦୃଢ଼ କରିବ।

**- ନରେନ୍ଦ୍ର ମୋଦି,ପ୍ରଧାନମନ୍ତ୍ରୀ**



ଚଳିତ ବଜେଟ୍ ଏକ ଦୃଷ୍ଟିହୀନ ବଜେଟ୍। ଦେଶର ପ୍ରକୃତ ସମସ୍ୟା ପ୍ରତି ସରକାର ଆଖି ବୁଜିଦେଇଛନ୍ତି। ଉତ୍କଟ ବେକାରି ସମସ୍ୟା, ଚାଷୀ ସମସ୍ୟା ସମେତ ଉତ୍ପାଦନ କ୍ଷେତ୍ରରେ ଯେଉଁଳି ଅବନତି ଘଟି ଚାଲିଛି ତାହାର ସମାଧାନ ଦିଗରେ ବଜେଟ୍‌ରେ କିଛି ହିଁ ବ୍ୟବସ୍ଥା ନାହିଁ।

**- ରାହୁଲ ଗାନ୍ଧୀ, ବିରୋଧୀ ଦଳ ନେତା**



ଭାରତର ଅନେକ ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ଆହ୍ୱାନ ପାଇଁ କେନ୍ଦ୍ର ବଜେଟରେ ଗୋଟିଏ ହେଲେ ସମାଧାନ ବ୍ୟବସ୍ଥା ପ୍ରଦାନ କରାଯାଇ ନାହିଁ। ସରକାରଙ୍କର କୌଣସି ନୀତିଗତ ଦୂରଦୃଷ୍ଟି କିମ୍ୱା ରାଜନୈତିକ ଇଚ୍ଛାଶକ୍ତି ନାହିଁ। ନରେନ୍ଦ୍ର ମୋଦିଙ୍କ ସରକାର ବିଚାରଧାରାଠାରୁ ଦୂରେଇଯାଇଛି।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



କେନ୍ଦ୍ର ସରକାର କେବଳ ମିଛ କହିଚାଲିଛନ୍ତି। ପଶ୍ଚିମବଙ୍ଗକୁ ପାଣି ମଧ୍ୟ ଦେଉନାହାନ୍ତି। ରାଜ୍ୟରେ ୩ଟି କରିଡର ପାଇଁ ବଜେଟ୍‌ରେ ବ୍ୟବସ୍ଥା ହୋଇଛି ବୋଲି ଅର୍ଥମନ୍ତ୍ରୀ ଯାହା କହିଛନ୍ତି ତାହା ମଧ୍ୟ ମିଛ।କାରଣ ଆମେ ଏଭଳି କରିଡର୍ ନିର୍ମାଣ କରିସାରିଛୁ।

**- ମମତା ବାନାର୍ଜୀ, ମୁଖ୍ୟମନ୍ତ୍ରୀ, ପଶ୍ଚିମବଙ୍ଗ**



୨୦୨୬-୨୭ ବଜେଟ୍ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ଏଥିରେ ଗରିବ ଏବଂ ମଧ୍ୟମ ବର୍ଗଙ୍କ ପାଇଁ କ'ଣ ରହିଛି ତାହା ବୁଝାପଡୁ ନାହିଁ। ଏହା କେବଳ ଶିଳ୍ପପତି ଏବଂ ଉଚ୍ଚବର୍ଗଙ୍କ ପାଇଁ ଉଦ୍ଦିଷ୍ଟ।

**- ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**



କେନ୍ଦ୍ରୀୟ ବଜେଟ୍ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ବଜେଟ୍‌ରେ ରାଜ୍ୟଗୁଡିକ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇ ନାହିଁ କି ଗରିବ କଲ୍ୟାଣ, ମହିଳା, ଚାଷୀ ଏବଂ ସମାଜର ଦୁର୍ଗତବର୍ଗଙ୍କ ଲାଗି କିଛି ନାହିଁ।

**-ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ**



୨୦୨୬-୨୭ ବଜେଟରେ ଅର୍ଥନୈତିକ ରଣନୀତିକୁ ନେଇ କୌଣସି ବିଷୟ ପ୍ରସ୍ତୁତ କରାଯାଉଥିବା ମନେ ହେଉ ନାହିଁ। ଆମେରିକାର ଟାରିଫ୍‌କୁ ନେଇ ବିଭିନ୍ନ କ୍ଷେତ୍ରରେ ଘରୋଇ ଉଦ୍ୟୋଗୀମାନଙ୍କ ଉପରେ ଯେଭଳି ପ୍ରଭାବ ପଡ଼ିଛି ତାହାର ସମାଧାନ ନେଇ ମଧ୍ୟ କିଛି ନାହିଁ।

**- ପି.ଚିଦାମ୍ବରମ୍, କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ**



ମୁଦ୍ରାସ୍ଫୀତି ଏବଂ ବେକାରି ସମସ୍ୟାକୁ ସରକାର ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। ଯୁବପିଢ଼ିଙ୍କ ପାଇଁ କିଭଳି ରୋଜଗାର ସୃଷ୍ଟି ହେବ ସେ ସମ୍ପର୍କରେ ସରକାରଙ୍କ ଚିନ୍ତା ନାହିଁ। ଗୋଆ ଭଳି ରାଜ୍ୟ ପାଇଁ ମଧ୍ୟ ଏହି ବଜେଟରେ ସରକାରଙ୍କ କୌଣସି ଆଭିମୁଖ୍ୟ ଥିବା ଭଳି ଲାଗୁ ନାହିଁ।

**-ଅରବିନ୍ଦ କେଜରିୱାଲ୍ , ଜାତୀୟ ଆବାହକ, ଆମ୍ ଆଦମୀ ପାର୍ଟି**



ଦେଶର ସର୍ବାଧିକ ଲୋକଙ୍କୁ ପ୍ରଭାବିତ କରୁଥିବା ଆୟ ଅସମାନତା ଓ ବେରୋଜଗାରୀ ଭଳି ଗମ୍ଭୀର ପ୍ରସଙ୍ଗର ସମାଧାନ ଦିଗରେ କେନ୍ଦ୍ରୀୟ ବଜେଟ ପୁଣିଥରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।

**- ମନୋଜ ଝା, ଆର୍‌ଜେଡି ଏମ୍‌ପି**

ଧରିତ୍ରୀ 52 Years

# ଧରିତ୍ରୀ
DHARITRI






## ବିପଦକୁ ଆମନ୍ତ୍ରଣ




କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ପାଟଝୋଲାରୁ ଦୁଧାରୀ ରାସ୍ତାରେ ଏକ ପୁରୁଣା କମାଣ୍ଡର ଗାଡ଼ିରେ ଲୋକେ ବିପଦସଙ୍କୁଳ ଭାବେ ଯାତ୍ରା କରୁଛନ୍ତି। (ଫଟୋ: କୃତିବାସ ପ୍ରଧାନ)

# କେନ୍ଦ୍ର ଟିକସରେ ରାଜ୍ୟ ଭାଗ ୪୧% ରହିବ

### ଷୋଡ଼ଶ ଅର୍ଥ କମିଶନଙ୍କ ସୁପାରିସ

### ଅନୁଦାନ ଭାବେ ରାଜ୍ୟଗୁଡ଼ିକୁ ୧.୪ ଲକ୍ଷ କୋଟି ଦେବ କେନ୍ଦ୍ର

ନୂଆଦିଲ୍ଲୀ,୧।୨(ପି.ଟି.)

୨୦୨୬ ଏପ୍ରିଲ ୧ରୁ ଆଗାମୀ ୫ ବର୍ଷ ପାଇଁ କେନ୍ଦ୍ରୀୟ ଟିକସରେ ରାଜ୍ୟ ଭାଗ ୪୧ ପ୍ରତିଶତ ରଖିବାକୁ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟାଙ୍କ ଅଧ୍ୟକ୍ଷତାରେ ଗଠିତ ଷୋଡ଼ଶ ଅର୍ଥ କମିଶନ ସୁପାରିସ କରିଛନ୍ତି। ସରକାର ଅର୍ଥ କମିଶନଙ୍କ ଉକ୍ତ ସୁପାରିସକୁ ଗ୍ରହଣ କରିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ବଜେଟ ଭାଷଣ ଦେଲାବେଳେ କହିଛନ୍ତି। ଅନୁମୋଦନ ଅନୁଯାୟୀ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅର୍ଥ କମିଶନ ଅନୁଦାନ ଭାବେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୧.୪ ଲକ୍ଷ କୋଟି ଟଙ୍କା ପ୍ରଦାନ କରିବେ। ଏଥିରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସଂସ୍ଥା, ବିପର୍ଯ୍ୟୟ ପରିଚାଳନା ଅନୁଦାନ ରହିଛି। ରବିବାର ଅର୍ଥମନ୍ତ୍ରୀ ପାର୍ଲାମେଣ୍ଟରେ ଷୋଡ଼ଶ ଅର୍ଥ କମିଶନଙ୍କ ରିପୋର୍ଟ ଉପସ୍ଥାପନ କରିଛନ୍ତି।

ସମ୍ବିଧାନ ଅନୁଯାୟୀ ଗଠିତ ଅର୍ଥ କମିଶନ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ଟିକସ ହସ୍ତାନ୍ତର ଲାଗି ସୂତ୍ର ପ୍ରଦାନ କରିଥାନ୍ତି। ତେବେ କେନ୍ଦ୍ର ଦ୍ୱାରା ଆଦାୟ ହେଉଥିବା ଉପକର (ସେସ୍) ଏବଂ ସର୍‌ଚାର୍ଜ ରାଜ୍ୟଗୁଡ଼ିକ ମଧ୍ୟରେ ବଣ୍ଟନ ହୁଏ ନାହିଁ। ୨୦୨୩ ଡିସେମ୍ବର ୩୧ରେ ୧୬ତମ ଅର୍ଥ କମିଶନ ଗଠନ ହୋଇଥିଲା। ପାନଗାରିୟାଙ୍କ ନେତୃତ୍ୱରେ ଗଠିତ କମିଶନରେ ସଦସ୍ୟ ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆନି ଜର୍ଜ ମାଥ୍ୟୁ, ଅର୍ଥନୀତିଜ୍ଞ ମନୋଜ ପଣ୍ଡା, ଏସ୍‌ବିଆଇ ଗ୍ରୁପ୍ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ସୌମ୍ୟକାନ୍ତି ଘୋଷ ଏବଂ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ଟି. ରବିଶଙ୍କର ରହିଛନ୍ତି। କମିଶନଙ୍କ ସଚିବ ଋତ୍ୱିକ ପାଣ୍ଡେ ଗତବର୍ଷ ନଭେମ୍ବର ୧୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଉକ୍ତ ରିପୋର୍ଟ ପ୍ରଦାନ କରିଥିଲେ।

# ଭାରତ ବିପକ୍ଷ ମ୍ୟାଚ୍ ବର୍ଜନ କରିବ ପାକିସ୍ତାନ

ଲାହୋର,୧।୨(ପି.ଟି.)

ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ଖେଳିବ। ହେଲେ ଆସନ୍ତା ୧୫ ତାରିଖରେ ଶ୍ରୀଲଙ୍କାର କଲମ୍ବୋଠାରେ ଭାରତ ବିପକ୍ଷରେ ହେବାକୁ ଥିବା ହାଇଭୋଲ୍ଟେଜ ଲିଗ୍ ମ୍ୟାଚ୍‌କୁ ପାକିସ୍ତାନ ବର୍ଜନ କରିବ। ଏ ନେଇ ପାକିସ୍ତାନ ସରକାର ରବିବାର ଘୋଷଣା କରିଛନ୍ତି। ବାଂଲାଦେଶ ବଦଳରେ ସ୍କଟଲାଣ୍ଡକୁ ବିଶ୍ୱକପ୍‌ରେ ସାମିଲ କରାଯିବା ନିଷ୍ପତ୍ତି ବିରୋଧରେ ପ୍ରତିବାଦ୍ କରିବା ପାଇଁ ପାକିସ୍ତାନ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

ଏଥିସହିତ ବିଶ୍ୱକପ୍‌ରେ ପାକିସ୍ତାନ ଦଳ ଅଂଶଗ୍ରହଣ କରିବ କି ନାହିଁ, ସେ ନେଇ ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ବାଂଲାଦେଶ ସୁରକ୍ଷାଗତ କାରଣ ଦର୍ଶାଇ ଭାରତ ବଦଳରେ ଶ୍ରୀଲଙ୍କାରେ ତା'ର ମ୍ୟାଚ୍ ଖେଳିବାକୁ ଅନୁରୋଧ କରିଥିଲା, ଯାହାକୁ ଆଇସିସି ପ୍ରତ୍ୟାଖ୍ୟାନ କରିଥିଲା। ଏହାକୁ ବିରୋଧ କରି ପାକିସ୍ତାନ ବିଶ୍ୱକପ୍‌ରୁ ଓହରିବାକୁ ଧମକ ଦେଇଥିଲା। ପରେ ସରକାରଙ୍କ ନିଷ୍ପତ୍ତି ମିଳିଲେ ହିଁ ଦଳ ଟୁର୍ନାମେଣ୍ଟରେ ଭାଗ ନେବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ କୁହାଯାଇଥିଲା।

# ୭ ସୁଦ୍ଧା ଦିଅ ଦିବ୍ୟାଙ୍ଗଙ୍କ ନିଯୁକ୍ତି ସଂରକ୍ଷଣ ତଥ୍ୟ

### ସବୁ ବିଭାଗଠାରୁ ଲୋଡ଼ାଗଲା ରିପୋର୍ଟ

ଭୁବନେଶ୍ୱର,୧।୨(ରବିନାରାୟଣ ଜେନା)

ରାଜ୍ୟରେ ଦିବ୍ୟାଙ୍ଗଙ୍କ ଲାଗି ଉଦ୍ଦିଷ୍ଟ ନିଯୁକ୍ତି ସଂରକ୍ଷଣ ନୀତି ଠିକଣା ଭାବେ କାର୍ଯ୍ୟକାରୀ ହୋଇଛି କି ନାହିଁ ସେ ସଂକ୍ରାନ୍ତରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଠାରୁ ତଥ୍ୟ ଲୋଡ଼ାଯାଇଛି। ଏସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ ଅନୁସଚିବ ଦେବଲ ଭଟ୍ଟାଚାର୍ଜୀ ପତ୍ର ଲେଖି ୩ବର୍ଷର ତଥ୍ୟ ଲୋଡ଼ିବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହାକୁ ନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଆର୍.ଏସ୍. ଗୋପାଳନ ସବୁ ବିଭାଗକୁ ଜାନୁଆରୀ ୨୮ରେ ପତ୍ର ଲେଖି ତଥ୍ୟ ଲୋଡ଼ିଛନ୍ତି। ବିଭାଗରେ କେଉଁ କ୍ୟାଡରରେ କେତେ ମଞ୍ଜୁରୀପଦ ରହିଛି, କେତେ ପୂରଣ ହୋଇଛି, କେତେ ବର୍ଗରେ କେତେ ଖାଲି ରହିଛି ତା'ର ୩ବର୍ଷର ତଥ୍ୟ ନିର୍ଦ୍ଦିଷ୍ଟ ତାଲିକାରେ ଫେବୃଆରୀ ୭ ସୁଦ୍ଧା ଦେବାକୁ ପ୍ରମୁଖ ସଚିବ ଦର୍ଶାଇଛନ୍ତି।

ମନ୍ତ୍ରଣାଳୟ ପକ୍ଷରୁ ଭଟ୍ଟାଚାର୍ଜୀ ପ୍ରଦାନ କରିଥିବା ପତ୍ରରେ ଦର୍ଶାଯାଇଛି, ସାମାଜିକ ନ୍ୟାୟ ମନ୍ତ୍ରଣାଳୟର ସ୍ଥାୟୀ କମିଟି ଦିବ୍ୟାଙ୍ଗମାନଙ୍କ ନିଯୁକ୍ତି ସଂରକ୍ଷଣ ନୀତି ପାଳନ ହେଉଛି କି ନାହିଁ ତାହାର ରିପୋର୍ଟ ଲୋଡ଼ିଛନ୍ତି। ଏହାକୁ ନେଇ ଦିବ୍ୟାଙ୍ଗ ସଂରକ୍ଷଣ ନୀତି ରାଜ୍ୟରେ କେତେଦୂର ପାଳନ ହେଉଛି, ସେ ସଂକ୍ରାନ୍ତୀୟ ୩ବର୍ଷର ତଥ୍ୟ ପ୍ରଦାନ କର। ସେହିପରି ଦିବ୍ୟାଙ୍ଗମାନଙ୍କ ମଧ୍ୟରେ କେତେ ରାଜ୍ୟ ସରକାରଙ୍କ ଅଧୀନରେ ଅଛି ଏବଂ ନିଜସ୍ୱ ଅଞ୍ଚଳରେ ନିଯୁକ୍ତ ହୋଇଛନ୍ତି ଓ କେତେ ସଂଖ୍ୟକ ବାହାରେ ରହୁଛନ୍ତି ସେସବୁର ତଥ୍ୟ ଦେବାକୁ ଦେବଲ ଦର୍ଶାଇଛନ୍ତି।

# ୧୦ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

### ଅର୍ଥ ବିଭାଗରେ କ୍ଷମତା ମୋହ

ଭୁବନେଶ୍ୱର,୧।୨(ରବିନାରାୟଣ ଜେନା)

ସରକାରୀ ଚାକିରିରେ ବଦଳି ଏକ ନିୟମିତ ପ୍ରକ୍ରିୟା। ଯଦି କୌଣସି କର୍ମଚାରୀ ବା ଅଧିକାରୀ ଏହାକୁ ନ ମାନନ୍ତି ତେବେ ତାଙ୍କ ବିରୋଧରେ ଚାକିରି ସର୍ତ୍ତାବଳୀ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ହେଲେ କ୍ଷମତା ଅଧିକାରୀଙ୍କୁ ଏଭଳି ଅନ୍ଧ କରିଦେଉଛି, ଅନେକ ସମୟରେ ନୀତି ନିୟମ ଭୁଲି ଯାଉଛନ୍ତି; ଯେଉଁଥିପାଇଁ ସରକାରଙ୍କ ପକ୍ଷରୁ ଯେତେ କାଗଜ ଡରାଣ ଦେଖାଗଲେ ମଧ୍ୟ ତାକୁ ଅଧିକାରୀମାନେ ମାନିବାକୁ ନାରାଜ। ଏଭଳି ଏକ ଉଦାହରଣ ଅର୍ଥ ବିଭାଗରେ ଦେଖିବାକୁ ମିଳିଛି। ୧୦ଜଣ ଓଡ଼ିଶା ଅର୍ଥ ସେବା ଅଧିକାରୀଙ୍କୁ ବିଭାଗ ପକ୍ଷରୁ ବାରମ୍ବାର ବଦଳି ନିର୍ଦ୍ଦେଶନାମା ଜାରି ହେଉଥିଲେ ହେଁ ସେମାନେ ଘୁଞ୍ଚୁ ନାହାନ୍ତି। ଏହାକୁ ନେଇ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ଜାନୁଆରୀ ୨୮ରେ ଅର୍ଥବିଭାଗ ଅନୁସଚିବ ସୁନେଇନା ସିଂହ ସମ୍ପୃକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଯଦି ଏହି ପତ୍ର ପାଇବା ପରେ କାର୍ଯ୍ୟରେ ଯୋଗ ନ ଦିଅନ୍ତି ତେବେ ସରକାରଙ୍କ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଉ ସୁଯୋଗ ପ୍ରଦାନ କରାଯିବ ନାହିଁ ବୋଲି ସିଂହ ପତ୍ରରେ ଦର୍ଶାଇଛନ୍ତି। ସିଂହ ଦେଇଥିବା ପତ୍ରରେ ବରିଷ୍ଠ ଓଏଫ୍‌ଏସ୍ ସତ୍ୟସାଇ ଦାସ, ବିଜୟଲକ୍ଷ୍ମୀ ବିଶ୍ୱାଳ, ସନତ କୁମାର ଜେନା, ଗୀତା ଦାସ, ନିରୁପମା ସାହୁ, ପଦ୍ମଜ୍ୟୋତି ସାହୁ, ବିଚିତ୍ର ଗମାଙ୍ଗୋ, ବିରଞ୍ଚି ମହାନନ୍ଦିଆ, ପଦ୍ମାବତୀ ନାୟକ ଓ ବିଭୂତେନ୍ଦୁ ପ୍ରତାପ ଲେଙ୍କା ରହିଛନ୍ତି।

ସିଂହ ଦର୍ଶାଇଛନ୍ତି, ବିଭାଗ ପକ୍ଷରୁ ଏହା ପୂର୍ବରୁ ୨୦୨୫ ଅକ୍ଟୋବର ୧୬ ଏବଂ ୨୪ରେ ଦୁଇଥର ବିଜ୍ଞପ୍ତି ଜାରି ହେବା ସହିତ ମୌଖିକ ଭାବେ କୁହାଯାଇଛି। ମାତ୍ର ସମ୍ପୃକ୍ତ ଅଧିକାରୀ ନିଜ ସ୍ଥାନ ଛାଡୁ ନାହାନ୍ତି। ଅଧିକାରୀମାନେ ବଦଳି ସ୍ଥାନରେ ଯୋଗ ନ ଦେବା ଯୋଗୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାକୁ ସରକାରୀ ବିଶୃଙ୍ଖଳା ଭାବେ କାହିଁକି ଗ୍ରହଣ କରା ନ ଯିବ। ଯଦି ଚିଠି ପାଇବାର ୭ଦିନ ମଧ୍ୟରେ ବଦଳି ସ୍ଥାନରେ ଯୋଗ ନ ଦିଅନ୍ତି କିମ୍ବା ବିଭାଗକୁ ଅବଗତ ନ କରାନ୍ତି, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଂହ ଦର୍ଶାଇଛନ୍ତି।



GOVERNMENT OF ODISHA
FINANCE DEPARTMENT
***

No. FIN-OFS2-CADRE-0006-2026- 2371 /F., dated 28.01.2026

From
Ms. Suneina Singh,
Under Secretary to Government

To
1. Sri Satyasai Das, OFS(SG)
2. Ms Bijaylaxmi Biswal, OFS(SG)
3. Sri Sanat Kumar Jena, OFS(SG)
4. Ms Geeta Das, OFS(SG)
5. Ms Nirupama Sahu, OFS(SG)
6. Ms Padma Jyoti Sahu, OFS(SG)
7. Sri Bichitra Gomango, OFS-I(SB)
8. Sri Biranchi Mahanandia, OFS-I(SB)
9. Ms Padmabati Nayak, OFS-I(SB)
10. Sri Bibhutendu Pratap Lenka, OFS-I(SB)

Sub: Show Cause for non-compliance of transfer orders issued by Finance Department

Sir/ Madam,

With reference to the subject cited above, I am directed to invite your attention to this Department's Notification No. 29092/F and No. 29096/F dated 16.10.2025 and Notification No. 29599/F dated 24.10.2025, whereby you were transferred and posted to a new place of posting.

It is reported that despite issue of the aforesaid transfer orders and subsequent instructions, you have not complied with the same. It has been noticed that you have either not been relieved from your previous place of posting or, having been relieved, have failed to report and join at your transferred place of posting.

Such non joining in the new place of posting adversely affects functioning of the office. Government views such non-compliance of transfer orders as an act of indiscipline and insubordination and is in violation of the provisions of the Odisha Government Servants' Conduct Rules.

ଅର୍ଥ ବିଭାଗ ପକ୍ଷରୁ ୧୦ ଜଣ ଓଏଫ୍‌ଏସ୍ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା କାରଣ ଦର୍ଶାଅ ନୋଟିସ୍‌ର ନକଲ।

# ଭଡ଼ାଘରୁ ଅଧ୍ୟାପିକାଙ୍କ ଝୁଲନ୍ତା ମୃତଦେହ ଜବତ

ବୋଲଗଡ଼,୧।୨(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ପରମାନନ୍ଦ ମହାବିଦ୍ୟାଳୟ ନିକଟସ୍ଥ ଏକ ଭଡ଼ାଘରୁ ରବିବାର ପୋଲିସ ଜଣେ ଅଧ୍ୟାପିକାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଏହି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ବର୍ଷାରାଣୀ ଗଜେନ୍ଦ୍ର(୨୯)। ତାଙ୍କ ଘର ଏହି ଥାନା ଅଧୀନ ବଡ଼କୁମାରୀ ପଞ୍ଚାୟତ ଶ୍ରୀଚନ୍ଦନପୁର ପାଟଣାରେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୨/୨୬) ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବର୍ଷାରାଣୀ ୩ ବର୍ଷ ପୂର୍ବେ ଓଡ଼ିଆ ବିଭାଗ ଅଧ୍ୟାପିକା ଭାବେ ପରମାନନ୍ଦ ମହାବିଦ୍ୟାଳୟର ଯୋଗଦେଇଥିଲେ। ସେବେଠାରୁ ସେ କଲେଜ ନିକଟ ପ୍ରତିମାରାଣୀ ରାଉତଙ୍କ ଘର ଭଡ଼ା ନେଇ ଉପର ମହଲାରେ ଏକା ରହିଆସୁଥିଲେ। ରବିବାର ସକାଳେ ପରିବାରଲୋକେ ବର୍ଷାରାଣୀଙ୍କୁ ଫୋନ କରିଥିଲେ। ହେଲେ ସେ ଫୋନ୍ ନ ଉଠାଇବାରୁ ଘର ମାଲିକାଣୀ ପ୍ରତିମାରାଣୀଙ୍କୁ ଫୋନ କରି ପଚାରିଥିଲେ। ପରେ ତାଙ୍କ ଘର ଭିତରପଟୁ ବନ୍ଦ ଥିବା ବେଳେ ଡାକିଲେ ମଧ୍ୟ ଶୁଣି ନ ଥିଲେ। ଏହାପରେ ପ୍ରତିମାରାଣୀ ☞ପୃଷ୍ଠା-୪



ବର୍ଷାରାଣୀ ଗଜେନ୍ଦ୍ର

# 'ପ୍ରିମିୟମ ୱାଟର' ଧନୀଙ୍କ ପାଇଁ ସମ୍ମାନର ପ୍ରତୀକ

ନୂଆଦିଲ୍ଲୀ, ୧।୨ (ରଏଟର୍ସ)

ଭାରତର ଅତି ଧନୀ ଶ୍ରେଣୀର ଲୋକଙ୍କ ପାଇଁ ଏବେ ବିଳାସପୂର୍ଣ୍ଣ କାର୍ କିମ୍ବା ଗହଣା ଅପେକ୍ଷା 'ପ୍ରିମିୟମ ୱାଟର' ଏକ ନୂଆ ଷ୍ଟାଟସ୍ ସିମ୍ବଲ ବା ସମ୍ମାନର ପ୍ରତୀକ ପାଲଟିଛି। 'ରଏଟର୍ସ'ର ଏକ ରିପୋର୍ଟ ଅନୁଯାୟୀ, ଭାରତର ସମ୍ଭ୍ରାନ୍ତ ଶ୍ରେଣୀ ଏବେ ସାଧାରଣ ପାଣି ପରିବର୍ତ୍ତେ ବିଦେଶୀ ଏବଂ ପ୍ରାକୃତିକ ଝରଣାର ପାଣି ପାଇଁ ବହୁ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି।

ଯେଉଁଠାରେ ସାଧାରଣ ପାଣି ବୋତଲ ୨୦ ଟଙ୍କାରେ ମିଳେ, ସେଠାରେ ଧନୀ ଭାରତୀୟମାନେ ଗୋଟିଏ ବୋତଲ ପାଣି ପାଇଁ ୮୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଛାଉନାହାନ୍ତି। ଏହା କେବଳ ଶୋଷ ମେଣ୍ଟାଇବା ପାଇଁ ନୁହେଁ, ବରଂ ନିଜର ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଦେଖାଇବା ପାଇଁ ଏକ ମାଧ୍ୟମ ପାଲଟିଛି।

ମଦ ଭଳି ପାଣିର ସ୍ୱାଦ ଚାଖିବା ପାଇଁ ଏବେ ବିଶେଷଜ୍ଞ ବା ୱାଟର ସୋମେଲିୟର ନିଯୁକ୍ତ ହେଉଛନ୍ତି। ଭାରତର ଅବନ୍ତୀ ମେହେଟ୍ଟାଙ୍କ ଭଳି ବିଶେଷଜ୍ଞମାନେ ଲୋକଙ୍କୁ ଶିଖାଉଛନ୍ତି କି କେଉଁ ପାଣିରେ କେତେ ପରିମାଣର ମିନେରାଲ୍ସ (ଖଣିଜ ପଦାର୍ଥ) ଅଛି ଏବଂ ତାହା ଶରୀର ପାଇଁ କେତେ ଲାଭଦାୟକ। ଏଭଳି ଚାହିଦା ପଛରେ କେତେକ କାରଣ ରହିଛି, ଯେମିତିକି ଶୁଦ୍ଧତା, ସ୍ୱାସ୍ଥ୍ୟପ୍ରଦ, ବ୍ରାଣ୍ଡ୍ ଭାଲ୍ୟୁ ଓ ସୋସିଆଲ୍ ଷ୍ଟାଟସ। ଧନୀ ଲୋକମାନେ ବିଶ୍ୱାସ କରୁଛନ୍ତି ଯେ ଘରୋଇ ଆର୍‌ଓ ପ୍ୟୁରିଫାୟର୍ ପାଣିରୁ ଜରୁରୀ ଖଣିଜ ପଦାର୍ଥ ବାହାର କରିଦିଏ। ତେଣୁ ସେମାନେ ହିମାଳୟ କିମ୍ବା ୟୁରୋପର ପର୍ବତମାଳାରୁ ଆସୁଥିବା 'ନ୍ୟାଚୁରାଲ ମିନେରାଲ ୱାଟର' ପସନ୍ଦ କରୁଛନ୍ତି। ଏଭଳିସ୍ଥଳେ ଫ୍ରାନ୍ସର ଏଭିଆନ୍, ପେରିୟର୍ ଫିନ୍‌ଲ୍ୟାଣ୍ଡର ଭିନ୍ ଏବଂ ଆମେରିକାର ସାରାଟୋଗା ଭଳି ବ୍ରାଣ୍ଡ୍ ଏବେ ଭାରତୀୟ ମେଟ୍ରୋ ସହରଗୁଡ଼ିକରେ ଖୁବ ଲୋକପ୍ରିୟ ହେଉଛି। ସୋସିଆଲ ଷ୍ଟାଟସ୍ ପାଇଁ ବଡ଼ ବଡ଼ ପାର୍ଟି ଏବଂ କର୍ପୋରେଟ ମିଟିଂରେ ଏହି ମହଙ୍ଗା ପାଣି ବୋତଲ ରଖିବା ଏକ ଫ୍ୟାଶନ ପାଲଟିଛି।



ରଏଟର୍ସ ରିପୋର୍ଟ ଅନୁଯାୟୀ, ଭାରତୀୟ ବଜାରରେ ଏବେ ଅନେକ ଦେଶୀ ଏବଂ ବିଦେଶୀ ବ୍ରାଣ୍ଡର 'ପ୍ରିମିୟମ ୱାଟର' ମିଳୁଛି। ସେଗୁଡ଼ିକର ମାର୍କେଟରେ ଦ୍ରୁତ ଅଭିବୃଦ୍ଧି ରହିଛି। ଏହି ବୋତଲଗୁଡ଼ିକର ମୂଲ୍ୟ ସେଗୁଡ଼ିକର ଉତ୍ସ, ପ୍ୟାକେଜିଂ ଏବଂ ସେଥିରେ ଥିବା ଖଣିଜ ପଦାର୍ଥ ଉପରେ ନିର୍ଭର କରେ। ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟ ଏବେ ବିଶ୍ୱସ୍ତରୀୟ ଗୁଣବତ୍ତାର ପାଣି ଯୋଗାଇ ବିଦେଶୀ କମ୍ପାନୀକୁ ଟକ୍କର ଦେଉଛନ୍ତି। ଭାରତୀୟ ବ୍ରାଣ୍ଡ୍‌ଗୁଡ଼ିକ ମଧ୍ୟରେ ରହିଛି ଗୁଜରାଟର ଆଭା, ଟାଟାର ହିମାଳୟନ, ବିସ୍‌ଲେରି କମ୍ପାନୀର ବେଦିକା ଆଦି ପ୍ରମୁଖ। ଏସବୁକୁ ବଡ଼ ବଡ଼ ହୋଟେଲ, ରେଷ୍ଟୁରାଣ୍ଟରେ ବ୍ୟବହାର କରାଯାଇଥାଏ। ସାରକଥା ହେଉଛି, ଯେଉଁ ଦେଶରେ ସ୍ୱଚ୍ଛ ପାନୀୟ ଜଳ ଏକ ବଡ଼ ☞ପୃଷ୍ଠା-୪

# ଆଜି କ'ଣ କେଉଁଠି

## ବାଲେଶ୍ୱର

- ହନୁମାନ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ମିରିଗିମୁଣ୍ଡି, ରୂପସା, ସମୟ: ସକାଳ ୮ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ଣ ୨ ଟା ୩୦।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୦ଟା।
- ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଅଟଳ ବିହାରୀ ମହାବିଦ୍ୟାଳୟ, ତୃପ୍ତି ମହିଳା ମହାବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ଣ ୧୦ଟା।
- ଚାଷୀ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ବାମନବିନ୍ଧା ସମବାୟ ସମିତି, ତିହିଡ଼ି, ସମୟ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୧ଟା।
- ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେହୁଡ଼ି ଆନନ୍ଦପୁର ସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ଣ ୧୧ଟା।

## କେନ୍ଦୁଝର

- ମା' ମଙ୍ଗଳା ମନ୍ଦିରର ଊନବିଂଶ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିନ, ସ୍ଥାନ: ଯୋଡ଼ା, ସମୟ: ସକାଳ ୫ ଟା ୩୦।
- ୱାନ ଡେ ମ୍ୟାଚ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମୁଗୁପୁର, ହାଟଡ଼ିହୀ, ସମୟ : ପୂର୍ବାହ୍ଣ ୧୧ ଟା।
- ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ, ସ୍ଥାନ: କଣ୍ଟିପାଳ, ସମୟ: ପୂର୍ବାହ୍ଣ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶାସଙ୍ଗ, ହାଟଡ଼ିହୀ, ସମୟ: ଅପରାହ୍ଣ ୩ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଶୁଭ ଅଧିବାସ, ସ୍ଥାନ: ଖଇରିମରା, ହାଟଡ଼ିହୀ, ସମୟ : ଅପରାହ୍ଣ ୪ ଟା।

## ମୟୂରଭଞ୍ଜ

- ମା' ହିଙ୍ଗୁଳାଙ୍କ ଶିବ ଯଜ୍ଞ, ସ୍ଥାନ: କଉଡ଼ିଖଣି ସୁହାଗପୁର, ବଡ଼ସାହି, ସମୟ: ସକାଳ ୯ଟା।
- ଏସ୍‌ଏଚ୍‌ଜି ଗ୍ରୁପର ସଚେତନତା ସଭା, ସ୍ଥାନ: ଚିତ୍ରଡ଼ା ମାର୍କେଟ ସାହି, ମୋରଡ଼ା, ସମୟ: ପୂର୍ବାହ୍ଣ ୧୧ଟା।

## ଗଞ୍ଜାମ

- ଗଞ୍ଜାମ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ସିଦ୍ଧନୟୀ ଗ୍ରାମ ପଞ୍ଚାୟତ, ଆସିକା ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା।
- ଗ୍ରାମପଞ୍ଚାୟତ ସ୍ତରୀୟ ଜନ ଶୁଣାଣି, ସ୍ଥାନ: କଇଠଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି, ସ୍ଥାନ: ବୁଗୁଡ଼ା ବ୍ଲକ କରସିଂଗି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।

## ଢେଙ୍କାନାଳ

- ବଜେଟ୍ ଉପରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।

## ଅନୁଗୋଳ

- ଆଠମଲ୍ଲିକ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ସମାରୋହ, ସ୍ଥାନ :ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ : ଅପରାହ୍ଣ ୩ ଟା ୩୦।

## ଜଗତ୍‌ସିଂହପୁର

- ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସାଧୁସନ୍ଥ ସମ୍ମିଳନୀ, ସ୍ଥାନ: ମୁକ୍ତେଶ୍ୱର ମନ୍ଦିର ପରିସର, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ଣ ୧୧ଟା।
- ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆଳି, ସମୟ: ପୂର୍ବାହ୍ଣ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ନୂଆ ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ଣ ୧୦ଟା।
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ଣ ୧୦ଟା।
- ବ୍ୟାସସରୋବର ମେଳାର ୫ମ ସନ୍ଧ୍ୟାରେ ଆଞ୍ଚଳିକ ନୃତ୍ୟ, ସ୍ଥାନ: ବ୍ୟାସସରୋବର ପୀଠ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼

- ଭୈମୀ ଏକାଦଶୀ ମେଳାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଜିଲାସ୍ତରୀୟ ପିଏମଶ୍ରୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା ।
- ପଞ୍ଚୁପାଣ୍ଡବ ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡିଆ, ସମୟ: ଅପରାହ୍ଣ ୪ଟା

## ରାୟଗଡ଼ା

- ସୁଭଦ୍ରା ମେଳା ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ, ସ୍ଥାନ: ଜେଏସ୍‌କୋ ପଡିଆ, ରାୟଗଡ଼ା, ସମୟ: ପୂର୍ବାହ୍ଣ ୧୦ଟା।

## ସମ୍ବଲପୁର

- ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ : ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ଣ ୧୦ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ନାକଟିଦେଉଳ ବ୍ଲକ ପରିସର, ସମୟ : ପୂର୍ବାହ୍ଣ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲର ବୈଠକ, ସ୍ଥାନ : ଅଇଁଠାପାଲି ନିକଟସ୍ଥ କମ୍ପାନୀର ବ୍ୟବସାୟିକ ସଭାକକ୍ଷ, ସମୟ : ଅପରାହ୍ଣ ୧ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ହାଉସ, ସମୟ: ପୂର୍ବାହ୍ଣ ୧୧ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସବଡେଗା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା୩୦।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବିଜେପୁର, ସମୟ:ପୂର୍ବାହ୍ଣ ୧୦ଟା।
- ବିଜେଡି ପ୍ରତିବାଦ ସଭା, ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ:ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ପାଖ, ବରଗଡ଼, ସମୟ:ପୂର୍ବାହ୍ଣରେ ୧୦ଟା।

## କଳାହାଣ୍ଡି

- ଜିଲାପାଳ ଓ ଏସ୍‌ପିଙ୍କ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ଅଲ ଓଡ଼ିଶା ସିଡୁଲ କାଷ୍ଟ ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ସ୍ଥାନ: ଭବାନୀପାଟଣା ଏସ୍‌ପି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ଣ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଜିଲା ମୁଖ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ଣ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ଓ କୃଷି ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନପାଟ ରୋଡ ବଡ଼ବଗିଚା, ସମୟ: ଅପରାହ୍ଣ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ୬ଟା ୩୦।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୋନପୁର ବ୍ଲକ ସଭା ଗୃହ, ସମୟ: ପୂର୍ବାହ୍ଣ ୧୦ଟା।
- ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆ ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ଗ୍ରାମପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଡୁଙ୍ଗୁରିପାଲି ବ୍ଲକ ଦିଗଶିରାସ୍ଥିତ ବୁଦ୍ଧସିଦ୍ଧି ଆଶ୍ରମରେ ୧୦୦୮ ଯଜ୍ଞକୁଣ୍ଡ ବିଶ୍ୱଶାନ୍ତି ଶ୍ରୀରାମ ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ଆଶ୍ରମ ପରିସର, ସମୟ: ପୂର୍ବାହ୍ଣ ୧୧ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ନୂଆପଡ଼ା, ସମୟ: ପୂର୍ବାହ୍ଣ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଟେନଚୁଆ ପଞ୍ଚାୟତ ସାପ୍ତାହିକ ହାଟପଡ଼ିଆ, ସମୟ: ଅପରାହ୍ଣ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର କର୍ମକ୍ଷେତ୍ରରେ ଦ୍ୱିଜା ନକ୍ଷତ୍ର ସମସ୍ତ ସମସ୍ୟାକୁ ପ୍ରତିହତ କରିବାରେ ସମର୍ଥ ହେବେ। ନିଜ ଲୋକ ବିରୁଦ୍ଧାଚରଣ କରିପାରନ୍ତି। ଯାନବାହନ, ହୋଟେଲଶିଳ୍ପ, ଛୋଟ ଦୋକାନ, ଆନୁଷ୍ଠାନିକ କାମ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସଭାସମିତିରେ କିମ୍ବା ଆଲୋଚନାରେ ମଧ୍ୟସ୍ଥତା କଲେ ଅପଦସ୍ତ ହେବାକୁ ପଡିପାରେ।

**ବୃଷ** – ଆଜି ଆପଣଙ୍କ ସକାଶେ ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ମନ୍ଦ ହେବନାହିଁ। ରୋହିଣୀ ନକ୍ଷତ୍ରର ପରିବାରର ବୟସ୍କବ୍ୟକ୍ତିଙ୍କ ଅସୁସ୍ଥତା ଯୋଗୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ଦ୍ୱିଧାଭାବଜନିତ ବନ୍ଧୁସମ୍ପର୍କ କ୍ଷୁଣ୍ଣ ହେବ। କର୍ମକ୍ଷେତ୍ର, ପାରିବାରିକ ସ୍ଥିତି ଭଲ ରହିବ।

**ମିଥୁନ** – ଅଷ୍ଟମରେ ରାଶ୍ୟାଧିପଙ୍କ ସ୍ଥିତି ହେତୁ ସ୍ୱାସ୍ଥ୍ୟ ସମସ୍ୟା କାମକୁ ନିରୁତ୍ସାହିତ କରିବ। ନିଜ ପରିସରର କୌଣସି ବାଳକ ସକାଶେ ଅସୁବିଧାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପରାମର୍ଶକୁ ଗ୍ରହଣ ସହ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରବେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ ପାଇଁ ଖର୍ଚ୍ଚାନ୍ତ ହୋଇପାରନ୍ତି।

**କର୍କଟ** – ଅଷ୍ଟମସ୍ଥ ରାହୁଙ୍କ ପ୍ରଭାବରେ ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରିବେ। ପ୍ରଶାସନିକ କ୍ଷେତ୍ରରେ ଅର୍ଥ ସମ୍ପର୍କିତ ଆଲୋଚନାରେ ଅଧିକାଂଶ ସମୟ କଟିବ। ବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଧାର୍ମିକ କାର୍ଯ୍ୟରେ ସହଯୋଗର ପ୍ରତିଶ୍ରୁତି ଦେଇପାରନ୍ତି। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** – ରାଶିରେ କେତୁଙ୍କ ଅବସ୍ଥିତି ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ମନ ଚହଲିଯାଇପାରେ। ବ୍ୟବସାୟରେ ଓ ପରିବହନରେ ବିଶେଷ କିଛି ଅସୁବିଧାର ଆଶଙ୍କା ନାହିଁ। ଆର୍ଥିକ ଦୁଃସ୍ଥିତି କିଛି ମାତ୍ରାରେ ବଦଳିଯିବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କନ୍ୟା** – ଗୁରୁଙ୍କ ଶୁଭଦୃଷ୍ଟି ପ୍ରଭାବରୁ ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ବାଣିଜ୍ୟ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା ତଥା ଏଜେନ୍ସିପରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଦ୍ୱାରା ଆଦେଶପ୍ରାପ୍ତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ସ୍ୱାସ୍ଥ୍ୟସମସ୍ୟା ସାଙ୍ଗକୁ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବ।

**ତୁଳା** – ସପ୍ତମାଧିପତି ଚତୁର୍ଥକେନ୍ଦ୍ରସ୍ଥ ଯୋଗୁ ପାରିବାରିକ ସମସ୍ୟାକୁ ସମ୍ପର୍କୀୟଙ୍କ ସହାୟତାରେ ସୁଧାରି ନେବେ। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ଆଜି ବନ୍ଧୁଙ୍କ ଜରିଆରେ ପାଇବାର ଆଶା ରହିଛି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ସଭାସମିତିରେ ସୁନାମ ମିଳିବ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ।

**ବିଛା** – ଭାବପ୍ରବଣ ରାଶିରେ ଚନ୍ଦ୍ରଙ୍କ ସ୍ଥିତିଜନିତ ଅତୀତ ଘଟଣାକୁ ମନେ ପକାଇ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି କାରଣରୁ ସାମାଜିକ ପ୍ରତିଷ୍ଠା ବଢ଼ିବ ଏବଂ ବନ୍ଧୁଙ୍କ ପ୍ରଶଂସାର ପାତ୍ର ହେବେ। ବିଭିନ୍ନ ସମସ୍ୟାରେ ଦୀର୍ଘଦିନରୁ ସ୍ଥଗିତ ରହିଯାଇଥିବା କାମଟି ଆଜି ସହକର୍ମୀଙ୍କ ସହାୟତାରେ ସମ୍ପନ୍ନ ହୋଇଯିବ।

**ଧନୁ** – ତୃତୀୟାଧିପ ଚତୁର୍ଥସ୍ଥ ଯୋଗୁ ଦୀର୍ଘଦିନର ଅପୂରଣୀୟ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ମଧୁର ସମ୍ପର୍କ କାମଗୁଡ଼ିକ ସୁବିଧାରେ ହେବାରେ ସାହାଯ୍ୟ କରିବ। ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ।

**ମକର** – ସମ୍ପର୍କୀୟଙ୍କ ସହଯୋଗକ୍ରମେ ଆନୁଷ୍ଠାନିକ କାମରେ ସଫଳତା ପାଇବେ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଧନିଷ୍ଠା ନକ୍ଷତ୍ର ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି। ପ୍ରକାଶନ, ପ୍ରଶାସନ, ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ।

**କୁମ୍ଭ** – ଅସଜଡ଼ା ପରିସ୍ଥିତି ମଧ୍ୟରେ ପ୍ରିୟ କଥା କହି କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରି ନେବେ। ଆଜି ବ୍ୟବସାୟିକ ସଫଳତା ମିଳିଲେ ମଧ୍ୟ ସମ୍ପୂର୍ଣ୍ଣ ସନ୍ତୋଷଜନକ ହେବ ନାହିଁ। ଯାତ୍ରାରେ ପ୍ରତିବନ୍ଧକର ସାମନା କରିବାକୁ ପଡ଼ିପାରେ। ଜମିଜମା କାରବାରରେ ବିଳମ୍ବ ହେତୁ ନୂତନ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି।

**ମୀନ** – ଆଜି ଯାହା କହିବେ କିମ୍ବା କରିବେ ତାହା ଆପଣଙ୍କ ବିପକ୍ଷରେ ଯାଇପାରେ। ସହକର୍ମୀଙ୍କ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ହେବେ। ବନ୍ଧୁଙ୍କ ସହ ଯୁକ୍ତିତର୍କ କାରଣରୁ ଛୋଟ ଛୋଟ କଥାରେ କଳହ ଲାଗିବାର ସମ୍ଭାବନା ରହିଛି।

ଆଜି ଫେବୃଆରୀ ୨ ତାରିଖ, ବିଶ୍ୱ ଆର୍ଦ୍ରଭୂମି ଦିବସ, ଫାଲ୍‌ଗୁନ କୃଷ୍ଣ ପ୍ରତିପଦା ସୋମବାର। ରାଶିନକ୍ଷତ୍ର–ଅଶ୍ଳେଷା/କର୍କଟ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୫ମି. ଗତେ ଘ.୦୭।୪୯ ମି. ମଧ୍ୟେ, ଘ.୧୦।୫୩ମି. ଗତେ ଘ.୦୧।୦୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭।୪୯ମି. ଗତେ ଘ.୦୯।୧୨ମି. ମଧ୍ୟେ ରାହୁ କାଳ ।

# ଅବଶିଷ୍ଟାଂଶ..

## 'ପ୍ରିମିୟମ ୱାଟର'...

ସମସ୍ୟା, ସେଠାରେ ଉଚ୍ଚବିତ୍ତ ଶ୍ରେଣୀ ପାଇଁ ପାଣି ଏକ 'ବିଳାସପୂର୍ଣ୍ଣ ଆଇଟମ' ପାଲଟିଛି। ଭାରତରେ ବିଦେଶୀ ବ୍ରାଣ୍ଡ୍ ପ୍ରିମିୟମ ୱାଟର ଲିଟର ପିଛା ମୂଲ୍ୟ ପ୍ରାୟ ୩ ଆମେରିକୀୟ ଡଲାରରୁ ଅଧିକ ରହିଥିବାବେଳେ ଦେଶୀ ବ୍ରାଣ୍ଡର ଏହି ପାଣି ମୂଲ୍ୟ ପ୍ରାୟ ୧ ଡଲାର ରହିଛି।

କେତେକ ରିପୋର୍ଟ ଅନୁସାରେ, ଭାରତର ୭୦% ଭୂତଳ ଜଳ ପ୍ରଦୂଷିତ ଏବଂ ଟ୍ୟାପ୍ ପାଣି ପିଇବା ପାଇଁ ଅନୁପଯୁକ୍ତ। ଗତ ଡିସେମ୍ବରରେ ମଧ୍ୟପ୍ରଦେଶର ଇନ୍ଦୋରରେ ପ୍ରଦୂଷିତ ପାଣି ପିଇ ୧୬ ଜଣଙ୍କର ମୃତ୍ୟୁ ହୋଇଛି। ଏଭଳିସ୍ଥଳେ ସାଧାରଣ ଲୋକଙ୍କ ପାଇଁ ୧୫ରୁ ୨୦ ଟଙ୍କାର ପାଣି ବୋତଲ ଏକ ଆବଶ୍ୟକତା ପାଲଟିଥିବାବେଳେ ଧନୀ ଲୋକମାନେ ନିଜ ସ୍ୱାସ୍ଥ୍ୟ ଏବଂ ଏନର୍ଜି ପାଇଁ ପ୍ରିମିୟମ ପାଣିକୁ ଆପଣାଉଛନ୍ତି।

## ଭଡ଼ାଘରୁ ଅଧ୍ୟାପିକାଙ୍କ...

ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଧ୍ୟାପିକାଙ୍କ ବାପା ନୀଳମଣି ଏବଂ ଘର ମାଲିକାଣୀ ପ୍ରତିମାରାଣୀଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ବର୍ଷାରାଣୀଙ୍କ ମୃତଦେହ ଜବତ କରିଥିଲା। ତେବେ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ମୃତାଙ୍କ ମୋବାଇଲ ଫୋନ ଜବତ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି ତଦନ୍ତ ଅଧିକାରୀ ଏଏସ୍‌ଆଇ ଉମାଶଙ୍କର ନାୟକ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଖାଇ ଖାଇ ମନ କଲା
ବାରବାଟି ଚାଷ ଧୋଇରେ ଗଲା।**

କେବେ ଖାଇବାକୁ ଇଚ୍ଛା ନ କରୁଥିବା ବ୍ୟକ୍ତି ଖାଇବାକୁ ଇଚ୍ଛା ପ୍ରକାଶ କଲେ ତା'ର ଜମି ବନ୍ୟାଜଳରେ ଧୋଇ ନଷ୍ଟ ହୋଇଯିବା ଭଳି ତା'ର ଉଦ୍ଦେଶ୍ୟ କେବେ ପୂରଣ ହୋଇପାରି ନ ଥାଏ। ଠିକ ସେହିପରି ଭାବେ କୃପଣ ବ୍ୟକ୍ତି ନିଜର ଖାଇବା ତଥା ଦୈନନ୍ଦିନ ଖର୍ଚ୍ଚ ଲାଗି ଆବଶ୍ୟକ ଅର୍ଥ ବା ଧନ ବ୍ୟୟ ପାଇଁ କୁଣ୍ଠା ପ୍ରକାଶ କରୁଥିବାବେଳେ ଯଦି କୌଣସି କାରଣବଶତଃ ନିଜର ଅତ୍ୟାବଶ୍ୟକ ପଦାର୍ଥ କିଣିବାକୁ ଉଚିତ୍ ମନେ କରେ ତେବେ ତା'ପ୍ରତି ପ୍ରକୃତି ପ୍ରତିବନ୍ଧକ ସୃଷ୍ଟି କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅନ୍ଧାରକଣା,
ଯେଣେ ଗଲେ ତେଣେ ବଣା।**

ଅନ୍ଧାରକଣା ବ୍ୟକ୍ତିଙ୍କୁ ରାତିରେ ଭଲ ଦିଶି ନ ଥାଏ। ସଞ୍ଜ ନଇଁଲେ ନିଜ ଦୈନନ୍ଦିନ କାର୍ଯ୍ୟ କରିବାରେ ସେମାନେ ଦହଗଞ୍ଜ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମଧ୍ୟବିତ୍ତଙ୍କୁ ...

ମଞ୍ଜୁର ହୋଇଥିଲା। ଟେଲିକମ୍ ମନ୍ତ୍ରଣାଳୟ ପାଇଁ ୭୩,୯୯୦ କୋଟି ବ୍ୟୟବରାଦ କରାଯାଇଥିବାବେଳେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ନିମନ୍ତେ ୩.୦୯ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେହିପରି ଜନଗଣନା ପାଇଁ କେନ୍ଦ୍ର ବଜେଟରେ ୬,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଭାରତକୁ ଏକ ବାୟୋଫାର୍ମା ଉତ୍ପାଦନ ହବ୍‌ରେ ପରିଣତ କରିବା, ୧୦୦୦ କ୍ଲିନିକାଲ ପରୀକ୍ଷା ସ୍ଥଳ ନିର୍ମାଣ ଏବଂ କେନ୍ଦ୍ରୀୟ ଔଷଧ ଗୁଣବତ୍ତା ନିୟନ୍ତ୍ରଣ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ୧୦,୦୦୦ କୋଟି ଟଙ୍କା ପୁଞ୍ଜିନିବେଶ କରବାକୁ ସୀତାରାମନ ପ୍ରସ୍ତାବ ରଖିଛନ୍ତି। କେନ୍ଦ୍ର ସରକାର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟକୁ ଆଗାମୀ ଆର୍ଥିକ ବର୍ଷ ଲାଗି ୯,୮୮୬.୮୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରଖିଛନ୍ତି, ଯାହାକି ୨୦୨୫-୨୬ ଆର୍ଥିକ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ। ସୀତାରାମନ୍ ଏହାକୁ ଏକ ସନ୍ତୁଳିତ ବଜେଟ ଭାବେ ଅଭିହିତ କରିବା ସହ ଏଥିଯୋଗୁ ଦୀର୍ଘମିଆଦୀ ଢାଞ୍ଚାଗତ ପରିବର୍ତ୍ତେ ଏହା ସହାୟକ ହେବ ବୋଲି କହିଛନ୍ତି। ଏହି ବଜେଟର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ବିତ୍ତୀୟ ଶୃଙ୍ଖଳା ପ୍ରତି ପ୍ରତିବଦ୍ଧତା। ବିତ୍ତୀୟ ନିଅଣ୍ଟକୁ କ୍ରମଶଃ କମାଇବା ସହ ଉଚ୍ଚ ପୁଞ୍ଜି ବ୍ୟୟକୁ ଜାରି ରଖିବା ମାଧ୍ୟମରେ ସରକାର ଅର୍ଥନୈତିକ ବୃଦ୍ଧି ଓ ସ୍ଥିରତା ମଧ୍ୟରେ ସନ୍ତୁଳନ ଜାରି ରଖିବାକୁ ଚେଷ୍ଟା କରିଛନ୍ତି। ଏଭଳି ଆଭିମୁଖ୍ୟ ଯୋଗୁ ଭାରତ ପ୍ରତି ବୈଶ୍ୱିକ ନିବେଶକ ଓ ରେଟିଂ ଏଜେନ୍ସିଗୁଡ଼ିକର ଭରସା ବଢ଼ିପାରେ ବୋଲି ଆଶା କରାଯାଉଛି। କେତେଜଣ ସମାଲୋଚକ ଏହାକୁ ଅତ୍ୟଧିକ ସତର୍କତା ଭାବେ ଦେଖିପାରନ୍ତି, କିନ୍ତୁ ମାକ୍ରୋ-ଅର୍ଥନୈତିକ ଦୃଷ୍ଟିରୁ ଏହା ନୀତିଗତ ପରିପକ୍ୱତାକୁ ପ୍ରତିଫଳିତ କରେ। ବଜେଟରେ ପୁଞ୍ଜି ବ୍ୟୟ ଉପରେ ଜୋର୍ ଦିଆଯାଇଛି। ପରିବହନ, ଲଜିଷ୍ଟିକ୍ସ, ସହରାଞ୍ଚଳ ବିକାଶ ଓ ଶକ୍ତି କ୍ଷେତ୍ରରେ ଢାଞ୍ଚାଗତ ଅଭିବୃଦ୍ଧି ସରକାରଙ୍କ ଏହି ବିଶ୍ୱାସକୁ ସ୍ପଷ୍ଟ କରେ ଯେ ସରକାରୀ ନିବେଶ ହିଁ ଘରୋଇ ପୁଞ୍ଜିକୁ ଆକର୍ଷିତ କରିବାର ପ୍ରଧାନ ଉପାୟ। ଗତ କିଛି ବର୍ଷରେ ଏହି ରଣନୀତି ଫଳପ୍ରଦ ହୋଇଥିଲେ ମଧ୍ୟ ଏହାର ସଫଳତା କାର୍ଯ୍ୟାନ୍ୱୟନ ଉପରେ ନିର୍ଭର କରିବ। ଭୂମି ଅଧିଗ୍ରହଣ, ପ୍ରଶାସନିକ ଅନୁମତିରେ ବିଳମ୍ବ ଓ ବିଭିନ୍ନ ସ୍ତରରେ ସମନ୍ୱୟର ଅଭାବ ଢାଞ୍ଚାଗତ ରିସ୍କ ସୃଷ୍ଟି କରିଆସିଛି।। ଢାଞ୍ଚାଗତ ଦୃଷ୍ଟିରୁ ଏହି ବଜେଟ ଉତ୍ପାଦନ, ପ୍ରଯୁକ୍ତି ଓ ଆତ୍ମନିର୍ଭରଶୀଳତା ଦିଗରେ ଭାରତର ରଣନୈତିକ ପରିବର୍ତ୍ତନକୁ ଆହୁରି ଗତି ଦେବ ବୋଲି ଅଶା କରାଯାଉଛି। ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ଉନ୍ନତ ବିନିର୍ମାଣକୁ ସମର୍ଥନ ଦେବା ମାଧ୍ୟମରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ପୁନଃ ସଂରଚନା ସହ ଭାରତର ବିତ୍ତୀୟ ନୀତିକୁ ସମନ୍ୱୟ କରାଯାଇଛି। ତଥାପି ଦକ୍ଷତା ବିକାଶ, ଉତ୍ପାଦକତା ବୃଦ୍ଧି ଓ ପ୍ରଯୁକ୍ତି ବ୍ୟବହାର ନ ହେଲେ ଏହି ଲକ୍ଷ୍ୟଗୁଡ଼ିକ ହାସଲ ହୋଇ ନ ପାରେ। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ନାରୀକେନ୍ଦ୍ରିକ ଯୋଜନା ପାଇଁ ଆବଣ୍ଟନ ଜାରି ରହିଛି, କିନ୍ତୁ ଖର୍ଚ୍ଚ-କେନ୍ଦ୍ରିକ କଲ୍ୟାଣ ଯୋଜନାରେ ବଡ଼ ବୃଦ୍ଧି କରାଯାଇନାହିଁ। ନିବେଶ ମାଧ୍ୟମରେ ଚାକିରି ସୃଷ୍ଟି ହିଁ ସମାବେଶୀ ଅଭିବୃଦ୍ଧିର ସ୍ଥାୟୀ ପଥ ବୋଲି ସରକାରଙ୍କ ଧାରଣାକୁ ଏହା ପ୍ରତିଫଳିତ କରିଛି। ଟିକସ ବ୍ୟବସ୍ଥାରେ ଏହି ବଜେଟ ସଂସ୍କାର ପରିବର୍ତ୍ତେ ପ୍ରଶାସନିକ ସଂହତି ଉପରେ ଜୋର୍ ଦିଆଯାଇଛି।

## ଅଭିବୃଦ୍ଧିମୂଳକ, ଯୁବଶକ୍ତି ...

୨୦୨୬-୨୭ କେନ୍ଦ୍ର ବଜେଟରେ ସାର୍ବଜନୀନ ପୁଞ୍ଜି ବ୍ୟୟ (କାପେକ୍ସ) ପାଇଁ ୧୨.୨ ଲକ୍ଷ କୋଟି ଟଙ୍କା ସହିତ ଭିତ୍ତିଭୂମି ବିକାଶ ପାଇଁ ଅଧିକ ଆବଣ୍ଟନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବିରଳ ଖଣିଜପଦାର୍ଥ ନିମନ୍ତେ ଖଣି, ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନ କ୍ଷମତା ନିର୍ମାଣ ପାଇଁ କେନ୍ଦ୍ର ସରକାର ଓଡ଼ିଶାରେ ଏକ ଉତ୍ସର୍ଗୀକୃତ ରେୟାର-ଆର୍ଥ(ବିରଳ ମୃତ୍ତିକା) କରିଡର ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ଏହାର ଲକ୍ଷ୍ୟ ହେଲା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା, ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାହିତ କରିବା ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଅକ୍ଷୟ ଶକ୍ତି ସମେତ ଉଚ୍ଚ-ବୈଷୟିକ କ୍ଷେତ୍ରକୁ ସମର୍ଥନ କରିବା। ପୂର୍ବତଟ ବିକାଶ କରିଡରରେ ପୂର୍ବ ଉପକୂଳରେ ଥିବା ପର୍ଯ୍ୟଟନ ଏବଂ ଅର୍ଥନୈତିକ ହବ୍ ଅନ୍ତର୍ଭୁକ୍ତ – ଏହାର ଉପକୂଳ ଭୌଗୋଳିକ ଏବଂ ଅର୍ଥନୈତିକ ସଂଯୋଗ ହେତୁ ଓଡ଼ିଶା ଲାଭାନ୍ୱିତ ହେବାର ସମ୍ଭାବନା ରହିଛି । ୫ଟି ପୂର୍ବୋଦୟ ରାଜ୍ୟ ଯଥା ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ୫ଟି ପର୍ଯ୍ୟଟନ ସ୍ଥଳୀ ସୃଷ୍ଟି କରାଯିବ ଏବଂ ସର୍ବସାଧାରଣ ପରିବହନ ପାଇଁ ୪ହଜାର ଇ-ବସ୍ ଯୋଗାଇ ଦିଆଯିବ। ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୨୦ଟି ନୂତନ ଜାତୀୟ ଜଳପଥ କାର୍ଯ୍ୟକ୍ଷମ ହେବ, ଏହି ପଦକ୍ଷେପର ଏକ ଅଂଶ ଭାବରେ ଏନ୍‌ଡବ୍ଲ୍ୟୁ-୫ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ। ଏନ୍‌ଡବ୍ଲ୍ୟୁ-୫ ଖଣିଜ ସମୃଦ୍ଧ ଅଞ୍ଚଳ ତାଳଚେର ଏବଂ ଅନୁଗୋଳ ଅଞ୍ଚଳକୁ ଓଡ଼ିଶାର ପାରାଦୀପ ଏବଂ ଧାମରା ଭଳି ପ୍ରମୁଖ ଶିଳ୍ପ ଏବଂ ବନ୍ଦର ହବ୍ ସହିତ ସଂଯୋଗ କରିବ, ଯାହା ଦକ୍ଷ ଏବଂ ସୁଲଭ ମାଲ ପରିବହନରେ ସହାୟକ ହେବ। ଫଳରେ ସଡ଼କ ଏବଂ ରେଳ ନେଟ୍‌ୱର୍କ ଉପରେ ଲଜିଷ୍ଟିକ୍ ଚାପ ହ୍ରାସ ହେବ। ଏକ ନୂତନ ପଦକ୍ଷେପ ଭାବରେ 'ସହର ଅର୍ଥନୈତିକ ଅଞ୍ଚଳ' ସହରୀ ପରିଚାଳିତ ଅର୍ଥନୈତିକ ଅଭିବୃଦ୍ଧି ସୁନିଶ୍ଚିତ ହେବ ଏବଂ ଆଞ୍ଚଳିକ ସହରାଞ୍ଚଳ କ୍ଲଷ୍ଟରଗୁଡ଼ିକ ଲାଭାନ୍ୱିତ ହେବ। ଏହି ଅଞ୍ଚଳର ବିକାଶ ପାଇଁ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ସିଇଆର୍ ପିଛା ୫୦୦୦ କୋଟି ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ପ୍ରସ୍ତାବିତ ଭୁବନେଶ୍ୱର-କଟକ-ପାରାଦୀପ-ପୁରୀ ସହରାଞ୍ଚଳ କରିଡର କାର୍ଯ୍ୟକାରୀ କରିବାରେ ସହାୟକ ହେବ। ବନ୍ୟଜନ୍ତୁ ପର୍ଯ୍ୟଟନ ଏବଂ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା, କର୍ଣ୍ଣାଟକ ଏବଂ କେରଳ ସମେତ ରାଜ୍ୟର ପ୍ରମୁଖ କଇଁଛ ବସା ବାନ୍ଧିବା ସ୍ଥଳ ନିକଟରେ କଇଁଛ ଟ୍ରେଲ୍ ବିକଶିତ କରାଯିବ। ବଜେଟରେ ଏହି ପ୍ରକୃତିଭିତ୍ତିକ ପର୍ଯ୍ୟଟନ ଯୋଜନା, ପରିବେଶ ଅନୁକୂଳ ପର୍ଯ୍ୟଟନ ଭିତ୍ତିଭୂମି ଉପରେ ଧ୍ୟାନ କେନ୍ଦ୍ରିତ କରିବ। ବିକଶିତ ଭାରତର ଆବଶ୍ୟକତାକୁ ଲକ୍ଷ୍ୟ ରଖି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ନୂତନ ଯୋଜନା ବିକଶିତ ଭାରତ – ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଓ ଆଜୀବିକା(ରୁରାଲ) ଅଧୀନରେ ପ୍ରତି ଗ୍ରାମୀଣ ପରିବାର ପିଛା ୧୨୫ ଦିନର ରୋଜଗାରର ବୈଧାନିକ ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି, ଯାହା କି ପୂର୍ବ ୧୦୦ ଦିନ ତୁଳନାରେ ବୃଦ୍ଧି ପାଇଛି। ଓଡ଼ିଶା ଭଳି ରାଜ୍ୟମାନଙ୍କରେ କୃଷକଙ୍କ ଆୟ, ଉତ୍ପାଦକତା ଏବଂ ଗ୍ରାମୀଣ ନିଯୁକ୍ତି ବୃଦ୍ଧି ପାଇଁ ଉଚ୍ଚ ମୂଲ୍ୟର କୃଷିର ଅଂଶ ଭାବରେ ନଡ଼ିଆ, କାଜୁ ଏବଂ ଚନ୍ଦନ ପାଇଁ ଯୋଜନା ଏବଂ ସହାୟକ ପଦକ୍ଷେପ ମଧ୍ୟ ଘୋଷଣା କରାଯାଇଛି। ଏହି ଯୋଜନାରେ ପ୍ରମୁଖ ନଡ଼ିଆ ଉତ୍ପାଦନକାରୀ ରାଜ୍ୟ ଉପରେ ଧ୍ୟାନ ଦିଆଯିବ ଏବଂ କୃଷକଙ୍କ ଆୟ ବୃଦ୍ଧି ପାଇଁ ପୁରୁଣା, ଅଣ-ଉତ୍ପାଦକ ଗଛ ବଦଳରେ ଅଧିକ ଅମଳକ୍ଷମ କିସମ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ହେବ।

## ଓଡ଼ିଶା ସମେତ ...

ବିରଳ ଖଣିଜ ମିଳିଥାଏ। ଓଡ଼ିଶାରେ ଖଣିଜ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ ହେବା ଫଳରେ ଗଞ୍ଜାମ ଏବଂ ପୁରୀ ଭଳି ଉପକୂଳ ଜିଲାଗୁଡ଼ିକରେ ଶିଳ୍ପାୟନ ବୃଦ୍ଧି ପାଇବ। ଏହି କରିଡର ମାଧ୍ୟମରେ ବହୁ ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶା କେବଳ ଲୁହା ଏବଂ କୋଇଲା ପାଇଁ ନୁହେଁ, ବରଂ ହାଇ-ଟେକ୍ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପାଇଁ ଏକ କେନ୍ଦ୍ର ପାଲଟିବ ବୋଲି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି।

ସୂଚନାଥାଉ କି ରେୟାର ଆର୍ଥ ବିନା ଆଜିର ଅଧିକାଂଶ ଗେଜେଟ ତିଆରି ହୋଇପାରିବ ନାହିଁ। ବିଶେଷକରି ଇଲେକ୍ଟ୍ରିକ ଗାଡ଼ି(ଇଭି) ମୋଟରରେ ବ୍ୟବହୃତ ଶକ୍ତିଶାଳୀ ଚୁମ୍ବକ (ପର୍ମାନେଣ୍ଟ ମାଗ୍‌ନେଟ୍), ସ୍ମାର୍ଟଫୋନର ସ୍କ୍ରିନ ଏବଂ ବ୍ୟାଟେରୀ, ମିଶାଇଲ ଗାଇଡାନ୍ସ ସିଷ୍ଟମ୍ ଏବଂ ଯୁଦ୍ଧବିମାନର ଉପକରଣ, ୱିଣ୍ଡ୍ ଟର୍ବାଇନ୍ (ପବନ ଚକ୍କି) ଏବଂ ସୌର ପ୍ୟାନେଲ ତିଆରିରେ ଏହି ୧୭ଟି ଖଣିଜ ପଦାର୍ଥ ବ୍ୟବହାର ହୁଏ।

ବଜେଟ ଘୋଷଣା ଏବଂ ଭାରତୀୟ ବିରଳ ମୃତ୍ତିକା ଲିମିଟେଡ (ଆଇଆର୍‌ଇଏଲ୍)ର ରୋଡ୍‌ମ୍ୟାପ୍ ଅନୁଯାୟୀ, ଓଡ଼ିଶାରେ ଏହି 'ରେୟାର ଆର୍ଥ କରିଡର'ର ମୁଖ୍ୟ କେନ୍ଦ୍ରବିନ୍ଦୁ ଦକ୍ଷିଣ ଓଡ଼ିଶା ଏବଂ ବିଶେଷକରି ଗଞ୍ଜାମ ଜିଲା ରହିବ। ଗଞ୍ଜାମର ଛତ୍ରପୁରସ୍ଥିତ ଓଡ଼ିଶା ସ୍ୟାଣ୍ଡ କମ୍ପ୍ଲେକ୍ସ (ଓସ୍‌କମ୍) ଏହି କରିଡରର ପ୍ରାଣକେନ୍ଦ୍ର ହେବ। ଏଠାରେ ବିରଳ ମୃତ୍ତିକା ପୃଥକୀକରଣ ପାଇଁ ଏକ ନୂତନ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ କରାଯିବ। ବଜେଟ ଅନୁଦାନ ସହାୟତାରେ ଏଠାରେ ବିରଳ ମୃତ୍ତିକାରୁ ଶକ୍ତିଶାଳୀ ଚୁମ୍ବକ ତିଆରି କରିବା ପାଇଁ ଏକ ସ୍ୱତନ୍ତ୍ର ୟୁନିଟ ପ୍ରତିଷ୍ଠା ହେଉଛି, ଯାହା ଇଲେକ୍ଟ୍ରିକ ଗାଡ଼ି (ଇଭି) ଶିଳ୍ପ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ସେହିପରି ସରକାର ଏହି କରିଡର ଅନ୍ତର୍ଗତ ଏକ ରେୟାର ଆର୍ଥ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ପ୍ରତିଷ୍ଠା କରିବାକୁ ଯୋଜନା କରୁଛନ୍ତି। ଏଠାରେ ସେହିସବୁ ଛୋଟ ବଡ଼ କାରଖାନା ରହିବ, ଯାହା ବିରଳ ମୃତ୍ତିକାକୁ ବ୍ୟବହାର କରି ମୋବାଇଲ ପାର୍ଟସ, ମାଇକ୍ରୋ-ଚିପ୍ସ ଏବଂ ପ୍ରତିରକ୍ଷା ଉପକରଣ ତିଆରି କରିବ।

ସେହିପରି ପୁରୀ ଜିଲାର ବ୍ରହ୍ମଗିରି ଉପକୂଳରେ ଥିବା ପ୍ରଚୁର ପରିମାଣର ବିଚ୍ ସ୍ୟାଣ୍ଡ (ବାଲି)ରୁ ମୋନାଜାଇଟ୍ ଏବଂ ଇଲମେନାଇଟ ସଂଗ୍ରହ କରାଯାଇ ଛତ୍ରପୁର ପ୍ଲାଣ୍ଟକୁ ପଠାଯିବ। ତେବେ ଏହି ସ୍ଥାନଗୁଡ଼ିକୁ ବାଛିବାର କାରଣ ହେଲା ଗୋପାଳପୁର ବନ୍ଦର ନିକଟରେ ଥିବାରୁ ପ୍ରକ୍ରିୟାକୃତ ଖଣିଜ ପଦାର୍ଥକୁ ବିଦେଶକୁ ରପ୍ତାନି କରିବା ସହଜ ହେବ। ଛତ୍ରପୁରରେ ପୂର୍ବରୁ ଆଇଆର୍‌ଇଏଲ୍‌ର ଭିତ୍ତିଭୂମି ଥିବାରୁ ଏହାକୁ ଏକ ପୂର୍ଣ୍ଣାଙ୍ଗ କରିଡରରେ ପରିଣତ କରିବା ସରକାରଙ୍କ ପାଇଁ ସହଜ ହେଉଛି। ସରକାର ଏହି କରିଡର ପାଇଁ 'ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ' ବ୍ୟବସ୍ଥା କରିଛନ୍ତି, ଯାହାଦ୍ୱାରା ଏହି ଅଞ୍ଚଳରେ ଶିଳ୍ପ ସ୍ଥାପନ ପାଇଁ ଘରୋଇ ନିବେଶକମାନେ ଆଗ୍ରହ ଦେଖାଇବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବଜେଟ୍ ପଦକ୍ଷେପକୁ ସ୍ୱାଗତ କରି କହିଛନ୍ତି ଯେ, ଏହା ଓଡ଼ିଶାକୁ ଭାରତର 'ଉନ୍ନତ ଉତ୍ପାଦନ ଇକୋସିଷ୍ଟମ'ରେ ଏକ ପ୍ରମୁଖ ସ୍ଥାନ ଦେବ।

## ନିବେଶକଙ୍କୁ ଝଟକା...

ଟିକସ ବୃଦ୍ଧି କରିବାକୁ ବଜେଟ୍‌ରେ ପ୍ରସ୍ତାବ ରହିଥିଲା ବେଳେ ଏହା ନିବେଶକାରୀଙ୍କୁ ହତୋତ୍ସାହିତ କରିଛି। ସେହିପରି ଭାରତୀୟ ଶେୟାର ବଜାରରେ ନିବେଶ ଲାଗି ବିଦେଶୀ ନିବେଶକାରୀଙ୍କୁ ଆକୃଷ୍ଟ କରିବା ନେଇ ବଜେଟ୍‌ରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଏବଂ ଭାରତୀୟ ଶେୟାର ବଜାରରୁ ଏଫ୍‌ଆଇଆଇ କରୁଥିବା ପୁଞ୍ଜି ପ୍ରତ୍ୟାହାର ଧାରାକୁ ରୋକିବା ଲାଗି ବ୍ୟବସ୍ଥା କରା ନଯିବା ବିଷୟ ଶେୟାର ବଜାର ପତନର ଅନ୍ୟତମ କାରଣ ବୋଲି କୁହାଯାଇଛି।

# ସମୃଦ୍ଧ ହେବ ସୁବର୍ଣ୍ଣପୁର: ମୁଖ୍ୟମନ୍ତ୍ରୀ

## ଜିଲାକୁ ୬୩୩ କୋଟିର ପ୍ରକଳ୍ପ ଭେଟି

ସୋନପୁର,୧।୨ (ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ଜିଲାବାସୀଙ୍କୁ ୬୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି । ୨୭୬ କୋଟିରେ ନିର୍ମିତ ୫୮ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ମୁଖ୍ୟତଃ ପାନୀୟ ଜଳ, ରାସ୍ତା, ସେତୁ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ଛାତ୍ରାବାସ, ଗ୍ରାମୀଣ ବିକାଶ ଓ ସହରାଞ୍ଚଳ ବିକାଶ ଆଦି ରହିଛି। ଭୀମ ଭୋଇ ସମାଧି ପୀଠର ବିକାଶ, ସୁବର୍ଣ୍ଣପୁର ସହରରେ ଓପନ ଏୟାର ଥିଏଟର ନିର୍ମାଣ, ଗାନ୍ଧୀ ଷ୍ଟାଡିୟମର ବିକାଶ ଓ ତରଭା ବ୍ଲକ ମରାଡୁଗୋଛାଠାରେ ନଦୀଗର୍ଭ ଜଳାଶୟ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ରାମେଶ୍ୱର ଷ୍ଟାଡିୟମଠାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସୁବର୍ଣ୍ଣପୁର ଜିଲାକୁ କୃଷି, ଜଳସେଚନ ଓ ବୟନଶିଳ୍ପରେ ସମୃଦ୍ଧ କରାଯିବ। ବିକାଶରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ସ୍ୱୟଂ ସହାୟକ ଗୋଷ୍ଠୀର ଭଉଣୀମାନେ କେବଳ ଲାଭାର୍ଥୀ ନୁହନ୍ତି, ସେମାନେ ବିକାଶ ଯାତ୍ରାରେ ଅଂଶୀଦାର। ସେମାନଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଉଦ୍ୟୋଗୀ ମନୋଭାବ ଗ୍ରାମୀଣ ଅର୍ଥନୀତିରେ ପରିବର୍ତ୍ତନ ଆଣିଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି। ସାମାଜିକ ଓ ଆଧ୍ୟାତ୍ମିକ ଚେତନାକୁ ଦିଗ୍‌ଦର୍ଶନ ଦେଇଥିବା ସନ୍ଥକବି ଭୀମ ଭୋଇଙ୍କ ସମ୍ମାନାର୍ଥେ ତାଙ୍କ ସମାଧି ପୀଠର ବ୍ୟାପକ ବିକାଶ କରାଯିବ। ଏଥିପାଇଁ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ତରଭା ବ୍ଲକ ମରାଡୁଗୋଛାଠାରେ ୫୫୭କୋଟି ଟଙ୍କାରେ ନଦୀଗର୍ଭ ଜଳାଶୟ ନିର୍ମାଣ, ୧୧.୨୩ କୋଟି ଟଙ୍କାରେ ସୁବର୍ଣ୍ଣପୁର ସହର ସଂସ୍କୃତି ଭବନଠାରେ ଓପନ ଏୟାର ଥିଏଟର ନିର୍ମାଣ, ୨୫.୨୮ କୋଟି ଟଙ୍କାରେ ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମର ନବୀକରଣ, ୪.୨୩କୋଟି ଟଙ୍କାରେ ସୁବର୍ଣ୍ଣପୁର ବ୍ଲକ ଛକ ଜଙ୍କ୍ସନ ରୋଡର ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ଘୋଷଣା କରିଥିଲେ। ସେହିପରି ୨୭୬ କୋଟି ଟଙ୍କା ମୂଲ୍ୟର ୫୮ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏଥିରେ ୧୭୩ କୋଟି ବ୍ୟୟରେ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୧୦୩କୋଟି ଟଙ୍କା ବ୍ୟୟରେ ୩୪ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏହା ଜିଲାର ବିକାଶକୁ ଆହୁରି ଗତି ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୁଭଦ୍ରା ଶକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ଜିଲାର ୧୮୪୮ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୨୬ କୋଟି ଟଙ୍କାର ସୁଧମୁକ୍ତ ଋଣ ପ୍ରଦାନ କରିଥିଲେ। ଏହି ଆର୍ଥିକ ସହାୟତା ମହିଳା ନେତୃତ୍ୱାଧୀନ ଉଦ୍ୟୋଗକୁ ଆହୁରି ମଜଭୁତ କରିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଆମର ବିକାଶ ପ୍ରକ୍ରିୟାରେ ସବୁ ବର୍ଗର ଲୋକ ସାମିଲ ହେଉଛନ୍ତି। ବିକାଶ ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ତାହା ଆମେ ସୁନିଶ୍ଚିତ କରୁଛୁ । ସବୁ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି। ସୁବର୍ଣ୍ଣପୁର ଜିଲାରେ ୧୦୦୦ କୋଟିରୁ ଅଧିକ ଟଙ୍କାର ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। କୃଷି, ହସ୍ତତନ୍ତ, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ଅପାର ସମ୍ଭାବନା ରହିଛି । ଏହି ସମ୍ଭାବନାକୁ ସଦୁପଯୋଗ କରି ଜିଲାରେ ସ୍ଥାୟୀ ସମୃଦ୍ଧି ଆଣିବା ପାଇଁ ଆମ ସରକାର ଉଦ୍ୟମ ଜାରି ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ।

ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା କହିଥିଲେ, ଆମ ସରକାର ହେଉଛି ଲୋକଙ୍କ ସରକାର। ସରକାର ଆସିବାର ଏହି ଅଳ୍ପ ଦିନ ମଧ୍ୟରେ ଜିଲାର ବିକାଶ ପାଇଁ ଅନେକ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। କୃଷି, ଜଳସେଚନ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ତତ୍ପର ଅଛନ୍ତି। ସୋନପୁର କଲେଜକୁ ସରକାରୀ ଘୋଷଣା କରିବାକୁ ବିଧାୟକ ଏହି ଅବସରରେ ଘୋଷଣା କରିଥିଲେ। ଜିଲାପାଳ ଡ. ନୃପରାଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି ।

# ବିଜେଡିରୁ ଶଶୀ ସାହୁ ନିଲମ୍ବିତ

ଭୁବନେଶ୍ୱର,୧।୨ (ରବିନାରାୟଣ ଜେନା)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ରବିବାର ବାଲେଶ୍ୱର ସୋରର ବିଜେଡି ନେତା ଶଶୀ କୁମାର ସାହୁଙ୍କୁ ନିଲମ୍ବନ କରାଯାଇଛି। ଏସଂକ୍ରାନ୍ତରେ ଦଳର ଉପସଭାପତି(ମୁଖ୍ୟାଳୟ) ପ୍ରତାପ ଜେନା ଏକ ନିଲମ୍ବନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିରେ ଶଶୀ ଦଳୀୟ ବିଶୃଙ୍ଖଳା କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ନିଲମ୍ବନ କରାଗଲା ବୋଲି ଦର୍ଶାଇଛନ୍ତି।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା କଡ଼ାକଡ଼ି

- ଦାୟିତ୍ୱରେ ୪ ଡିସିପି, ୫ ଏଡିସିପି, ୨୩ ଏସିପି, ୩୩ ଇନ୍ସପେକ୍ଟର
- ସରିଲା କାର୍‌କେଡ୍ ରିହରସାଲ

ଭୁବନେଶ୍ୱର,୧।୨(ତ୍ରିନାଥ ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାରଠାରୁ ୬ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିମାନବନ୍ଦରରୁ ଲୋକଭବନ ଓ ଲୋକସେବା ଭବନ, ମେ'ଫେୟାର ପର୍ଯ୍ୟନ୍ତ ଗସ୍ତ ରୁଟ୍‌ର ବିଭିନ୍ନ ସ୍ଥାନରେ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ବ୍ଲୁ ବୁକ୍ ଅନୁସାରେ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଦାୟିତ୍ୱରେ ୪ଜଣ ଡିସିପି, ୫ଜଣ ଅତିରିକ୍ତ ଡିସିପି, ୨୩ଜଣ ଏସିପି ଓ ୩୩ଜଣ ଇନ୍ସପେକ୍ଟର ରହିଛନ୍ତି। ରାଷ୍ଟ୍ରପତିଙ୍କ ଯାତାୟାତ ପଥରେ ରହିଥିବା ଉଚ୍ଚ ଅଟାଳିକାଗୁଡିକରେ ଜଗିବେ ବନ୍ଧୁକଧାରୀ ପୋଲିସ। ଏହାସହ ସହରର ବିଭିନ୍ନ ସ୍ଥାନରେ ସାଦା ପୋଷାକରେ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ। ଏଥିସହ କାରକେଡ୍ ରିହର୍‌ସାଲ କରାଯାଇଛି। ଏହି ରିହର୍‌ସାଲ ବିମାନ ବନ୍ଦରରୁ ଲୋକଭବନ ଏବଂ ଲୋକଭବନରୁ ଲୋକସେବା ଭବନ ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ ଆମ୍ବୁଲାନ୍ସ, ଡାକ୍ତର, ଫାୟାର ଓ ଅନ୍ୟ ଟିମ୍ ସାମିଲ ରହିଛନ୍ତି।

ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ଦୁଇଦିନିଆ ପୁରୀ ଗସ୍ତ ନେଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବା ସହ ଦାୟିତ୍ୱରେ ୬ ଜଣ କମାଣ୍ଡାଣ୍ଟ ର୍‍ୟାଙ୍କ୍‌ର ଅଫିସର ରହିବେ। ତାଳବଣିଆ ହେଲିପ୍ୟାଡଠାରୁ ଆରମ୍ଭ କରି ଲୋକଭବନ, ଶ୍ୱେତଗଙ୍ଗା ପୁଷ୍କରିଣୀ, ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ଟ୍ରାଫିକ ଉପରେ ମଧ୍ୟ କଟକଣା ରହିବ ବୋଲି ପୁରୀ ଏସପି ପ୍ରତୀକ ସିଂ କହିଛନ୍ତି। ସୂଚନାନୁସାରେ, ୪ ତାରିଖ ସକାଳେ ପୁରୀ ପଞ୍ଚତୀର୍ଥ ପୁଷ୍କରିଣୀ ଶ୍ୱେତଗଙ୍ଗାରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବେ। ପରେ ରାଷ୍ଟ୍ରପତି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ଏଥିସହ ରାଷ୍ଟ୍ରପତିଙ୍କ ଗଞ୍ଜାମ ଓ ବାଲେଶ୍ୱର ଗସ୍ତ ପାଇଁ ୪୪ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ଦିଆଯାଇଛି।

# ପୂର୍ବତନ ଏମ୍‌ପି ସୁଶିଳା ତିରିଆଙ୍କ ପରଲୋକ

ବାରିପଦା,୧।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମୟୂରଭଞ୍ଜର ପୂର୍ବତନ ଏମ୍‌ପି ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶିଳା ତିରିଆ(୭୦)ଙ୍କର ରବିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଖବର ପ୍ରଚାରିତ ହେବା ପରେ ମୟୂରଭଞ୍ଜ ଜିଲାରେ ଶୋକର ଛାୟା ଖେଳିଯାଇଛି। ୧୯୫୬ରେ ମୟୂରଭଞ୍ଜ ଜିଲା କଲୁଆଖାମନ ଗ୍ରାମରେ ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ୨୪ ବର୍ଷ ବୟସରେ ସୁଶିଳା ଯୁବ କଂଗ୍ରେସ (ଆଇ)ରେ ଯୋଗ ଦେଇଥିଲେ। ୧୯୮୩ ଓ ୧୯୮୪ରେ ଯଥାକ୍ରମେ ମୟୂରଭଞ୍ଜ ଜିଲାର ସଭାପତି ଓ ଉପସଭାପତି ହୋଇଥିଲେ। ୧୯୮୬ରେ ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସେ ୧୯୮୬-୮୭ରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପରମାଣୁ ଶକ୍ତି ଏବଂ ସମୁଦ୍ର ବିକାଶ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟା, ୧୯୮୭-୮୮ରେ ନାଗରିକ ବିମାନ ପରିବହନ ମନ୍ତ୍ରଣାଳୟ ଏବଂ ୧୯୮୮-୮୯ରେ ଯୋଗାଯୋଗ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟା ଭାବେ କାର୍ଯ୍ୟ କରିଥିଲେ। ୧୯୮୭ରୁ ୧୯୯୩ ପର୍ଯ୍ୟନ୍ତ ସେ ଭାରତୀୟ ଯୁବ କଂଗ୍ରେସର ଜେନେରାଲ ସେକ୍ରେଟାରୀ ଭାବେ କାର୍ଯ୍ୟ କରିଥିଲେ। ସେ ୧୯୮୮-୮୯ରେ ସରକାରୀ ଆଶ୍ୱାସନା କମିଟି ଏବଂ ୧୯୮୯-୯୨ରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟା ଥିଲେ। ୧୯୯୪ରେ ଦଶମ ଲୋକସଭା ନିର୍ବାଚନରେ ସେ ମୟୂରଭଞ୍ଜରୁ ବିଜୟୀ ହୋଇଥିଲେ। ୧୯୯୫ରୁ ସେ ଅଲ୍ ଇଣ୍ଡିଆ କଂଗ୍ରେସ କମିଟିର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବା ସହ ୧୯୯୬ରେ ଲୋକସଭା ସଦସ୍ୟା ଭାବେ ପୁଣି ନିର୍ବାଚିତ ହୋଇଥିଲେ। ସେ ଭାରତୀୟ ଜାତୀୟ କଂଗ୍ରେସ କମିଟିର ସ୍ଥାୟୀ ସଦସ୍ୟା ଥିଲେ।

# ଚୌଦ୍ୱାର ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଚୌଦ୍ୱାର,୧।୨(ଆଶୁତୋଷ ଦାସ)

ଚୌଦ୍ୱାର ମଣ୍ଡଳ କାରାଗାର ଭିତରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ କଟକ ହାତୀ ପୋଖରୀ ଅଞ୍ଚଳର ମହମ୍ମଦ କଲିମ୍ (୩୨)। ପ୍ରାପ୍ତ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ଜେଲ କର୍ମଚାରୀମାନେ ୱାର୍ଡ ଯାଞ୍ଚ କରୁଥିବା ବେଳେ କଲିମ୍ ଜେଲ ଭିତରେ ନିଜ କୋଠରିରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ଦେଖିବାକୁ ପାଇଥିଲେ। କର୍ମଚାରୀମାନେ ତୁରନ୍ତ ତାଙ୍କୁ ତଳକୁ ଆଣି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏ ବାବଦରେ ଚୌଦ୍ୱାର ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଆଇଆଇସି ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜେଲ ଅଧୀକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ। ସୂଚନାଯୋଗ୍ୟ ଯେ ଗତ ୩ ମାସ ତଳେ ଖୋର୍ଦ୍ଧା ବୋଲଗଡ଼ ଅଞ୍ଚଳର ପବିତ୍ର ସାହୁ ନାମକ ଜଣେ କଏଦୀ ଏହି ଜେଲ ଭିତରେ ଆତ୍ମହତ୍ୟା କରିଥିଲେ।

# ପୋଖରୀରେ ବୁଡ଼ିଗଲେ ଭଉଣୀଭାଇ

ଯାଜପୁରଟାଉନ,୧।୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ବ୍ଲକ୍ ଭୁବନେଶ୍ୱରପୁର ପଞ୍ଚାୟତ ସମସରପୁର ଗାଁରେ ରବିବାର ଅପରାହ୍ନରେ ପୋଖରୀରେ ବୁଡ଼ି ଭଉଣୀଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଚନ୍ଦ୍ରଶେଖର ଗୁରୁଙ୍କ ଝିଅ ପାର୍ବତୀ ଗୁରୁ(୧୫) ଓ ପୁଅ ଶଙ୍କର ଗୁରୁ(୧୨)। ପିଲା ଦୁଇଜଣ ହଜିଯାଇଥିବା ସନ୍ଦେହରେ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ଏହାପରେ ପୋଖରୀରେ ଚପଲ ଭାସୁଥିବା ଦେଖିବାକୁ ମିଳିଥିଲା। ୨ଘଣ୍ଟା ପରେ ଗ୍ରାମବାସୀ ସେମାନଙ୍କୁ ପୋଖରୀରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସଦର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନେ ଖେଳିବାକୁ ଯାଇଥିବାବେଳେ ସାନଭାଇ ପୋଖରୀରେ ବୁଡ଼ିଯାଇଥିଲେ। ବଡ଼ ଭଉଣୀ ତାଙ୍କୁ ବଞ୍ଚାଇବାକୁ ଯାଇ ମଧ୍ୟ ବୁଡ଼ି ଯାଇଥିଲେ। ଫଳରେ ଉଭୟ ପ୍ରାଣ ହରାଇଥିବା ଗାଁ ଲୋକେ ଅନୁମାନ କରୁଥିବା କହିଛନ୍ତି। ଚନ୍ଦ୍ରଶେଖର ଜଣେ ପାରାଲିସିସ୍ ରୋଗୀ। ତାଙ୍କ ପିଲାଙ୍କ ଏଭଳି ଦୁଃଖଦ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗଙ୍ଗାଦେବୀ ସମୁଦ୍ର କୂଳରୁ ୧୦ ଫୁଟ୍ ଲମ୍ବର କୁମ୍ଭୀର ଉଦ୍ଧାର


ଗଙ୍ଗାଦେବୀ ସମୁଦ୍ରକୂଳରୁ ଜାଲରେ ଧରାପଡ଼ିଥିବା କୁମ୍ଭୀର ।

## ଭିତରକନିକାରେ ଛଡ଼ାଯିବ

ଅସ୍ତରଙ୍ଗ/କାକଟପୁର,୧।୨(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା/ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପୀର୍ ଜାହାନିଆଁ ବେଳାଭୂମିରେ ଶନିବାର ଦେଖାଦେଇଥିବା ୧୦ ଫୁଟ ଲମ୍ବର ଏକ ବଉଳା କୁମ୍ଭୀରକୁ ରବିବାର ଗଙ୍ଗାଦେବୀ ସମୁଦ୍ର କୂଳରୁ ଉଦ୍ଧାର କରାଯାଇଛି। ଏହାକୁ ଭିତରକନିକାରେ ଛଡ଼ାଯିବ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, କୁମ୍ଭୀରଟି ଶନିବାର ମଧ୍ୟାହ୍ନ ସମୟରେ ଅଣକଣା ସମୁଦ୍ରକୂଳ ବାଲି ଉପରକୁ ଚାଲିଆସିଥିବାବେଳେ ସ୍ଥାନୀୟ ମତ୍ସ୍ୟଜୀବୀ ଦେଖିବାକୁ ପାଇଥିଲେ। ପରେ ସେଠାରେ ଲୋକଙ୍କ ଭିଡ଼ ଜମିବାରୁ କୁମ୍ଭୀରଟି ସମୁଦ୍ର ଭିତରକୁ ଚାଲିଯାଇଥିଲା। ଅସ୍ତରଙ୍ଗ ବନବିଭାଗ ଉକ୍ତ କୁମ୍ଭୀରକୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିବାବେଳେ ରବିବାର ପୂର୍ବାହ୍ନରେ ରାଜନଗର ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ରାପିଡ୍ ରେସ୍‌କ୍ୟୁ ଟିମ୍‌ର ୬ଜଣିଆ ସଦସ୍ୟ ଅସ୍ତରଙ୍ଗ ବେଳାଭୂମିରେ ପହଞ୍ଚିଥିଲେ। ସେମାନେ ଦୀର୍ଘ ୮ଘଣ୍ଟା ପରିଶ୍ରମ କରିବା ପରେ କୁମ୍ଭୀରକୁ କୌଶଳ କ୍ରମେ ପ୍ରାୟ ୪ କି.ମି. ଦୂର ଗଙ୍ଗାଦେବୀ ସମୁଦ୍ରକୂଳରୁ ଜାଲ ମାଧ୍ୟମରେ ଧରିବାକୁ ସକ୍ଷମ ହୋଇଥିଲେ। ପରେ ବନ କର୍ମଚାରୀମାନେ ଏକ ଟାଟା ଏସିଇ ଗାଡ଼ିରେ କୁମ୍ଭୀରକୁ ରାଜନଗର ବନ ବିଭାଗ କାର୍ଯ୍ୟାଳୟକୁ ପଠାଇଥିଲେ। ସମ୍ପୃକ୍ତ କୁମ୍ଭୀରଟି ପ୍ରାୟ ୪କିମି ପର୍ଯ୍ୟନ୍ତ ଚାଲିଯାଇଥିବାବେଳେ ତା' ଆଖିରେ କ୍ଷତ ଚିହ୍ନ ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପୀର୍ ଜାହାନିଆଁ ବେଳାଭୂମିରେ ଏହି କୁମ୍ଭୀର ବିଚରଣ କରୁଥିବାବେଳେ ସ୍ଥାନୀୟ ଯୁବକ ଦେଖି ମୋବାଇଲ୍‌ରେ ଏହାର ଭିଡିଓ କଏଦ କରି ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରିଥିଲେ। ପରେ ଅସ୍ତରଙ୍ଗ ବନ ବିଭାଗ ପକ୍ଷରୁ ଏ ନେଇ ସଚେତନତା ସୃଷ୍ଟି କରାଯିବା ସହ ପୀର୍ ଜାହାନିଆଁ ସମୁଦ୍ରରେ ପର୍ଯ୍ୟଟକଙ୍କୁ ସ୍ନାନ ବାରଣ କରାଯାଇଥିଲା। କୁମ୍ଭୀର ଯୋଗୁ ଅଞ୍ଚଳବାସୀ ସମୁଦ୍ରକୁ ଯିବାକୁ ଭୟ କରୁଥିଲେ।

# କ୍ୟାନ୍‌ସର ଔଷଧ ଉପରୁ ହଟିବ ବହିଃଶୁଳ୍କ

ନୂଆଦିଲ୍ଲୀ,୧।୨

କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ବ୍ୟବହାର ହେଉଥିବା ୧୭ଟି ଅତ୍ୟାବଶ୍ୟକ ଔଷଧ ଏବଂ ଅନ୍ୟାନ୍ୟ ଦ୍ରବ୍ୟ ଉପରୁ ବହିଃଶୁଳ୍କ ଛାଡ଼ କରିବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଯେଉଁମାନେ ଆଡ୍‌ଭାନ୍ସ କ୍ୟାନ୍‌ସର ରୋଗରେ ପୀଡ଼ିତ ଏବଂ ସେମାନଙ୍କ ପାଇଁ ବିଦେଶରୁ ଆସୁଥିବା ଔଷଧ ଅତ୍ୟନ୍ତ ଜରୁରୀ, ସେମାନଙ୍କ ଚିକିତ୍ସା ସୁବିଧା ଲାଗି ସରକାର ଏହି ଶୁଳ୍କ ଛାଡ଼ କରିବାକୁ ବଜେଟରେ ବ୍ୟବସ୍ଥା କରିଛନ୍ତି। ଅତ୍ୟାବ୍ୟକ ଔଷଧ ବ୍ୟତୀତ କ୍ୟାନ୍‌ସର ଚିକିତ୍ସା ପାଇଁ ଆବଶ୍ୟକ ପଡୁଥିବା ଅନ୍ୟାନ୍ୟ ଦ୍ରବ୍ୟ ଓ ସାମଗ୍ରୀ ଉପରେ ମୌଳିକ ବହିଃଶୁଳ୍କ ଛାଡ଼ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି।


ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ବିଜୁ ନାଟ୍ୟ କେନ୍ଦ୍ରଠାରେ ଶତାବ୍ଦୀର କଳାକାରଙ୍କ ପକ୍ଷରୁ ମଞ୍ଚସ୍ଥ ନାଟକ 'ଜୀବନ୍ୟାସ'ର ଏକ ଦୃଶ୍ୟ ।

# ଯମଜ ସନ୍ତାନର ବାପା ହେଲେ ରାମ ଚରଣ

ଟଲିଉଡ୍‌ର ପାୱାର କପଲ ରାମ ଚରଣ ଏବଂ ଉପାସନା କୋନିଡେଲାଙ୍କ ଘରକୁ ଆସିଛନ୍ତି ଦୁଇ ନୂଆ ଅତିଥି। ଉପାସନା ଏକ ପୁତ୍ର ଏବଂ ଏକ କନ୍ୟା ସନ୍ତାନ (ଯମଜ)ଙ୍କୁ ଜନ୍ମ ଦେଇଛନ୍ତି। ଏହି ଖୁସି ଖବର ମେଗାଷ୍ଟାର ଚିରଞ୍ଜୀବୀ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଶଂସକଙ୍କୁ ଜଣାଇବା ସହ ଉଭୟ ମା' ଏବଂ ଶିଶୁ ସୁସ୍ଥ ଥିବା ସୂଚନା ଦେଇଛନ୍ତି। ଉପାସନା ୨୦୨୫ ଅକ୍ଟୋବରରେ ନିଜର ଦ୍ୱିତୀୟ ଗର୍ଭଧାରଣ ବିଷୟରେ ଜଣାଇଥିଲେ, ଯାହା ପରେ ପରିବାର ପକ୍ଷରୁ ଏକ ଭବ୍ୟ 'ବେବିସାୱାର' ଉତ୍ସବର ଆୟୋଜନ କରାଯାଇଥିଲା।

ଚିରଞ୍ଜୀବୀ ଟୁଇଟ୍ କରି ଲେଖିଛନ୍ତି, ଅତ୍ୟନ୍ତ ଆନନ୍ଦ ଏବଂ କୃତଜ୍ଞତାର ସହ ଜଣାଉଛୁ ଯେ ରାମ ଚରଣ ଓ ଉପାସନାଙ୍କୁ ଭଗବାନ୍ ଯମଜ ସନ୍ତାନର ଆଶୀର୍ବାଦ ଦେଇଛନ୍ତି। ଆମ ପରିବାର ପାଇଁ ଏହା ଏକ ଦୈବୀ ଆଶୀର୍ବାଦ ନିଶ୍ଚୟ।



ବିବାହର ୧୦ ବର୍ଷ ପରେ ୨୦୨୩ ମସିହାରେ ଏହି ଦମ୍ପତିଙ୍କର ପ୍ରଥମ ସନ୍ତାନ ଭାବେ କନ୍ୟା 'କ୍ଲିନ କାରା' ଜନ୍ମଗ୍ରହଣ କରିଥିଲେ। ଏବେ ଯମଜ ସନ୍ତାନଙ୍କ ଆଗମନ ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ହୋଇଛି। ୨୦୧୨ ଜୁନରେ ବିବାହ କରିଥିବା ଏହି ଷ୍ଟାର୍ ଦମ୍ପତିଙ୍କୁ ସିନେ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ପ୍ରଶଂସକମାନେ ଅଭିନନ୍ଦନ ଜଣାଇବାରେ ଲାଗିଛନ୍ତି।

# ଏଆଇ ଡାଟା ସେଣ୍ଟର ପାଇଁ ଟିକସ ଛାଡ଼

ନୂଆଦିଲ୍ଲୀ,୧।୨

ଭାରତରେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି କେନ୍ଦ୍ର ସରକାର ବଜେଟରେ ପ୍ରସ୍ତାବ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ଭାରତରେ ଓପନ ଏଆଇ କିମ୍ବା ଗୁଗଲ୍ ଭଳି ମଡେଲ କାର୍ଯ୍ୟ କରୁ ନଥିଲେ ହେଁ ଏଭଳି ମଡେଲ ପ୍ରସ୍ତୁତ କରିବାକୁ ଡାଟା ସେଣ୍ଟର ଭଳି ଯେଉଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରତିଷ୍ଠା କରାଯିବା ଆବଶ୍ୟକତା ରହିଛି ସେ ଦିଗରେ କେନ୍ଦ୍ର ସରକାର କାର୍ଯ୍ୟ କରିବେ। ଏଥିପାଇଁ ଡାଟା ସେଣ୍ଟର ପ୍ରକଳ୍ପ ଲାଗି ଉଦ୍ୟୋଗୀମାନଙ୍କୁ ୨୦୪୭ ଯାଏ ଟିକସ ଛାଡ଼ କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଛନ୍ତି। ବିଶେଷକରି ଯେଉଁ ବିଦେଶୀ ସଂସ୍ଥା ଭାରତରେ ଡାଟା ସେଣ୍ଟର ପ୍ରତିଷ୍ଠା କରି ବିଶ୍ୱସ୍ତରରେ କ୍ଲାଉଡ୍ ସେବା ଯୋଗାଇ ଦେବେ, ସେହି ସଂସ୍ଥା ଏହି ସୁବିଧା ପାଇବେ ବୋଲି ସେ କହିଛନ୍ତି।

# ଜଳବାୟୁ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି ଆର୍ଦ୍ରଭୂମି

## ଆଜି 'ବିଶ୍ୱ ଆର୍ଦ୍ରଭୂମି ଦିବସ'




ଜୈବ ବିବିଧତା, ଜଳବାୟୁ ପରିବର୍ତ୍ତନ ଏବଂ ଜଳର ବିଶୁଦ୍ଧୀକରଣ କ୍ଷେତ୍ରରେ ଆର୍ଦ୍ରଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ମନୁଷ୍ୟ ଏବଂ ପୃଥିବୀ ପାଇଁ ଆର୍ଦ୍ରଭୂମିର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃଆରୀ ୨କୁ 'ବିଶ୍ୱ ଆର୍ଦ୍ରଭୂମି ଦିବସ' ଭାବେ ପାଳନ କରାଯାଉଛି। ପ୍ରତିବର୍ଷ ଏହି ଦିବସ ପାଳନ ପାଇଁ ଏକ ସ୍ୱତନ୍ତ୍ର ଥିମ୍ ରହିଥାଏ। ଚଳିତ ବର୍ଷର ଥିମ୍ ରହିଛି 'ଆର୍ଦ୍ରଭୂମି ଏବଂ ପାରମ୍ପରିକ ଜ୍ଞାନ: ସାଂସ୍କୃତିକ ଐତିହ୍ୟ ପାଳନ'।

୧୯୭୧ରେ ଇରାନ୍‌ର ରାମ୍‌ସାର ସହରରେ ପ୍ରଥମ କରି ଆର୍ଦ୍ରଭୂମି ସମ୍ପର୍କରେ କନ୍‌ଭେନ୍‌ଶନ୍ ଅନୁଷ୍ଠିତ ହୋଇଥିଲା। ପରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୭୫/୩୧୭ ରିଜଲ୍ୟୁଶନ ଗ୍ରହଣ କରି ୨୦୨୨ରେ ବିଶ୍ୱ ଆର୍ଦ୍ରଭୂମି ଦିବସର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୧୯୮୨ରୁ ଭାରତ ରାମ୍‌ସା କନ୍‌ଭେନଶନ୍‌ର ଅଂଶ ଭାବେ ରହିଆସିଛି। ଦେଶରେ ଏଯାବତ୍ ୮୦ରୁ ଊର୍ଦ୍ଧ୍ୱ ରାମ୍‌ସାସ୍ଥଳ ଚିହ୍ନଟ ହୋଇଛି। ତେବେ ଲୋକସଂଖ୍ୟା ବଢ଼ିବା ସହିତ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ଅତ୍ୟଧିକ ବ୍ୟବହାର ଫଳରେ ଧୀରେଧୀରେ ଏହା ନଷ୍ଟ ହେବାରେ ଲାଗିଛି। ବିଶେଷକରି ଓଡ଼ିଶାରେ ଥିବା ୬ଟି ରାମ୍‌ସାର ସାଇଟ୍‌ର ମାନ୍ୟତା ପାଇଥିବା ଚିଲିକା, ସାତକୋଶିଆ, ହୀରାକୁଦ, ଅଂଶୁପା, ତାମ୍ପରା ଏବଂ ଭିତରକନିକାରେ ମଧ୍ୟ ଏହି ସମସ୍ୟା ଦେଖାଦେଇଛି। ଫଳରେ ଏହି କ୍ଷୟ କାରଣରୁ ଜୈବ ବିବିଧତା, ଜଳବାୟୁ ଏବଂ ବିଶ୍ୱର ଅର୍ଥନୀତି ପାଇଁ ଗଭୀର ପ୍ରଭାବ ରହିଛି। ଏହାର ସମାଧାନ ପାଇଁ ଧାରଣା ପରିବର୍ତ୍ତନ କରିବା ଏବଂ ଆର୍ଦ୍ରଭୂମି ସଂରକ୍ଷଣକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

-ବନ୍ଦନା ସେଠୀ

# ଓଡ଼ିଶାରେ ବିକ୍ରି କଲେ ଧାନ, କେରଳ ଆକାଉଣ୍ଟରେ ଜମା ହେଲା ଟଙ୍କା

**■ଚାଷୀଙ୍କ ଦୁଃଖ**

**■ଅକାଳରେ ଯୁବ ଚାଷୀଙ୍କ ଜୀବନ ଗଲା**

**ଲୋଇସିଂହା,୧।୨(ସୁଶାନ୍ତ ବାରିକ)**

ଏବେ ବି ରାଜ୍ୟରେ ମଣ୍ଡିରେ ଧାନ ବିକ୍ରି ନେଇ ଅବ୍ୟବସ୍ଥା ଲାଗି ରହିଛି। ଧାନ ବିକ୍ରି ବାବଦ ଟଙ୍କା ପାଇବାରେ ଚାଷୀଙ୍କୁ ହଟହଟା ହେବକୁ ପଡୁଛି। ଧାନ ବିକ୍ରି ଟଙ୍କା ଆଣିବାକୁ ଯାଇ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ଜଣେ ଯୁବ ଚାଷୀଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ଜଣକ ହେଲେ ଆଗଲପୁର ବ୍ଲକ ନଅଗାଁ(କ) ଗ୍ରାମର ବଳରାମ ପଧାନ। ବଳରାମଙ୍କ ଖରିଫ ଧାନ ବିକ୍ରି ବାବଦ ଟଙ୍କା ସ୍ଥାନୀୟ ବ୍ୟାଙ୍କ ଆକାଉଣ୍ଟରେ ପଇଠ ନ ହୋଇ ବାହାର ରାଜ୍ୟ କେରଳରେ ଥିବା ତାଙ୍କ ଆକାଉଣ୍ଟରେ ଜମା ହୋଇଛି। ସେହି ଟଙ୍କା ଉଠାଣ କରିବାକୁ ଯାଇ ସେଠାରେ ତାଙ୍କର ଆକସ୍ମିକ ଭାବେ ଶନିବାର ମୃତ୍ୟୁ ଘଟିଛି। ସରକାରଙ୍କ ଦୂରଦୃଷ୍ଟିହୀନତା ଏବଂ କୌଣସି ନିର୍ଦ୍ଦିଷ୍ଟ ନୀତିର ଅଭାବ ଯୋଗୁ ଅକାଳରେ ବଳରାମଙ୍କ ଜୀବନ ଯାଇଥିବା ଅଭିଯୋଗ କରି ସ୍ଥାନୀୟ ସାଲେଭଟାର ଯୁବନେତା ଆକାଶ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି।


ମୃତ ଯୁବ ଚାଷୀ ବଳରାମ ପଧାନ।

ମିଳିଥିବା ସୂଚନା ଅନୁଯାୟୀ, ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତ ନଅଗାଁ(କ) ଗ୍ରାମର ଯୁବଚାଷୀ ବଳରାମଙ୍କ ମା' ବାପାଙ୍କ ବହୁବର୍ଷ ପୂର୍ବରୁ ଦେହାନ୍ତ ହୋଇଯାଇଛି। ତାଙ୍କର ୨ ଭଉଣୀଙ୍କ ବିବାହ ହୋଇସାରିଛି। ବଳରାମ ଅବିବାହିତ ଥିବା ବେଳେ ଘରେ ଏକାକୀ ରହୁଥିଲେ। ଚଳିତବର୍ଷ ତାଙ୍କ ପୈତୃକ ଚାଷ ଜମିରେ ଖରିଫ ଧାନ ଚାଷ କରିଥିଲେ। ପାକ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୫ ଡିସେମ୍ବର ୨୨ରେ ବଳରାମ ତାଙ୍କର ଅମଳ ଧାନ ୬୭ ବସ୍ତା (୩୦ କୁଇଣ୍ଟାଲ ନଅଗାଁ(କ) ପ୍ରାଥମିକ ସମବାୟ ସମିତି(ପାକ୍ସ)ରେ ବିକ୍ରି କରିଥିଲେ। କୁଇଣ୍ଟାଲ ପିଛା ୨୩ ଶହ ଏମ୍ଏସପି ଦର ଅନୁଯାୟୀ ୭୧ ହଜାର ୩ ଶହ ଟଙ୍କା ହୋଇଥିଲା। ଏମ୍ଏସପି ସହିତ ବୋନସ ୮ ଶହ ଟଙ୍କା ମିଶାଇଲେ ମୋଟ ୯୧ ହଜାର ୧୦୦ ଟଙ୍କା ଧାନ ବିକ୍ରି ବାବଦରେ ସେ ପାଇବା କଥା। ସରକାର ସପ୍ତାହକ ମଧ୍ୟରେ ଧାନ ବିକ୍ରି ଟଙ୍କା ଚାଷୀ ଆକାଉଣ୍ଟରେ ଜମା ହେଉଥିବା କହୁଛନ୍ତି। କିନ୍ତୁ ଧାନ ବିକ୍ରିର ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ବଳରାମଙ୍କ ସ୍ଥାନୀୟ ଅଞ୍ଚଳରେ ଥିବା ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପଡିନଥିଲା। ବାରମ୍ବାର ଆକାଉଣ୍ଟ ଯାଞ୍ଚ କରି ସେ ନିରାଶ ହୋଇଥିଲେ। ଖୋଳତାଡ଼ କଲା ପରେ କିଛି ବର୍ଷ ପୂର୍ବରୁ ଦାଦନ ଖଟୁଥିବା ସମୟରେ କେରଳ ଅଞ୍ଚଳରେ ଖୋଲିଥିବା ବ୍ୟାଙ୍କ ଆକାଉଣ୍ଟରେ ଚଳିତବର୍ଷର ଧାନ ବିକ୍ରି ଟଙ୍କା ପଡିଥିବା ଜାଣିବାକୁ ପାଇଥିଲେ।

ପରେ ଚାଷ ସମୟର ଧାରକରଜ ଟଙ୍କା ପରିଶୋଧ କରିବା ପାଇଁ ବଳରାମ ତାଙ୍କର ଜଣେ ସହଯୋଗୀଙ୍କୁ ସାଙ୍ଗରେ ଧରି କେରଳ ଅଭିମୁଖେ ଗତ ଗୁରୁବାର ଯାଇଥିଲେ। କିନ୍ତୁ ସେଠାରେ ଶନିବାର ପହଞ୍ଚି ଅସୁସ୍ଥ ଅନୁଭବ କରିଥିଲେ। ସାଙ୍ଗରେ ଯାଇଥିବା ସହଯୋଗୀ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ସେଠାକାର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଥିବା ବେଳେ ଡାକ୍ତର ବଳରାମଙ୍କୁ ମୃତ ଘୋଷଣା କରିଥିବା ତାଙ୍କ ଭିଣେଇ ସୁବଳ ସାହୁଙ୍କ ସୂତ୍ରରୁ ପ୍ରକାଶ। ଭିଣେଇଙ୍କ କହିବା ଅନୁଯାୟୀ, କେରଳ ଗଲା ଦିନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିଲା। ଆକସ୍ମିକ ମୃତ୍ୟୁକୁ ନେଇ ତାଙ୍କ ଭଉଣୀ ଓ ଭିଣେଇ ଭାଙ୍ଗି ପଡିଥିବା ସୁବଳ କହିଛନ୍ତି। ସରକାରଙ୍କ ମଣ୍ଡି ପରିଚାଳନାଗତ ଅବ୍ୟବସ୍ଥା ନେଇ ଚାଷୀ ସଂଗଠନ ପକ୍ଷରୁ ଜାନୁଆରୀ ୨୮ରେ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। ଏହାସତ୍ତ୍ୱେ ଅବ୍ୟବସ୍ଥାର ସୁଧାର ହେଉନ ଥିବାରୁ ଧାନ ବିକ୍ରି ବାବଦ ଟଙ୍କା ଉଠାଣ ପାଇଁ ସୁଦୂର କେରଳକୁ ଯାଇ ଜଣେ ଯୁବଚାଷୀଙ୍କ ଜୀବନ ଚାଲିଯିବା ଘଟଣାରେ ବିଜେଡି ଯୁବ ନେତା ଆକାଶ ମିଶ୍ର ନିଜ ସାମାଜିକ ଗଣମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି। ମୃତ ଯୁବଚାଷୀଙ୍କ ମରଶରୀର ଗାଁକୁ ଆଣିବା ବ୍ୟବସ୍ଥା କରିବା ସାଙ୍ଗକୁ ଖର୍ଚ୍ଚ ଜିଲା ପ୍ରଶାସନ ବହନ କରିବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ମିଶ୍ର କହିଛନ୍ତି। ଏ ସମ୍ପର୍କରେ ପାକ୍ସ ସମ୍ପାଦକ ରଞ୍ଜନ ସାହୁଙ୍କୁ ପଚାରିବାରେ ପାକ୍ସରେ ଶହ ଶହ ଚାଷୀ ପଞ୍ଜୀକୃତ ଅଛନ୍ତି। ନିର୍ଦ୍ଦିଷ୍ଟ ଜଣେ ଚାଷୀଙ୍କ ସମ୍ପର୍କରେ ତଥ୍ୟ ଜାଣିବା ଏତେଟା ସହଜ ନୁହେଁ। ଏବେ ସରକାର ଡିବିଟି ମାଧ୍ୟମରେ ଟଙ୍କା ପଇଠ କରୁଛନ୍ତି। ଏକ୍ଷେତ୍ରରେ କେରଳର ଆକାଉଣ୍ଟ କାର୍ଯ୍ୟକ୍ଷମ ଥିବ, ତେଣୁ ସେହି ଆକାଉଣ୍ଟରେ ଟଙ୍କା ଜମା ହୋଇଥିବ ବୋଲି ସେ କହିଥିଲେ।

# ଚରିତ୍ରବାନ୍ ମଣିଷ ହେବା ପାଇଁ ଶିକ୍ଷା ଗ୍ରହଣ ଜରୁରୀ


ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ବାର୍ଷିକ ଉତ୍ସବ**

**ଦେଓଗାଁ,୧।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ମୁଖ୍ୟାଳୟସ୍ଥିତ ପଞ୍ଚାୟତ ସମିତି ହାଇସ୍କୁଲର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମ୍ବରୀଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ପ୍ରିୟରଞ୍ଜନ କୁମାର ଯୋଗଦେଇ ଥିଲେ। ସେ ତାଙ୍କ ବକ୍ତବ୍ୟରେ ଜଣେ ଚରିତ୍ରବାନ ମଣିଷ ହେବା ପାଇଁ ଶିକ୍ଷା ଗ୍ରହଣ ନିତାନ୍ତ ଜରୁରୀ। ଏଣୁ ଉତ୍ତମ ମଣିଷ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ବନ୍ଧପାଲି ଉନ୍ନୀତ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ବେହେରା ଗୁଣାତ୍ମକ ଶିକ୍ଷାର ବିକାଶ ହେଲେ ଦେଶର ପ୍ରଗତି ନିଶ୍ଚିତ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମମତା ମାହାଡିକ, ଆଲୁମିନି ସଭାପତି ବସନ୍ତ କୁମାର ଅଗ୍ରୱାଲ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମିଶ୍ର ସଭା ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ରଶ୍ମିତା ସା ଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦଳଗତ ଓ ଏକକ ନୃତ୍ୟ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ବଳଦେବ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ

**ଖପ୍ରାଖୋଲ,୧।୨(ଅଭୟ ତ୍ରିପାଠୀ)**

ସ୍ଥାନୀୟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଶନିବାର ପ୍ରଧାନ ଶିକ୍ଷକ ଇସପାଲ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭେଡେନ ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ଣ୍ଣ ସୁନା, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଡ. ଅଭୟ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ଦେବ ଷଡଙ୍ଗୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ଅବସରପ୍ରାପ୍ତ ଶିକ୍ଷକ ରାଜାରାମ ବେହେରା, ସାମାଜିକ କର୍ମୀ ବିମଳ ରଞ୍ଜନ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷକ ଓମ୍ ପ୍ରକାଶ ମେହେର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ସହଦେବ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ମାନେ କଠିନ ପରିଶ୍ରମ ସଫଳତା ଆଣିଦିଏ ବୋଲି କହିବା ସହିତ ଶୃଙ୍ଖଳା ରକ୍ଷା ଓ ଉତ୍ତମ ଚରିତ୍ର ଗଠନ କରିବାକୁ କହିଥିଲେ। ପରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ମେହେର, ସୁନୀଲ ପାତ୍ର, ଭୂପେନ୍ଦ୍ର ମାଝୀ, ଜନ୍ମେଜୟ ଧରୁଆ, ଭୋଜରାଜ ଗହିର, ସଞ୍ଜୀବ ନାଏକ,,ବାସନ୍ତୀ ଛୁରା, ସୋନାଲି ବାଗ, ନିହାରିକା ଦଳପତି, ରିନା ପାତ୍ର, ରୁକ୍ମଣୀ ମିଶ୍ର, ଶିବାନୀ ଦାଶ, ସଙ୍ଗୀତା ଗଡତ୍ୟା, ମମତା ଧୀବର, ରମାକାନ୍ତ ଭୋଇ, ଶିକ୍ଷୟିତ୍ରୀ ଶିକ୍ଷକ ,କର୍ମଚାରୀ , ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ମୁରଲୀ ମେହେର, ନମିତା ମଣ୍ଡଳ, ସୁନୀଲ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସମୀର ଦେବେ ଚୌହାନ ଧନ୍ୟବାଦ ଅର୍ପଣ କରିଥିଲେ।


ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥି।

# ଶିକ୍ଷାର ବିକାଶ ହେଲେ ଆମର ବିକାଶ

**କପିଲାଭଟା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ**

**କଣ୍ଟାବାଞ୍ଜି,୧।୨(ଗୁରୁ ଦୟାଲ ହଂସ)**

ଶିକ୍ଷାର ବିକାଶ ହେଲେ ଆମେ ବିକଶିତ ହେବା। ଶିକ୍ଷାକୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଶିକ୍ଷାର ବିକାଶ ପାଇଁ ବହୁ ଅର୍ଥ ଯୋଗାଇ ଦିଆଯାଉଛି। ଜଣେ ଛାତ୍ର କେବଳ ପାଠରେ ନୁହେଁ ପ୍ରତି କ୍ଷେତ୍ରରେ ନିଜ ପ୍ରତିଭା ଦେଖାଇବା ସହ ପୂର୍ଣ୍ଣାଙ୍ଗ ଭାବେ ନିଜକୁ କିଭଳି ପ୍ରତିପାଦନ କରି ପାରିବେ ସେଥିପାଇଁ ରାଜ୍ୟ ସରକାର ଚେଷ୍ଟିତ। ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୦ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଉପରୋକ୍ତ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଭାଲୁମୁଣ୍ଡା ପ୍ରସନ୍ନ ପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କପିଲାଭଟା ସରପଞ୍ଚ ତୁଳସେ ଭୋଇ, ସମିତି ସଭ୍ୟ କେଦାର ଭୋଇ, ଆଲୁମନି କମିଟିର ସଭାପତି ପୃଥିରାଜ ବାଗ, ବଲାଙ୍ଗୀର ଜିଲା ପେଷାଦାର ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପରମେଶ୍ୱର ମହାନନ୍ଦ, ବିଶିଷ୍ଟ କଣ୍ଠଶିଳ୍ପୀ ଦୁର୍ଦ୍ଦକ୍ଷ ହଂସ, ପୂର୍ବତନ ସମ୍ପାଦକ ଭୁରିଶ୍ରବା ବିଶି, ପୂର୍ବତନ ସଭାପତି ମଧୁସୂଦନ ସାହୁ, ପରିଚାଳନା କମିଟିର ସଦସ୍ୟ କୁଶଧ୍ୱଜ ବେହେରା ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ମାନବ ସମାଜ ପାଇଁ ଶିକ୍ଷା ଜରୁରୀ। ଜୀବନରେ ଶିକ୍ଷା ଅନେକ ସହାୟକ ହୋଇଥାଏ। ଶିକ୍ଷା ସମାଜ ଗଠନର ମୂଳମନ୍ତ୍ର। ଏଣୁ ଶିକ୍ଷାକୁ ପ୍ରସାର କରିବା ସମସ୍ତଙ୍କର କର୍ତ୍ତବ୍ୟ ହେଉ। ସମାଜ ଗଠନ ପାଇଁ ସମସ୍ତେ ସମର୍ପିତ ହେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ଶିବରାମ ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରଥିଲେ। ଶିକ୍ଷକ ବରୁଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଦୁର୍ଦ୍ଦକ୍ଷ ହଂସ, ସାମ୍ବାଦିକତା କ୍ଷେତ୍ରରେ ହୁଲେଶ୍ୱର ହଂସ, ସମାଜସେବା କ୍ଷେତ୍ରରେ ସମିତି ସଭ୍ୟ କେଦାର ଭୋଇ, କଣ୍ଠଶିଳ୍ପୀ ଖଗେଶ୍ୱର ବାଗ, ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଥିବା ଶିକ୍ଷକ ସ୍ୱର୍ଗତ କୀର୍ତ୍ତନ ବେହେରାଙ୍କ ପୁଅ କୁଶଧ୍ୱଜ ବେହେରା ପ୍ରମୁଖଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶିକ୍ଷକ କିରଣ କୁମାର ପ୍ରଧାନ, ଯୋଗିଚନ୍ଦ୍ର ବିଶି, ବୃନ୍ଦାବନ ବେହେରା, ନରଫଳ ହଂସ, ତୁଲାରାମ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ମାର୍ଚ୍ଚ ୧୨ରେ ଟିଟିଲାଗଡ଼ ବ୍ରାହ୍ମଣ ସମାଜର ସାମୂହିକ ବ୍ରତୋପନୟନ

**ଟିଟିଲାଗଡ଼,୧।୨(ଶରତ ମିଶ୍ର)**

ପ୍ରତିବର୍ଷ ଟିଟିଲାଗଡ଼ ବ୍ରାହ୍ମଣ ସମାଜ ଦ୍ୱାରା ଆୟୋଜିତ ହେଉଥିବା ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଚଳିତବର୍ଷ ମାର୍ଚ୍ଚ ମାସ ୧୨ ତାରିଖରେ କରାଯିବା ପାଇଁ ଶୁଭ ଲଗ୍ନ ଧାର୍ଯ୍ୟ କରାଯାଇଛି। ମାର୍ଚ୍ଚ ୧୧ ତାରିଖରେ ଚାରିକର୍ମ ଏବଂ ୧୨ ତାରିଖରେ ବ୍ରତୋପନୟନ କାର୍ଯ୍ୟକ୍ରମ ହେବ। ଦୀର୍ଘ ୨୦ ବର୍ଷ ହେବ ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାୟୀ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ କରାଯାଉଥିବା ଯୋଗୁ ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, ସୋନପୁର ଜିଲା ଆଦିରୁ ବହୁ ସଂଖ୍ୟାରେ ବ୍ରାହ୍ମଣ ପିଲା ଆସି ଏଠାରେ ବ୍ରତୋପନୟନ ସଂସ୍କାର ହୋଇଥାନ୍ତି। ଏପରି କି ପୂର୍ବବର୍ଷ ଗୁଡିକରେ ଛତିଶଗଡ଼, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଆଦି ରାଜ୍ୟରୁ ମଧ ବ୍ରାହ୍ମଣ ପରିବାର ଆସି ନିଜ ପିଲାଙ୍କୁ ବ୍ରତ ଧାରଣ କରାଇଥିବା ଦେଖାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱଳ୍ପ ଅର୍ଥ ସହଯୋଗ ନିଆଯାଇ ଏପରିକି ଆର୍ଥିକ ଦୁର୍ବଳ ବ୍ରାହ୍ମଣ ପରିବାରର ପିଲାଙ୍କୁ ନିଜ ଘରେ କଲା ଭଳି ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇ ବ୍ରତୋପନୟନ କରାଯାଇଥାଏ। ଏଣୁ ଯେଉଁ ବ୍ରାହ୍ମଣ ଅଭିଭାବକ ନିଜ ପିଲାଙ୍କୁ ଏଠାରେ ବ୍ରତ କରାଇବା ପାଇଁ ଇଚ୍ଛୁକ ଅଛନ୍ତି ସେମାନେ ଟିଟିଲାଗଡ଼ ବ୍ରାହ୍ମଣ ସମାଜର ସଭାପତି ସୁବୋଧ ଚନ୍ଦ୍ର ଦାଶ କିମ୍ବା ସମ୍ପାଦକ ସତ୍ୟବ୍ରତ ପଣ୍ଡାଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

# ଧର୍ମପ୍ରାଣା ସାବିତ୍ରୀ ନାୟକଙ୍କ ପରଲୋକ

**ବଲାଙ୍ଗୀର,୧।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ବର୍ଷୀୟାନ ଶିକ୍ଷାବିତ୍ ପ୍ରାଣବନ୍ଧୁ ନାୟକଙ୍କ ସ୍ତ୍ରୀ ସାବିତ୍ରୀ ନାୟକ (୮୨)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ଗତ କିଛିଦିନ ତଳେ ମସ୍ତିଷ୍କାଘାତ ଯୋଗୁ ବୁର୍ଲାସ୍ଥିତ ଭିମ ସାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ହେଲେ ସକାଳେ ପେଲେସ ଲାଇନସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କର ଚାରିପୁଅ ଓମ୍ ପ୍ରକାଶ ନାୟକ, ସରକାରୀ ଓକିଲ ଓଁକାର ନାୟକ, ଓମ୍ ସ୍ୱରୂପ ନାୟକ ଏବଂ କନିଷ୍ଠ ପୁତ୍ର ଆକାଶବାଣୀ ଉଦ୍‌ଘୋଷକ ଓମ୍ ପ୍ରଣବ ନାୟକଙ୍କ ସହିତ ଝିଅ ଏବଂ ଜ୍ୱାଇଁ ଉପସ୍ଥିତ ଥିଲେ। ପରେ ଟିଟିଲାଗଡ଼ ରୋଡ଼ସ୍ଥିତ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ଜ୍ୟେଷ୍ଠପୁତ୍ର ଓମ୍ ପ୍ରକାଶ ନାୟକ ମୁଖାଗ୍ନି ଦେଇଥିଲେ। ସାବିତ୍ରୀ ଦେବୀଙ୍କ ବିୟୋଗରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ ଏବଂ ଉପାଧ୍ୟକ୍ଷା ଗାୟତ୍ରୀ ଭୋଇଙ୍କ ସହ ଅନ୍ୟମାନେ ଶୋକବ୍ୟକ୍ତ କରିଛନ୍ତି।


ସାବିତ୍ରୀ ନାୟକ।

# ମାଗଣା ସ୍ୱାସ୍ଥ୍ୟ ଶିବିର

**ଲାଠୋର,୧।୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେଦେର ପଞ୍ଚାୟତ କାର୍ଯ୍ୟାଳୟଠାରେ ସାବାସ ଅନୁଷ୍ଠାନ ଆନୁକୂଲ୍ୟରେ ବଲାଙ୍ଗୀର ସ୍ୱରାଜ ହସ୍ପିଟାଲ ପକ୍ଷରୁ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସସ୍ମିତା ମାଝି, ଯୁବ ସମାଜସେବୀ ତେଜରାଜ ମାଝି ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଡ. ସୁରେଶ ମେହେର, ଉମେଶ ସାହୁ, ନର୍ସ ଲୋପାମୁଦ୍ରା ସେନ୍ଦ୍ରିଆ, ପୂଜାରାଣୀ ପଣ୍ଡା, ଗାୟତ୍ରୀ ମାଝି, ସଂଯୋଜକ ତ୍ରିଲୋଚନ ଦୋରା, ମ୍ୟାନେଜର ପଙ୍କଜ ତିୱାରୀଙ୍କ ସହ ସାବାସ ଅନୁଷ୍ଠାନର ଉପଦେଷ୍ଟା କପିଳ ସୁନା, ସଦସ୍ୟ ମୋତି ସୁନା, ମହେଶ୍ୱର ରାଏ ପ୍ରମୁଖ ସହଯୋଗ କରିଥିଲେ।


ସ୍ୱାସ୍ଥ୍ୟ ଶିବିରରେ ରୋଗୀମାନେ।

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ ନିମ୍ନ ପ୍ରଦତ୍ତ ଗ୍ରାମଗୁଡିକ ମଧ ଦେଇ ଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଲାଇନ (132/33K.V) ଚାର୍ଜ କରାଯିବ, ଯାହାକି M/S AMPIN C&I THREE PVT. LTD. ଦ୍ୱାରା ନିର୍ମିତ–

| ତହସିଲ | ଗ୍ରାମ | ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ |
|---|---|---|
| କଣ୍ଟାବାଞ୍ଜି | ଚଟୁଅନକା, ବିଛୁବାହାଲି, ଡଙ୍ଗାମରା, ବୁରୋମାଲ | କଣ୍ଟାବାଞ୍ଜି |

- ତାରିଖ ତା.୦୨.୦୨.୨୦୨୬ ରିଖ
- ସମୟ– ଯେକୌଣସି ସମୟରେ ବିଦ୍ୟୁତ୍ ସରବରାହ କରାଯିବ ।

ସାବଧାନତା–ଏଣୁ ଭାରତୀୟ ବିଦ୍ୟୁତ୍ ଆଇନର ଧାରା ୧୯୫୬ ବିଭାଗ ୭୯,୮୦,୮୨ ଓ ୮୨(କ) ଅନୁଯାୟୀ ଏହି ବିଦ୍ୟୁତ୍ ତାର ତଳେ କୌଣସି ନିର୍ମାଣ କାର୍ଯ୍ୟ, ଉଚ୍ଚ ଯାନବାହନ ଚଳାଚଳ ବା କୃଷି କାର୍ଯ୍ୟ (ଉଚ୍ଚ ଠେଙ୍ଗା ବ୍ୟବହାର) କରନ୍ତୁ ନାହିଁ ।
ପଶୁଧନ–ନିଜର ଗୃହପାଳିତ ପଶୁଙ୍କୁ ଏହି ଲାଇନ ନିକଟରେ ଚରାଇବା ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ ।

ନିର୍ଦ୍ଦେଶକ
ସ୍ୱା/–ଉପ ମହାପ୍ରବନ୍ଧକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଜନ (O&M), ନୂଆପଡ଼ା

# ବନ୍ଧକ ପଡ଼ିଥିବା ମା' ପୁଅ ଉଦ୍ଧାର ହୋଇ ଘରକୁ ଫେରିଲେ

**ଦାଦନ ଖଟିବାକୁ ଯାଇ ହଟହଟା**

**ଲାଠୋର,୧।୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ବଡ଼ଗୁର୍ଜୀଭଟା ଗ୍ରାମର ବନ୍ଧକ ପଡିଥିବା ଏକ ଦାଦନ ଶ୍ରମିକ ପରିବାରର ମା' ପୁଅ ତେଲେଙ୍ଗାନା ରାଜ୍ୟରୁ ଉଦ୍ଧାର ହୋଇ ନିଜ ଘରକୁ ଫେରିଥିବା ନେଇ ପରିବାରବର୍ଗ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ନଭେମ୍ବର ୨୦୨୫ରେ ତୁରେକେଲା ଥାନା ଅଧୀନ ଢୁସାମୁଣ୍ଡା ଗ୍ରାମର ଜଣେ ଦାଦନ ସର୍ଦ୍ଦାର ବଡ଼ଗୁର୍ଜୀଭଟା ଗ୍ରାମର ଜଳନ୍ଧର କୁମ୍ଭାର(୪୫), ତାଙ୍କ ସ୍ତ୍ରୀ ଜୟନ୍ତୀ କୁମ୍ଭାର(୪୦) ଏବଂ ପୁଅ ହୃଦା(୧୩)ଙ୍କୁ କିଛି ଟଙ୍କା ଅଗ୍ରୀମ ଦେଇ ତେଲେଙ୍ଗାନା ରାଜଧାନୀ ହାଇଦ୍ରାବାଦ ନିକଟ ରଙ୍ଗାରେଡ୍ଡୀ ଜିଲା ଗୁଣ୍ଡଲା ଥାନା ଅଧୀନ ବଡ଼କୁଣ୍ଡା ଗ୍ରାମର ଏକ ଇଟା ଭାଟିକୁ କାମ କରିବା ପାଇଁ ନେଇଥିଲେ। ହେଲେ ମାଲିକ ଉକ୍ତ ଶ୍ରମିକମାନଙ୍କୁ ନା ନା ନିର୍ଯାତନା ଦେବା ସହ ଅତ୍ୟଧିକ କାମ କରାଉଥିଲେ। ଫଳରେ ନିର୍ଯାତନା ସହ୍ୟ କରି ନ ପାରି ଜଳନ୍ଧର ସେଠାରୁ କୌଶଳ କ୍ରମେ ଖସି ଘରକୁ ପଳେଇ ଆସିଥିଲେ। ଏଥିରେ ମାଲିକ ଏବଂ ସର୍ଦ୍ଦାର ଉତ୍କ୍ଷିପ୍ତ ହୋଇ ତାଙ୍କ ସ୍ତ୍ରୀ ଏବଂ ପୁଅକୁ ସେଠାରେ ବନ୍ଧକ ରଖିଥିଲେ। ଫଳରେ ସ୍ତ୍ରୀ ଏବଂ ପୁଅଙ୍କୁ ଉଦ୍ଧାର କରିବା ପାଇଁ ଜଳନ୍ଧର ଗତ ୨୨ ତାରିଖରେ ବଲାଙ୍ଗୀର ଜିଲା ପ୍ରଶାସନିକ ଅଧିକାରୀଙ୍କୁ ସାକ୍ଷାତ କରି ନିବେଦନ କରିଥିଲେ। ହେଲେ ଜିଲା ପ୍ରଶାସନ ଶ୍ରମିକଙ୍କୁ ଉଦ୍ଧାର କରି ପାରିଲା ନାହିଁ। ଶେଷରେ ଜଳନ୍ଧର କୌଣସି ଉପାୟ ନ ପାଇ ବଲାଙ୍ଗୀର ଜିଲା ଇଟା ଭାଟି ମଜଦୁର ୟୁନିୟନ ସାଧାରଣ ସମ୍ପାଦକ ରଘୁନାଥ ରଣାଙ୍କୁ ସାକ୍ଷାତ କରି ଘଟଣା ବିଷୟରେ କହିଥିଲେ। ଏ ସମ୍ପର୍କରେ ଅବଗତ ହେଲା ପରେ ସମ୍ପାଦକ ରଣା ଉଦ୍ଧାର ପାଇଁ ସେଠାକୁ ଯୋଗାଯୋଗ କରିଥିଲେ। ଖବର ପାଇ ବହୁ ଜନ ସମାଜବାଦୀ ପାର୍ଟି ରଙ୍ଗାରେଡ୍ଡୀ ଜିଲା ମହିଳା ଉପାଧ୍ୟକ୍ଷ କୁମାରୀ କମ୍ପୋଲାପଲ୍ଲୀ ଶାନ୍ତା ଏବଂ ୟାଚେରୋମ ମଣ୍ଡଳ ଉପାଧ୍ୟକ୍ଷ ସତୀଶ ମହାରାଜ ଉକ୍ତ ଇଟା ଭାଟିକୁ ପରିଦର୍ଶନରେ ଯାଇ ଉଭୟ ମା' ପୁଅଙ୍କୁ ସେଠାରୁ ଉଦ୍ଧାର କରି ଟ୍ରେନ ଯୋଗେ ଘରକୁ ପଠାଇଥିଲେ। ମା' ପୁଅ ସୁରକ୍ଷିତ ଭାବେ ଗତ ଶୁକ୍ରବାର ରାତିରେ ଘରେ ପହଞ୍ଚିଛନ୍ତି। ଶ୍ରମିକମାନେ ବନ୍ଧକ ପଡ଼ି ନିର୍ଯାତିତ ହେଉଥିଲେ ମଧ୍ୟ ପ୍ରଶାସନର ନିଷ୍କ୍ରିୟତା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ଉଦ୍ଧାର ମା' ପୁଅ।

केनरा बैंक Canara Bank — ସିଣ୍ଡିକେଟ Syndicate

 କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲିଃ.,** ଫ୍ଲାଟ୍ ନଂ.: ୪୬, ୨ୟ ମହଲା, ଇନ୍‌ଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ୍ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ,** ସ୍ୱାମୀ: ବିଜୟ କିଶୋର ବେହେରା, ପ୍ଲଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ | **କ) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍‌ଆର୍‌ଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମ୍ମୁଖ ରାଓ, **CERSAI ID- 400022742250** / ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/- **(କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୦୧.୨୦୨୬** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

## ଅଷ୍ଟପ୍ରହରୀ ନାମ ଯଜ୍ଞ ଉଦ୍‌ଯାପିତ

ପାଇକମାଳ ୧।୨(ବଡ଼ ଶତପଥୀ)

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀ ଶ୍ରୀ ନୃସିଂହନାଥ ପୀଠରେ ୨ଦିନ ଧରି ମାଘ ମେଳା ସହ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁନିକେଲ, ହିରାପୁର, ଚିରୋଲି, କୋକନରା, ଦୁଦୁକିଝରିଅ, ବସେକେଲା, ମୁଣ୍ଡାପଲା, ବାଦିମାଲ, ଗ୍ରାମର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଏହି ମହତ୍ ପୁଣ୍ୟ କାମରେ କର୍ତ୍ତା ଭାବରେ ଦିବ୍ୟ କିଶୋର ପଣ୍ଡା ଓ ତାଙ୍କ ସହଧର୍ମିଣୀ ଅନୁପମା ପଣ୍ଡା ଦାୟିତ୍ୱ ତୁଲାଇ ଥିଲେ। ଯଜ୍ଞ ପୁରୋହିତ ଡିଗ୍ରୀଧର ଦେବତା ଓ ମୁନା ଦେବତା ଦାୟିତ୍ୱ ନେଇ ପୂଜାପାଠ ସହ ହୋମ, ଯାଗଯଜ୍ଞ ରୀତିନୀତି ଅନୁସାରେ କରିଥିଲେ। ଶନିବାର କଳସ ଶୋଭାଯାତ୍ରା କରାଯାଇ ରାଧା କୃଷ୍ଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ନାମ ସଂକୀର୍ତ୍ତନ ଆରମ୍ଭ କରାଯାଇଥିଲା। ରବିବାର ଅପରାହ୍ନରେ ପୂର୍ଣ୍ଣାହୁତି ପରେ ଦହି ହାଣ୍ଡି ଭଙ୍ଗାଯାଇ କଳସ ବିସର୍ଜନ କରାଯାଇଥିଲା। ଏଥିରେ ମନ୍ଦିରର ପୂଜକ ସୁଜ୍ଞାନ୍ତ ତ୍ରିପାଠୀ, ସତ୍ୟ ପୁରୋହିତ, ସିଦ୍ଧାର୍ଥ ପୁରୋହିତ , ମନମିତ ପୁରୋହିତ, ଆଜାଦ ମାଝୀ, ଶୁଭମ ପୁଝାରୀ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟ ପରିଚାଳିତ ହୋଇଥିବା ବେଳେ ଗିରିଶ ଚନ୍ଦ୍ର ନାୟକ, ସୁବୋଧ ପଣ୍ଡା, ବଡ଼ ଶତପଥୀ ବିଷ୍ଣୁ ପଶାୟତ, ସୁରଥ ସାହୁ, ମାନସ ନାୟକ, କୃଷ୍ଣଚନ୍ଦ୍ର ସାହୁ ସହଯୋଗ କରିଥିଲେ।

# ମହିମା ପୀଠ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

- ଜଗତ କଲ୍ୟାଣ ପାଇଁ ଘୃତ ଆହୁତି ଦେଲେ
- ସମାଧି ମନ୍ଦିର,ପାଦୁକା ମନ୍ଦିର, ମ୍ୟୁଜିୟମ, ପାଣ୍ଡୁଲିପି ଦେଖିଲେ ଓ ଦୀପ ଜାଳିଲେ

ସୋନପୁର,୧।୨(ମୃତ୍ୟୁଞ୍ଜୟ ଶତପଥୀ)

ପବିତ୍ର ମାଘମେଳା ଅବସରରେ ସୁବର୍ଣ୍ଣପୁର ଜିଲା ଖଲିଆପାଲିସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ପରିଦର୍ଶନ କରିଥିଲେ। ମହିମା ସାଧୁସନ୍ଥଙ୍କ ସହ ପୀଠ ପରିଚାଳନା କରୁଥିବା ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସମାଧି ପୀଠର ପୀଠାଧିଶ ସନ୍ୟାସୀ ବାବା ମୁଖ୍ୟମନ୍ତ୍ରୀଙ୍କୁ ମନ୍ଦିର ପରିସର ବୁଲି ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ମାଝୀ ପୀଠରେ ପହଞ୍ଚି ପ୍ରଥମେ ଘୃତ ଦୀପ ପ୍ରଜ୍ୱଳନ କରିଥିଲେ। ସମାଧି ମନ୍ଦିର,ପାଦୁକା ମନ୍ଦିର, ମ୍ୟୁଜିୟମରେ ଥିବା ଭୀମଭୋଇଙ୍କ ପାଣ୍ଡୁଲିପି, ସନ୍ଥକବି ବ୍ୟବହାର କରୁଥିବା ତୁଳି, ତାଳପତ୍ର ଇତ୍ୟାଦି ଦେଖି ଅଭିଭୂତ ହୋଇଥିଲେ। ପରେ ମୁଖ୍ୟମନ୍ତ୍ରୀ ପାଦୁକା ମନ୍ଦିର ସମ୍ମୁଖରେ ଭକ୍ତମାନଙ୍କ ଦାନରେ ନିର୍ମିତ ୨ କୁଇଣ୍ଟାଲ ୧୨କିଲୋ ୯୦୦ ଗ୍ରାମ ଓଜନର ଏକ ବୃହତ ପିତ୍ତଳ ଘଣ୍ଟିକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ଦଉଡି ଟାଣି ଘଣ୍ଟି ବଜାଇଥିଲେ। ଅଲେଖ ମହିମା ଡାକରେ ଅଞ୍ଚଳ କମ୍ପି ଉଠିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୀମଭୋଇ ସମାଧି ପୀଠ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ସମସ୍ୟା ଓ ବିକାଶମୂଳକ କାମ ନେଇ ଆଲୋଚନା କରିଥିଲେ। ସମାଧି ପୀଠ ଟ୍ରଷ୍ଟ ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ, ମାଘମେଳା କମିଟିର ପୂର୍ଣ୍ଣଚନ୍ଦ୍ର ବଗର୍ତ୍ତି, ବରିଷ୍ଠ ସଭ୍ୟ ମହାଦେବ ବଗର୍ତ୍ତି, ସମ୍ପାଦକ ଜନ୍ମେଜୟ ସ୍ୱାଇଁ, ସୁମନ୍ତ ପୁଟେଲ, କାର୍ତ୍ତିକ ଭୋଇ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସିଦ୍ଧାର୍ଥ ଅଗ୍ରୱାଲ ଓ ବିଭୂତି ଭୂଷଣ ନେଗୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ସମାଧି ପୀଠର ଫଟୋଚିତ୍ର, ଭୀମଭୋଇ ଗ୍ରନ୍ଥାବଳି, ମହିମା ପତ୍ରିକା ଓ ଉପଢୌକନ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଶନ୍ନ ଷଡଙ୍ଗୀ, ତ୍ରିଲୋଚନ ମହାନ୍ତି, ଜିଲାପାଳ ଡ. ନୃପରାଜ ସାହୁ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଏସ୍‌ପି ନାରାୟଣ ନାୟକ ଉପସ୍ଥିତ ଥିଲେ। ମାଘପୂର୍ଣ୍ଣମୀ ପାଇଁ ମହିମାପୀଠକୁ ପରିଦର୍ଶନ ପାଇଁ ହଜାର ହଜାର ଭକ୍ତ ଆସିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ଏକ ବଡ଼ ଘଣ୍ଟିକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ବଜାଉଛନ୍ତି।

## ସପ୍ତଦ୍ୱୀପାର ୧୨୬ ତମ ସାରସ୍ୱତ ଆସର





ସପ୍ତଦୀପାର ସାରସ୍ୱତ ଆସରରେ ଅତିଥିଗଣ।

ବୀରମହାରାଜପୁର,୧।୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ ଉପଲକ୍ଷେ ସପ୍ତଦୀପା ସାହିତ୍ୟ ସଂସଦ ତରଫରୁ କଂସ ଦରବାର ମଞ୍ଚରେ ୧୨୬ତମ ସାରସ୍ୱତ ଆସର ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ.ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢ଼ୀ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବାକଦେବୀଙ୍କ କୃପା ବିନା କବି ହେବା ସମ୍ଭବ ନୁହେଁ। ତେଣୁ କବିମାନେ ଦ୍ୱିତୀୟ ସ୍ରଷ୍ଟା ବୋଲି କହିଥିଲେ। ସମ୍ମାନିତ ଅତିଥି ଜ୍ଞାନେନ୍ଦ୍ର ତ୍ରିପାଠୀ,କମ୍ବୁଧର ସୁନା, ଯୁଗଳ କିଶୋର ମିଶ୍ର ଯୋଗଦେଇ ସାରସ୍ୱତ ବାର୍ତ୍ତା ପ୍ରଦାନ କରିଥିଲେ। ଅନେକ ଛାତ୍ର ଓ ଯୁବ କବି ସାମିଲ ହୋଇଥିବାରୁ ସପ୍ତଦ୍ୱୀପା ସାହିତ୍ୟ ସଂସଦର ପ୍ରୟାସ ଆଜି ସଫଳ ହୋଇଛି ବୋଲି କହିଥିଲେ। ପ୍ରାରମ୍ଭରେ ଧନୁଯାତ୍ରା କମିଟି ସଭାପତି ତଥା ସପ୍ତଦୀପାର କାର୍ଯ୍ୟକ୍ରମ ସଞ୍ଚାଳକ କିଶୋର ହୋତା ସଭା ସଂଯୋଜନା କରିଥିଲେ। କବି ପ୍ରଫୁଲ୍ଲ ପ୍ରଧାନ, ଶୁଭ୍ରାଂଶୁ ଶେଖର ପାଢ଼ୀ, ସୁବ୍ରତ ପଣ୍ଡା, ପ୍ରହ୍ଲାଦ ନାଏକ, ଧର୍ମ କୁମାର ଶତପଥୀ, ଗୋବିନ୍ଦ ସେଠୀ, ତନ୍ମୟବାଳା ମିଶ୍ର, ବାସୁଦେବ ରଥ, ସନ୍ତୋଷ ଅଦାବର, ସନ୍ତୋଷିନୀ ସାମନ୍ତରା, ଶାଶ୍ୱତ ଦେହେରୀ, ଯୁଧିଷ୍ଠିର ଖମାରୀ, ଧ୍ରୁବଚରଣ କ୍ଷେତି, ଶ୍ୟାମ ଗୋପାଳ ହୋତା, ବିଜୟ କୁମାର ହୋତା ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବିତା ଗୁଡ଼ିକ ଅକ୍ରୁର ହୋତା ଓ ସନ୍ତୋଷିନୀ ନାୟକ ସଂଯୋଜନା କରିଥିଲେ। ଶେଷରେ ଅକ୍ଷୟ କୁମାର ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ





ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବୀରମହାରାଜପୁର,୧।୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ହନୁମାନ ମନ୍ଦିର ପ୍ରାଙ୍ଗଣରେ ବ୍ଲକସ୍ତରୀୟ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଖଣ୍ଡହତା ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡହତା ସଂଘ ସଭାପତି ତଥା ସମାଜସେବୀ ବ୍ରଜଗୋପାଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁବଳୟା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଭୋଳାନାଥ କର୍ମୀ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଦୟାନିଧି ହୋତା ଯୋଗଦେଇ ବରିଷ୍ଠ ନାଗରିକମାନେ କିଭଳି ଅବହେଳିତ ହେଉଛନ୍ତି ଓ ତା'ର ସମସ୍ୟା କିଭଳି ଦୂର କରାଯାଇ ପାରିବ ତା' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଅନ୍ତର୍ଯ୍ୟାମୀ ରଥ, ଆଡ୍‌ଭୋକେଟ ନନ୍ଦିକିଶୋର ମିଶ୍ର, ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଗଙ୍ଗାଧର ସାହୁ। ଅକ୍ଷୟ କୁମାର ମିଶ୍ର ସଭା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର, ସୁବଳୟା ଓ ଖଣ୍ଡହଥାର ଶତାଧିକ ସଭ୍ୟ ଯୋଗଦାନ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ହରଭଙ୍ଗା,୧।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସାମ୍ପୋଚ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶନିବାର ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଧାନଶିକ୍ଷକ ରଜନୀକାନ୍ତ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବନିତା ପ୍ରଧାନଙ୍କ ସମେତ ସିଆର୍‌ସିସି ନୀଳାଚଳ ବିହାରୀ ମିଶ୍ର, ଗ୍ରାମ ସଭାପତି ମିହିର କର୍ଣ୍ଣ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶ୍ରୀଧର ପ୍ରଧାନ, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ, ବାମଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ରଥ, ମୁଣ୍ଡିପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାକୁଡ଼, ରବିନାରାୟଣ ମହାଲିକ, ପୂର୍ବତନ ଛାତ୍ର, ଅଭିଭାବକ ଉପସ୍ଥିତ ରହି ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସେହିପରି ବିଦ୍ୟାଳୟର ରୋଷେୟା ମହର୍ଗି ବେହେରା ଅବସର ଗ୍ରହଣ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

## ଧନୁଯାତ୍ରା ଆୟୋଜନ, ଅକ୍ରୂରଙ୍କୁ ନିମନ୍ତ୍ରଣ





ଧନୁଯାତ୍ରାର ଷଷ୍ଠ ସନ୍ଧ୍ୟା ରବିବାର ମହାରାଜା କଂସ ମହାଦେବଙ୍କୁ ଧ୍ୟାନ କରୁଛନ୍ତି।

ବୀରମହାରାଜପୁର, ୧।୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଧନୁଯାତ୍ରାର ରବିବାର ଥିଲା ଷଷ୍ଠସନ୍ଧ୍ୟା। ଦିବସ କାର୍ଯ୍ୟକ୍ରମରେ କଂସ ଇଷ୍ଟଦେବ ମହାଦେବଙ୍କଠାରୁ ରୁଦ୍ରାସୁଳପ୍ରାପ୍ତି ହୋଇଛନ୍ତି। ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ ଧନୁଯାତ୍ରା ଆୟୋଜନ ଓ ପୁରୁଣା ମନ୍ତ୍ରୀ ଅକ୍ରୂରକୁ ମହାରାଜ କଂସଙ୍କ ନିୟନ୍ତ୍ରଣ ଆଦି ଲୀଳା ନାଟକ ନାଟକ ପରିବେଷିତ ହୋଇଥିଲା। ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ଧନୁଯାତ୍ରା ମହୋତ୍ସବରେ କମିଟି ସଭାପତି କିଶୋର ହୋତା ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ପୂର୍ବତନ ସମ୍ବଲପୁର ଲୋକ ସଭା ସଦସ୍ୟ ଭବାନୀ ଶଙ୍କର ହୋତା ମୁଖ୍ୟ ଅତିଥିଭାବବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଷଷ୍ଠ ସନ୍ଧ୍ୟାରେ ରାଜ ଅତିଥିଭାବେ ପ୍ରିୟବ୍ରତ ସାହୁ, ପ୍ରଦୀପ ସେଠୀ, ସଚ୍ଚିଦାନନ୍ଦ ବାରିକ, ସତ୍ୟଭାମା ସାହୁ, ସଂଗ୍ରାମ କେଶରୀ ପୃଷ୍ଟି ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସଭା ସଂଯୋଜନା ଯୁଗଳ କିଶୋର ମିଶ୍ର। ରାଜ ଦରବାରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଭିମନ୍ୟୁ ବଗର୍ତ୍ତି। ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ସାଂସ୍କୃତିକ କମିଟି ସମ୍ପାଦକ ଚିନ୍ମୟ ସାହୁ, ସୁରୁବାବୁ ପଧାନ ଓ ଅନ୍ୟାନ୍ୟ କର୍ମକର୍ତ୍ତା।

## ବିଜ୍ଞପ୍ତି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ ନିମ୍ନ ପ୍ରଦତ୍ତ ଗ୍ରାମଗୁଡିକ ମଧ ଦେଇ ଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଲାଇନ (132/33K.V) ଚାର୍ଜ କରାଯିବ, ଯାହାକି M/S AMPIN C&I THREE PVT. LTD. ଦ୍ୱାରା ନିର୍ମିତ–

| ତହସିଲ | ଗ୍ରାମ | ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ |
| --- | --- | --- |
| କଣ୍ଟାବାଞ୍ଜି | ଚଟୁଅନକା, ବିଛୁବାହାଲି, ଡଙ୍ଗାମରା, ବୁରୋମାଲ | କଣ୍ଟାବାଞ୍ଜି |

- ତାରିଖ ତା.୦୨.୦୨.୨୦୨୬ ରିଖ
- ସମୟ– ଯେକୌଣସି ସମୟରେ ବିଦ୍ୟୁତ୍ ସରବରାହ କରାଯିବ ।

ସାବଧାନତା–ଏଣୁ ଭାରତୀୟ ବିଦ୍ୟୁତ୍ ଆଇନର ଧାରା ୧୯୫୬ ବିଭାଗ ୭୯,୮୦,୮୨ ଓ ୮୨(କ) ଅନୁଯାୟୀ ଏହି ବିଦ୍ୟୁତ୍ ତାର ତଳେ କୌଣସି ନିର୍ମାଣ କାର୍ଯ୍ୟ, ଉଚ୍ଚ ଯାନବାହନ ଚଳାଚଳ ବା କୃଷି କାର୍ଯ୍ୟ (ଉଚ୍ଚ ଠେଙ୍ଗା ବ୍ୟବହାର) କରନ୍ତୁ ନାହିଁ ।
ପଶୁଧନ–ନିଜର ଗୃହପାଳିତ ପଶୁଙ୍କୁ ଏହି ଲାଇନ ନିକଟରେ ଚରାଇବା ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ ।

ନିର୍ଦ୍ଦେଶକ
ସ୍ୱା/–ଉପ ମହାପ୍ରବନ୍ଧକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଜନ (O&M), ନୂଆପଡ଼ା

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଘଣ୍ଟାପଡ଼ା,୧।୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା–ପୋଡାପଦରସ୍ଥିତ ବାବା କଳକେଶ୍ୱର ମନ୍ଦିରରେ ମାଘମେଳା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳସ ଯାତ୍ରା, ଅଧିବାସ, ନାମାରମ୍ଭ, ଦଧିହାଣ୍ଡି ଭଙ୍ଗ ପରେ ପୂର୍ଣ୍ଣାହୁତି ହୋଇଥିଲା। ଉକ୍ତ ନାମଯଜ୍ଞରେ ୧୧ ମହିଳା ପୁରୁଷ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ସେବାୟତ ପଣ୍ଡିତ ବିଦ୍ୟାଧର ପଣ୍ଡା, ଗଜେନ୍ଦ୍ର ପାଣିଗ୍ରାହୀ ଓ ରାଜେନ୍ଦ୍ର ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ। ମନ୍ଦିର ମୁଖ୍ୟ ଅନନ୍ତରାମ ମାଝୀ ଓ ସ୍ତ୍ରୀ ଶଙ୍ଖଜିନୀ ମାଝୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ପୁରନ୍ଦର ମହାକୁଡ଼, ସମ୍ପାଦକ ଗଜେନ୍ଦ୍ର କହଁର, ଉପଦେଷ୍ଟା ଶ୍ରୀପତି ମଲିକ, ସୁଶାନ୍ତ ମାଝୀ, ମହେଶ୍ୱର ରଣା, ଅଶୋକ ସାହୁ, ନିତ୍ୟାନନ୍ଦ ସେନାପତି, ଜିତେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।



ନାମଯଜ୍ଞରେ ପୂଜାର୍ଚ୍ଚନା କରାଯାଉଛି।

# ପଞ୍ଚଖଣ୍ଡା କ୍ରିକେଟ କପ୍: ଚନ୍ଦଲି ଚାମ୍ପିୟନ

ଅମରପାଲି,୧।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ଗୁଦୁଗୁଦା ଗ୍ରାମରେ ଚାଲିଥିବା ପଞ୍ଚମ ପଞ୍ଚଖଣ୍ଡା କ୍ରିକେଟ କପ୍‌ର ଫାଇନାଲରେ ବଡ଼ଖମାରକୁ ହରାଇ ଚନ୍ଦଲି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ବଡ଼ଖମାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୮ ଉଇକେଟ ହରାଇ ୬୯ ରନ କରିଥିଲା। ଜବାବରେ ଚନ୍ଦଲି ୭.୪ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୭୦ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ବଡ଼ଖମାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୮ ଉଇକେଟ ହରାଇ ୬୬ ରନ କରିଥିଲା। ଜବାବରେ ଚନ୍ଦଲି ଦଳ ନିର୍ଦ୍ଧାରିତ ୪ ଓଭରରେ ୩ ଉଇକେଟ ହରାଇ ୬୭ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଚନ୍ଦଲି ଦଳ ଚାମ୍ପିୟନ ହୋଇଥିଲା। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବହଲପଦର ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ପ୍ରଧାନଶିକ୍ଷକ ବେଳାରସେନ ଭୋଇ, ଶିକ୍ଷକ ଗୌତମ ବାରିକ, ସୁରେନ୍ଦ୍ର ଭୋଇ, ଦେବରାଜ ଭୋଇ, ସଞ୍ଜୀବ ମିର୍ଦ୍ଧା, ପ୍ରଦୀପ ଜଗଦଲା, କ୍ରୀଡାବିତ ବେଣୁଧର ରାଏ, ବାଞ୍ଛାନିଧି ପଧାନ, ଫକିର ଧଳ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତାପ ପାଣ୍ଡେଙ୍କୁ ମ୍ୟାନ ଅଫ ଫାଇନାଲ ଓ ନନ୍ଦନ ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରିବା ସହିତ ଚାମ୍ପିୟନ ଦଳକୁ ନଗଦ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନରଅପ ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ ରେ ସରୋଜ ନାଏକ ଓ ସମ୍ବିତ ମାଝୀ ଅମ୍ପେୟାର, ବନମାଳୀ ଗୌନ୍ତିଆ ଓ ମଣ୍ଟୁ ପଧାନ ସ୍କୋରିଂ ଏବଂ ଗୋପୀନାଥ ମାଝୀ ଧାରା ବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ଚନ୍ଦଲି ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

केनरा बैंक Canara Bank
सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡିକୁ **ଦଖଲ** କରିଛନ୍ତି । ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
| --- | --- |
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲିଃ.,** ପ୍ଲଟ୍ ନଂ.: ୪୬, ୨ୟ ମହଲା, ଇନ୍‌ଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ପ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ୍ ନଂ.: | କ) **ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମ୍ମୁଖ ରାଓ, **CERSAI ID- 400022742250 / ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/ - (କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ,** ସ୍ୱାମୀ: ବିଜୟ କିଶୋର ବେହେରା, ପ୍ଲଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬

**ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୦୧.୨୦୨୬** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

## ପ୍ରତିଯୋଗିତାରେ ୨୦ ସ୍କୁଲର ଛାତ୍ରୀଛାତ୍ର

**ରାଉରକେଲା,୧।୨(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୭ସ୍ଥିତ ଇସ୍ପାତ ସାହିତ୍ୟ ସଂସଦ ଭବନରେ ରବିବାର ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରଶ୍ମିପ୍ରଭା ସମ୍ପାଦକ ମନୋଜ କୁମାର ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଚିତ୍ରାଙ୍କନ, ଓଡ଼ିଆ କବିତା ଓ ଗଳ୍ପ ଲିଖନ ପ୍ରତିଯୋଗିତାରେ ରାଉରକେଲା ସହରର ୨୦ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗଳ୍ପ ପ୍ରତିଯୋଗିତାକୁ ବରିଷ୍ଠ ଶିକ୍ଷୟିତ୍ରୀ ବିଜୟିନୀ ଜେନା, କବିତା ପ୍ରତିଯୋଗିତାକୁ ବରିଷ୍ଠ ଲେଖିକା ସବିତା ବସ୍ତିଆ ଏବଂ ଚିତ୍ରାଙ୍କନକୁ ଶିକ୍ଷୟିତ୍ରୀ ଗୀତାରାଣୀ ବେହେରା ପରିଚାଳନା କରିଥିଲେ। ଏହି ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାର୍ଚ୍ଚ ୨୨ ତାରିଖରେ ହେବାକୁ ଥିବା ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ବେଆଇନ ମାରଣାସ୍ତ୍ର ବେପାର, ୪ ଗିରଫ

**ରାଉରକେଲା,୧।୨(ଦିନେଶ ମିଶ୍ର)**


ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

ବେଆଇନ ମାରଣାସ୍ତ୍ର କାରବାର ଅଭିଯୋଗରେ ସୁନ୍ଦରଗଡ଼ ଜିଲା ବିସ୍ରା ଥାନା ଅଞ୍ଚଳରେ ରବିବାର ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଜାମିଲ୍ ଅନସାରୀ(୩୩), ସମୀର ଅନସାରୀ(୩୪), ହସନ ଅନସାରୀ(୫୦) ଏବଂ ଏସ୍‌ଡି ଗୁଲାବ(୪୮)। ଚଢାଉ ବେଳେ ପୋଲିସ ଅଭିଯୁକ୍ତଙ୍କ ଘରୁ ବହୁ ମାରଣାସ୍ତ୍ର ଜବତ କରିଛି। ଏ ନେଇ ବିସ୍ରା ପୋଲିସ ଏକ ମାମଲା (ନଂ.୩୩/୨୬) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ମନୋରଞ୍ଜନ କୁମ୍ଭାର ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ବିସ୍ରା ଥାନା ଅଧୀନ ଗୁଡଗୁଡଜୋର ଅଞ୍ଚଳରେ ମୁଜାମିଲ୍ ରହୁନ୍ତି। ସେ ଉକ୍ତ ଅଞ୍ଚଳରେ ଜମିମାଲିକ ଓ ଗ୍ରାହକମାନଙ୍କୁ ଧମକଚମକ ଦେଇ ନିଜ ବ୍ୟବସାୟ କରୁଥିଲେ। କିଛିଦିନ ହେଲା ତାଙ୍କ କାରବାରକୁ ନେଇ ପୋଲିସ ସନ୍ଦେହ କରୁଥିଲା। ବିସ୍ରା ଅଞ୍ଚଳରେ ଅସାମାଜିକ ତତ୍ତ୍ୱମାନେ ବିଭିନ୍ନ ଅପରାଧ ଓ ମାରଣାସ୍ତ୍ର ଚୋରା କାରବାରରେ ଜଡିତ ଥିବା ପୋଲିସ ଜାଣିବାକୁ ପାଇଥିଲା। ତେବେ କୌଣସି ବିଶେଷ ସୂତ୍ରରୁ ଖବର ପାଇ ବିସ୍ରା ପୋଲିସ ରବିବାର ତାଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କ ଘରୁ ଗୋଟିଏ ରିଭଲବଲ୍, ଗୋଟିଏ ପିସ୍ତଲ ଓ ୪ ରାଉଣ୍ଡ ଗୁଳି ଜବତ ହୋଇଥିଲା। ପରେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ସମୀର, ହସନ୍ ଓ ଗୁଲାବଙ୍କ ଘରେ ଚଢ଼ାଉ କରି ଗୋଟିଏ ଗୁପ୍ତି, ନକଲି ପିସ୍ତଲ, ଗୋଟିଏ କାତି ଓ ୩ଟି ଖଣ୍ଡା ସହ ବହୁ ମାରଣାସ୍ତ୍ର ଜବତ କରିଥିଲା। ଅଭିଯୁକ୍ତ ମୋଜାମିଲଙ୍କ ନାମରେ ପୂର୍ବରୁ ଲହୁଣୀପଡା, ଝିରପାଣି ଓ ଝାଡ଼ଖଣ୍ଡ, ସମୀରଙ୍କ ନାମରେ ଝାଡ଼ଖଣ୍ଡର ଛୋଟନାଗରା ଏବଂ ଗୁଲାବଙ୍କ ନାଁରେ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଆପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

## ସ୍ୱାବଲମ୍ବୀ ରାଷ୍ଟ୍ର ଗଠନରେ ସହାୟକ ହେବାକୁ ଆହ୍ୱାନ


ବୈଠକରେ ଉପସ୍ଥିତ ଚ୍ୟାମ୍ବର ଅଫ୍ କମର୍ସ କର୍ମକର୍ତ୍ତା।

**ରାଉରକେଲା,୧।୨(ବିପ୍ଳବ ରଞ୍ଜନ ଦାଶ)**

ସେକ୍ଟର-୪ସ୍ଥିତ ରାଉରକେଲା କଲେଜ ଏବଂ ରାଉରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ କଲେଜ ନାଟ୍ୟ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ କଲେଜ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରମାନଙ୍କୁ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ସହ ସ୍ୱାବଲମ୍ବୀ, ସ୍ୱାଭିମାନୀ ରାଷ୍ଟ୍ର ଗଠନରେ ସହାୟକ ହେବାକୁ ପ୍ରେରଣା ଦେଇଥିଲେ। କଲେଜ ଛାତ୍ର ସଂସଦର ସହ ଉପଦେଷ୍ଟା କରୁଣାକର ପାଢଶାଣୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସଂସଦର ଅନ୍ୟତମ ସହ ଉପଦେଷ୍ଟା ବନ୍ଦନା ସୋରେଙ୍ଗ ଅତିଥି ପରିଚୟ ପ୍ରଦାନ, ଛାତ୍ର ସଂସଦ ଉପଦେଷ୍ଟା ମନୋଜ କୁମାର ଦଲେଇ ଏବଂ ଉଚ୍ଚ ମାଧ୍ୟମିକ ସ୍ତରୀୟ ସାଂସ୍କୃତିକ ପରିଷଦ ଉପଦେଷ୍ଟା ଭାରତୀ ବରୁଆ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଅନ୍ୟତମ ସହ ଉପଦେଷ୍ଟା ତରଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଜିତ ବେକ ମଞ୍ଚାସୀନ ଥିଲେ। ଏହି ଅବସରରେ ଓଡ଼ିଆ ବିଭାଗ ଛାତ୍ର ସୌମ୍ୟରଞ୍ଜନ ମହାନ୍ତି ଶ୍ରେଷ୍ଠ ସ୍ନାତକ ଏବଂ ସମଗ୍ର ଯୁକ୍ତ ୨ର ଶ୍ରେଷ୍ଠ ଛାତ୍ରୀ ଭାବେ ଦ୍ରଶନ ଫାତମା ସମ୍ବର୍ଦ୍ଧିତ ହୋଇଥିଲେ। ଏତଦବ୍ୟତୀତ ସ୍ନାତକ ଶ୍ରେଣୀର ପ୍ରତ୍ୟେକ ବିଭାଗର ଶ୍ରେଷ୍ଠ ଛାତ୍ରୀଛାତ୍ର ଏବଂ ଯୁକ୍ତ ୨ ବାଣିଜ୍ୟ, ବିଜ୍ଞାନ ଓ କଳାର କୃତୀ ଶ୍ରେଷ୍ଠ ଛାତ୍ରୀଛାତ୍ର ମଧ୍ୟ ସମ୍ମାନିତ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାଧ୍ୟାପକ ରଶ୍ମି ରଞ୍ଜନ ରାଉତ ଓ ମୌସୁମୀ ଦାସଙ୍କ ପରିଚାଳନାରେ ଛାତ୍ର ସଂସଦ, ସାଂସ୍କୃତିକ ପରିଷଦ, ବାଳକ କମନ୍ ରୁମ୍, ବାଳିକା କମନ୍ ରୁମ୍ ପରିଷଦ, ଅଧ୍ୟାପକ ମଞ୍ଚ ପକ୍ଷରୁ ଚଳିତ ବର୍ଷ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତୃତୀୟ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଧ୍ୟାପିକା ପ୍ରିୟଙ୍କା ପଲାଇ, ରଞ୍ଜିତା ପାଣିଗ୍ରାହୀ, ସୁରଭି ଦାସ, ନନ୍ଦିନୀ ପ୍ରିୟଦର୍ଶିନୀ ଦାସ, ଶ୍ୱେତା ସାହୁ। ପ୍ରାଧ୍ୟାପିକା ରଶ୍ମିପ୍ରଭା ମାଥାନ, ରଞ୍ଜିତ ପ୍ରଧାନ, ଅନୁପ ଏକ୍କା, ଦୀପାଳି ପ୍ରଧାନ, ମୀନକେତନ ନାଏକ, ଏଲିଜା ଲୁଗୁନ, ରଚନା ମିଶ୍ର, ସୌମ୍ୟରଞ୍ଜନ ପ୍ରଧାନ, ସୁଶାନ୍ତ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

## ଶିଳ୍ପାନୁଷ୍ଠାନ ସୁରକ୍ଷାରେ କମ୍ପିଟେଣ୍ଟ ପର୍ସନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା,୧।୨(ବିପ୍ଳବ ରଞ୍ଜନ ଦାଶ)**

କାଂଶବାହାଲସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପ୍ରଡ୍‌କ୍ସନ ମ୍ୟାନେଜମେଣ୍ଟ ପରିସରରେ ଶନିବାର କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ବିଭିନ୍ନ ସୁରକ୍ଷା ବିଷୟକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଔଦ୍ୟୋଗିକ ସୁରକ୍ଷାରେ କମ୍ପିଟେଣ୍ଟ ପର୍ସନଙ୍କ ଦ୍ୱାରା ଗୃହୀତ ଯାଞ୍ଚ ପଦ୍ଧତି ଏହାର ପ୍ରମୁଖ ପ୍ରସଙ୍ଗ ଥିଲା। ନିକଟ ଅତୀତରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ କ୍ଷୁଦ୍ର ତଥା ମଧ୍ୟମ ଇସ୍ପାତ କାରଖାନାରେ ଶ୍ରମିକ ଦୁର୍ଘଟଣାର ମାତ୍ରା ବଢ଼ିଛି । ଏହାକୁ ଦୃଷ୍ଟିରେ ରଖି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଫ୍ୟାକ୍ଟ୍ରି ଓ ବଏଲର ବିଭାଗ ନିର୍ଦ୍ଦେଶକ ତଥା ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଶିଳ୍ପାନୁଷ୍ଠାନ ସୁରକ୍ଷା ସୁନିଶ୍ଚିତ କରିବାରେ କମ୍ପିଟେଣ୍ଟ ପର୍ସନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁରକ୍ଷା ଆଇନକୁ ମାନିବା, ତାକୁ କଡ଼ାକଡ଼ି ଲାଗୁ କରିବା, ନିୟମିତ ଯାଞ୍ଚ ପରୀକ୍ଷା, ସମୟାନୁସାରେ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ର-ଉପକରଣର ପ୍ରମାଣପତ୍ର ପ୍ରଦାନ କରିବା, ଏସବୁ ସୁଚାରୁ ଭାବେ ପାଳନ କରାଗଲେ ଦୁର୍ଘଟଣାକୁ ରୋକିହେବ ଏବଂ କାର୍ଯ୍ୟସ୍ଥଳରେ ସୁରକ୍ଷା ପ୍ରାପ୍ତି ହୋଇପାରିବ ବୋଲି ତ୍ରିପାଠୀ କହିଥିଲେ। ଆର୍‌ଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ (ୱାର୍କସ) ବିଶ୍ୱରଞ୍ଜନ ପଲେଇ, ଫ୍ୟାକ୍ଟ୍ରି ଓ ବଏଲର ବିଭାଗ ଉପ ନିର୍ଦ୍ଦେଶକ (ସୁରକ୍ଷା) ଡା. ମଳୟ କୁମାର ପ୍ରଧାନ ଏବଂ ଉପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ସହ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ, ସ୍ୱରାଜ କୁମାର ତ୍ରିପାଠୀ, ଅର୍ଚ୍ଚନା ଦାସ, ସୁବାଷ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବସନ୍ତ କୁମାର ପ୍ରଧାନ, କମ୍ପିଟେଣ୍ଟ ପର୍ସନ ଗଗନଦୀପ ଓଝା, ବେଦାନ୍ତ ଲିମିଟେଡ୍‌ର ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଟିଆରଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ୍ ଲିମିଟେଡ୍‌ର ସହକାରୀ ସୁରକ୍ଷା ନିର୍ଦ୍ଦେଶକ ଅନିଲ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ନ୍ୟାଶନାଲ ସେଫ୍‌ଟି କାଉନସିଲ, ଓଡ଼ିଶାର ସେକ୍ରେଟାରୀ ମଧୁସୂଦନ ମୋହିନୀ, ମୁଖ୍ୟ ସାଧାରଣ ପ୍ରବନ୍ଧକ ହାରାଲାଲ ମହାପାତ୍ର, ଅବକାଶ ବେହେରା ଉପସ୍ଥିତ ଥିଲେ। ସୁରକ୍ଷା ଅଧିକାରୀ ବାବୁନି ବେହେରା, ପ୍ରଜ୍ଞା ନାଥ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ରାଉରକେଲା ଇସ୍ପାତ କାରଖାନା, ଏନ୍‌ଟିପିସି, ସେଲ୍, ଲିଣ୍ଡେ ଇଣ୍ଡିଆ, ଫେରୋ ସ୍କ୍ରପ ନିଗମ ଲିମିଟେଡ୍ ଏବଂ ଆର୍‌ଏସ୍‌ପିର ଅନ୍ୟାନ୍ୟ ସହଯୋଗୀ ପ୍ରତିଷ୍ଠାନରେ କାର୍ଯ୍ୟରତ କମ୍ପିଟେଣ୍ଟ ପର୍ସନ, ସେକ୍ସନାଲ ହେଡ୍, ଡିପାର୍ଟମେଣ୍ଟାଲ ହେଡ୍, ସୁରକ୍ଷା ଅଧିକାରୀ ଏବଂ ସାଧାରଣ ଶ୍ରମିକ ଯୋଗଦାନ କରିଥିଲେ।

# କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗୀଙ୍କୁ ସୁହାଇବ


ବୈଠକରେ ଉପସ୍ଥିତ ଚ୍ୟାମ୍ବର ଅଫ୍ କମର୍ସ କର୍ମକର୍ତ୍ତା।

**ରାଉରକେଲା,୧।୨(ବିପ୍ଳବ ରଞ୍ଜନ ଦାଶ)**

**ରାଉରକେଲା ଶିଳ୍ପ ବଣିକ କେନ୍ଦ୍ରରେ ବଜେଟ୍ ସମୀକ୍ଷା ବୈଠକ**

ରାଉରକେଲା ଶିଳ୍ପ ବଣିକ ସଂଘ ପକ୍ଷରୁ ଶିଳ୍ପ ବଣିକ ଭବନ ସମ୍ମିଳନୀ କକ୍ଷରେ ରବିବାର କେନ୍ଦ୍ର ସରକାରଙ୍କ ୨୦୨୬-୨୭ ବଜେଟ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା କେନ୍ଦ୍ରୀୟ ବଜେଟ୍‌ର ସିଧା ପ୍ରସାରଣ ହୋଇଥିଲା। ଏହାପରେ ବଜେଟର ସମୀକ୍ଷା ହୋଇଥିଲା। ଚଳିତ ବଜେଟ ୧୨.୨ ଲକ୍ଷ କୋଟି ଧାର୍ଯ୍ୟ ହୋଇଥିଲା ବେଳେ ଗତବର୍ଷଠାରୁ ଏହା ଲକ୍ଷେ କୋଟି ଅଧିକ ରହିଛି। ଚଳିତ ବଜେଟରେ ଏମ୍‌ଏସ୍‌ଏମ୍‌ଇ, ଟେକ୍ସଟାଇଲ, ପର୍ଯ୍ୟଟନ ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ୪ଟି ସେକ୍ଟରରେ ଅଧିକ ନିଯୁକ୍ତି ସୃଷ୍ଟି ହେବା ସହ ସୁନ୍ଦରଗଡ଼ ଓ ରାଉରକେଲା ଭଳି ଶିଳ୍ପ ଓ ଖଣି ଖାଦାନଭରା ଅଞ୍ଚଳର ଉନ୍ନତି ମଧ୍ୟ ହେବ ବୋଲି ଆକଳନ କରାଯାଇଥିଲା। ଏଥିସହ ଓଡିଶା ପାଇଁ ରେୟାର୍ ଆର୍ଥ କରିଡର, ଜଳପଥର ବିସ୍ତାରୀକରଣ ଆଦି ବିକଶିତ ହେବାର ସୁଯୋଗ ମଧ୍ୟ ରହିଛି। ସାରା ଦେଶରେ ଓଡିଶା ପୁଞ୍ଜି ନିବେଶ କ୍ଷେତ୍ରରେ ୨ ନମ୍ବରରେ ରହିଛି। ତେବେ ବଜେଟରେ ଅର୍ଥ ମନ୍ତ୍ରୀ ବାରମ୍ବାର ନିଜ ଅଭିଭାଷଣରେ ଓଡ଼ିଶାର ନାମ ଦୋହରାଇବା ନିଶ୍ଚିତ ଭାବେ ଓଡ଼ିଶାର ପୂର୍ବୋଦୟ ନାରା ସାକାର କରିବ ବୋଲି ଆଲୋଚନାରେ ଚର୍ଚ୍ଚା ହୋଇଥିଲା। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ପ୍ରୋତ୍ସାହନ ରାଶି ବୃଦ୍ଧି ଘୋଷଣା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କ ପାଇଁ ବିଶେଷ ଲାଭଦାୟକ ହେବ। ଏଥିସହ ୧୦ହଜାର କୋଟିର ସ୍ୱତନ୍ତ୍ର ଫଣ୍ଡ କରିଥିବାରୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କୁ ନିଶ୍ଚିତ ଫାଇଦା ମିଳିବ ଓ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ସଭାପତି ମଳୟ ମଣ୍ଡଳ ଓ ଅନ୍ୟମାନେ ମତ ଦେଇଛନ୍ତି।

## ସତ୍ୟସାଇ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ରାଉରକେଲା,୧।୨(ଦିନେଶ ମିଶ୍ର):** ରାଉରକେଲା ଓରାମପଡାସ୍ଥିତ ପ୍ରଶାନ୍ତି ବିହାରରେ ଥିବା ସତ୍ୟସାଇ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ଶନିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ଅଧ୍ୟକ୍ଷା ମନୁଜା ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ପାଦକ ଭାଗବତ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ଏନ୍‌ଆଇଟିରେ ପ୍ରାକ୍ତନ ପ୍ରଫେସର ଡ. ହୃଷୀକେଶ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହ ଆଧ୍ୟାତ୍ମିକତା ରହିଲେ ବିଦ୍ୟାର୍ଥୀମାନଙ୍କ ଚରିତ୍ର ଗଠନରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ପ୍ରଦ୍ୟୁମ୍ନ ନନ୍ଦ ଓ ପ୍ରାକ୍ତନ ସଭାପତି ଲିଙ୍ଗରାଜ ରଥ ପ୍ରମୁଖ ସମ୍ମାନିତ ଅତିଥି, ସତ୍ୟ ସାଇସେବା ସଙ୍ଗଠନର ଜିଲା ସଭାପତି ମନୋଜ କୁମାର ରଥ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସେହିପରି କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସଂଯୁକ୍ତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟ ସଭାପତି ତ୍ରିଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲା ସମଲେଶ୍ୱରୀ ମନ୍ଦିର କମିଟି


କମିଟି କର୍ମକର୍ତ୍ତା ରାଜସ୍ୱ ମନ୍ତ୍ରୀଙ୍କୁ ଭେଟୁଛନ୍ତି।

**ରାଉରକେଲା,୧।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୧୭ ଅନ୍ତର୍ଗତ ମା' ସମଲେଶ୍ୱରୀ ମନ୍ଦିର କମିଟିର ସଦସ୍ୟମାନେ ରବିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ମନ୍ଦିରର ସ୍ଥାୟୀ ପଟ୍ଟା ଯୋଗାଇ ଦେବା ସହିତ ମନ୍ଦିର ଉନ୍ନତୀକରଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ କମିଟି କର୍ମକର୍ତ୍ତା ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। କମିଟିର ସଭାପତି ଦେବେନ୍ଦ୍ର ବାଗଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ରବିନ୍ଦ୍ର ସୁନା, କୋଷାଧ୍ୟକ୍ଷ ଲିଙ୍ଗରାଜ କୁମ୍ଭାର, ପରାମର୍ଶଦାତା କିଶୋର ମହାନନ୍ଦ, ସଦସ୍ୟ ବାବୁ ପାଲ, ଗଣେଶ କୁମ୍ଭାର, ଗୁରୁ ସୁନା, ତ୍ରିନାଥ ସୁନା, ରାଜେନ୍ଦ୍ର ତାଣ୍ଡି, ରଞ୍ଜନ କୁମାର, ସୋନୁ ସୁନା ଏବଂ ଗୁନା ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ଶିଶୁଙ୍କ ଜନ୍ମଦିବସ ପାଳନ

**ରାଉରକେଲା,୧।୨(ବିପ୍ଳବ ରଞ୍ଜନ ଦାଶ)**


ଦିଶା ସେଣ୍ଟରରେ ଜନ୍ମଦିବସ ପାଳନ କରାଯାଉଛି।

ଅନ୍ୱେଷା ଦି ହେଲ୍ପିଂ ହ୍ୟାଣ୍ଡ ପକ୍ଷରୁ ବିସ୍ରା ସ୍ଥିତ ଦିଶା ଚାଇଲ୍ଡ କେୟାର ସେଣ୍ଟରରେ ରବିବାର ୧୨୧ଜଣ ଅନାଥ ଓ ଦିବ୍ୟାଙ୍ଗ ଶିଶୁଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି କଳ୍ପନା ଶତପଥି, ରଞ୍ଜନ ସାହୁ, ମାନସୀ ଘୋଷ, ମାଧବୀ ଚୌଧୁରୀ, ଧନଞ୍ଜୟ ଚୌଧୁରୀ, ମାରି ଥୋମାସ ଓ ଡକ୍ଟର ଲଳିତେନ୍ଦୁ ଆଚାର୍ଯ୍ୟ, ଗୀତାଞ୍ଜଳି ଆଚାର୍ଯ୍ୟ, ଅମ୍ବର ଅଲମ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁମାନଙ୍କ ସହ କେକ୍ କାଟି ବିସ୍କୁଟ୍ ଓ ଚକୋଲେଟ୍ ବଣ୍ଟନ ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହାସହିତ ଦିଶା ଚାଇଲ୍ଡ କେୟାର ସେଣ୍ଟରର ସମସ୍ତ କେୟାର ଟେକରଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ପଣ୍ଡା କହିଲେ, ନିଜ ଖୁସିକୁ ସମାଜର ବଞ୍ଚିତ ଶ୍ରେଣୀ ସହ ବାଣ୍ଟିବା ହେଉଛି ସତ୍ୟ ସେବା। ହାପି ମୁମେଣ୍ଟ ସଦା ମାନବିକତା, ପ୍ରେମ ଓ ସମର୍ପଣ ପଥରେ ଅଗ୍ରସର ରହିବ। ସଂସ୍ଥା ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏଭଳି ସେବାମୂଳକ ଓ ସମାଜ ହିତକର କାର୍ଯ୍ୟକ୍ରମ ଜାରି ରଖାଯିବ ବୋଲି ପଣ୍ଡା କହିଥିଲେ।


**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ ନିମ୍ନ ପ୍ରଦତ୍ତ ଗ୍ରାମଗୁଡିକ ମଧ୍ୟ ଦେଇ ଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଲାଇନ (132/33K.V) ଚାର୍ଜ କରାଯିବ, ଯାହାକି M/S AMPIN C&I THREE PVT. LTD. ଦ୍ୱାରା ନିର୍ମିତ-

| ତହସିଲ | ଗ୍ରାମ | ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ |
|---|---|---|
| କଣ୍ଟାବାଞ୍ଜି | ଚଟୁଅନକା, ବିଛୁବାହାଲି, ଡଙ୍ଗାମରା, ବୁରୋମାଲ | କଣ୍ଟାବାଞ୍ଜି |

- ତାରିଖ ତା.୦୨.୦୨.୨୦୨୬ ରିଖ
- ସମୟ- ଯେକୌଣସି ସମୟରେ ବିଦ୍ୟୁତ୍ ସରବରାହ କରାଯିବ ।

ସାବଧାନତା-ଏଣୁ ଭାରତୀୟ ବିଦ୍ୟୁତ୍ ଆଇନର ଧାରା ୧୯୫୬ ବିଭାଗ ୭୯,୮୦,୮୨ ଓ ୮୨(କ) ଅନୁଯାୟୀ ଏହି ବିଦ୍ୟୁତ୍ ତାର ତଳେ କୌଣସି ନିର୍ମାଣ କାର୍ଯ୍ୟ, ଉଚ୍ଚ ଯାନବାହନ ଚଳାଚଳ ବା କୃଷି କାର୍ଯ୍ୟ (ଉଚ୍ଚ ଠେଙ୍ଗା ବ୍ୟବହାର) କରନ୍ତୁ ନାହିଁ ।

ପଶୁଧନ-ନିଜର ଗୃହପାଳିତ ପଶୁଙ୍କୁ ଏହି ଲାଇନ ନିକଟରେ ଚରାଇବା ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ ।

**ନିର୍ଦ୍ଦେଶକ**
ସ୍ୱା/-ଉପ ମହାପ୍ରବନ୍ଧକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଜନ (O&M), ନୂଆପଡ଼ା


## ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ

**ରାଉରକେଲା,୧।୨(ଦିନେଶ ମିଶ୍ର)**

ରାଉରକେଲା ଶକ୍ତିନଗରସ୍ଥିତ ସିପିଆଇଏମ୍ ପାର୍ଟି କାର୍ଯ୍ୟାଳୟ ପରିସରରେ ରବିବାର ବିପ୍ଳବୀ ନେତା ଭଗବତୀ ଚରଣ ପାଣିଗ୍ରାହୀଙ୍କ ୧୧୯ତମ ଜୟନ୍ତୀ ପାଳିତ ହୋଇଛି। ଭଗବତୀଙ୍କ ତ୍ୟାଗ, ସଂଘର୍ଷ ଏବଂ ସାଧନାର ଅମ୍ଳାନ ସ୍ମୃତି ସର୍ବଦା ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି କାର୍ଯ୍ୟକ୍ରମରେ ପାର୍ଟିର ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା କହିଥିଲେ। ସିପିଆଇଏମ୍‌ର ବହୁ ନେତା ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ବିପ୍ଳବୀ ଜୀବନର ସ୍ମୃତିଚାରଣ କରିଥିଲେ। ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେନ୍ଦ୍ର ଦାଶ, ବି. ପି. ମହାପାତ୍ର, ବସନ୍ତ ନାୟକ, ତାଜମୁନ ନେହାର, ଭାଗୀରଥି ଟୁଡୁ, ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଲକ୍ଷ୍ମୀଧର ନାୟକ, ଏନ୍.ଏନ୍ ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଅରୁଣ ମହାରଣା ପ୍ରମୁଖ ଉପସ୍ଥିତ ରହି ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

**କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

# ଡେଞ୍ଜର ଇଲେଭେନ ଚାମ୍ପିୟନ

**ରାଉରକେଲା,୧।୨(ଦିନେଶ ମିଶ୍ର)**



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ଫାଇଟର କ୍ଲବ ପକ୍ଷରୁ ଆୟୋଜିତ ଦ୍ୱିତୀୟ ସୌମ୍ୟଜିତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ-୨୦୨୬ର ଫାଇନାଲ ମ୍ୟାଚ୍ ରବିବାର ଶେଷ ହୋଇଛି। ଉଦ୍‌ଯାପନୀ ଦିବସରେ ସମାଜସେବୀ ବିଶ୍ୱଭୂଷଣ ନନ୍ଦ ମୁଖ୍ୟ ଅତିଥି, ୱାଇସିଏର ଟ୍ରଷ୍ଟି ଶୁଭେନ୍ଦୁ ଧଳ ଓ ପଙ୍କଜ ରଜକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ମାରୁତି ଇଲେଭେନ୍ ଓ ଡେଞ୍ଜର ଇଲେଭେନ୍ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଡେଞ୍ଜର ଇଲେଭେନ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୧୬୦ ରନ୍ କରିଥିଲା। ଦଳ ପକ୍ଷରୁ ସୁଦର୍ଶନ ରେଡି ମାତ୍ର ୧୧ଟି ବଲ ଖେଳି ସର୍ବାଧିକ ୫୫ ରନ୍ କରିଥିଲେ। ଜବାବରେ ମାରୁତି ଇଲେଭେନ୍ ଦଳ ୧୦ ଓଭରରେ ତାର ସମସ୍ତ ଉଇକେଟ ହରାଇ ମାତ୍ର ୮୦ ରନ୍ କରି ମ୍ୟାଚ୍‌ରେ ପରାଜିତ ହୋଇଥିଲା। ମାରୁତି ଦଳ ପକ୍ଷରୁ ସୁଧାଂଶୁ ଶେଖର ସ୍ୱାଇଁ ୨୫ ବଲ୍ ଖେଳି ସର୍ବାଧିକ ୪୫ ରନ୍ କରିଥିଲେ। ଚାମ୍ପିୟନ ଡେଞ୍ଜର ଇଲେଭେନ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ମାରୁତି ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ସୁଦର୍ଶନ ରେଡ୍ଡୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସୁଧାଂଶୁ ଶେଖର ସ୍ୱାଇଁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ବୋଲର ଭାବେ ରୋହିତ ସ ଓ ବେଷ୍ଟ ବ୍ୟାଟର ଭାବେ ସୁଧାଂଶୁ ଶେଖର ସ୍ୱାଇଁଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ଏହି ମ୍ୟାଚ୍‌କୁ ଅମ୍ପାୟାର ନିତେଶ ସାହୁ ଓ ସନ୍ତୋଷ ବେହେରା ପରିଚାଳନା କରିଥିଲେ। ହାସନ ଅଲ୍ଲୀ ରନ୍ ତଦାରଖ କରିଥିଲେ। ବାସନ୍ତୀ ଫାଇଟର କ୍ଲବର ସନ୍ତୋଷ ବେହେରା, ଲିଟୁ ବିଶ୍ୱାଳ, ଦେବାଶିଷ ରଥ, ଶିବମ୍ ସିଂ, ପଙ୍କଜ ସାହୁ, ଲିଟୁ ବିଶ୍ୱାଳ, ସତ୍ୟମ ସିଂ, ତ୍ରିଲୋଚନ ସାହୁ, ପ୍ରିୟାଂଶୁ ପ୍ରଧାନ, ଶଶିକାନ୍ତ ସେଠୀ ପ୍ରମୁଖ ସହଯୋଗ କରିଥିଲେ।


केनरा बैंक Canara Bank | सिंडिकेट Syndicate

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲି.,** ପ୍ଲଟ୍ ନଂ.: ୪୬, ୨ୟ ମହଲା, ଇନ୍‌ଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: | କ) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମୁଖ ରାଓ, **CERSAI ID- 400022742250 /** ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/- (**କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର**) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ,** ସ୍ୱାମୀ: ବିଜୟ କିଶୋର ବେହେରା, ପ୍ଲଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬

**ସ୍ଥାନ:** ଭୁବନେଶ୍ୱର, **ତାରିଖ:** ୩୧.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ଆଜିଠୁ ଜଙ୍ଗଲ ଜମିର ସୁରକ୍ଷା କରିବେ ଗ୍ରାମବାସୀ

**ଜଙ୍ଗଲ ଜମି ଜବରଦଖଲମୁକ୍ତ ପ୍ରସଙ୍ଗ**

ଝାରସୁଗୁଡ଼ା,୧।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ଶ୍ରୀପୁରା ଗ୍ରାମପଞ୍ଚାୟତରେ ଥିବା ଏପ୍‌ସିଲନ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ ବେଆଇନ ଭାବେ ସ୍ଥାନୀୟ ଜଙ୍ଗଲ ଜମି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳିନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟ କୌଣସି ଉପାୟ ନ ପାଇ ଫେବୃଆରୀ ୨ ତାରିଖ ସୋମବାରଠାରୁ ସେମାନେ ବେଆଇନ ଉକ୍ତ ଜଙ୍ଗଲ ଜମି ସମେତ ସେଠାରେ ରୋପଣ ହୋଇଥିବା ଚାରାର ସୁରକ୍ଷା କରିବେ ବୋଲି ରବିବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶ୍ରୀପୁରା ଗ୍ରାମର ଜଙ୍ଗଲ ଜମିକୁ ଉକ୍ତ କମ୍ପାନୀ ଜବରଦଖଲ କରି ରାସ୍ତା ନିର୍ମାଣ କରିଥିଲା। ପରବର୍ତ୍ତୀ ସମୟରେ ଗ୍ରାମବାସୀ ଉକ୍ତ ଜଙ୍ଗଲ ଜମିରେ ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ ଜରିଆରେ ଜଙ୍ଗଲ ବିଭାଗ ସହିତ ମିଶି ୧୦୦୦ ଚାରା ରୋପଣ କରିଥିଲେ। ଏହାର ସୁରକ୍ଷା ପାଇଁ ବ୍ୟାରିକେଡ୍ କରାଯାଇଥିଲା। ମାତ୍ର ରାସ୍ତା ସଙ୍କୁଚିତ ହେବା ଆଳଦେଖାଇ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ଏହି ବ୍ୟାରିକେଡ୍‌କୁ ହଟାଇ ଦେଇଥିଲେ। ଏନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ପାଇଁ ଝାରସୁଗୁଡା ଡିଏଫ୍‌ଓ ଅଶୋକ ମନୁଭଇ ଏବଂ ତହସିଲଦାର କୁମ୍ଭାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ଡିଏଫ୍‌ଓ ଏବଂ ତହସିଲଦାର ତଦନ୍ତରେ ବିଳମ୍ବ କରିବା ସହ ଉକ୍ତ କମ୍ପାନୀକୁ ପରୋକ୍ଷରେ ଅନୁକମ୍ପା ଦେଖାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ, କୌଣସି କମ୍ପାନୀ ଗ୍ରାମ୍ୟ ଜଙ୍ଗଲ ଜମି ଅଧିକାର କରିବାକୁ ହେଲେ ଉକ୍ତ ଗ୍ରାମରେ ଗ୍ରାମସଭା ମାଧ୍ୟମରେ ଅଧାରୁ ଅଧିକ ଲୋକଙ୍କ ସମର୍ଥନ ଲୋଡ଼ାଯାଏ। ପରେ ଏ ସମ୍ପର୍କିତ ରିପୋର୍ଟ ଜିଲା କମିଟିକୁ ପଠାଯାଏ। ଜିଲାସ୍ତରୀୟ ନିର୍ବାଚିତ ଲୋକପ୍ରତିନିଧି ଏବଂ ଅଧିକାରୀଙ୍କ ବୈଠକରେ ତାହାକୁ ସମ୍ମତି ପ୍ରଦାନ କରାଯାଇଥାଏ। ହେଲେ ଏଠାରେ ଜନପ୍ରତିନିଧି କିମ୍ବା ଗ୍ରାମବାସୀଙ୍କ ସହିତ ଆଲୋଚନା କରାଯାଇ ନ ଥିବା ଜଣାପଡ଼ିଛି। ପୂର୍ବରୁ ଏକ ଗ୍ରାମସଭା ଆୟୋଜନ କରାଯାଇ ଉକ୍ତ ଜମି ସମେତ ଚାରାଗୁଡ଼ିକର ସୁରକ୍ଷା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ଅନୁଯାୟୀ, ସୋମବାର ସ୍ଥାନୀୟ ଜନ ପ୍ରତିନିଧି ଓ ଗ୍ରାମବାସୀ ଉକ୍ତ ଜବରଦଖଲ ସ୍ଥାନରେ ଏକଜୁଟ୍ ହେବେ। ଏହି କାର୍ଯ୍ୟରେ ସହଯୋଗ କରିବା ପାଇଁ ଜିଲାପାଳ, ଏସ୍‌ପି, ବଡ଼ମାଳ ପୋଲିସକୁ ଗ୍ରାମବାସୀ ଜଣାଇ ଦେଇଥିଲେ। ସୋମବାର ସ୍ଥାନୀୟ ଜନପ୍ରତିନିଧି ଓ ଗ୍ରାମବାସୀ ଉକ୍ତ ସ୍ଥାନରେ ଏକଜୁଟ୍ ହେବା ସମୟରେ ଡିଏଫ୍‌ଓ, ତହସିଲଦାର ସେମାନଙ୍କ କ୍ଷମତାର ଅପବ୍ୟବହାର କରି ଗ୍ରାମବାସୀଙ୍କୁ ହଇରାଣ କଲେ ସେଥିପାଇଁ ଜିଲା ପ୍ରଶାସନ ଏବଂ ଏସ୍‌ପି ଦାୟୀ ରହିବେ ବୋଲି ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଡିଏଫ୍‌ଓ ଅଶୋକ ମନୁଭଇଙ୍କୁ ମୋବାଇଲ ନମ୍ବର (୯୪୩୭୦୫୫୬୯୫)ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିଲେ। ତହସିଲଦାର କୁମ୍ଭାର କହିଛନ୍ତି, ଏହି ମାମଲା ଏନ୍‌ଜିଟିରେ ଚାଲିଛି। ଏହା ଆମ ବିଭାଗ ଅନ୍ତର୍ଭୁକ୍ତ ହୋଇ ନ ଥିବାରୁ ମତାମତ ଦେବାକୁ ମନା କରିଥିଲେ। ଏପ୍‌ସିଲନ କମ୍ପାନୀର ପ୍ଲାଣ୍ଟ ହେଡ୍ ରାକେଶ ମୋହନ କହିଛନ୍ତି, ଏ ବିଷୟରେ ଜିଲା ପ୍ରଶାସନ ଯାହା ନିଷ୍ପତ୍ତି ନେବ ତାହାକୁ ଆମେ ପାଳନ କରିବୁ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୀକ୍ଷାନ୍ତ ସମାରୋହ

ଦେବଗଡ଼,୧।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନ ଓ ଗୁରୁଜୀ ତପନ କୁମାର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସତ୍ୟନାରାୟଣ ପୂଜା କରାଯାଇଥିଲା। ବିଦ୍ୟାଳୟ ସମ୍ପାଦକ ହୃଦାନନ୍ଦ ଖୁଣ୍ଟିଆ ଉକ୍ତ ପୂଜାରେ ଛାତ୍ରୀଛାତ୍ରଙ୍କ ଆଗାମୀ ଭବିଷ୍ୟତ ଓ ପରୀକ୍ଷା ପାଇଁ ମଙ୍ଗଳ ମନାସି କର୍ତ୍ତା ଭାବରେ ଉପସ୍ଥିତ ଥିଲେ। ବିଦ୍ୟାଳୟ କୋଷାଧ୍ୟକ୍ଷ ରଞ୍ଜନ କୁମାର ପ୍ରଧାନ ଓ ଉପସ୍ଥିତ ଗୁରୁମା' ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ମାର୍ଗଦର୍ଶନ ପୂର୍ବକ ବିଭିନ୍ନ କଥାବସ୍ତୁ ଉପସ୍ଥାପନ କରିଥିଲେ। ଗୁରୁମା' ଶର୍ମିଳାରାଣୀ କର ଧନ୍ୟବାଦ ଦେଇଥିଲେ।

### ଠାକୁରପଡ଼ାରେ ନାମଯଜ୍ଞ

ଲଇକେରା,୧।୨(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ନିକ୍ତିମାଲ ପଞ୍ଚାୟତ ଅଧୀନ ଠାକୁରପଡ଼ାର କୃଷ୍ଣଗୁରୁ ଗାଦି ଗୃହରେ ରବିବାର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗାଦିଗୁରୁ ସଦାନନ୍ଦ ଭୋଇଙ୍କ ପୌରୋହିତ୍ୟ ଏବଂ ବୀର ସୁରେନ୍ଦ୍ର ସାଏ ଯୁବକ ସଂଘ ସହାୟତାରେ ଯଜ୍ଞକାର୍ଯ୍ୟ ସମାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ଡୁରେଇ, ରାନେକେଲା, ବ୍ରାହ୍ମଣୀବସା, ହଣ୍ଡାତୁପା, ଟରଙ୍ଗା, ନାଏକଡିହି ଓ ଠାକୁରପଡ଼ାର କୃଷ୍ଣଗୁରୁ ଦଳ ଯୋଗଦେଇଥିଲେ। ନରେନ୍ଦ୍ର ରାଏ, ଦୁର୍ଯ୍ୟୋଧନ କରିହା, ପୁରୋଜିତ ବାବୁ, ଦୁଃଶାସନ ବେହେରା, ହରେକୃଷ୍ଣ ଭୋଇ, ଲଳିତ ବାବୁ, ମନୋଜ ରାଉତ, ଧନୀରାମ ବେହେରାଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଦେବଗଡ଼,୧।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ସୁଗୁଡ଼ାସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସୀତାକାନ୍ତ ସାହୁ ଚାକିରିରୁ ଅବସର ଗ୍ରହଣ କରିଥିବାବେଳେ ଅନୁଷ୍ଠାନ ପକ୍ଷରୁ ରବିବାର ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତାଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପିକା ଦେବଜାନୀ କରଙ୍କ ପରିଚାଳନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ବିଭୁତି ଗଙ୍ଗଦେବମ, ପ୍ରତିଷ୍ଠାତା ସମ୍ପାଦକ ପ୍ରଦୀପ କୁମାର ଧଳ, ପୂର୍ବତନ ସଦସ୍ୟ ଉମ୍ବରୁଧର ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ସହଦେବ ସାହୁ, ଅଧ୍ୟାପକ ରଞ୍ଜନ କୁମାର ସାହୁ, ବିଜୟ କୁମାର ଶତପଥୀ, ବିଜୟ କୁମାର ପ୍ରଧାନ, ଜନସନ ସାହୁ, ଅଧ୍ୟାପିକା ସୁବ୍ରତା ସାହୁ, କ୍ରୀଡ଼ା ଶିକ୍ଷକ କାଶୀନାଥ ଶବର, କର୍ମଚାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, କିଶୋର ଚନ୍ଦ୍ର ମହାକୁଳ, ରଞ୍ଜନ ବିଶ୍ୱାଳ, ଜୟକୃଷ୍ଣ ସାହୁ, ମନୋଜ କୁମାର ସାହୁ ଓ ନରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀ ସାହୁଙ୍କ କାର୍ଯ୍ୟଶୈଳୀର ପ୍ରଶଂସା କରିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଟାଟାକୁ ହରାଇ ସୁନ୍ଦରଗଡ଼ ଚାମ୍ପିୟନ




କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

**କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ବ୍ରଜରାଜନଗର,୧।୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଓପିଏମ୍ ଖେଳପଡ଼ିଆରେ ଚାଲିଥିବା ପ୍ରଥମ ଚ୍ୟାଲେଞ୍ଜର କପ୍ ନକ୍‌ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଟାଟା ଓ ସୁନ୍ଦରଗଡ଼ ଟିମ୍ ମଧ୍ୟରେ ଖେଳାଯାଇଥିଲା। ସୁନ୍ଦରଗଡ଼ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୨ ଉଇକେଟ୍ ହରାଇ ୧୨୬ ରନ୍ କରିଥିଲା। ଜବାବରେ ଟାଟା ଟିମ୍ ୭ ଉଇକେଟ୍ ହରାଇ ୧୦୨ ରନ୍ କରି ପରାଜିତ ହୋଇଥିଲା। ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ବେଷ୍ଟ ବ୍ୟାଟର ଭାବେ ପୁରୁଷୋତ୍ତମ, ବେଷ୍ଟ ବୋଲର ନୀତିଶ, ବେଷ୍ଟ ଉଇକେଟ୍‌କିପର ସରୋଜ ଓ ବେଷ୍ଟ ଫିଲ୍ଡର ଭାବେ ରାଜୁଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଅମ୍ପାୟାର ସମୀର ସେଠୀ, ସରୋଜ ପାଣ୍ଡେ, ଅଭିଦ ହୁସେନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧ ଲକ୍ଷ ଟଙ୍କା, ରନର ଅପ୍ ଟିମ୍‌କୁ ଟ୍ରଫି ସହ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ପୌରାଧ୍ୟକ୍ଷ ଗୋପାଳ ସୀତାନୀ, ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ମଣ୍ଡଳ ସଭାପତି ତପନ ସ୍ୱାଇଁ, ସ୍ଥାନୀୟ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଯୋଗଦେଇଥିଲେ। ଚ୍ୟାଲେଞ୍ଜର କ୍ଲବ୍ ସଦସ୍ୟ ମନୀଷ ରାୟ, ବାବଲା ନାଥ, ସଞ୍ଜୟ ବାହୁବଳେନ୍ଦ୍ର, ଏନ୍. ଲିଙ୍ଗରାଜ, ସୁଜିତ୍ ଚୌଧୁରୀ, ଭିକି ରଙ୍ଗତା, ଶାଶ୍ୱତ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ଗୁଜା ପାହାଡ଼ରେ ମାଘମେଳା

ଝାରସୁଗୁଡ଼ା,୧।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଧୀନ ତିଲିଆ ନିକଟ ଗୁଜା ପାହାଡ଼ର ମହିମା ପୀଠରେ ରବିବାର ମାଘମେଳା ଅନୁଷ୍ଠିତ ହୋଇଯାଇଛି। ଏଠାରେ ଝାରସୁଗୁଡ଼ା ସମେତ ଛତିଶଗଡ଼ର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଓ ଅନ୍ୟ ପୋଲିସ ଅଧିକାରୀ ରବିବାର ସକାଳେ ଗୁଜା ପାହାଡ଼ରେ ପହଞ୍ଚି ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିଥିଲେ।



ଗୁଜା ପାହାଡ଼କୁ ସ୍ଥିତି ଅନୁଧ୍ୟାନ ପାଇଁ ଆସିଥିବା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର।

### ଶର୍ଟ ସର୍କିଟରୁ ଘର ଜଳିଗଲା

ବେଲପାହାଡ଼,୧।୨(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ଅଧୀନ ଜୋରାବଗା ଉପରପଡ଼ାରେ ରବିବାର ସନ୍ଧ୍ୟାରେ କର୍ନା ଘୁସିଙ୍କ ଘର ଜଳିଯାଇଛି। ସେ ଓ ତାଙ୍କ ପୁଅ ବିକି ଘରେ ଶୋଇଥିବାବେଳେ ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ଘରେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ଟିଭି, ଫ୍ରିଜ୍ ଓ ଅନ୍ୟ ଆସବାବପତ୍ର ପୋଡ଼ିଯାଇଥିବାବେଳେ କର୍ନା ଏବଂ ବିକିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ।

### ରେକି ସମ୍ପର୍କିତ ଆଲୋଚନାଚକ୍ର

ଦେବଗଡ଼,୧।୨(ଶଶାଙ୍କ ଶେଖର ଝାଙ୍କର)

ମାଘ ପୂର୍ଣ୍ଣିମା ଅବସରରେ ଦେବଗଡ଼ର ରେକି ମିଶନ ପକ୍ଷରୁ ସ୍ଥାନୀୟ ଏକ ଘରୋଇ ହୋଟେଲର ସମ୍ମିଳନୀ କକ୍ଷରେ ରବିବାର ରେକି ସମ୍ବନ୍ଧୀୟ ଆଲୋଚନାଚକ୍ର ଓ ଆଟୁନମେଣ୍ଟ କ୍ଲାସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଜିଲା ସଦର ମହକୁମା ସମେତ ଜିଲାର ୩ଟି ବ୍ଲକର ବିଭିନ୍ନ ସ୍ଥାନରୁ ଶତାଧିକ ଜନସାଧାରଣ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ରେକି ଶିକ୍ଷାଦ୍ୱାରା ଦୈନନ୍ଦିନ ଜୀବନରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ଏବଂ ଅବସାଦ ଆଦିର ସରଳ ସମାଧାନ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନୁତନ ଭାବେ ୨୫ ଜଣଙ୍କୁ ରେକି ଶିକ୍ଷା ପ୍ରଦାନ କରାଯାଇଥିଲା। ରେକି ମିଶନର ପ୍ରତିଷ୍ଠାତାଙ୍କ ତତ୍ତ୍ୱାବଧାନରେ ଗ୍ରାଣ୍ଡ ମାଷ୍ଟର ବିଭୁତି ଭୂଷଣ ଭୋଳ ରେକି ଶିକ୍ଷା ପ୍ରଦାନ କରିଥିଲେ। ପ୍ରଦୀପ ଛତ୍ରିଆଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେକି ମିଶନର ଆବାହକ ନବୀନ କୁମାର ମହାନ୍ତି, ହିରାମଣୀ ବେହେରା, ନିରଞ୍ଜନ ଛତ୍ରିଆ, କ୍ଷେତ୍ରବାସୀ ମେହେର, ରତନଲାଲ ମୋଦୀ ଓ ପ୍ରଶାନ୍ତ ଦେବଙ୍କ ସମେତ ରେକି ମିଶନର ବହୁ ସଦସ୍ୟା, ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

# ପର୍ଯ୍ୟଟନ ସ୍ଥଳକୁ ପ୍ଲାଷ୍ଟିକ୍‌ମୁକ୍ତ ପାଇଁ ସଚେତନତା



ସଚେତନତା ସଭାରେ ଉପସ୍ଥିତ ଅତିଥିବୃନ୍ଦ।

ଲଖନପୁର,୧।୨(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ବନାଞ୍ଚଳ ଅଧୀନ ରମ୍ପାଲୁଗା ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ରବିବାର ରମ୍ପାଲୁଗାଠାରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ଼ ବନାଞ୍ଚଳ ଅଧିକାରୀ ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡ଼ା ବନ୍ୟପ୍ରାଣୀ ସଂରକ୍ଷକ ପ୍ରହଲ୍ଲାଦ ନାୟକ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ସମ୍ବିତ୍ ମୁଣ୍ଡା, ଜିଲା ପରିବେଶ ସମିତିର ଆଜୀବନ ସଭ୍ୟ ବିଜୟ ବେହେରା, ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅନୁପ ନାୟକ, ପରିବେଶ ସମିତି ସଦସ୍ୟ ଗୋବିନ୍ଦ ସାକୁନିଆ, ପରିବେଶବିତ୍ ହମିଦ୍ କୁମାର ମହାପାତ୍ର, ପୂର୍ବତନ ଶିକ୍ଷୟିତ୍ରୀ ତଥା କବି ଅଞ୍ଜଳି ପଟ୍ଟନାୟକ, ଜ୍ୟୋସ୍ନାମୟୀ ନାୟକ, ପଞ୍ଚାନନ ପାଣିଗ୍ରାହୀ, ସୁନାରି ସରପଞ୍ଚ ନନ୍ଦିନୀ ସାହୁ, ପଣ୍ଡରୀ ସରପଞ୍ଚ ସୁବାସିନି ସାହୁ, ଗୁଦୁଲିମାଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବରୁଣ ମିର୍ଦ୍ଧା, ଉଦ୍ଧବ ସା, କ୍ଷେତ୍ରମୋହନ ସୁନା, ଅନ୍ୟ ଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍ ବ୍ୟବହାର ଏଡାଇବା ସହ ରମ୍ପାଲୁଗା ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକ୍‌ମୁକ୍ତ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦିଲୀପ ପଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତ ଅତିଥି, ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ। ଏଥିସହ ଏକ ଶୋଭାଯାତ୍ରା ମାଧ୍ୟମରେ ପ୍ଲାଷ୍ଟିକ୍ ମୁକ୍ତ ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଶେଷରେ ସମସ୍ତେ ମିଶି ରମ୍ପାଲୁଗା ପର୍ଯ୍ୟଟନ ସ୍ଥଳକୁ ସଫେଇ କରିଥିଲେ। ଫରେଷ୍ଟର ସୌଦାଗର କିଷାନ, ସୁନୀଲ କୁମାର ଭୋଇ, ଲଳିତ ଅଡ୍ଡା, ସଙ୍ଗୀତା ସାମନ୍ତରାୟ, ସରୋଜ ଖମାରୀ, ପ୍ରଦୀପ ବେସନ, ମୁନି କୁମାରୀ ଦାସଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିବୃନ୍ଦ।

ବେଲପାହାଡ଼,୧।୨(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ପିଏମ୍‌ଶ୍ରୀ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଇଓ ଗିରିଧାରୀ ଭୋଇ, ସମ୍ମାନିତ ଅତିଥି ଭାବେ ପିପିଲିମାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପିତା ପଟେଲ, ଛୁଆଲିବେର୍ଣ୍ଣା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ପାତ୍ର, ବିଆର୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକ, ସ୍ଥାନୀୟ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ସୌଭାଗିନୀ ପରିଜା, ବେଲପାହାଡ଼ ସିଆର୍‌ସିସି ଯୁବରାଜ ସିଂ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଅତିଥି, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷାପ୍ରେମୀ ଯୋଗଦେଇ ଗୀତାଞ୍ଜଳିଙ୍କର ଶିକ୍ଷା ପ୍ରତି ଥିବା ପ୍ରତିବଦ୍ଧତା, କର୍ତ୍ତବ୍ୟନିଷ୍ଠା ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ପଟେଲ ତାଙ୍କୁ ପ୍ରୋଭିଜିନାଲ ପେନ୍‌ସନ୍‌ର ଆଦେଶପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ମହେଶ ଚନ୍ଦ୍ର ପଧାନ ମଞ୍ଚ ସଞ୍ଚାଳନ ଓ ନିତ୍ୟାନନ୍ଦ ନାଏକ ଧନ୍ୟବାଦ ଦେଇଥିଲେ।


**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ ନିମ୍ନ ପ୍ରଦତ୍ତ ଗ୍ରାମଗୁଡିକ ମଧ୍ୟ ଦେଇ ଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଲାଇନ (132/33K.V) ଚାର୍ଜ କରାଯିବ, ଯାହାକି M/S AMPIN C&I THREE PVT. LTD. ଦ୍ୱାରା ନିର୍ମିତ–

| ତହସିଲ | ଗ୍ରାମ | ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ |
|---|---|---|
| କଣ୍ଟାବାଞ୍ଜି | ଚଟୁଅନକା, ବିଛୁବାହାଲି, ଡଙ୍ଗାମରା, ବୁରୋମାଲ | କଣ୍ଟାବାଞ୍ଜି |

- ତାରିଖ ତା.୦୨.୦୨.୨୦୨୬ ରିଖ
- ସମୟ– ଯେକୌଣସି ସମୟରେ ବିଦ୍ୟୁତ୍ ସରବରାହ କରାଯିବ ।

ସାବଧାନତା–ଏଣୁ ଭାରତୀୟ ବିଦ୍ୟୁତ୍ ଆଇନର ଧାରା ୧୯୫୬ ବିଭାଗ ୭୯,୮୦,୮୨ ଓ ୮୨(କ) ଅନୁଯାୟୀ ଏହି ବିଦ୍ୟୁତ୍ ତାର ତଳେ କୌଣସି ନିର୍ମାଣ କାର୍ଯ୍ୟ, ଉଚ୍ଚ ଯାନବାହନ ଚଳାଚଳ ବା କୃଷି କାର୍ଯ୍ୟ (ଉଚ୍ଚ ଠେଙ୍ଗା ବ୍ୟବହାର) କରନ୍ତୁ ନାହିଁ ।

ପଶୁଧନ–ନିଜର ଗୃହପାଳିତ ପଶୁଙ୍କୁ ଏହି ଲାଇନ ନିକଟରେ ଚରାଇବା ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ ।

ନିର୍ଦ୍ଦେଶକ
ସ୍ୱା/–ଉପ ମହାପ୍ରବନ୍ଧକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଜନ (O&M), ନୂଆପଡ଼ା


# ୧୨ରେ ହରତାଳ ସଫଳ ପାଇଁ ଆହ୍ୱାନ

**ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, କିଷାନ ମୋର୍ଚ୍ଚାର ମିଳିତ ସମ୍ମିଳନୀ**

ଝାରସୁଗୁଡ଼ା,୧।୨(ଆଶିଷ ରଞ୍ଜନ ଦାଶ)




ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଝାରସୁଗୁଡ଼ା ବିଜୁନଗରସ୍ଥିତ ବୀର ସୁରେନ୍ଦ୍ର ସାଏ ଭବନରେ ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଏକ ସମ୍ମିଳନୀ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ କ୍ଷେତ୍ରରେ ସ୍ଥିତି ଖରାପ ହେବାରେ ଲାଗିଛି। ଭାରତର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଗତ ୯ ତାରିଖରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ ଦେଶର ସମସ୍ତ କ୍ଷେତ୍ରରେ କ୍ରମଶଃ ଖରାପ ହେଉଥିବା ସ୍ଥିତିକୁ ବିଶ୍ଳେଷଣ କରାଯାଇ ଆସନ୍ତା ୧୨ ତାରିଖରେ ହେବାକୁ ଥିବା ହରତାଳ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। କେନ୍ଦ୍ର ସରକାର ୪ଟି ଶ୍ରମ କୋଡ୍ ପରିବର୍ତ୍ତନ କରି ଦେଶର ଶ୍ରମିକଙ୍କୁ ନିରସ୍ତ୍ର କରିଦେଇଛନ୍ତି। ଦେଶରେ ବେରୋଜଗାରକାରୀଙ୍କ ସଂଖ୍ୟା ବଢ଼ିଚାଲିଛି। ଗଣତାନ୍ତ୍ରିକ ଅଧିକାର ଉପରେ ଲଗାମହୀନ ଆକ୍ରମଣ, ସଂଖ୍ୟାଲଘୁମାନଙ୍କ ଜୀବନ ବିପନ୍ନ ହେବା ସହିତ ସାମ୍ବିଧାନିକ ଅନୁଷ୍ଠାନଗୁଡିକୁ ଦୁର୍ବଳ କରି ଦିଆଯାଉଛି। ସରକାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକୁ ଘରୋଇକରଣ କରିଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ଦେଶବ୍ୟାପୀ ହେବାକୁ ଥିବା ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆଇଟିୟୁ ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ସାଥୀ ବିଷ୍ଣୁ ମହାନ୍ତି, ଏଆଇଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ସାଥୀ ଅଶୋକ ଦାସ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଜିଲା ସିଆଇଟିୟୁ ସମ୍ପାଦକ ସାଥୀ ଗୌରୀଶଙ୍କର ପାତ୍ର, ଏଆଇଟିୟୁସି ଝାରସୁଗୁଡ଼ା ଜିଲା ସମ୍ପାଦକ ସାଥୀ ସାରଙ୍ଗଧର ମିଶ୍ର, ଝାରସୁଗୁଡ଼ା ନଗର କଂଗ୍ରେସ ସଭାପତି ଦେବାନନ୍ଦ ବାରିକ, ସଞ୍ଜୟ ମହାପାତ୍ର, ଆଦିବାସୀ ମହାସଭାର ଉପଦେଷ୍ଟା ପ୍ରଭାକର ଓରାମ, ଅଖିଳ ଭାରତୀୟ ଗଣ୍ଡୱାନା ଗଣ୍ଡ ମହାସଭା ଝାରସୁଗୁଡ଼ା ଜିଲା ସମ୍ପାଦକ ଶ୍ୟାମଲାଲ ନାଏକ, ଓଡ଼ିଶା ଆଶାକର୍ମୀ ଆସୋସିଏଶନ ସମ୍ପାଦକ ଏଚ୍. ଏନ୍. ଯାଦବ, ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନର ସାଧାରଣ ସମ୍ପାଦକ ସାଥୀ ବାସୁଦେବ ଧୁରୁଆ, ଟିକେଶ୍ୱର ରୋହିଦାସ, ଅର୍ଜୁନ ସିଂ, ରମାକାନ୍ତ ନାଏକ ଯୋଗଦେଇଥିଲେ।


केनरा बैंक Canara Bank | ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲି.,** ପ୍ଲଟ୍ ନଂ.: ୪୬, ୨ୟ ମହଲା, ଇନ୍‌ଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ୍ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ,** ସ୍ୱାମୀ: ବିଜୟ କିଶୋର ବେହେରା, ପ୍ଲଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ | କ) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲ, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମୁଖ ରାଓ, CERSAI ID- 400022742250 / ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/- (କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୦୧.୨୦୨୬ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ତୋର୍ଚ୍ଚା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୂଆପଡ଼ା,୧।୨ (ମକାରୁ ବେମାଲ): ନୂଆପଡା ସଦର ବ୍ଲକ ତୋର୍ଚ୍ଚା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରେମଲାଲ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନୂଆପଡା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲା ପରିଷଦ ଭରତଲାଲ ରାଉତ, ସ୍ଥାନୀୟ ସରପଞ୍ଚ ମୋତିଲାଲ ଉଜୀର,ବୂଳାଭାଟ ସରପଞ୍ଚ ଚମ୍ପାବାଇ ଠାକୁର,ସିଆରସିସି ପଦ୍ମନ ବିଶି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କିଶୋର ଚନ୍ଦ୍ର ପ୍ରଧାନ ଓ ଜୟକୃଷ୍ଣ ସୁନାନୀ ମଞ୍ଚ ପରିଚାଳନା, ସଂଗ୍ରାମ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରଜମୋହନ ସାହିତ୍ୟ ସମିତିର ପୁନରୁତ୍ଥାନ କରାଯିବ

ଭବାନୀପାଟଣା, ୧।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଗଡ଼ଜାତର ଐତିହ୍ୟ ସମ୍ପନ୍ନ ବ୍ରଜ ମୋହନ ସାହିତ୍ୟ ସମିତିର ପୁନରୁତ୍ଥାନ କରାଯିବ। ରବିବାର କଳାହାଣ୍ଡି ରାଜ ପ୍ରାସାଦରେ ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବିଂଶ ଶତାବ୍ଦୀର ୪୦ ଦଶକରେ ୩୦ତମ ନାଗବଂଶୀ ଶାସକ ମହାରାଜା ବ୍ରଜ ମୋହନ ଦେଓଙ୍କ ସ୍ମୃତିରେ ତାଙ୍କ ପୁତ୍ର ମହାରାଜା ପ୍ରତାପ କେଶରୀ ଦେଓଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରଜ ମୋହନ ସାହିତ୍ୟ ସମିତି ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଶାର ଏକ ଗୌରବମୟ ସାହିତ୍ୟ ଅନୁଷ୍ଠାନ ଥିଲା। ଓଡ଼ିଶାର ବହୁ ବିଦ୍ୱାନ, କବି, ଲେଖକ, ତର୍କଶାସ୍ତ୍ରୀ, ସଂସ୍କୃତ ପଣ୍ଡିତମାନେ ବ୍ରଜମୋହନ ସାହିତ୍ୟ ସମିତିରେ ଯୋଗ ଦେଉଥିଲେ। ସାହିତ୍ୟ ସଭା, ବକ୍ତବ୍ୟ, ତର୍କ, ପଦ୍ୟାନ୍ତ, ବେଦ, ବେଦାନ୍ତ ସମ୍ପର୍କରେ ବିଭିନ୍ନ ପ୍ରତିଯୋଗିତା



କଳାହାଣ୍ଡି ରାଜ ପ୍ରାସାଦରେ ଅନୁଷ୍ଠିତ ବୈଠକରେ ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ସମେତ ଅନ୍ୟମାନେ।

ଆୟୋଜନ ହେଉଥିଲା। ବ୍ରଜମୋହନ ସାହିତ୍ୟ ସମିତି ଦ୍ୱାରା ଖଡ଼ିଆଳ ମହାରାଜା ଅନୁପ ସିଂହଦେଓଙ୍କୁ କବି ସୌରଭ ସମ୍ମାନ ଓ ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ପ୍ରଫୁଲ୍ଲ ରଥଙ୍କୁ ନାଟ୍ୟରଶ୍ମି ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଶାର ବହୁ ଗଡଜାତର ଦରବାରୀ କବି ଓ ଦରବାରୀ ପଣ୍ଡିତମାନେ ବ୍ରଜ ମୋହନ ସାହିତ୍ୟ ସମିତିରେ ଅଂଶ ଗ୍ରହଣ କରିଥିଲେ। ବିଂଶ ଶତାବ୍ଦୀର ୭୦ ଦଶକ ଯାଏଁ ଏହି ସମିତି ଓଡ଼ିଶାର ସାହିତ୍ୟ କ୍ଷେତ୍ରର ଏକ ପ୍ରମୁଖ ଅନୁଷ୍ଠାନ ଭାବରେ ସୁଖ୍ୟାତି ଅର୍ଜନ କରିଥିଲା। ଏହିଭଳି ଏକ ଐତିହ୍ୟ ସମ୍ପନ୍ନ ଅନୁଷ୍ଠାନକୁ ପୁନରୁତ୍ଥାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କେବଳ ସାହିତ୍ୟ ନୁହେଁ କଳାହାଣ୍ଡିର କଳା, ସଂସ୍କୃତି ସମେତ ଆଧୁନିକ ଯୁଗର ବିଭିନ୍ନ ବିଷୟ ଉପରେ ଏହି ସଂସ୍ଥା ଜିଲାର ସମସ୍ତ ବୁଦ୍ଧିଜୀବୀ, ସାହିତ୍ୟିକ, ମହିଳା, ଯୁବକ ଓ ଛାତ୍ରମାନଙ୍କୁ ନେଇ କାର୍ଯ୍ୟ କରିବ ବୋଲି ବୈଠକରେ ସ୍ଥିର କରାଯାଇଛି। ପ୍ରତି ମାସରେ ଗୋଟିଏ ବ୍ରଜମୋହନ ଦେଓ ବକ୍ତୃତାମାଳା ଆୟୋଜନ କରାଯିବ ଓ ପ୍ରତିବର୍ଷ ବାର୍ଷିକ ଉତ୍ସବ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି। ଚଳିତ ଫେବୃଆରୀ ୧୯ ତାରିଖ ଅପରାହ୍ଣ ୪ଟାରେ ବ୍ରଜ ମୋହନ ସାହିତ୍ୟ ସମିତି ପକ୍ଷରୁ ସଭା ମଣ୍ଡପରେ ପ୍ରଥମ ମାସିକ ବକ୍ତୃତାମାଳା 'ଆଧୁନିକ କଳାହାଣ୍ଡିର ନିର୍ମାତା ବ୍ରଜ ମୋହନ ଦେଓ' ଶୀର୍ଷକ ବକ୍ତୃତାମାଳା ଅନୁଷ୍ଠିତ ହେବ। ଏଥିରେ ଲେଖକ ତଥା ଗବେଷକ ଉମାଶଙ୍କର କର ବକ୍ତବ୍ୟ ପ୍ରଦାନ କରିବେ। ବୈଠକରେ ଭାରତ ଭୂଷଣ ଦେଓ, ନାଟ୍ୟକାର ଡ. ଉମେଶ ଶତପଥୀ, ଗବେଷକ ଉମାଶଙ୍କର କର, ସଂସ୍କୃତି ଗବେଷକ ସତ୍ୟ ନାରାୟଣ ମହାପାତ୍ର, ଜୟନ୍ତ ବେହେରା, ଡ. ଅଜୟ ମିଶ୍ର, ଶିଳ୍ପୀ ତରୁଣ ମହାପାତ୍ର, ଅଶୋକ ନେଗି, ସରୋଜ ନନ୍ଦ, ଉମାଶଙ୍କର ବାବୁ, ସୁମନ ରଥ ପ୍ରମୁଖ ଯୋଗ ଦେଇଥିଲେ।

## ଓଡ଼ିଶା ଇତିହାସ କଂଗ୍ରେସର ବାର୍ଷିକ ଅଧିବେଶନ

ଭବାନୀପାଟଣା,୧।୨(ଉତ୍ତମ କୁମାର ଦାଶ)

- ଡ. ବାବା ମିଶ୍ର ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ
- ସାଧାରଣ ସମ୍ପାଦକ ନିର୍ବାଚନ ସ୍ଥଗିତ ରହିଲା
- ଭୋଟବାକ୍ସକୁ ଫିଙ୍ଗିଦେଲେ

କଳାହାଣ୍ଡି ଜିଲା ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା ଓଡ଼ିଶା ଇତିହାସ କଂଗ୍ରେସର ୪୫ ତମ ବାର୍ଷିକ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରିଥିଲେ। କୁଳସଚିବ ଡ. ଗୁଣନିଧି ନାଏକ, ଓଡିଶା ଇତିହାସ କଂଗ୍ରେସର ସଭାପତି ଡ. ବାବା ମିଶ୍ର, ସାଧାରଣ ସମ୍ପାଦକ ଡ. ସୁବାଷ ଚନ୍ଦ୍ର ବାରିକ ଯୋଗଦେଇଥିଲେ। ଉତ୍ସବରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟଅତିଥି, ସମ୍ବଲପୁର ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ.ଦଧିବାମନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଇତିହାସର ଗୁରୁତ୍ୱ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଓ ବିଭିନ୍ନ ଇତିହାସ ପୁସ୍ତକ ଉନ୍ମୋଚନ ହୋଇଥିଲା। ପ୍ରଫେସର କରୁଣାସାଗର ବେହେରା ସ୍ମାରକୀ ବକ୍ତୃତା ପ୍ରଫେସର ନିବେଦିତା ମହାନ୍ତି ଉପସ୍ଥାପନ କରିଥିଲେ। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଝରଣାରାଣୀ ଧଙ୍ଗଡାମାଝୀ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିବାବେଳେ ଇତିହାସ ବିଭାଗର ମୁଖ୍ୟ ତଥା ଓଡିଶା ଇତିହାସ କଂଗ୍ରେସର ଆଞ୍ଚଳିକ ସମ୍ପାଦକ ଡ. ନଳିନୀକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଶା ଇତିହାସ କଂଗ୍ରେସର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ଼. ବାବା ମିଶ୍ର ସଭାପତି ଭାବରେ ନିର୍ଦ୍ୱନ୍ଦ ରେ ନିର୍ବାଚିତ ହୋଇଥିଲେ। ସାଧାରଣ ସମ୍ପାଦକ ପାଇଁ ବ୍ୟାଲଟ ରେ ଭୋଟ ଗ୍ରହଣ ଅଧା ଚାଲିଥିବା ବେଳେ ହଙ୍ଗାମା ହୋଇଥିଲା। ଏପରିକି ଉତ୍ତ୍ୟକ୍ତ ହୋଇ ଜଣେ ଅଧ୍ୟାପକ ଭୋଟବାକ୍ସ କୁ ନେଇ ବିଶ୍ୱବିଦ୍ୟାଳୟ ବାହାରେ ପାଣି ଥିବା ଏକ ସିମେଣ୍ଟ କୁଣ୍ଡରେ ଫିଙ୍ଗିଦେଇଥିଲେ। ପରେ ନିର୍ବାଚନ କୁ ସ୍ଥଗିତ ରଖାଯାଇଥିଲା। ଏ ନେଇ ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ଡ. ବାବା ମିଶ୍ର ଙ୍କୁ ପଚାରିବାରୁ ନିର୍ବାଚନ ରେ କେବଳ ଆଜୀବନ ସଦସ୍ୟ ଅଂଶ ଗ୍ରହଣ କରିବାର ନିୟମ ଥିବା ବେଳେ କିଛି ପିଜି ଛାତ୍ର ମଧ୍ୟ ଭୋଟ ଦେଇଥିବା ଯୋଗୁଁ ନିର୍ବାଚନକୁ ସ୍ଥଗିତ ରଖାଗଲା ବୋଲି କହିଥିଲେ।

## ଅନ୍ଧ, ମୂକ, ବଧିର ବିଦ୍ୟାଳୟରେ ନାବାଳିକାଙ୍କୁ ଅସଦାଚରଣ

ଭବାନୀପାଟଣା,୧।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ପରମାନନ୍ଦପୁରସ୍ଥିତ ରେଡ୍‌କ୍ରସ ଅନ୍ଧ, ମୂକ, ବଧିର ବିଦ୍ୟାଳୟରୁ ଆସିଛି ସାଂଘାତିକ ଅଭିଯୋଗ । ବିଦ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଛାତ୍ରୀମାନେ। ମାମଲା ଜିଲାପାଳଙ୍କ ନିକଟରେ ପହଞ୍ଚିବା ପରେ ତନାଘନା ଆରମ୍ଭ ହୋଇଛି । ଅଭିଯୋଗ ପାଇବା ପରେ ଜିଲାପାଳ ପାୱାର ସଚିନ ପ୍ରକାଶ ଏହି ଘଟଣାରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରିଛନ୍ତି। ଏହି ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଏବେ ଫେରିଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ,ପରମାନନ୍ଦପୁର ନିକଟସ୍ଥ ରେଡକ୍ରସ ଅନ୍ଧ, ମୂକ, ବଧିର ବିଦ୍ୟାଳୟର ସମସ୍ତ ଛାତ୍ରୀ ମୂକ ଓ ବଧିର। ବିଦ୍ୟାଳୟର ଜଣେ ପୁରୁଷ ୱାର୍ଡନ ନାବାଳିକା ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର ଦେଖାଇବା ସହ ଅସଦାଚରଣ କରୁଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ କଳାହାଣ୍ଡି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର କହିଛନ୍ତି, 'ବିଦ୍ୟାଳୟ କର୍ମଚାରୀଙ୍କ ବିରୋଧରେ ଏ ନେଇ ଅଭିଯୋଗ ଆସିଛି। ଏହି କର୍ମଚାରୀ ପିଲାମାନଙ୍କୁ ମାନସିକ ନିର୍ଯାତନା ଦେବା ସହ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗରେ କୁହାଯାଇଛି।

# ଭୀମା ଦେବଙ୍କ ବାଲିଯାତ୍ରା ମହୋତ୍ସବ

କୋକସରା,୧।୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)



କୁଟ୍ରୁ ଗାଁରେ ଭୀମା ଦେବଙ୍କ ବାଲିଯାତ୍ରା ମହୋତ୍ସବରେ ଗହଳି ଲାଗିଛି।

ସାହାଜଖୋଲ ସଂରକ୍ଷିତ ଜଙ୍ଗଲ, ପାହାଡ଼ ମଧ୍ୟରେ ଅବସ୍ଥିତ କୋକସରା ବ୍ଲକ ଆମପାଣି ପଞ୍ଚାୟତର କୁଟ୍ରୁ ଗ୍ରାମରେ ଗତ ୯ ଦିନ ଧରି ଚାଲିଥିବା ଅଣ୍ଡିରା ଭିମା ଦେବଙ୍କ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୩ବର୍ଷ ପରେ ଏହି ବାଲିଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଥିବାରୁ ଗାଁରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। ଶନିବାର ବାଲିଯାତ୍ରାର ଉଦ୍‌ଯାପନୀ ଉତ୍ସବ ରହିଥିବା ବେଳେ ବାଲି ଗୁଡି ନିକଟରୁ ଲାଠି ଯାତ୍ରା ବାହାରି ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପୂଜାବିଧି ପରେ ସନ୍ଧ୍ୟାରେ ବଳି ଦିଆଯାଇଥିଲା। ପୂଝାରୀ ଜଗନ୍ନାଥ ପୂଝାରୀ ବଳି କାର୍ଯ୍ୟ ସମ୍ପାଦନ କରିଥିଲେ। ବିଶ୍ୱାସ ରହିଛି ଏହି ବାଲିଯାତ୍ରା ପାଳନ କଲେ ଗାଁର ମଙ୍ଗଳ ହେବା ସହିତ ଚାଷବାସ ଭଲ ହୋଇଥାଏ। ୯ ଦିନ ଧରି ଗୁରୁମେ ମାଝୀ ପୂଜାର୍ଚ୍ଚନା ସମ୍ପନ୍ନ କରିବା ସହ କାଳିଶୀ ଚଢ଼ିଥିବା ଲୋକଙ୍କ ମଧ୍ୟରେ ଭିମାଦେବ ସହିତ ବିଭିନ୍ନ ଦେବାଦେବୀଙ୍କୁ ଚିହ୍ନଟ କରିଥିଲେ। ଭିମା ଦେବଙ୍କ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପନୀ ଅବସରରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ଜିତେନ୍ଦ୍ର ପଣ୍ଡା, ଆମପାଣି ଗୌନ୍ତିଆ ରତ୍ନରାଜ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ପାଟ୍ଟଯୋଷୀ ବାଲି ଗୁଡିରେ ଭିମାଦେବଙ୍କ ନିକଟରେ ଲୋକଙ୍କ ମଙ୍ଗଳ କାମନା କରିଥିଲେ। ପରେ କୁଟ୍ରୁ ଗ୍ରାମବାସୀଙ୍କ ସହିତ ଗାଁର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଲୋକେ ରାସ୍ତା, ପାନୀୟଜଳ, ବିଦ୍ୟୁତ୍ ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରି ଶୀଘ୍ର ସମାଧାନ କରିବା ପାଇଁ କହିଥିଲେ। ବିଧାୟକ ପାଟ୍ଟଯୋଷୀ ରାସ୍ତା ସମସ୍ୟା ଶୀଘ୍ର ସମାଧାନ ହେବ, ଟେଣ୍ଡର ପ୍ରକ୍ରିୟାରେ ରହିଥିବା ଲୋକଙ୍କୁ କହିଥିଲେ ଏବଂ ଗାଁରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ରହିଥିବା ବେଳେ ଅପଗ୍ରେଡ କରିବା ପାଇଁ ଦୃଷ୍ଟି ଦିଆଯିବ ବୋଲି ମଧ୍ୟ କହିଥିଲେ। ପରେ ଗାଁରେ ବୁଲି ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ବିଧାୟକଙ୍କ ସହିତ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ପୂର୍ବତନ ଆମପାଣି ମଣ୍ଡଳ ସଭାପତି ଅର୍ଜ୍ଜୁନ ଭାଟି, ପୂର୍ବତନ ମଣ୍ଡଳ ଉପସଭାପତି ଚକ୍ରଧର ବେଶ୍ରା, ପୂର୍ବତନ ସାଧାରଣ ସମ୍ପାଦକ ସନ୍ତୋଷ ମାଝୀ, ଆମପାଣି ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ତ୍ରୈଲୋକ୍ୟ ବେଶ୍ରା, ବୈଷ୍ଣବ ମାଝୀ, ପାରେଶ୍ୱର ପୂଝାରୀ, ପୂର୍ବତନ ସରପଞ୍ଚ ସୁବାଷ ଚନ୍ଦ୍ର ନାଏକ, ଧରିତ୍ରୀ ବାଗ, ସାଧାରଣ ସମ୍ପାଦକ ତୁଳାରାମ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପନୀ ଅବସରରେ ନାଟକ ପରିବେଷଣ ହୋଇଥିଲା। ବାଲିଯାତ୍ରା କମିଟିର ସଭାପତି ଉଦ୍ଧବ ଠାକୁର, ସମ୍ପାଦକ ଧନୁର୍ଜୟ ପୂଝାରୀ, କୋଷାଧ୍ୟକ୍ଷ ଗଗନେଶ୍ୱର ଠାକୁର, ସଦନ ମାଝି, ବିଳୀ ମାଝୀ, ତ୍ରିନାଥ ମାଝୀ, ଅଭି ମାଝୀଙ୍କ ସମେତ ଲେଖାଆମ, ଗର୍ଲିମାଲ, ବାଗଝରନ, ସର୍ଗିପାନୀ ଆଦି ଗ୍ରାମର ଲୋକେ ସାମିଲ ହୋଇ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ।

## ଧବଳେଶ୍ୱର ଶୈବପୀଠରେ ଶିବରାତ୍ରି ମେଳା ପାଇଁ ପ୍ରସ୍ତୁତି

ପଲମ/ତୁଣ୍ଡଲା,୧।୨ (ଭିକାରି ଗଡ଼ଡ଼/ଫିରୋଜ ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ପଞ୍ଚାୟତସ୍ଥିତ ବେଲଖଣ୍ଡି ଧବଳେଶ୍ୱର ଶୈବପୀଠରେ ଆସନ୍ତା ଶିବରାତ୍ରି ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମିଟିର ଅଧ୍ୟକ୍ଷ ଚକାମନ ନାଏକଙ୍କ ନିର୍ଦ୍ଦେଶନାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଯୋଗଦାନ କରି ପ୍ରତ୍ୟେକ କାର୍ଯ୍ୟ ସୂଚାରୁ ଭାବେ କରିବା ପାଇଁ ମତବ୍ୟକ୍ତ କରିଥିଲେ। ବଲାଙ୍ଗୀର ଜିଲା ସଇଁତଲା ସରପଞ୍ଚ ସୁବ୍ରତ ନାଗ, ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ, ରେଗେଡ଼ା ସରପଞ୍ଚ ଦୀପ୍ତିରାଣୀ ସାହୁ, ସରଗୁଲ ମାଳପଡ଼ା ସରପଞ୍ଚ ବରୁଣ ଛତ୍ରିଆ, ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗ, ବେଲଖଣ୍ଡି ଗୌନ୍ତିଆ ଅକ୍ଷୟ ସାହୁ, ପଲମ ଫାଣ୍ଡି ଅଧିକାରୀ ସୁବୋଧ ଫୁଲ, ସମାଜସେବୀ ଆର୍ତ୍ତତ୍ରାଣ ସିଂଦେଓ, ଶ୍ରେଷ୍ଠ ପୂଜାରି ଦାରିକା ସିଂଦେଓ, କମିଟିର ସମ୍ପାଦକ ପ୍ରଦୀପ ଦୋରା ଓ ବେଲଖଣ୍ଡି ଗ୍ରାମର ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶିବରାତ୍ରି ମେଳା କିପରି ଭାବରେ ସୁରୁଖୁରୁରେ ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ। ସମସ୍ତେ ଏକମତ ହୋଇ ପାଳନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ୭ ତାରିଖ ଏକ ବୈଠକ ହେବା ପାଇଁ ସ୍ଥିର ହୋଇଛି।



ଶିବରାତ୍ରି ମେଳା ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଞ୍ଚଳବାସୀ।

## ଶ୍ରୀକୃଷ୍ଣ ଲୀଳାର ଶତବାର୍ଷିକୀ ପାଳନ

ଖଡ଼ିଆଳ,୧।୨(ସୁଜିତ କୁମାର ପ୍ରଧାନ)

କଳା, ସାହିତ୍ୟ, ସଂସ୍କୃତି ଧର୍ମପରାୟଣା ଗାଁ ଖଡ଼ିଆଳର ଦାମାପଲାରେ ବାର ମାସରେ ତେର ପର୍ବ ଅନୁଷ୍ଠିତ ହେଉଥିଲେ ହେଁ ପିଢ଼ିପିଢ଼ି ଧରି ପବିତ୍ର କାର୍ତ୍ତିକ ମାସରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ବହୁ ହର୍ଷଉଲ୍ଲାସର ସହ ପାଳିତ ହୋଇଥାଏ। ୧୯୦୬ ମସିହାରୁ ଆରମ୍ଭ ହୋଇଥିବା ଏହି ଲୀଳା ଆଜକୁ ୧୨୦ବର୍ଷର ପୂର୍ତ୍ତି ଅବସରରେ ମାଘ ପୂର୍ଣ୍ଣମାରେ ତା'ର ଶତ ବାର୍ଷିକୀ ପାଳନ କରିଛି। ୫ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଙ୍ଗଳା ଭାଷାରେ ଲିଖିତ ପୁରାଣ ପଠନ କରି ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଲୀଳାଠାରୁ ନେଇ ବାତ୍ସଲ୍ୟ, ଦଧି ମନ୍ଥନ, ଗୋଷ୍ଟ, କାଳିଅଦଳନ ଭଳି ଅନେକ ଲୀଳା ଆୟୋଜିତ ହୋଇଥିଲା। ଏଥିରେ ଭଗବାନ ଶ୍ରୀକୃଷ୍ଣଙ୍କ ସହ ବଳରାମ, ଦାମ, ସୁଦାମ, ମଧୁମଙ୍ଗଳ ସହ ଯଶୋଦା, ବାସୁଦେବ, କଂସଙ୍କ ଭଳି ଅଭିନୟରେ ଅଭିନୀତ କରି ଦର୍ଶକଙ୍କ ମନମୋହିଥିଲେ। ଏହି ଶତବାର୍ଷିକୀ ଅବସରରେ ୫ଦିନ ବ୍ୟାପି ସ୍ଥାନୀୟ ଅଞ୍ଚଳରେ କଳାକ୍ଷେତ୍ରରେ ଖ୍ୟାତି ଆଣିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ କୃଷ୍ଣଲୀଳା କମିଟି ସଭାପତି ନନ୍ଦ କିଶୋର ପ୍ରଧାନୀଙ୍କ ସହ ଗାୟକ ରାହାସ ବିଶି, ରାଧାମୋହନ ଦଣ୍ଡସେନା, ବାୟକ ହୀରାଲାଲ ଦଣ୍ଡସେନା, ଭଗବାନ ଦଣ୍ଡସେନାଙ୍କ ସହ ସୁକାନ୍ତ ଦଣ୍ଡସେନା, ସନ୍ତୋଷ ଦଣ୍ଡସେନା, ଟିକେଲାଲ ଦଣ୍ଡସେନା ସହଯୋଗ କରିଥିଲେ। ସୁଶାନ୍ତ କୁମାର ବିଶି, ପୂର୍ଣ୍ଣାନନ୍ଦ ପଟେଲ, ଶ୍ରୀଧର ବାରିକ, ଦୋଳମଣୀ ଦଣ୍ଡସେନା, ରାଜେନ୍ଦ୍ର ବାରିକ ପ୍ରମୁଖ ଗାଁର ଇତିହାସ ଗାରିମା ଉପରେ ବିସ୍ତୃତ ଆଲୋକପାତ କରିଥିଲେ।



ଶ୍ରୀକୃଷ୍ଣ ଲୀଳା ଗ୍ରାମ ପରିକ୍ରମା କରୁଛନ୍ତି।

# ଜଙ୍ଗଲରୁ ୩ ସନ୍ଦିଗ୍ଧଙ୍କୁ କାବୁକଲେ ସିଆର୍‌ପିଏଫ୍ ଯବାନ

ଭବାନୀପାଟଣା, ୧।୨(ଉତ୍ତମ କୁମାର ଦାଶ)

**୨ଟି ଦେଶୀ ବନ୍ଧୁକ, ଅଫୁଟା ଗୁଳି ଓ ବିସ୍ଫୋରକ ସାମଗ୍ରୀ ଜବତ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ତ୍ରିଲୋଚନପୁର ପଞ୍ଚାୟତ ତଥା ନିୟମଗିରି ପର୍ବତଶ୍ରେଣୀର ଥୁଆପାଡ଼ି ଜଙ୍ଗଲ ଭିତରେ ଦେଶୀ ବନ୍ଧୁକ, ଅଫୁଟା ଗୁଳି ଓ କିଛି ବିସ୍ଫୋରକ ସାମଗ୍ରୀ ନେଇ ସନ୍ଦିଗ୍ଧ ଭାବେ ବୁଲୁଥିବା ୩ ବ୍ୟକ୍ତିଙ୍କୁ କାବୁକରି ତ୍ରିଲୋଚନପୁର ସିଆର୍‌ପିଏଫ୍ କ୍ୟାମ୍ପର ଯବାନମାନେ ଲାଞ୍ଜିଗଡ଼ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଶୁକ୍ରବାର ଅପରାହ୍ଣରେ ଥୁଆପାଡ଼ି ଜଙ୍ଗଲ ଭିତରେ ୩ଜଣ ବ୍ୟକ୍ତି ବୁଲୁଥିବା ନେଇ ଯବାନମାନଙ୍କୁ ଖବର ମିଳିଥିଲା। ଅଞ୍ଚଳରେ ନକ୍ସଲ ଗତିବିଧି ଲାଗି ରହିଥିବାବେଳେ ସିଆରପିଏଫ କ୍ୟାମ୍ପ ଏହାକୁ ନେଇ ହଠାତ ସକ୍ରିୟ ହୋଇପଡିଥିଲେ। ସିଆରପିଏଫ୍ ଯବାନମାନଙ୍କ ଏକ ଟିମ ସତର୍କତାର ସହିତ ସର୍ଚ୍ଚ ଅପରେସନ କରିଥିଲେ। ଯବାନମାନେ ଚତୁରତାର ସହିତ କାବୁ କରି ସେମାନଙ୍କୁ ଲାଞ୍ଜିଗଡ଼ ପୋଲିସକୁ ହସ୍ତାନ୍ତର କରିଥିଲେ। ଲାଞ୍ଜିଗଡ଼ ପୋଲିସ ୩ଜଣଙ୍କୁ ଅଟକ ରଖିବା ସହିତ ସେମାନଙ୍କଠାରୁ ବନ୍ଧୁକ, ଗୁଳି ଓ କିଛି ବିସ୍ଫୋରକ ସାମଗ୍ରୀ ଜବତ କରିଥିଲା। ଏନେଇ ଏକ ମାମଲା ରୁଜୁ କରିବା ସହିତ ଲାଞ୍ଜିଗଡ଼ ରାଜାପଡ଼ାର ରାମ ସିଂ, ପ୍ରଧାନୀପଡ଼ାର ଭରତ ଗଉଡ଼ ଓ ଭଗବାନ ଦଣ୍ଡସେନାଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ମୂଳରୁ ଏହି ଘଟଣାକୁ ନକ୍ସଲ ସହିତ ଯୋଡ଼ାଯାଉଥିବାବେଳେ ପରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ଜନ୍ତୁ ଶିକାର ପାଇଁ ସେମାନେ ଜଙ୍ଗଲକୁ ଯାଇଥିବା କୁହାଗଲା। ତେବେ ଏହି ୩ଜଣଙ୍କ ନିକଟକୁ ଦେଶୀ ବନ୍ଧୁକ ଆସିବା, ଜଙ୍ଗଲରେ ବିଚରଣ କରିବା ଘଟଣା ନକ୍ସଲ ସମ୍ପୃକ୍ତି ଆଡ଼କୁ ଆଙ୍ଗୁଳି ଇସାରା କରୁଥିବାବେଳେ କିଏ ସେହି ପ୍ରଭାବଶାଳୀ ବ୍ୟକ୍ତି ଏ ୩ଜଣଙ୍କୁ ଜଙ୍ଗଲକୁ ଶିକାର କରିବାକୁ ପଠାଇଥିଲେ ସେନେଇ ପୋଲିସ ତଦନ୍ତ କରିବାର ଆବଶ୍ୟକତା ରହିଛି। କୋର୍ଟଚାଲାଣ ସଙ୍ଗେ ସଙ୍ଗେ ୩ଜଣଙ୍କୁ ଜାମିନ ମିଳିଯାଇଛି। ଏହି ଘଟଣାରେ ପୋଲିସର ଭୂମିକା ସନ୍ଦେହଜନକ ମନେ ହେଉଥିବାବେଳେ କେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପ ବଳରେ ପୋଲିସ ମାମଲା ଢିଲା ହୋଇଗଲା ସେନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଣୁ ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକତା ରହିଛି। ଏନେଇ କେସିଙ୍ଗା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ଦୀପ କୁମାର ମାଝୀଙ୍କୁ ପଚାରିବାରୁ ଆର୍ମସ ଆକ୍ଟ -୧୯୫୯ରେ ଏକ ମାମଲା ରୁଜୁ କରାଯାଇଛିଏବଂ କୋର୍ଟରେ ମାମଲା ଅଛି, କିଛି କହିହେବନି ବୋଲି ସେ କହିଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଉଡାନ-୨୦୨୬'

**କ୍ରୀଡ଼ା ପ୍ରାଙ୍ଗଣରେ ପ୍ରତିଭାର ମହୋତ୍ସବ**

ଥୁଆମୂଳ ରାମପୁର, ୧।୨ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମହୁଲପାଟଣା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଉଡ଼ାନ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଶନିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହୁଲପାଟଣା ଗ୍ରାମ ପଞ୍ଚାୟତ ସରପଞ୍ଚ ରତନି ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସ୍ଥାନୀୟ ଏସ୍‌ଏମ୍‌ସି ଅଧ୍ୟକ୍ଷ ସୋମନାଥ ନାଏକ, ବିଶିଷ୍ଟ ସମାଜସେବୀ ଚନ୍ଦନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥିମାନେ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ 'ପରିଶ୍ରମ ହିଁ ସଫଳତାର ଚାବିକାଠି' ବୋଲି କହି ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଜୀବନ ଗଠନ ପାଇଁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଓ ଅକ୍ଷୟ କୁମାର ପାତ୍ରଙ୍କ ସୁପରିଚାଳନାରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ବିଭାଗ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଯାହାକି ଆଥଲେଟିକ୍ସ ବିଭାଗରେ ଦୌଡ଼, ଉଚ୍ଚ ଡିଆଁ ଓ ଲମ୍ଫ ଡିଆଁ, କ୍ଷେପଣ ବିଭାଗରେ ସର୍ଟପୁଟ ଓ ଡିସ୍କସ ଥ୍ରୋ, ମନୋରଞ୍ଜନ ଧର୍ମୀ ବିଭାଗରେ ଚାମଚ ଦୌଡ଼ ଓ ବେଙ୍ଗ ଡିଆଁ ଆଦି ଏହି ସମସ୍ତ କ୍ରୀଡ଼ାରେ ବିଦ୍ୟାର୍ଥୀମାନେ ନିଜର ଶାରୀରିକ ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଏଥି ସହିତ ପାରମ୍ପରିକ ଓଡ଼ିଶୀ ଓ ଆଦିବାସୀ ନୃତ୍ୟ କାର୍ଯ୍ୟକ୍ରମକୁ ଅଧିକ ବୁଦ୍ଧିମନ୍ତ କରିଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷକ ସନ୍ତୋଷ କୁମାର ପାତ୍ର, ପ୍ରଦୀପ ପାଟ ମାଝୀ, ବିନନ୍ତ ମାଝୀ, ନୀତେଶ ଠାକୁର, ଗୌରୀ ନାଏକ, କବିତା ମାଝୀ ଓ ପ୍ରତିମା ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।



ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଉଡ଼ାନରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର, ଅତିଥି।

# ଟିଟିଲାଗଡ଼ ରାଇଜିଂ ଷ୍ଟାର ଚାମ୍ପିୟନ

**ଶରତ ଚନ୍ଦ୍ର ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

କୋକସରା,୧।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)




ଚାମ୍ପିୟନ ଦଳକୁ ବିଧାୟକ ଟ୍ରଫି ପ୍ରଦାନ କରୁଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା ସ୍ଥିତ କସ୍ତୁରବା ଖେଳ ପଡ଼ିଆରେ କୋକସରା ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଶରତ ଚନ୍ଦ୍ର ପୂଝାରୀ (ଧରୁଆ) ସ୍ମାରକୀ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ ଟିଟିଲାଗଡ଼ ରାଇଜିଂ ଷ୍ଟାର ଓ ଶିବଶକ୍ତି ପଡୁଆ ନବରଙ୍ଗପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିଟିଲାଗଡ଼ ରାଇଜିଂ ଷ୍ଟାର ୫/୦ ଗୋଲ ଦେଇ ଶିବଶକ୍ତି ପଡୁଆ ନବରଙ୍ଗପୁରକୁ ହରାଇ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ହୋଇଛି। ଫାଇନାଲ ଖେଳକୁ ଦୋଳଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିବା ବେଳେ ନବୀନ ବଗର୍ତ୍ତୀ ଓ ଶେଷଦେବ ମଲ୍ଲିକ ଲାଇନମ୍ୟାନରେ ସହଯୋଗ କରିଥିଲେ। ଅମିତ ମହାନ୍ତି, ନିର୍ମଳ ଦଣ୍ଡସେନା, ଚିତ୍ତରଞ୍ଜନ ଠାକୁର ଓ ଶଙ୍କର ପୋଡ଼ ଚତୁର୍ଥ ରେଫରି ଭାବରେ ରହିଥିଲେ। ଚଇ ଗୋପାଳ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋକସରା ଥାନା ଅଧିକାରୀ ସୁଜ୍ଞାନୀ କୁମାର ବାରିକ, କୋକସରା ସରପଞ୍ଚ ତଥା ରାଜ୍ୟ ଓମ୍‌ଫେଡ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ପୁରୁଷୋତ୍ତମ ଗୁପ୍ତା, ଉଦ୍ୟୋଗପତି ବିକ୍ରମ ଗୁପ୍ତା, ଭାଜପା ନେତା ତ୍ରିନାଥ ଶବର, ଦୁର୍ଗା ପ୍ରସାଦ ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ଶରତ ଚନ୍ଦ୍ରଙ୍କ ପରିବାରରୁ ତୁଳସା ଧରୁଆ, ନନ୍ଦ କିଶୋର ଧରୁଆ, ଦିଲ୍ଲୀପ ଧରୁଆ, ଦିଲୁ ସିଂ ଧରୁଆ, କଳ୍ପନା ମାଝି, ନିଭ୍ୟା ଯାଚିକା ଧରୁଆ, ଧୀଶ ଧରୁଆ, ରେଶମା ଧରୁଆ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ପୋର୍ଟସ କ୍ଲବ ସଭାପତି ତ୍ରିମୋହନ ନାଏକ, ସମ୍ପାଦକ କ୍ଷୀରସିନ୍ଧୁ ନେଗୀ, ସହ ସମ୍ପାଦକ ମହେଶ ଗୁପ୍ତା, ଉପସଭାପତି କାମାକ୍ଷ ନାଏକ, କୋଷାଧ୍ୟକ୍ଷ ସଚିନ ଗୁପ୍ତା, ସ୍ପୋର୍ଟସ କ୍ଲବ ଉପଦେଷ୍ଟା ତ୍ରିଭୁବନ ନାଏକ, ନବୀନ ନାଏକ, ସ୍ପୋର୍ଟସ କ୍ଲବ କର୍ମକର୍ତ୍ତା ମାନସ ରଞ୍ଜନ ବେହେରା, ସୁରଜ ନାଏକ, ଧୀରଜ ନାଏକ, ପପୁ ଦଣ୍ଡସେନା, ପ୍ରବୀଣ ଶବର ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଗୁରୁତ୍ୱ

**ବରଗଡ଼, ୧।୨ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଶିଶୁ ହେଲ୍ପଲାଇନ ପକ୍ଷରୁ ଭଟଲି ବ୍ଲକର ଶିଶୁ ସହାୟତା ଗୋଷ୍ଠୀ ସଦସ୍ୟମାନଙ୍କ ପାଇଁ ଶନିବାର ଏକଦିନିଆ ପ୍ରଶିକ୍ଷଣ ତଥା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ହେଲ୍ପ ଲାଇନ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ, ବରଗଡ଼ର ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଶିଶୁ ସହାୟତା ଗୋଷ୍ଠୀ ସଦସ୍ୟମାନଙ୍କର ଜ୍ଞାନ, କୌଶଳ ଏବଂ ଭୂମିକାକୁ ଗୁରୁତ୍ୱ ଦିଆଯାଇଥିଲା। ଶିଶୁ ଅଧିକାର, ଶିଶୁ ସୁରକ୍ଷା ବ୍ୟବସ୍ଥା, ମାମଲା ରିପୋର୍ଟିଂ ପ୍ରକ୍ରିୟା ଓ କେସ୍ ପରିଚାଳନା ସମ୍ପର୍କରେ ସଚେତନତା ବଢ଼ାଇବା ଉପରେ ଆଲୋଚନା ହୋଇଥିଲା। ଏହା ସହିତ ସମୁଦାୟ ଆଧାରିତ ଗୋଷ୍ଠୀମାନଙ୍କର ଶିଶୁ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ପ୍ରାରମ୍ଭିକ ପରିଚୟ ଏବଂ ସମୟୋଚିତ ହସ୍ତକ୍ଷେପରେ




ଶିଶୁ ସୁରକ୍ଷା ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ।

ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର, ଭଟଲି ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ପ୍ରଣବ କୁମାର ପାଣିଗ୍ରାହୀ, ଭଟଲି ଥାନାର ଏସ୍‌ଆଇ ସୁରେଶ ଓରାମ, ଭଟଲି ସିଡିପିଓ ସେରେନ୍ଦ୍ରୀ ମହାନନ୍ଦ, ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସେକ୍ସନ ଅଫିସର ମିନତୀ ଶତପଥୀ, ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରେନ୍ଦ୍ର ଦାଶ, ବରଗଡ଼ ଶିଶୁ ସହାୟତାର ପ୍ରକଳ୍ପ ସଂଯୋଜକ ସଞ୍ଜୟ ଶତପଥୀ ଉପସ୍ଥିତ ଥିଲେ। ସେମାନେ ଉକ୍ତ ତାଲିମ କାର୍ଯ୍ୟକ୍ରମରେ ନିଜର ମତାମତ ଓ ଅଭିଜ୍ଞତା ପ୍ରଦାନ କରିଥିଲେ। ପ୍ରଶିକ୍ଷକଗଣ ବିଭାଗୀୟ ସମନ୍ୱୟ, କାର୍ଯ୍ୟକାରୀ ରିପୋର୍ଟିଂ ବ୍ୟବସ୍ଥା ଏବଂ ଶିଶୁମାନଙ୍କ ସୁରକ୍ଷା, ସଂରକ୍ଷଣ ଓ କଲ୍ୟାଣ ପାଇଁ ତ୍ୱରିତ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିଶୁ କଲ୍ୟାଣ ସମିତି, ଜିଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ସହାୟତା, ଆଇସିଡିଏସ୍ ତଥା ଅନ୍ୟାନ୍ୟ ସଂଯୁକ୍ତ କାର୍ଯ୍ୟକାରୀ ବିଭାଗ ଏବଂ ସମୁଦାୟ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ସହଯୋଗ ସୁଦୃଢ଼ କରି ଗ୍ରାମୀଣ ସ୍ତରରେ ଏକ ଶକ୍ତିଶାଳୀ ଶିଶୁ ସୁରକ୍ଷା ବ୍ୟବସ୍ଥା କରାଯାଇପାରିବ। ଏହି ତାଲିମରେ ଭଟଲି ବ୍ଲକର ସରପଞ୍ଚ ତଥା ଅନ୍ୟ ଗ୍ରାମପଞ୍ଚାୟତ କର୍ମଚାରୀ, ଅଙ୍ଗନୱାଡି କର୍ମୀଗଣ ତଥା ଭଟଲି ପ୍ରୋଜେକ୍ଟର ସମସ୍ତ ସେକ୍ଟର ସୁପରଭାଇଜର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଶୁ ସହାୟତାର ସୁପରଭାଇଜର ଆକାଶ ପଧାନ, ତପସ୍ୱିନୀ ମଲ୍ଲିକ ସହଯୋଗ କରିଥିଲେ। ସେହିପରି ଶୁକ୍ରବାର ଭେଡେନ ବ୍ଲକରେ ଶିଶୁ ସହାୟତା ଗୋଷ୍ଠୀ ସଦସ୍ୟମାନଙ୍କ ପାଇଁ ଏକଦିନିଆ ପ୍ରଶିକ୍ଷଣ ତଥା କ୍ଷମତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସିଡିପିଓ ଆଲଫୋନା ଟେଟେ, ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରେନ୍ଦ୍ର ଦାଶ, ବବିତା ରାଉତ ଏବଂ ଶିଶୁ ସହାୟତା ପ୍ରକଳ୍ପ ସାଂଯୋଜକ ସଞ୍ଜୟ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କ ସୁରକ୍ଷା, ସଂରକ୍ଷଣ ଓ କଲ୍ୟାଣ ପାଇଁ ତ୍ୱରିତ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିଶୁ କଲ୍ୟାଣ ସମିତି, ଜିଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ସହାୟତା, ଆଇସିଡିଏସ ଏବଂ ସମୁଦାୟ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ସହଯୋଗ ସୁଦୃଢ଼ କରି ଗ୍ରାମୀଣ ସ୍ତରରେ ଏକ ଶକ୍ତିଶାଳୀ ଶିଶୁ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଭେଡେନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପିଏଚ୍‌ଇଓ, ଭେଡେନ ବ୍ଲକର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଗଣ, ଅଙ୍ଗନୱାଡି କର୍ମୀଗଣ ତଥା ପୋଲିସ, ସେକ୍ଟର ସୁପରଭାଇଜର ଉପସ୍ଥିତ ଥିଲେ। ତପସ୍ୱିନୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୁରୁକୁଳ ନବପ୍ରଭାତର ବସ୍ତୁ ଜୟନ୍ତୀ ମହୋତ୍ସବ ଶୁଭାରମ୍ଭ

**ପଦ୍ମପୁର, ୧।୨ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ନୂଆପାଲିସ୍ଥିତ ଗୁରୁକୁଳ ନବ ପ୍ରଭାତ ଆଶ୍ରମର ତିନି ଦିନିଆ ବସ୍ତୁ (ରଜତ) ଜୟନ୍ତୀ ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି। ଏହି ମହୋତ୍ସବର ପ୍ରଥମ ଦିନରେ ବୈଦିକ ଶ୍ରୌତଯଜ୍ଞଯାଗର ସ୍ୱରୂପ ତଥା ତଦୀୟ ବିବିଧ ଆୟାମ ବିଷୟକୁ ନେଇ ଦ୍ୱିତୀୟ ଅଖିଳ ଭାରତୀୟ ଶୋଧ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଛି। ଏହି ସଂଗୋଷ୍ଠୀଟି ଗୁରୁକୁଳ ନବପ୍ରଭାତ ଆଶ୍ରମର ବ୍ରହ୍ମଚାରୀମାନଙ୍କ ବେଦପାଠ ତଥା ଅତିଥିମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ହାଇଦ୍ରାବାଦର ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତା ତଥା ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ସଂଯୋଜନାରେ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ସୁକାନ୍ତ କୁମାର ସେନାପତି, ଏପେକ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ସୋମଦେବ ଶତାଂଶୁ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ର. ଓମନାଥ ବିମଳୀ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନର ପ୍ର. ଅରୁଣରଞ୍ଜନ ମିଶ୍ର, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପ୍ର. ସତ୍ୟକେତୁ ଆର୍ଯ୍ୟ, ଓସ୍ମାନିଆ ବିଶ୍ୱବିଦ୍ୟାଳୟର ପ୍ର. ବିଦ୍ୟାନନ୍ଦ ଜୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ର. ପ୍ରତିଭାମଞ୍ଜରୀ ରଥ, ଡ. ରାମମନୋହର ଲୋହିଆ ବିଶ୍ୱବିଦ୍ୟାଳୟ, ଅବସରପ୍ରାପ୍ତ ପ୍ର. ଜଳନ୍ତ କୁମାର ଶାସ୍ତ୍ରୀ ତଥା ଭାରତର ପ୍ରତିଷ୍ଠିତ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଅଧ୍ୟାପକମାନେ ନିଜର ବହୁମୂଲ୍ୟ ଶୋଧପତ୍ର ପାଠ କରିଥିଲେ। ପରିଶେଷରେ ଗୁରୁକୁଳର ବୈଦିକ ବିଜ୍ଞାନ ଶୋଧ କେନ୍ଦ୍ରର ନିର୍ଦ୍ଦେଶକ ପ୍ର. ଶ୍ରୀବତ୍ସ ଶାସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶାନ୍ତିପାଠ ପୂର୍ବକ ଏହି ସଂଗୋଷ୍ଠୀଟି ସାଙ୍ଗ ହୋଇଥିଲା। ଏହି ସଂଗୋଷ୍ଠୀର ସଞ୍ଚାଳନରେ ଆଚାର୍ଯ୍ୟ ପୁରନ୍ଦର ଶାସ୍ତ୍ରୀ, ଆଚାର୍ଯ୍ୟ ଭାରତୀନନ୍ଦନ ବନ୍ଧୁ, ଡ. ସୁକାନ୍ତ ଆର୍ଯ୍ୟ, ଡ. ଥବିର ଭୋଇ, ଡ. ଚୈତନ୍ୟ ତରିଆ, ଡ. ପଦ୍ମଲୋଚନ ପଧାନ, ଶ୍ରୀ ନିଖିଳେଶ ପଧାନ, ଶ୍ରୀ ଜିତେନ୍ଦ୍ରୀୟ ବଢ଼େଇ ତଥା ନବପ୍ରଭାତ ଆଶ୍ରମର ସ୍ନାତକଗଣ ସହଯୋଗ କରିଥିଲେ। ଏହି ମହୋତ୍ସବର ଦ୍ୱିତୀୟ ଓ ତୃତୀୟ ଦିନରେ ୨୫୧ କୁଣ୍ଡୀୟ ଅଥର୍ବବେଦ ପାରାୟଣ ମହାଯଜ୍ଞ, ବିବିଧ ସମ୍ମେଳନ ତଥା ଗୁରୁକୁଳର ବ୍ରହ୍ମଚାରୀମାନଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## କବି ତଥା ଇଂଲିଶ ପ୍ରଫେସରଙ୍କ ପରଲୋକ

**ପଦ୍ମପୁର, ୧।୨ (ପ୍ରଦୀପ୍ତ ଦାଶ):** ଇଂଲିଶ ସାହିତ୍ୟ ଜଗତର ଉଜ୍ଜ୍ୱଳ ତାରକା, ବିଶିଷ୍ଟ ଶିକ୍ଷାବିତ, କବି ପ୍ରଫେସର ରାଜେନ୍ଦ୍ର କୁମାର ପାଢ଼ୀ(୭୪)ଙ୍କ ପଦ୍ମପୁରସ୍ଥିତ ବାସଭବନରେ ଶନିବାର ପରଲୋକ ହୋଇଯାଇଛି । ସେ ବ୍ରେନ ଟ୍ୟୁମର ଅସ୍ତ୍ରୋପଚାର ହୋଇ ପଦ୍ମପୁରର ଘରେ ଥିଲେ। ପ୍ରଫେସର ପାଢୀ କଳାହାଣ୍ଡି ଜିଲା ମଦନପୁର ରାମପୁର ମହାବିଦ୍ୟାଳୟରୁ ଇଂଲିଶ ଅଧ୍ୟାପକ ଭାବେ ଯୋଗଦେଇ



ଓଡ଼ିଶାର ବିଭିନ୍ନ କଲେଜରେ ଅଧ୍ୟାପନା କରିଥିଲେ। ଅବସର ଗ୍ରହଣ ପରେ ସମ୍ବଲପୁର ମୁକ୍ତ ବିଶ୍ୱବିଦ୍ୟାଳୟରେ ଇଂଲିଶ ଭାଷା ମୁଖ୍ୟ ଭାବେ ଯୋଗ ଦେଇଥିଲେ। ଆଫ୍ରିକା ମହାଦେଶ ଆକ୍ରାଠାରେ ଅନୁଷ୍ଠିତ ଆନ୍ତର୍ଜାତିକ କବିତା ମହୋତ୍ସବରେ ବିଶ୍ୱର ୧୧ଜଣ କବି ମଧ୍ୟରେ ସେ ସମ୍ମାନିତ ହୋଇଥିଲେ। ସେ ସର୍ବମୋଟ ୪ ଇଂଲିଶ କବିତା ପୁସ୍ତକ, ଗୋଟିଏ ଇଂଲିଶ ଉପନ୍ୟାସ ରଚନା କରିଛନ୍ତି। ସେ ବିଶ୍ୱସ୍ତରୀୟ ୭ଗୋଟି ପୁସ୍ତକର ସଂପାଦନା କରିଥିବା ବେଳେ ତାଙ୍କର ରଚିତ ଓଡ଼ିଆ କବିତା 'ଶୂନ୍ୟତାର ପ୍ରିୟତମା' ବେଶ୍ ଆଦୃତ ହୋଇଥିଲା। ସେ ବହୁ ଜାତୀୟ /ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହୋଇଥିଲେ। ଝିଅ ନଭ ସ୍ୱାତୀ ଓ ପୁତୁରା ପ୍ରତ୍ୟୁଷ ମୁଖାଗ୍ନି ଦେଇଥିଲେ।

## ଶିକ୍ଷା ସେବା ପାଇଁ ସମର୍ପିତ ହେବା ଜରୁରୀ




ଲରମ୍ଭା କଲେଜରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଅତାବିରା, ୧।୨ (ଯୁଧିଷ୍ଠିର ମହାପାତ୍ର)**

ଶିକ୍ଷା ସମାଜ ଗଠନର ଏକ ଅଙ୍ଗ। ଶିକ୍ଷା ଗ୍ରହଣ ଏବଂ ପ୍ରଦାନ ଉଭୟ ପରିପୂରକ। ଶିକ୍ଷା ସେବା ପାଇଁ ଏବେ ସମର୍ପିତ ହେବାର ଜରୁରୀ ବୋଲି ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରକାଶ କରିଛନ୍ତି। ବରଗଡ଼ ଜିଲା ଅତାବିରା ବ୍ଲକ ସ୍ଥିତ ଲରମ୍ଭା କଲେଜରେ ଅନୁଷ୍ଠିତ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସରେ ରବିବାର ଛାତ୍ରସଂସଦର ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ମହାନନ୍ଦ ଏପରି ମତବ୍ୟକ୍ତ କରିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତାବିରା ନିର୍ବାଚନ ମଣ୍ଡଳୀର ବିଧାୟକ ନିହାର ରଞ୍ଜନ ମହାନନ୍ଦ, ମୁଖ୍ୟବକ୍ତା ତଥା ସମ୍ମାନିତ ଅତିଥି ଭାବେ ବରଗଡ଼ ଉପଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରସନ୍ନ କୁମାର ପାଣ୍ଡେ, ଉପସଭାପତି ମନୋରଞ୍ଜନ ତ୍ରିପାଠୀ, ସାଂସ୍କୃତିକ ସଂଘର ଉପସଭାପତି ଡ. ଗୁରୁଦେବ କୁଶଳ ମଞ୍ଚାସୀନ ଥିଲେ। କଲେଜରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରମୋଦଚନ୍ଦ୍ର ସେଠ, ଡ. ଅଜିତ କୁମାର ନାଥ, ଦିଲୀପ ସାହୁ ପୁରସ୍କାର ପ୍ରଦାନ କରିବାରେ ସହଯୋଗ କରିଥିଲେ। ଚଳିତ ବର୍ଷ ପ୍ରାଚୀ କର୍ଣ୍ଣଙ୍କୁ ଡ. ଉଲ୍ଲାସିନୀ ସାହାଣୀ ସ୍ମାରକୀ, ତୁଷାର ପ୍ରଧାନଙ୍କୁ ରସାୟନିକ ବିଭାଗ ଟପ୍ପର ସମ୍ମାନ, ସିପ୍ରାସୁମନ ହୋତା, ରିକି ବାଗ, ପୂଜା ବିଶ୍ୱାଳଙ୍କୁ ରାଜନୀତି ବିଜ୍ଞାନ ଟପ୍ପର ସମ୍ମାନ, ଯୁକ୍ତ ଦୁଇ କଳାରୁ ଜ୍ଞାନମୟୀ ଦାସ, ବିଜ୍ଞାନରୁ ରାଜଲକ୍ଷ୍ମୀ ପ୍ରଧାନ, ବାଣିଜ୍ୟରୁ ଆହ୍ୱାନପାତ୍ର, ଧନ୍ଦାମୂଳକରୁ ଭେଙ୍କଟେଶ୍ୱର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଡ. ଗୁରଦେବ କୁଶଳ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ନିମନ୍ତ୍ରିତ ଅତିଥି କଲେଜର ସମସ୍ତ କର୍ମକର୍ତ୍ତା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ।

## ଭାରତୀ ନଗରରେ ହିନ୍ଦୁ ସମ୍ମିଳନୀ

**ବରଗଡ଼, ୧।୨ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଭାରତୀ ନଗରରେ ଡା. ସଞ୍ଜିତ କୁମାର ମିଶ୍ରଙ୍କ ସଂଯୋଜନାରେ ରବିବାର ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଥିଲା। ସ୍ଥାନୀୟ ଭାରତୀ ନଗର, ଶ୍ରୀରାମ ବିହାର, ମିଳନ ବିହାର ଏବଂ ଫ୍ରେଣ୍ଡସ ଭିଲ୍ଲାର ବାସିନ୍ଦାମାନଙ୍କୁ ନେଇ ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱ ଏବଂ ସନ୍ତୋଷ ପୁରୋହିତଙ୍କ ସହ- ସଭାପତିତ୍ୱରେ ଏହା ଆୟୋଜନ କରାଯାଇଥିଲା। ପ୍ରାରମ୍ଭିକ ହୋମଯଜ୍ଞ ସହ ହନୁମାନ ଚାଳିଶା ପାଠ ସହ ଏକ ସଭା କାର୍ଯ୍ୟ ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ସ୍ୱାମୀ ତେଜୋମୟାନନ୍ଦ ଓ ସମ୍ମାନିତ ଅତିଥି ସ୍ୱାମୀ ନିତ୍ୟବୋଧନନ୍ଦଙ୍କ ମାର୍ଗଦର୍ଶନ ସହିତ ଆଚାର୍ଯ୍ୟ ସତ୍ୟବାନ ଦେହେରୀ, ହିନ୍ଦୁ ସମାଜ ପାଇଁ ବର୍ତ୍ତମାନର ପଞ୍ଚ ପରିବର୍ତ୍ତନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଚନ୍ଦ୍ରଶେଖର କାଳିଆ ଧନ୍ୟବାଦ ଜ୍ଞାପନ କରିଥିଲେ । ଅଞ୍ଚଳର ସଚେତନ ସ୍ୱେଚ୍ଛାସେବୀ ଏବଂ ଆରଏସଏସର ସ୍ୱୟଂସେବକମାନେ କାର୍ଯ୍ୟକ୍ରମ ପରିଚାଳନା ଓ ବ୍ୟବସ୍ଥାରେ ଭାଗ ନେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବୁଣାକାର ବିଚିତ୍ରା ମେହେର ଓ କଳାକାର ହୃଷୀକେଶ ଭୋଇଙ୍କୁ କମିଟି ତରଫରୁ ଅତିଥିଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ବୈକୁଣ୍ଠ ସାହୁ, ଲଳିତ ବିଶ୍ୱାଳ, ପ୍ରତାପ ପଟ୍ଟନାଏକ, ଧ୍ୟାନଚାନ୍ଦ ମେହେର, ସନ୍ତୋଷ ପୁରୋହିତ, ଅଶୋକ ରଥ, ଅଶୋକ ମହାପାତ୍ର, ଅଶ୍ୱିନୀ ମିଶ୍ର, କାଳି ଚରଣ ବୋଷ, ଯୁଗଳ ସାହୁ, ସଞ୍ଜୟ ଦେବତା, ଶେଖର ସାହୁ,ଧ୍ୟାନଚାନ୍ଦ ମେହେର, ପ୍ରଦୀପ ଅଗ୍ରୱାଲ ଉପସ୍ଥିତ ଥିଲେ।

## କ୍ରିକେଟ ପ୍ରତିଯୋଗିତା, ପଧାନପାଲି ଚାମ୍ପିୟନ

**ସୋହେଲା, ୧।୨ (ଅଶ୍ୱିନୀ କୁମାର ପାତ୍ର)**




ବରଗଡ଼ ଜିଲା ସୋହେଲା ବ୍ଲକ ମଧୁପୁରଠାରେ ଦି'ଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଧୁପୁରର ସ୍ୱର୍ଗତ ଗୋପାଳ ପଧାନଙ୍କ ସ୍ମୃତିରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଆସୁଛି। ପ୍ରତିଯୋଗିତାରେ ତବଡ଼ା ଦଳକୁ ୨୪ ରନରେ ପରାସ୍ତ କରି ପଧାନପାଲି ଦଳ ଚାମ୍ପିୟନ ହୋଇଛି। ସୋହେଲା, ଟୁଙ୍ଗିବନ୍ଧଲି, ପଧାନପାଲି, ଇଛପାଲି, ତବଡ଼ା, ଗ୍ରୀଞ୍ଜାଲ, ମଧୁପୁର, ବଞ୍ଜାରି ଆଠଟି ଦଳ ଭାଗ ନେଇଥିଲେ। ମ୍ୟାଚଗୁଡ଼ିକୁ ପ୍ରଶାନ୍ତ ନାୟକ, ନିରଞ୍ଜନ ନାୟକ, ସହଦେବ ନାୟକ, ସୁରେନ୍ଦ୍ର ନାୟକ, ସୁଦାମ ପଧାନ, ରାଜେଶ ବରିହା, ଅରୁଣ ବରିହା ପରିଚାଳନା କରିଥିଲେ। ଫାଇନାଲରେ ତବଡ଼ା ଦଳର ଲକି ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପଧାନପାଲି ଦଳର ମଣ୍ଟୁ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଭାଜପା ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ପୁରସ୍କାର ପ୍ରଦାନ କରିଥିଲେ। ସହଦେବ, ସୁଦାମ, ଲକ୍ଷ୍ମଣ, ନିରଞ୍ଜନ, ନରେନ୍ଦ୍ର, ବିନୟ, ଆୟୁଷ, ଅଜିତ, ବବ୍‌ଲୁ, ମୁକେଶ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ଟ୍ରାଫିକ ସଚେତନତା

**ବରଗଡ଼, ୧।୨ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନାସ୍ଥିତ ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ପୋଲିସ ପକ୍ଷରୁ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସୌରଭ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ରାସ୍ତାରେ ଯିବା ଆସିବା ସମୟରେ ନିୟମ ମାନିବା, ସାଇବର ସୁରକ୍ଷା ଆଦି ବିଷୟରେ ଆଲୋଚନା ହୋଇଥିଲା। ଅମ୍ବାଭୋନା ଥାନାର ରିଙ୍କି ଭୋଇ, ଶ୍ୟାମ ସୁନ୍ଦର ପ୍ରଧାନ, ସମାରି ଭୁଏ, ଅଜିତ କୁମାର ବିଶ୍ୱାଳ ଓ ବିନାୟକ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ।

## ରାଲି, ସାଂସ୍କୃତିକ କାର୍ଯ୍ୟକ୍ରମରେ ସଚେତନତା

**ବରଗଡ଼, ୧।୨ (ପ୍ରେମାନନ୍ଦ ଖମାରୀ)**

- ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ
- ୧୧ ଜଣ ଗୁଡ୍ ସମାରିଟନ ସମ୍ମାନିତ

ବରଗଡ଼ ଜିଲା ପ୍ରଶାସନ ତଥା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପର୍ଯ୍ୟାୟରେ ପଥପ୍ରାନ୍ତ ନାଟକ, କଲେଜ ଗୁଡ଼ିକରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ, ଚକ୍ଷୁ ପରୀକ୍ଷା ଶିବିର, ସ୍କୁଲ ବସର ଫିଟନେସ ଯାଞ୍ଚ, ବ୍ଲାକ ସ୍ପଟ ନିରୀକ୍ଷଣ, ବୋରାହଗଡ଼ା ଟୋଲ ଗେଟରେ ଚାଳକମାନଙ୍କୁ ମାଗଣା ଚା' ବଣ୍ଟନ ଏବଂ ପର୍ଯ୍ୟଟନ ଓ ପିକନିକ ସ୍ଥଳରେ ପୋଷ୍ଟର ଓ ପ୍ରଚାର ପତ୍ର ବଣ୍ଟନ ଭଳି କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମିନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଭଟଲି ଛକ ପର୍ଯ୍ୟନ୍ତ ଆୟୋଜିତ ଏକ ବୃହତ୍ ସଡ଼କ ସୁରକ୍ଷା ସଚେତନତା ରାଲିର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରାଲିରେ ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ରୋଡ଼ ସେଫ୍ଟି କମିଟିର ସମସ୍ତ ସଦସ୍ୟ ତଥା ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧି ଯୋଗଦେଇ ଡ୍ରାଇଭର ତଥା ଜନସାଧାରଣଙ୍କୁ ଟ୍ରାଫିକ ନିୟମ ଓ ସୁରକ୍ଷିତ ଗାଡ଼ି ଚାଳନା ସମ୍ପର୍କରେ ସଚେତନ କରିଥିଲେ। ଏତଦବ୍ୟତୀତ ସ୍ଥାନୀୟ ସଙ୍କଳ୍ପ ପରିବାରର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସମାଜର ବିଭିନ୍ନ ବର୍ଗର ଲୋକ ଏହି ମହତ କାମରେ ଯୋଡି ହୋଇ ରକ୍ତଦାନ କରିଥିଲେ। ଏଥିରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ଗୋଲ୍ଡେନ ଆୱର ସମୟରେ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ହସ୍ପିଟାଲକୁ ପହଞ୍ଚାଇ ଜୀବନ ରକ୍ଷା କରିଥିବା ୧୧ ଜଣ ଗୁଡ୍ ସମାରିଟନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ, ପଦ୍ମନାଭ ଦାନସେନା, ଅଶ୍ୱିନୀ କୁମାର ଦାଶ, ବ୍ୟାସଦେବ ସିଂହ, ହୃଦାନନ୍ଦ ସେଠ, ଆକାଶ କୁମାର ସାହୁ, ରବିଶଙ୍କର ବେହେରା, ବିକାଶ କୁମାର ଅଗ୍ରୱାଲ, ପ୍ରକାଶ ଚନ୍ଦ୍ର ରଥ, ନିତ୍ୟାନନ୍ଦ ବେହେରା, ସଂଘମିତ୍ରା ପଟେଲ ଏବଂ ରଞ୍ଜିତ ଦାଶ। କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝୀ ସାଧାରଣ ଲୋକଙ୍କୁ ଯାତାୟାତ ନିୟମ କଡ଼ାକଡ଼ିଭାବେ ଅନୁସରଣ କରିବା ଓ ସୁରକ୍ଷିତ ସଡ଼କ ଗଢ଼ିବାରେ ସହଯୋଗ କରିବାକୁ ଅନୁରୋଧ କରିଥିବା ବେଳେ ଡଃ ଯଶବୀର ସିଂ ସାଇନି ମଞ୍ଚ ପରିଚାଳନା କରିଥିଲେ।

## ଟୋର୍ଗା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆପଡ଼ା, ୧।୨ (ମକାରୁ ବେମାଲ):** ନୂଆପଡା ସଦର ବ୍ଲକ ଟୋର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରେମଲାଲ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ନୂଆପଡା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲା ପରିଷଦ ଭରତଲାଲ ରାଉତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

## ଅଧ୍ୟାପକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପଦ୍ମପୁର, ୩୧।୧ (ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ନବକୃଷ୍ଣ ମିଶ୍ରଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାର ପ୍ରାରମ୍ଭରେ ଅଧ୍ୟାପକ ଡ. ସରୋଜ କୁମାର ନାଏକ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାରେ ପୌରୋହିତ୍ୟ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ବିଶେଷ ଅବସରରେ ଅଧ୍ୟାପକ ମିଶ୍ରଙ୍କ ସହଧର୍ମିଣୀ ଭାରତୀ ମିଶ୍ର ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ହୋଇଥିଲେ। ଶିକ୍ଷକ କର୍ମଚାରୀ ସଂଘର ସମ୍ପାଦକ ପ୍ରମୋଦ କୁମାର ତ୍ରିପାଠୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ମିଶ୍ରଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପରିଶେଷରେ ସହ ସମ୍ପାଦକ ଅଧ୍ୟାପକ ପ୍ରଶାନ୍ତ ସିଦାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରଶ୍ମି ରାଇଡର୍‌କୁ ହରାଇ ନିମାଇଁ ୱାରିଅର ଚାମ୍ପିୟନ

**ଅତାବିରା, ୧।୨ (ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ କୁଲୁଣ୍ଡା ଖେଳ ପଡ଼ିଆଠାରେ ଅତାବିରା ଶିକ୍ଷକ ପ୍ରିମିୟର ଲିଗର ଚତୁର୍ଥ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତାବିରା ବ୍ଲକ ଅନ୍ତର୍ଗତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷକଙ୍କୁ ନେଇ ମୋଟ ଚାରୋଟି ଦଳ ଯଥା ଲଳିତ ଷ୍ଟ୍ରାଇକର, ନିମାଇଁ ୱାରିଅର, ରଶ୍ମି ରାଇଡର୍ ଏବଂ ବଳରାମ ବ୍ଲାଷ୍ଟର କରାଯାଇ ଛଅ ଓଭର ବିଶିଷ୍ଟ ମୋଟ ସାତୋଟି ମ୍ୟାଚ ଖେଳାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବରଗଡ଼ ସରୋଜ କୁମାର ଭୁଏ ଏବଂ ସମ୍ମାନିତ ଅତିଥି ରୂପେ ପ୍ରାକ୍ତନ ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ବରଗଡ଼ର ଅଧ୍ୟକ୍ଷ ଅକ୍ଷୟ କୁମାର ବାରିକ, ଷ୍ଟେଟ ବ୍ୟାଙ୍କ ଅତାବିରାର ଉପ ପ୍ରବନ୍ଧକ ଅନିଲ କୁମାର ଭୁଏ ଯୋଗଦାନ



ଚାମ୍ପିୟନ ନିମାଇଁ ୱାରିଅର ଦଳକୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

**ଅତାବିରା ଶିକ୍ଷକ ପ୍ରିମିୟର ଲିଗ**

କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ ନିମାଇଁ ୱାରିଅର ଓ ରଶ୍ମି ରାଇଡର୍ ମଧ୍ୟରେ ହୋଇଥିଲା। ଏଥିରେ ନିମାଇଁ ୱାରିଅର ତେଇଶ ରନରେ ଜିତି ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଅତାବିରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଯୋଗଦାନ କରି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ଲଳିତ କୁମାର ଭୋଇ, ସମ୍ପାଦକ ମନୋଜ କୁମାର ଭୋଇ, ସକ୍ରିୟ ସଦସ୍ୟ ନନ୍ଦିଘୋଷ ଭୁଏ, କୃତାର୍ଥ ଚନ୍ଦ୍ର ଭୁଏ, ଶିବ ପ୍ରସାଦ ପଣ୍ଡା, ଅନୁତାପ ପଶାୟତ, ସୁବାସ ମହାନନ୍ଦ, ଗୁଣମଣି ଲୁହା, ସୁଦାମ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଆଥ୍‌ଲେଟିକ ମିଟ୍ ଉଦ୍‌ଯାପିତ

**ବରଗଡ଼, ୧।୨ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ଖେଳ ପଡ଼ିଆରେ ରବିବାର ଇଣ୍ଡିଆନ ମିଲିଟାରୀ ଏକାଡ଼ମୀର ଚତୁର୍ଥ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟସ୍ତରୀୟ ଆଥଲେଟିକ ମିଟ ଅନୁଷ୍ଠିତ ହୋଇଯାଇଛି। ଏକାଡ଼ମୀ ସଭାପତି ପୁରନ୍ଦର ଭୋସାଗରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଆଥଲେଟିକ ମିଟ ମାରାଥନକୁ ମୁଖ୍ୟଅତିଥି ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ଓ ସମ୍ମାନୀତ ଅତିଥି ସୁନ୍ଦରଗଡ଼ ଜିଲା ଅଡିଟ ଅଫିସର ଫଣିନ୍ଦ୍ର କୁମାର ତାଣ୍ଡି ଶୁଭାରମ୍ଭ କରିଥିଲେ। ଅବସରପ୍ରାପ୍ତ ସୈନିକ ଆଶିଷ ପ୍ରଧାନ, ବିଏସ୍‌ଏଫ୍ ଯବାନ ଉଦୟ ବାଗ, ଇଣ୍ଡିୟାନ ଆର୍ମି ବିରେଶ ପଧାନ, ରାଜେଶ୍ୱର ସାହୁ ଅତିଥିଭାବେ ଯୋଗାଇଥିଲେ। ଏକାଡ଼ମୀ ସଦସ୍ୟ ତଥା ଓପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସୁବାସ ଦୀପ ଏବଂ ଏକାଡ଼ମୀ ଛାତ୍ର ତଥା ବିଏସ୍‌ଏଫ୍ ଯବାନ ଭାବେ ଚୟନ ହୋଇଥିବା ଛାତ୍ର ଭରତ ନାଏକଙ୍କୁ ଏକାଡ଼ମୀ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ରାଜ୍ୟର ୫ଟି ଜିଲାରୁ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୫ କି.ମି ମାରାଥନରେ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ସୋନପୁରର ସୁଦର୍ଶନ ପୁଟେଲ ପ୍ରଥମ ହୋଇ ନଗଦ ୨୦୦୦ ଟଙ୍କା ସହ ଟ୍ରଫି, ସାର୍ଟିଫିକେଟ ଏବଂ ବଲାଙ୍ଗୀରର ବିଶେଶ୍ୱର ସାହୁ ଦ୍ୱିତୀୟ ହୋଇ ନଗଦ ୧୫୦୦ ଟଙ୍କା, ଟ୍ରଫି ଓ ସାର୍ଟିଫିକେଟ ପାଇଥିଲେ। ବରଗଡ଼ର ରୁଦ୍ରନାରାୟଣ ନାଏକ ତୃତୀୟ ହୋଇ ୧୦୦୦ ଟଙ୍କା ସହ ଟ୍ରଫି, ସାର୍ଟିଫିକେଟ ପାଇଥିଲେ। ପୁରୁଷ ବିଭାଗର ୧୬୦୦ ମିଟରରେ ବଲାଙ୍ଗୀରର ବିଶେଶ୍ୱର ସାହୁ ପ୍ରଥମ, ସବ୍ୟସାଚୀ ବାଗ ଦ୍ୱିତୀୟ ଏବଂ ସୋନପୁରର ସୁଦର୍ଶନ ପୁଟେଲ ତୃତୀୟ ହୋଇଥିଲେ। ମହିଳା ବିଭାଗ ୧୬୦୦ ମିଟରରେ ପ୍ରତିକ୍ଷା ନାଏକ ପ୍ରଥମ, ଲିସା ଭୁଏ ଦ୍ୱିତୀୟ ଏବଂ ରାନୀ ସିଂ ତୃତୀୟ ହୋଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏକାଡ଼ମୀର ସଦସ୍ୟ ଅଗ୍ନିବୀର ଯବାନ ସାଗର ନାଏକ ସମେତ ଏକାଡ଼େମୀର ସମ୍ପାଦକ ଜଗତ ଦେହେଲିଆ, ଅଗ୍ନିବୀର ଯବାନ ସାଗର ନାଏକ, ଆକାଶ କୁଅଁର, ରୂପେଶର ଭୋସାଗର, ଟିକୁ ଦେହେଲିଆ, ଟିକୁ ଦେହେଲିଆ, ଅବେଦ ଭୋସାଗର, ଅସ୍ମିତ ପ୍ରଧାନ, ରଶ୍ମିରଞ୍ଜନ ସାହୁ, ଶନି ବିଭାର, ଅୟୁଷ ଷଣ୍ଢ, ଆନନ୍ଦ କୁଅଁର, ସଚିନ ତାଣ୍ଡି, ଡିଲେଶ୍ୱର ସିଂହ, ପ୍ରମୁଖ ଉପସ୍ଥିତ ରହି ମାରାଥନ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ରେଳ ଧାରଣାରୁ ବ୍ୟକ୍ତିଙ୍କ ମୃତଦେହ ଜବତ

**ବନ୍ଧମୁଣ୍ଡା,୧।୨(ସୁବ୍ରତ ଦେ):** ବନ୍ଧମୁଣ୍ଡା ରେଳ ଖଣ୍ଡର ଆର.ଏସ କଲୋନୀ ରେଳବାଇ ଫାଟକ ନିକଟରେ ରବିବାର ସକାଳେ ଲାଇନ ସଂଖ୍ୟା ୫ରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ବନ୍ଧମୁଣ୍ଡା ଜିଆରପି ମୃତଦେହ ଜବତ କରି ରାଉରକେଲା ସରକାରୀ ହସ୍ପିଟାଲର ମର୍ଗ ହାଉସରେ ରଖିଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନାହିଁ। ବୟସ ୫୫ ହେବ ବୋଲି ଜଣାପଡିଛି। ଜିଆରପି ଘଟଣାର ତଦନ୍ତ ଆରମ୍ଭ କରିଛି।

### ୫୧ କୁଣ୍ଡୀୟ ବିଶ୍ୱ ଶାନ୍ତି ମହାଯଜ୍ଞ

**ବଡ଼ଗାଁ,୧।୨(ଅଶୋକ ଷଡଙ୍ଗୀ) :** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମର ବେଦ ପ୍ରଚାର ସମିତି ଆନୁକୂଲ୍ୟରେ ୫୧ କୁଣ୍ଡିୟ ବିଶ୍ୱ ଶାନ୍ତି ମହାଯଜ୍ଞ ରୁନଗା ଗ୍ରାମରେ ମାଘ ଶୁକ୍ଳ ପୂର୍ଣ୍ଣିମା ରବିବାର ସକାଳ ୯ ଟାରେ ଜାଗରଣ ଯାତ୍ରାରୁ ଆରମ୍ଭ ହୋଇଥିଲା। ଏଥିରେ ରୁନଗାଁ ତଥା ନିକଟସ୍ଥ ଗ୍ରାମ ଗୁଡିକର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏଥିରେ ରୁନଗାଁର ବିପିନ ସରପାଟିଆ ଓ ସୁନ୍ଦରମଣୀ ରାଉତଙ୍କ ସହିତ ଗ୍ରାମବାସୀମାନେ ଅଂଶଗ୍ରହଣ କରିଥିଲେ। ଯଜ୍ଞର ମୁଖ୍ୟ ଯଜମାନ ରଞ୍ଜନ ରାଉତ ଓ ସୁନୀତା ଦେବୀ ପୁରୋହିତଙ୍କୁ ବରଣ କରିଥିଲେ। ଶ୍ରୁତି ନ୍ୟାସର ସମ୍ପାଦକ ପଦ୍ମନାଭ ସ୍ୱାଇଁ, ତାଙ୍କ ସହଯୋଗୀ ବିଜୟ ଭାଇ ଏବଂ ସ୍ନେହଲତା ଭଉଣୀ ଯଜ୍ଞ ପରିଚାଳନା କରିଥିଲେ। ବେଦ ପ୍ରଚାର ସମିତି ପାମରାର ସଂଚାଳକ ଭଗବାନ ବାରିକଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହେଇଥିଲା। ସମିତିର କିଶୋର ରାଉତ, ବ୍ରହ୍ମାନନ୍ଦ ଖିଲାରୀ, ଅଖିଳ ରାଉତ, ଜଗନ୍ନାଥ ସାହୁ, ଯୋଗେନ୍ଦ୍ର ବାରିକ ତଥା ସମସ୍ତ ଭଉଣୀଙ୍କ ସହାୟତାରେ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା। ଶେଷରେ ସମ୍ପାଦକ ଗଣେଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଜଙ୍ଗଲରୁ ୩ ସନ୍ଦିଗ୍ଧଙ୍କୁ କାବୁକଲେ ସିଆର୍‌ପିଏଫ୍ ଯବାନ

**ଭବାନୀପାଟଣା, ୧।୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ତ୍ରିଲୋଚନପୁର ପଞ୍ଚାୟତ ତଥା ନିୟମଗିରି ପର୍ବତଶ୍ରେଣୀର ଥୁଆପାଡ଼ି ଜଙ୍ଗଲ ଭିତରେ ଦେଶୀ ବନ୍ଧୁକ, ଅଫୁଟା ଗୁଳି ଓ କିଛି ବିସ୍ଫୋରକ ସାମଗ୍ରୀ ନେଇ ସନ୍ଦିଗ୍ଧ ଭାବେ ବୁଲୁଥିବା ୩ ବ୍ୟକ୍ତିଙ୍କୁ କାବୁକରି ତ୍ରିଲୋଚନପୁର ସିଆର୍‌ପିଏଫ୍ କ୍ୟାମ୍ପର ଯବାନମାନେ ଲାଞ୍ଜିଗଡ଼ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଶୁକ୍ରବାର ଅପରାହ୍ନରେ ଥୁଆପାଡ଼ି ଜଙ୍ଗଲ ଭିତରେ ୩ଜଣ ବ୍ୟକ୍ତି ବୁଲୁଥିବା ନେଇ ଯବାନମାନଙ୍କୁ ଖବର ମିଳିଥିଲା। ଅଞ୍ଚଳରେ ନକ୍ସଲ ଗତିବିଧି ଲାଗି ରହିଥିବାବେଳେ ସିଆରପିଏଫ କ୍ୟାମ୍ପ ଏହାକୁ ନେଇ ହଠାତ ସକ୍ରିୟ ହୋଇପଡିଥିଲେ। ସିଆରପିଏଫ୍ ଯବାନମାନଙ୍କ ଏକ ଟିମ ସତର୍କତାର ସହିତ ସର୍ଚ୍ଚ ଅପରେସନ କରିଥିଲେ। ଯବାନମାନେ ଚତୁରତାର ସହିତ କାବୁ କରି ସେମାନଙ୍କୁ ଲାଞ୍ଜିଗଡ଼ ପୋଲିସକୁ ହସ୍ତାନ୍ତର କରିଥିଲେ। ଲାଞ୍ଜିଗଡ଼ ପୋଲିସ ୩ଜଣଙ୍କୁ ଅଟକ ରଖିବା ସହିତ ସେମାନଙ୍କଠାରୁ ବନ୍ଧୁକ, ଗୁଳି ଓ କିଛି ବିସ୍ଫୋରକ ସାମଗ୍ରୀ ଜବତ କରିଥିଲା। ଏନେଇ ଏକ ମାମଲା ରୁଜୁ କରିବା ସହିତ ଲାଞ୍ଜିଗଡ଼ ରାଜାପଡ଼ାର ରାମ ସିଂ, ପ୍ରଧାନୀପଡ଼ାର ଭରତ ଗଉଡ଼ ଓ ଭଗବାନ ଦଣ୍ଡସେନାଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ମୂଳରୁ ଏହି ଘଟଣାକୁ ନକ୍ସଲ ସହିତ ଯୋଡ଼ାଯାଉଥିବାବେଳେ ପରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ଜନ୍ତୁ ଶିକାର ପାଇଁ ସେମାନେ ଜଙ୍ଗଲକୁ ଯାଇଥିବା କୁହାଗଲା। ତେବେ ଏହି ୩ଜଣଙ୍କ ନିକଟକୁ ଦେଶୀ ବନ୍ଧୁକ ଆସିବା, ଜଙ୍ଗଲରେ ବିଚରଣ କରିବା ଘଟଣା ନକ୍ସଲ ସମ୍ପୃକ୍ତି ଆଡ଼କୁ ଆଙ୍ଗୁଳି ଇସାରା କରୁଥିବାବେଳେ କିଏ ସେହି ପ୍ରଭାବଶାଳୀ ବ୍ୟକ୍ତି ଏ ୩ଜଣଙ୍କୁ ଜଙ୍ଗଲକୁ ଶିକାର କରିବାକୁ ପଠାଇଥିଲେ ସେନେଇ ପୋଲିସ ତଦନ୍ତ କରିବାର ଆବଶ୍ୟକତା ରହିଛି। କୋର୍ଟଚାଲାଣ ସଙ୍ଗେ ସଙ୍ଗେ ୩ଜଣଙ୍କୁ ଜାମିନ ମିଳିଯାଇଛି। ଏହି ଘଟଣାରେ ପୋଲିସର ଭୂମିକା ସନ୍ଦେହଜନକ ମନେ ହେଉଥିବାବେଳେ କେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପ ବଳରେ ପୋଲିସ ମାମଲା ଢିଲା ହୋଇଗଲା ସେନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଣୁ ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକତା ରହିଛି। ଏନେଇ କେସିଙ୍ଗା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ଦୀପ କୁମାର ମାଝୀଙ୍କୁ ପଚାରିବାରୁ ଆର୍ମସ ଆକ୍ଟ –୧୯୫୯ରେ ଏକ ମାମଲା ରୁଜୁ କରାଯାଇଛିଏବଂ କୋର୍ଟରେ ମାମଲା ଅଛି, କିଛି କହିହେବନି ବୋଲି ସେ କହିଥିଲେ।

# ଛତୁରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ତାଲିମ

## ୫ଦିନିଆ ଦକ୍ଷତାବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ

**ସୁନ୍ଦରଗଡ଼,୧।୨(ଜୟ ନାରାୟଣ ମେଣ୍ଡୁଲି)**



ତାଲିମ ଶିବିର ଉଦଯାପନୀ ଦିବସରେ ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ଓ ତାଲିମ ପୁସ୍ତିକା ପ୍ରଦାନ କରାଯାଉଛି।

କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୫ଦିନିଆ ଦକ୍ଷତାବୃଦ୍ଧି ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ଫାଡସି) ଓ ନୂଆଦିଲ୍ଲୀ ଭାରତୀୟ କୃଷି ଅନୁସନ୍ଧାନ ପରିଷଦଙ୍କ ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଗତ ୨୭ ଜାନୁଆରୀରୁ ୧ ଫେବୃଆରୀ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲାର ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୩୦ ମହିଳା ଓ ପୁରୁଷଙ୍କୁ ବଳକା ଛତୁର ସଂରକ୍ଷଣ, ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି କରି ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଛତୁରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ତାଲିମ ଦିଆଯାଇଥିଲା। ପ୍ରଶିକ୍ଷାର୍ଥୀଙ୍କୁ ଛତୁରୁ ପ୍ରସ୍ତୁତ ବିଭିନ୍ନ ମୂଲ୍ୟଯୁକ୍ତ ଦ୍ରବ୍ୟ ଯେପରି ଛତୁ ଆଚାର, ଛତୁ ବଡ଼ି, ଛତୁ ପାମ୍ପଡ଼, ଛତୁ ପକୋଡ଼ା, ଛତୁ ସୁପ ପାଉଡ଼ର, ଶୁଖିଲା ଛତୁ, ଛତୁର ଡବିକରଣ, ଛତୁରୁ ପୁଷ୍ଟିଯୁକ୍ତ କୁକିଜ ଆଦି ପ୍ରସ୍ତୁତି ବିଷୟରେ ସବିଶେଷ ତାଲିମ ପ୍ରଦାନ କରାଯିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ନିଜେ ତିଆରି କରି ଜ୍ଞାନ କୌଶଳ ଆହରଣ କରିଥିଲେ। ଆହୁରି ମଧ୍ୟ ବିକ୍ରି ହୋଇପାରୁ ନ ଥିବା ଛତୁକୁ କିପରି ଅଧିକ ଦିନ ବ୍ୟବହାର ଉପଯୋଗୀ କରିବାପାଇଁ ବିଭିନ୍ନ ପ୍ରକାର ପ୍ୟାକେଜିଂ ଯଥା– ପନେଟ ପ୍ୟାକିଂ, ପିପି ପାଉଚ ପ୍ୟାକିଂ ଓ ପେପର ପ୍ୟାକିଂ, ଛତୁ ପ୍ରକ୍ରିୟାକରଣ ନିମନ୍ତେ ଆବଶ୍ୟକୀୟ ଉପକରଣ ଓ ଯନ୍ତ୍ରପାତି, ରାସାୟନିକ ଦ୍ରବ୍ୟର ଉପଲବ୍ଧତା ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ମୁଖ୍ୟ ପ୍ରଶିକ୍ଷକ ଭାବରେ ତାଲିମ ପ୍ରଦାନ କରିଥିଲେ। ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ଡେଭିଡ ଜେମସ ବାଗେ, ଦ୍ୱିବେନ୍ଦୁ ମଣ୍ଡଳ, ବିଦ୍ୟାଧର ଗୁଡ୍ଡୁ, ଡ. ସଜୀବ କୁମାର ବିଶ୍ୱାସୀ ତାଲିମ ପ୍ରଦାନ କରିବା ସହିତ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ବିଶ୍ରା ବ୍ଲକସ୍ଥିତ ଝିରିପାଣି ଗ୍ରାମର ଦିବ୍ୟଜ୍ୟୋତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବହିର୍ପରିଦର୍ଶନରେ ଯାଇ ବିଭିନ୍ନ ମିଲେଟ ସହ ଛତୁର ମିଶ୍ରଣରେ କୁକିଜ୍ ତଥା ସ୍ପିରୁଲିନା ସହିତ ଛତୁର କୁକିଜ୍ ପ୍ରସ୍ତୁତ କରିଥିଲେ। ଏହି ଗୋଷ୍ଠୀର ସଭାପତି ପ୍ରେମା ଦାସ ମହିଳାଙ୍କୁ ଅଧିକରୁ ଅଧିକ ଧିଙ୍ଗିରୀ ଛତୁ ଉତ୍ପାଦନ କରି ତା'ର ପାଉଡରକୁ ଯୋଗାଇବା ପାଇଁ ଉତ୍ସାହିତ କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷାର୍ଥୀଙ୍କ ମୂଲ୍ୟାଙ୍କନ କରାଯାଇଥିଲା। ଏଥିରେ ମୁଖ୍ୟ ଜିଲା କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, ଜିଲା ପ୍ରକଳ୍ପ ସଂଯୋଜକ (ମିଶନ ଶକ୍ତି) ବସନ୍ତ କୁମାର ମଲ୍ଲିକ, ଜୀବନ ଜୀବିକା ବିଶେଷଜ୍ଞ (ଓମ୍ଫାଡସି) ପ୍ରୋହିତ ପ୍ରଭାସ ଗିରି, ସ୍ୱମ୍ପୂର୍ଣ୍ଣ ସ୍ୱଦେଶୀ କୃଷକ ଉତ୍ପାଦନ କମ୍ପାନୀର ମୁଖ୍ୟ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ସୁଯୋଗକୁ ଉପଯୋଗ କରିବା ଏବଂ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦକୁ କିପରି ବିକ୍ରିବଟା କରାଯାଇପାରିବ ତା' ଉପରେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ତାଲିମ ପୁସ୍ତିକା ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିରକୁ କେନ୍ଦ୍ରର ମୁଖ୍ୟ ଅଧିକାରୀ, କର୍ମଚାରୀ ଜିତେନ୍ଦ୍ର ସେଠୀ, ଭ୍ରମରବର ସା ପ୍ରମୁଖ ସହଯୋଗ କରିଥିଲେ।

# ଫ୍ୟାକ୍ଟ୍ରିରୁ ଚୋରି ଘଟଣା, ୫ ଗିରଫ

**ବଡ଼ଗାଁ,୧।୨(ଅଶୋକ ଷଡଙ୍ଗୀ)**

ଗତ ୨ ବର୍ଷ ଧରି ସୁନ୍ଦରଗଡ଼ ଜିଲା ବଡ଼ଗାଁ ଓ ଆଖପାଖ ଗ୍ରାମରେ ଚୋରି ବଢ଼ି ଚାଲିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ହେଲେ ଏହି ଚୋରି ଘଟଣାରେ ବଡ଼ଗାଁ ପୋଲିସ ରବିବାର ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବଡ଼ଗାଁର ଏମଡି ସର୍ଫରାଜ ଓରଫ ସୋନୁ ଖାନ, ଅଫତାବ ଆଲମ, ସହବାଜ ଓରଫ ମୋନୁ ଖାନ, ଅଙ୍କିତ ମିଞ୍ଜ ଓ ଭୋଇପାଲି ଗ୍ରାମର ତୁଳାରାମ ଡନସନା। ଏନେଇ ପୋଲିସ ଏକ ମାମଲା ନଂ. ୪୩/୨୬ ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଫୁଲବାରୀ ଗ୍ରାମ ନିକଟରେ ବନ୍ଦ ଅବସ୍ଥାରେ ଥିବା ଏକ ପିତୁ ଫ୍ୟାକ୍ଟ୍ରିରେ ଶନିବାର ମଧ୍ୟାହ୍ନରେ ଚୋରମାନେ ପସିଥିଲେ। କାରଖାନାର ସୁପରଭାଇଜର ଦେଖିଦେବାରୁ ଚୋରମାନେ ଏକ ଟାଟା ଏସିଇରେ ଫେରାର ହୋଇଯାଇଥିଲେ। ସୁପରଭାଇଜର ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର କୁମାର ସାହୁଙ୍କୁ ଜଣାଇଥିଲେ। ପୋଲିସ ଆଇଆଇସି ସାହୁ ପୋଲିସ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ସବ ଇନ୍ସପେକ୍ଟର ଅଜୟ ବିଶୋଇ, ଏଏସଆଇ ବିଜୟ କୁମାର କର, ଏଏସଆଇ ଆରୁପାନନ୍ଦ ଦାସ, ଏଏସଆଇ ବୋନିସନ ନାଏକ ବିଭିନ୍ନ ସ୍ଥାନରେ ଚଢାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପୂର୍ବରୁ କାରଖାନାରୁ ଚୋରି ହୋଇଥିବା ଗୋଟିଏ ଏସି, କୁଲର ଓ ୫ ଟି ମୋବାଇଲ ସେମାନଙ୍କ ନିକଟରୁ ପୋଲିସ ଜବତ କରିଛି। ଏହି ଚୋରି ଘଟଣାରେ ବ୍ୟବହୃତ ଟାଟା ଏସିଇ ମଧ୍ୟ ଜବତ ହୋଇଛି। ବଡ଼ଗାଁ ଅଞ୍ଚଳର ବିଭିନ୍ନ ଚୋରୀ ଘଟଣାରେ ଏମାନେ ସଂପୃକ୍ତ ଥିବା ପୋଲିସ କହିଛି।


ଗିରଫ ୫ ଅଭିଯୁକ୍ତ ଓ ଜବତ ହୋଇଥିବା ଚୋରି ସାମଗ୍ରୀ।

# କେନ୍ଦ୍ର ବଜେଟ ଶ୍ରମିକ, କୃଷକ, ଯୁବଛାତ୍ର ସ୍ୱାର୍ଥ ବିରୋଧୀ: ସିପିଆଇ

**ରାଉରକେଲା,୧।୨(ବିପ୍ଲବ ରଞ୍ଜନ ଦାଶ)**

କେନ୍ଦ୍ର ସରକାରଙ୍କ ଚଳିତ ବଜେଟ୍ ସମଗ୍ର ଦେଶ ସାମ୍ନା କରୁଥିବା ବାସ୍ତବ ଆର୍ଥିକ ସଙ୍କଟକୁ ସମ୍ମୁଖୀନ ହେବାରେ ଅସ୍ୱୀକାର କରିଥିବା ସୂଚାଇଛି। ଯେଉଁ ସମୟରେ ବିଶ୍ୱରେ ରାଜନୈତିକ, ଅର୍ଥନୈତିକ ଅନିଶ୍ଚିତତା ଓ ବାଣିଜ୍ୟିକ ବାଧା ବୃଦ୍ଧି ପାଉଛି, ସେହି ସମୟରେ ଅର୍ଥମନ୍ତ୍ରୀଙ୍କ ଭାଷଣ ଭାରତୀୟ ଅର୍ଥନୀତିକୁ ସୁରକ୍ଷିତ ରଖିବା କିମ୍ବା ଜୀବିକା ସୁରକ୍ଷା କରିବା ପାଇଁ କୌଣସି ସ୍ପଷ୍ଟ ମାର୍ଗଦର୍ଶନ ଦେଇପାରିନାହିଁ। ପ୍ରମୁଖ ଫ୍ଲାଗଶିପ୍ ଯୋଜନାଗୁଡ଼ିକ ପାଇଁ ଯୋଜନାଭିତ୍ତିକ ଅର୍ଥ ବଣ୍ଟନ ଦେଖାଇବାରୁ ବିରତ ରହିଲେ ଏବଂ ଭବ୍ୟ ଘୋଷଣା ଆଳରେ ମହାସଙ୍କଟକୁ ଲୁଚାଇ ସଂସଦ ଓ ଜନସାଧାରଣଙ୍କୁ ଭ୍ରମିତ କରିବାର ଚେଷ୍ଟା କରାଯାଇଛି ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ କୁହାଯାଇଛି। ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ ଦାଶ, ସୁନ୍ଦରଗଡ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ସଦାନନ୍ଦ ସାହୁ, ରାଜେନ୍ଦ୍ର ନାଏକ ଏବଂ ସନ୍ତୋଷ ଆଚାର୍ଯ୍ୟ ପ୍ରମୁଖ ଏକ ଲିଖିତ ବିବୃତିରେ କହିଛନ୍ତି, ଅର୍ଥନୈତିକ ସମୀକ୍ଷାରେ ନିଜେ ଅର୍ଥ ମନ୍ତ୍ରୀ ମାନିଛନ୍ତି ଯେ, ଭାରତର ଆର୍ଥିକ ଅଭିବୃଦ୍ଧିର ପ୍ରଧାନ ଆଧାର ହେଉଛି ଦେଶୀୟ ଖର୍ଚ୍ଚ। କିନ୍ତୁ ବଜେଟ୍ ଚାହିଦା ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ପୂର୍ବବର୍ତ୍ତୀ ଆର୍ଥିକ ବର୍ଷରେ ଗ୍ରାମୀଣ ଜୀବିକା ସୁରକ୍ଷାର ମୂଳ ଆଧାର ଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ଧ୍ୱଂସ କରାଗଲା ଏବଂ ତାହା ସ୍ଥାନରେ ନୂଆ ଆଇନ୍ ଆଣାଗଲା। ଏହା ମଜୁରୀ ରୋଜଗାର, ବିକେନ୍ଦ୍ରୀକରଣ ଓ କାମ କରିବାର ଅଧିକାରକୁ ଦୁର୍ବଳ କରୁଛି। କୃଷି ସଙ୍କଟ ଦିନକୁ ଦିନ ଗମ୍ଭୀର ହେଉଛି। ସମସ୍ତ କ୍ଷେତ୍ରର ଶ୍ରମିକ ସାମାଜିକ ସୁରକ୍ଷା ଓ ଚାକିରି ସୁରକ୍ଷାକୁ ଦୁର୍ବଳ କରୁଥିବା ଚାରିଟି ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ର ଅବହେଳିତ ଅବସ୍ଥାରେ ରହିଛି। ତାଳଚେର ବିମଳାଗଡ ରେଳ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ କରିବା ପାଇଁ କୌଣସି ବ୍ୟୟ ବରାଦ ନାହିଁ। ଓଡ଼ିଶା ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଅଣଦେଖା କରାଯାଇଛି। ଏହି ଜନବିରୋଧୀ ବଜେଟ ପ୍ରତିବାଦରେ ଫେବୃଆରୀ ୧୨ରେ ଆହୂତ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ବ୍ୟାପକ କରିବା ପାଇଁ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି ବୋଲି ସୂଚନା ଦିଆଯାଇଛି।

# ଅନ୍ଧ, ମୂକ, ବଧିର ବିଦ୍ୟାଳୟରେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ, ତଦନ୍ତ ଆରମ୍ଭ

**ଭବାନୀପାଟଣା,୧।୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ପରମାନନ୍ଦପୁରସ୍ଥିତ ରେଡ୍‌କ୍ରସ ଅନ୍ଧ, ମୂକ, ବଧିର ବିଦ୍ୟାଳୟରୁ ଆସିଛି ସାଂଘାତିକ ଅଭିଯୋଗ । ବିଦ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଛାତ୍ରୀମାନେ । ମାମଲା ଜିଲାପାଳଙ୍କ ନିକଟରେ ପହଞ୍ଚିବା ପରେ ତନାଘନା ଆରମ୍ଭ ହୋଇଛି । ଅଭିଯୋଗ ପାଇବା ପରେ ଜିଲାପାଳ ପାୱାର ସଚିନ ପ୍ରକାଶ ଏହି ଘଟଣାରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରିଛନ୍ତି। ଏହି ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଏବେ ଫେରିଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ,ପରମାନନ୍ଦପୁର ନିକଟସ୍ଥ ରେଡକ୍ରସ ଅନ୍ଧ, ମୂକ, ବଧିର ବିଦ୍ୟାଳୟର ସମସ୍ତ ଛାତ୍ରୀ ମୂକ ଓ ବଧିର। ବିଦ୍ୟାଳୟର ଜଣେ ପୁରୁଷ ୱାର୍ଡନ ନାବାଳିକା ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର ଦେଖାଇବା ସହ ଅସଦାଚରଣ କରୁଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ କଳାହାଣ୍ଡି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର କହିଛନ୍ତି, 'ବିଦ୍ୟାଳୟ କର୍ମଚାରୀଙ୍କ ବିରୋଧରେ ଏ ନେଇ ଅଭିଯୋଗ ଆସିଛି। ଏହି କର୍ମଚାରୀ ପିଲାମାନଙ୍କୁ ମାନସିକ ନିର୍ଯାତନା ଦେବା ସହ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗରେ କୁହାଯାଇଛି। ଅଭିଯୋଗକୁ ଭିତ୍ତି କରି ଜିଲାପାଳ ଏକ ଟିମ୍ ଗଠନ କରିଛନ୍ତି । ଏହି କମିଟି ଘଟଣାସ୍ଥଳକୁ ଯାଇ ତଦନ୍ତକରି ଫେରିଛନ୍ତି। କମିଟି ତାର ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷେ ଅଭିଯୋଗକାରିଣୀ ଛାତ୍ରୀମାନେ ମୂକ ହୋଇଥିବାରୁ କିଛି କହିପାରୁ ନାହାନ୍ତି। ଏ ନେଇ ଇଶାରାରେ ସେମାନେ କହିବାକୁ ଚେଷ୍ଟା କରିବା ସହ କାଗଜରେ ଲେଖି ଜଣାଇଛନ୍ତି।

# ଗଣ୍ଡ ସମାଜର ଆରାଧ ଦେବତାଙ୍କୁ ଗୁରୁତ୍ୱ ଦିଅ

## ଜଙ୍ଗା ବଡ଼ଦେଓଙ୍କ ବାର୍ଷିକ ମହୋତ୍ସବ

**ବାଲିଶଙ୍କରା,୧।୨(ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତୁମୁଲିଆ ପଞ୍ଚାୟତ ସାନକୁମୁଡାଫାଲ ଗ୍ରାମରେ ଗଣ୍ଡ ସମାଜର ଆରାଧ ଦେବତା ଶ୍ରୀ ଶ୍ରୀ ଜଙ୍ଗା ବଡ଼ଦେଓଙ୍କ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଧାନସଭା ଉପବାଚସ୍ପତି ତଥା ତଳସରା ନିର୍ବାଚନ ମଣ୍ଡଳୀର ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ସହ ଗଣ୍ଡ ସମାଜର ଆରାଧ ଦେବତାଙ୍କୁ ଗୁରୁତ୍ୱ ଦିଅ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ତଳସରା ଥାନା ଅଧିକାରୀ ତଥା ଡିଏସପି ପୁଷ୍ପେନ୍ଦୁ ସାଗର, ଏମପି ପ୍ରତିନିଧି ଉଚ୍ଛବ ତନ୍ତୀ, ବିଧାୟକ ପ୍ରତିନିଧି ରବି ଚନ୍ଦ୍ର ପଟେଲ, ବନମାଳୀ ବାରସତିଆ, ଗଣ୍ଡ ସମାଜର ବ୍ଲକ କମିଟି ସଭାପତି ଧନେଶ୍ୱର ମାଝୀ, ସମ୍ପାଦକ ଅର୍ଜୁନ ପଙ୍ଗା, ସହ ସମ୍ପାଦକ ଅକ୍ଷୟ ଧୃଆ ପ୍ରମୁଖ ଯୋଗଦେଇ ସମାଜର ଅଗ୍ରଗତି ବିଷୟରେ ଆଲୋକପାତ କରିଥିଲେ। ରାମେଶ୍ୱର ପ୍ରଧାନ ଓ ପ୍ରିୟଙ୍କା ପଙ୍ଗା ସଭା ପରିଚାଳନା କରିଥିଲେ। ଏହି ଅବସରରେ ଗଣ୍ଡ ସମାଜର ସମସ୍ତ ଆଞ୍ଚଳିକ କମିଟି ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। ଗୋପାଳ ଧୁରୁଆ, ସରୋଜ ମାଝୀ, ଗଜେନ୍ଦ୍ର ମାଝୀ, ଚନ୍ଦନ ପଙ୍ଗା, ଅମୃତ ମାଝୀ, ପ୍ରିତମ ପଙ୍ଗା, ଭୁପେନ୍ଦ୍ର ପ୍ରଧାନ, ବୀରେନ୍ଦ୍ର ଧୁରୁଆ, କିଶୋର ପଙ୍ଗା, ପିଣ୍ଟୁ ମାଝୀ, ରମେଶ ଧୁରୁଆ, ଆନନ୍ଦ ପ୍ରଧାନ, ନିର୍ମଳ ମାଝୀ, ସୁରେଶ ପ୍ରଧାନ ପ୍ରମୁଖ ସକ୍ରିୟ ଭାବେ କାର୍ଯ୍ୟଭାର ତୁଲାଇଥିଲେ।

# ବ୍ରାହ୍ମଣ ସମାଜର ବାର୍ଷିକ ସଭା



**ବଡ଼ଗାଁ,୧।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଦେବ ମଣ୍ଡପଠାରେ ରବିବାର ବଡ଼ଗାଁ ବ୍ରାହ୍ମଣ ସମାଜ ପକ୍ଷରୁ ବାର୍ଷିକ ସାଧାରଣ ସଭା ସମାଜର ସଭାପତି ପରମାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସମାଜର ରୀତିନୀତି, ପରମ୍ପରା, ସଂସ୍କୃତି, ଚାଲିଚଳନ ବିଷୟରେ ଆଲୋଚନା ହୋଇଥିଲା। ସମାଜକୁ ଶୃଙ୍ଖଳିତ ରଖିବାକୁ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ପରାମର୍ଶ ଦେଇଥିଲେ। ସଭାରେ ସମାଜର ସମ୍ପାଦକ ସୌରଭ ପଣ୍ଡା, ଉପ ସଭାପତି ସତ୍ୟବାନ ବିଶି, ହରେକୃଷ୍ଣ ପୁରୋହିତ, କୋଷାଧ୍ୟକ୍ଷ ପଦ୍ମଲୋଚନ ପାଣିଗ୍ରାହୀ, ପୂର୍ବତନ ସଭାପତି ଉପାଧ୍ୟକ୍ଷ ପାଣିଗ୍ରାହୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ପଦ୍ମନାଭ ପାଣିଗ୍ରାହୀ, ସୁଧୀର ବିଶି, ବୀରେନ୍ଦ୍ର ପୁରୋହିତ, ପତିତପାବନ ପାଣିଗ୍ରାହୀ, ଲକ୍ଷ୍ମଣ ପୁରୋହିତ, ସନ୍ତୋଷ ପୁରୋହିତ, ବିଘ୍ନେଶ୍ୱର ପଣ୍ଡା, ଅଶ୍ୱିନୀ ବିଶି, ସତ୍ୟନାରାୟଣ ନାୟକ, ପ୍ରତାପ ମହାପାତ୍ର, ବିଭୂତି ନାୟକ, ଅର୍ଜୁନ ନାୟକ, ଲବଣୀଧର ପାଣିଗ୍ରାହୀଙ୍କ ସହିତ ସମାଜର ବହୁ ବ୍ୟକ୍ତି ଯୋଗଦେଇଥିଲେ।

# ମିନତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ଅଧ୍ୟକ୍ଷାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

**ହେମଗିର,୧।୨(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟର ଅଧ୍ୟକ୍ଷା ମିନତି ମିଶ୍ର ଅବସର ଗ୍ରହଣ କରିଛନ୍ତି। ଏନେଇ ମହାବିଦ୍ୟାଳୟଠାରେ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରାଧ୍ୟାପକ ବିଭୂତି ମିଶ୍ର, ପ୍ରମୋଦ କୁମାର ପଣ୍ଡା ଓ ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ଦୀପ୍ତିମୟୀ ସେଠ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସ୍ମିତା କାଲୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡାଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରିଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜୟନ୍ତୀ

**କୁଆଁରମୁଣ୍ଡା,୧।୨(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ନିକଟସ୍ଥ ସତସଙ୍ଗ ବିହାର ପରିସରରେ ଠାକୁର୍ ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ କୁଆଁରମୁଣ୍ଡା ସତସଙ୍ଗ ବିହାରର ବରିଷ୍ଠ କର୍ମକର୍ତ୍ତା ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରତ୍ନାକର ବିଶାଳ, କୁଶଳ ଓରାମ, ଦିଲ୍ଲୀପ ସାହୁ, ଶିବ ନାରାୟଣ ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରାହ୍ନରେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସାମାଜିକ କର୍ମୀ ସୁନିଲ ମାନସିଂହ ପ୍ରମୁଖ ସତସଙ୍ଗ କେନ୍ଦ୍ରରେ ପହଞ୍ଚି ସାମୂହିକ ପ୍ରାର୍ଥନାରେ ଅଂଶ ଗ୍ରହଣ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ସତସଙ୍ଗ କେନ୍ଦ୍ର ପକ୍ଷରୁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।


କୁଆଁରମୁଣ୍ଡା ସତସଙ୍ଗ ବିହାରରେ ଠାକୁର୍ ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜୟନ୍ତୀ ପାଳନ କରାଯାଉଛି।

# ପରିବେଶ ସୁରକ୍ଷା ପାଇଁ ପ୍ରକୃତି ସଂରକ୍ଷଣ ଆବଶ୍ୟକ

**କୁଚିଣ୍ଡା,୧।୨(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅର୍ଡାବାହାଲର ସରକାରୀ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ(ଏସ୍ଏସ୍‌ଡି)ପରିସରରେ ଟ୍ରିକ୍ସ ସୋଲାର କମ୍ପାନୀ ପକ୍ଷରୁ ରବିବାର ଆନ୍ତଃଜିଲା ପରିବେଶ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅବିଭକ୍ତ ସମ୍ବଲପୁର ଓ ଅନୁଗୋଳ ଜିଲାର ପରିବେଶ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ପରିବେଶ ସୁରକ୍ଷା ପାଇଁ ପ୍ରକୃତି ସଂରକ୍ଷଣର ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଏଥିରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟବକ୍ତା, କଲେଜ ଅଧ୍ୟକ୍ଷ ରଞ୍ଜନ ନାଏକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କରୁଣାକର କିଷାନ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଆନନ୍ଦ ରାଓ ଦୋରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିହାରିଲାଲ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପରିବେଶବିତ୍ ସୁବାସ ଚନ୍ଦ୍ର ନାୟକଙ୍କୁ ପ୍ରକୃତିର ଶ୍ରେଷ୍ଠପୁତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଝାରସୁଗୁଡ଼ାର ଦୀନବନ୍ଧୁ ପଟେଲ, ଦେବଗଡ଼ ରିଆମାଳର ବିପିନ ବିହାରୀ ପୃଷ୍ଟି, ସମ୍ବଲପୁରର ତ୍ରିବିକ୍ରମ ପୋଢ଼, ଜମନକିରାର ରତନଲାଲ ସିଂ, କୁଚିଣ୍ଡାର ପଙ୍କଜିନୀ ନାୟକ, ସୌଦାମିନୀ ପଟେଲ, ସରୋଜ ମେହେର, ସୁଗତ ପଟେଲ, ବାମରାର ପ୍ରଫୁଲ୍ଲ କୁମାର ସାହୁ ଓ ତୁଳସୀ ମଞ୍ଜରି ବହିଦାର, ଝାରସୁଗୁଡ଼ା ବ୍ଲକର ପ୍ରେମସାଗର ଦେହେରିଆ, ଯୁଯୁମୁରାର ପ୍ରଦ୍ୟୁମ୍ନ କୁମାର ବିଶି, ଧନକଉଡ଼ାର କିଶୋର ଛତର, ରେଢ଼ାଖୋଲର ପ୍ରତାପ କୁମାର, ଦେବଗଡ଼ର ସୁକାନ୍ତ ନନ୍ଦ ପ୍ରମୁଖ ପ୍ରକୃତିବନ୍ଧୁଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସାମାଜିକ କର୍ମୀ ଅମୃତ ବାଦି ସ୍ୱାଗତ ଭାଷଣ ଦେଇଥିବା ବେଳେ, ପୂର୍ବତନ ସରପଞ୍ଚ ରାଇମତୀ ମାଝି ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରିକ୍ସ ସୋଲାର ନିର୍ଦ୍ଦେଶିକା ସଙ୍ଗୀତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସାମାଜିକ କର୍ମୀ ଅଭିଷେକ ମିଶ୍ର, ନରୋତ୍ତମ ନାଏକ, ସୌମ୍ୟକୁମାର ଦଳେଇ, ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଗୁରୁଜନ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।


ମନ୍ତ୍ରୀ ରବିନାରାୟଣ ନାଏକ ପ୍ରକୃତି ବନ୍ଧୁମାନଙ୍କୁ ସମ୍ମାନିତ କରୁଛନ୍ତି।

## ଆନ୍ତଃଜିଲା ପ୍ରକୃତି ସୁରକ୍ଷା କର୍ମୀ ସମ୍ମିଳନୀ

# ସମ୍ବଲପୁର ପୁସ୍ତକ ମେଳା ଉଦ୍‌ଯାପିତ



ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ସମ୍ମାନିତ ପ୍ରତିଭା।

**ସମ୍ବଲପୁର, ୧।୨ (ବି.ଶଙ୍କର)**

ଏନ୍‌ବିଟି ଇଣ୍ଡିଆ ଆୟୋଜିତ ୨୬ତମ ସମ୍ବଲପୁର ପୁସ୍ତକ ମେଳା ସ୍ଥାନୀୟ ଅଇଁଠାପାଲି ପିଏଚ୍‌ଡି ପଡ଼ିଆରେ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସେତୁ ସଭାପତି ଡ. ମୀନକେତନ ପାଠୀଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଥିଲା। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟଅତିଥି, ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଶିଷ୍ଟ ସମ୍ବଲପୁରୀ ଭାଷା ସାହିତ୍ୟ ସାଧକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ସେତୁ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏଥିସହ ଆଦର୍ଶ ଶିକ୍ଷକ ବିନୋଦ କୁମାର ବିଶ୍ୱାଳଙ୍କୁ ଶିକ୍ଷାବିତ୍ ବାଳକୃଷ୍ଣ କର ସ୍ମୃତି ସମ୍ମାନ ଏବଂ ସେବାପାଇଁ ସମର୍ପିତା ଶୁଭ୍ରକାନ୍ତି ନାୟକଙ୍କୁ ଡାକ୍ତର ଦୀପ୍ତିବାଳା ପଟ୍ଟନାୟକ କର୍ମଯୋଗୀ ମହିଳା ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ସମ୍ବଲପୁର ଜିଲା ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ହୋଇଥିବା ଜି. ଶିରିଷାଙ୍କୁ କ୍ଷୀରୋଦ ମିଶ୍ର ସ୍ମୃତି ପୁରସ୍କାର ଏବଂ ଅବିଭକ୍ତ ସମ୍ବଲପୁର ଜିଲାର ମାଟ୍ରିକ ଟପ୍ପର ବବିତା ରଥଙ୍କୁ ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ପୁରସ୍କାର ଦିଆଯାଇଥିଲା। ସମ୍ପାଦକ ହରି ନାରାୟଣ ପଣ୍ଡା ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସ୍ୱୟଂପ୍ରକାଶ ପଣ୍ଡା, ସୁକାନ୍ତ କର, ରୀତାରାଣୀ ମିଶ୍ର, ଅଖିଳ ବିଶ୍ୱାଳ, ଅନନ୍ୟା ବେହେରା, ଡ. ସିଦ୍ଧାର୍ଥ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେତୁ କାର୍ଯ୍ୟକାରିଣୀ ସଦସ୍ୟ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସେତୁ ସ୍ମରଣିକା ଏବଂ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମ୍ବଲପୁରୀ ପୁସ୍ତକ ଉନ୍ମୋଚିତ ହୋଇଥିଲା।

ସାଂସ୍କୃତିକ କାର୍ଯ୍ୟକ୍ରମରେ ଦିଲ୍ଲୀରୁ ଆସିଥିବା ପ୍ରସିଦ୍ଧ ଦଳର ସୁଫି, ବଲିଉଡ୍, ପପ ପ୍ରଭୃତି ଗୀତରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶିଶୁ ମଣ୍ଡପରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ (ଏନ୍‌ବିଟି)ର ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ର(ଏନ୍‌ସିସିଏଲ) ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀ ଦିନରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ଆଜିର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା କଥାକାର ସଞ୍ଜୀବ କୁମାର ପ୍ରଧାନଙ୍କ ନେତୃତ୍ୱରେ ରଙ୍ଗ ବିରଙ୍ଗୀ କାହାନୀ କି ଦୁନିଆଁ। ଏଥିସହ ପିଲାମାନେ ତାଙ୍କ କାହାଣୀ କଥନକୁ ବେଶ ଉପଭୋଗ କରିବାସହ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ଅଧିବେଶନ ଥିଲା ବିବେକ କୁମାରଙ୍କ କ୍ୱିଜ୍ ପ୍ରତିଯୋଗିତା। ପିଲାମାନେ ତାଙ୍କ ଜ୍ଞାନର ଭଣ୍ଡାରକୁ ଖୋଲି ଦେଇ ପ୍ରତିଯୋଗିତାମୂଳକ ଭାବେ ଉତ୍ତର ଦେଉଥିବା ଦେଖାଯାଇଥିଲା। ପିଲାମାନଙ୍କ ପାଇଁ ଶେଷ ଅଧିବେଶନ ଥିଲା ରାଷ୍ଟ୍ରୀୟ ପୁସ୍ତକମେଳାର କର୍ମଶାଳା। ଗତ ୯ ଦିନ ଧରି ଏନ୍‌ସିସିଏଲ ଟିମ୍‌ଙ୍କ ତତ୍ତ୍ୱାବଧାନ ଏବଂ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପୁସ୍ତକମେଳାରେ ଜନସାଧାରଣ ସେମାନଙ୍କ ମନପସନ୍ଦ ପୁସ୍ତକ କ୍ରୟ କରିଥିଲେ। ୨୫୦ରୁ ଅଧିକ ଷ୍ଟଲରେ ଶିଶୁ ସାହିତ୍ୟ, କାଳ୍ପନିକ, ଅଣ-କାଳ୍ପନିକ, ଶୈକ୍ଷିକ ଏବଂ ଲୋକପ୍ରିୟ ପୁସ୍ତକ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରୁ ପାଠକଙ୍କୁ ଆକୃଷ୍ଟ କରିଛି । ସମ୍ବଲପୁର ଏବଂ ଆଖପାଖ ଅଞ୍ଚଳ ସକାଶେ ଏଭଳି ବଡ଼ ଧରଣର ପୁସ୍ତକମେଳା ତଥା ଜାତୀୟ ଅନ୍ତର୍ଜାତୀୟ ପ୍ରକାଶକଙ୍କ ପୁସ୍ତକ ଉପଲବ୍ଧ ହେବା ଆନନ୍ଦିତ କରିଛି ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚିତ କରାଯାଇଛି ।

**ସମ୍ବଲପୁରୀ ଭାଷା ସାହିତ୍ୟ ସାଧକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ସେତୁ ସମ୍ମାନ**

## ଜାମୁମାଲ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

**ଜମନକିରା, ୧।୨ (ରବୀନ୍ଦ୍ର ପ୍ରସାଦ ଦାନୀ)**

ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ଜାମୁମାଲ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ଐଶ୍ୱର୍ଯ୍ୟ କୁମାର ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ସହ ନିଜର ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବା ଦିଗରେ ଯତ୍ନଶୀଳ ହୁଅ ବୋଲି ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ଜରାବଗା ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ପଙ୍କଜ କୁମାର ବେହେରା ଯୋଗ ଦେଇ ଶିକ୍ଷୟିତ୍ରୀଶିକ୍ଷକ ତଥା ଛାତ୍ରୀଛାତ୍ରମାନଙ୍କୁ ଦାୟିତ୍ୱବୋଧତା ଉପରେ ଗଳ୍ପ ମାଧ୍ୟମରେ ବୁଝାଇଥିଲେ। ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ଧାନ ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥିଭାବେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘ ସମ୍ବଲପୁର ଜିଲା ସଭାପତି ବୀରେନ୍ଦ୍ର କୁମାର ପଟେଲ, ଟଙ୍ଗରାଣି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ସାହୁ, ସିଆରସିସି ରମଣୀ ରଞ୍ଜନ କିସାନ ପ୍ରମୁଖ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାଏକ ସଭା ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ସୁନିଲ କୁମାର ନାଗ ସହଯୋଗ କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ସ୍ମୃତି ମୁଣ୍ଡା, ଜ୍ୟୋତିଷ୍ମା ମୁଣ୍ଡା, ଶ୍ରୁତି ଧୀବର, ସୁଶାନ୍ତ ମୁଣ୍ଡା, କୌଶଲ୍ୟା ଧରୁଆ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ସମ୍ମାନୀତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ସରୋଜ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସ୍କୁଲର ତପସ୍ୱିନୀ ମାଝୀ, ମହେଶ୍ୱର କାଲୋ, ଭବାନୀ ଶଙ୍କର ନାଏକ, ରୋହିତ କୁମାର ନାୟକ, ବିଳାସିନୀ କାଲୋ, ରଇବାରି ମୁଣ୍ଡା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ବିଦ୍ୟା ବିକାଶକୁ ହରାଇଲା ମିଡିଆ ଏକାଦଶ

**ସମ୍ବଲପୁର, ୧।୨ (ଭବାନୀ ଶଙ୍କର ଭୋଇ)**

**ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ**

ବିଦ୍ୟା ବିକାଶ ଗ୍ରୁପ ପକ୍ଷରୁ ରବିବାର ସମ୍ବଲପୁର ମିଡିଆ ଏକାଦଶ ବନାମ ବିଦ୍ୟା ବିକାଶ ହସ୍ପିଟାଲ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଶାସନ ନିକଟସ୍ଥ ବିଦ୍ୟା ବିକାଶ ପଡିଆରେ ଅନୁଷ୍ଠିତ ହୋଇଥିଲା। ମିଡିଆ ଏକାଦଶ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୨ ଓଭରରେ ୭ ଉଇକେଟ ହରାଇ ୧୦୭ ରନ କରିଥିଲା। ଜବାବରେ ବିଦ୍ୟା ବିକାଶ ହସ୍ପିଟାଲ ସମ୍ବଲପୁର ଦଳ ୯ ଓଭରରେ ୬୧ ରନ କରି ଅଲ୍‌ଆଉଟ ହୋଇଥିଲା। ମିଡିଆ ଏକାଦଶ ୪୬ ରନରେ ମ୍ୟାଚ ଜିତିଥିଲା। ବିଦ୍ୟା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ଅଧ୍ୟକ୍ଷ ଜି. ଭାସ୍କର ରାଓ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ବିକାଶ ଦି କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ସିନିୟର ସେକେଣ୍ଡାରୀ ପ୍ରିନ୍ସିପାଲ ଡକ୍ଟର ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ପ୍ରିନ୍ସିପାଲ ଡକ୍ଟର ଦିବ୍ୟସିଂହ ମହାନ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଦ୍ୟା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ମାନବ ସମ୍ବଳ ଅଧିକାରୀ ପ୍ରିତମ ଦାସ ଏବଂ ସମ୍ବଲପୁରର ପିଆର ଏବଂ ଲିଗାଲ ବିଦ୍ୟା ବିକାଶ ହସ୍ପିଟାଲର ମାନବ ସମ୍ବଳ ଅଧିକାରୀ ସଞ୍ଜୀବ ପଣ୍ଡା ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ଜି. ଭାସ୍କର ରାଓ ଖେଳ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରୁଛନ୍ତି।




ଏନ୍‌ଏସ୍‌ସିବି କଲେଜରେ ଅନୁଷ୍ଠିତ ସମ୍ମେଳନରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅଧ୍ୟାପକ ବୃନ୍ଦ।

## ରାଜନୀତି ସବୁବେଳେ ଅର୍ଥନୀତିକୁ ପ୍ରଭାବିତ କରେ

**ସମ୍ବଲପୁର, ୧।୨ (ଭବାନୀ ଶଙ୍କର ଭୋଇ)**

**ଏନ୍‌ଏସ୍‌ସିବି କଲେଜରେ ଅନ୍ତର୍ଜାତୀୟ ସମ୍ମେଳନ**

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନ୍‌ଏସ୍‌ସିବି) କଲେଜ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ରବିବାର ଭୌଗୋଳିକ ରାଜନୀତି, ଡିଜିଟାଲ ନବିନତା ଓ ସପ୍ଲାଇ ଚେନ ସହନଶୀଳତା: ଭାରତର ବିଶ୍ୱ ଉନ୍ନତି ପଥ ଶୀର୍ଷକରେ ଆୟୋଜିତ ପ୍ରଥମ ଅନ୍ତର୍ଜାତୀୟ ସମ୍ମେଳନ ସମାପନ ହୋଇଛି। କଲେଜର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମ୍ମେଳନୀରେ ସଂଯୋଜକ ଡ଼. ସତ୍ୟରଞ୍ଜନ ଗାରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶାଶ୍ୱତ ମହାନା ଅତିଥି ପରିଚୟ ସହ ସେମନାର ରିପୋର୍ଟ ଉପସ୍ଥାପନ କରି ସମ୍ମେଳନର ତିନି ଦିନର କାର୍ଯ୍ୟକ୍ରମ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷ ଡ଼. ପ୍ରଦୀପ କୁମାର ହରପାଲ ସମ୍ମେଳନର ଗବେଷଣାମୂଲ୍ୟ ଓ ଶିକ୍ଷଣୀୟ ଗୁରୁତ୍ୱ ବିଷୟରେ ମତ ରଖିଥିଲେ। ସେ କହିଥିଲେ ତିନିଦିନର ଆଲୋଚନାରେ ରାଜନୀତି କିପରି ଅର୍ଥନୀତିକୁ ପ୍ରଭାବିତ କରିଆସିଛି ତାହା ବୁଝିବାକୁ ସହାୟତା କରିଛି। ପ୍ରଶାସନିକ ଅଧିକାରୀ ଡ଼. ଆଦିତ୍ୟ ମେହେର ଓ ଶାକ୍ଷରିକ ଅଧିକାରୀ ଡ଼. ହରିହର ମଲ୍ଲିକ ସମ୍ମେଳନର ସଫଳତା ଉପରେ ମତ ରଖିଥିଲେ। ଏହି ଅବସରରେ ଓଡ଼ିଆ ବିଭାଗ ମୁଖ୍ୟ ସହାୟକ ପ୍ରଫେସର ଡ଼. ଶ୍ୟାମ ଭୋଇ ଓ ଇତିହାସ ବିଭାଗୀୟ ମୁଖ୍ୟ ଡ଼. ରଘୁମଣି ନାଏକ ତାଙ୍କ ମତ ରଖିଥିଲେ। ସମାପନୀ ସତ୍ର ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକର୍ଷିତ କରିଥିଲା। ନୃତ୍ୟ, ସଙ୍ଗୀତ ଓ ଲୋକସଂସ୍କୃତି ଆଧାରିତ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶାର ସଂସ୍କୃତିକ ଐତିହ୍ୟକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଥିଲା । ସମ୍ମେଳନ ଓ ସମାପନୀ ସତ୍ର ସଫଳତାରେ ରଶ୍ମିତା ଖାଇବର୍ତ୍ତା, ଅଭିପ୍ସା ପଣ୍ଡା, ପ୍ରମୋଦ ଭୋଇ, ରୋହିତ ଅଗରୱାଲ ଓ ରୀମା ଦାସଙ୍କ ସହ ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଅବଦାନ ପ୍ରଶଂସନୀୟ ଥିଲା। ଶେଷରେ ଅଭିପ୍ସା ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ ।

## କ୍ରିକେଟ ଟୁର୍ନାମେଣ୍ଟ: ରାସନପୁର ଚାମ୍ପିୟନ

**ନାକଟିଦେଉଳ, ୧।୨ (ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡିଆମୁଣ୍ଡା ପଞ୍ଚଖଣ୍ଡା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ୨୮ ତାରିଖଠାରୁ ଚାଲିଥିବା ପଞ୍ଚଖଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ମାନେଶ୍ୱରର ରାସନପୁର ଏବଂ ବୁଢ଼ୀକୁଟେନର ବଜରଙ୍ଗ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିଣି ରାସନପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ଟି ଉଇକେଟ ହରାଇ ୧୨୮ ରନ କରିଥିବା ବେଳେ ବଜରଙ୍ଗ କ୍ଲବ ୧୦ ଓଭରେ ୬ ଉଇକେଟ ହରାଇ ୯୩ ରନ କରିଥିଲା। ଟୁର୍ନାମେଣ୍ଟରେ ରାସନପୁରର ବିଟୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ବଜରଙ୍ଗ କ୍ଲବର ମିଲୁଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ସୁଶାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ମୁଖ୍ୟ ବକ୍ତାଭାବେ ଗିରିଶ୍ଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ପ୍ରକାଶ ଚନ୍ଦ୍ର ପଣ୍ଡା, ସମ୍ମାନୀତ ଅତିଥିଭାବେ କିସିଣ୍ଡା ସରପଞ୍ଚ ରୀନାରାଣୀ ନାଏକ, ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଏବଂ ବ୍ଲକ ଯୁବ ବିଜେଡି ସଭାପତି ଧିରେନ କୁମାର ସାହୁ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ପଞ୍ଚଖଣ୍ଡା କ୍ରିକେଟ କ୍ଲବର ନୀତିଶ ସାହୁ, ଆୟୁଷ ନାଏକ, ଅଜିତ ପ୍ରଧାନ, ସିପୁନ ବିଶି ଏବଂ ଅଶୋକ ନାଏକ ଏବଂ ସଦସ୍ୟମାନେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ବିଜେତା ଓ ଉପବିଜେତା ଦଳର ଖେଳାଳିମାନେ।

## ଗୁରୁ ପଦ୍ମସମ୍ଭବଙ୍କ ଆବିର୍ଭାବ ମାଟି ସମ୍ବଲପୁରକୁ ଲୋକଲୋଚନକୁ ଆଣିବା ଅଭିଯାନ

**ସମ୍ବଲପୁର, ୧।୨ (ଭବାନୀ ଶଙ୍କର ଭୋଇ)**

ଭାରତୀ ସମାଜ ପକ୍ଷରୁ ରବିବାର ଗୁରୁ ପଦ୍ମସମ୍ଭବଙ୍କ ଆବିର୍ଭାବ ମାଟି ସମ୍ବଲପୁରକୁ ଲୋକଲୋଚନକୁ ଆଣିବା ପାଇଁ ବର୍ଷତମାମ ଅଭିଯାନ ଚଳାଇବା ନେଇ ଆୟୋଜିତ ବୈଠକରେ ସ୍ଥିର କରାଯାଇଥିଲା। ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଆୟୋଜିତ ବୈଠକରେ ଦ୍ୱିତୀୟ ବୁଦ୍ଧଭାବେ ଗ୍ରହଣ ହେଉଥିବା ଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନକୁ ନେଇ ଦ୍ୱନ୍ଦ ଦୂର ହୋଇଥିବା କୁହାଯାଇଛି। ବିଗତ ବର୍ଷ ମାନଙ୍କରେ ତାଙ୍କର ଆବିର୍ଭାବ ସ୍ଥାନ ସମ୍ବଲପୁର ବୋଲି ଗବେଷକମାନେ ପ୍ରମାଣିତ କରିସାରିଛନ୍ତି। ଏହାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ଗବେଷକମାନେ ମଧ୍ୟ ସ୍ୱୀକାର କରିଛନ୍ତି। ଭାରତୀ ସମାଜ ପକ୍ଷରୁ ୨୦୧୪ ମସିହାରେ ଗୁରୁ ପଦ୍ମସମ୍ଭବଙ୍କ ଆବିର୍ଭାବ ସ୍ଥାନ ଭାବେ ସମ୍ବଲପୁରରେ ଐତିହ୍ୟ ନିର୍ମାଣ ପାଇଁ ପ୍ରଥମ କରି ଦାବି କରାଯାଇଥିଲା। ହେଲେ ସେତେବେଳେ ପ୍ରମାଣ ଅଭାବରୁ ପ୍ରଶାସନ ସେ ଦିଗରେ ଆଗଭର ହୋଇ ନ ଥିଲା । ଏହା ପରେ ୨୦୧୬ ମସିହାରୁ ଲକ୍ଷ୍ମୀଡୁଙ୍ଗୁରିରେ ଗୁରୁ ପଦ୍ମସମ୍ଭବଙ୍କ ସହ ଜଡିତ ଇତିହାସକୁ ନେଇ ସମର୍ପଣ ଉତ୍ସବ କରାଯାଇଆସୁଛି। ବିଗତ ବର୍ଷମାନଙ୍କରେ ସମର୍ପଣ ଉତ୍ସବର ଅଭିଜ୍ଞତା ବିଷୟରେ ଭାରତୀ ସମାଜର ଚୂଡାମଣୀ ଭୀମ ସୂଚନା ଦେଇଥିଲେ। ଏହାସହ ଭାରତୀ ସମାଜ ପକ୍ଷରୁ ଲକ୍ଷ୍ମୀ ଡୁଙ୍ଗୁରିଠାରେ ଗୁରୁ ପଦ୍ମସମ୍ଭବ ପ୍ରକୃତି ଉଦ୍ୟାନ ନିର୍ମାଣ ପାଇଁ କରାଯାଇଥିବା ଦାବିକୁ ପୁନରାବୃତ୍ତି କରାଯାଇଥିଲା। ଚଳିତ ବର୍ଷ ଏପ୍ରିଲ ୧ ତାରିଖରେ ହେବାକୁ ଥିବା ଭାରତୀ ଉତ୍ସବକୁ ଭବ୍ୟ ଆକାରରେ ଆୟୋଜନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ୨୦୨୪ ମସିହାରେ ଆୟୋଜିତ ସେମିନାରରେ ସଫଳତା ମିଳିଥିବା ବେଳେ ଆସନ୍ତା ଜୁନ ମାସରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ସହଯୋଗରେ ଅନ୍ତର୍ଜାତୀୟ ସେମିନାର ଆୟୋଜନ ଏବଂ ଜୁଲାଇ ୧ ତାରିଖରେ ଲକ୍ଷ୍ମୀଡୁଙ୍ଗୁରିରେ ୧୧ତମ ସମର୍ପଣ ଉତ୍ସବ ଆୟୋଜନ ନେଇ ବୈଠକରେ ସ୍ଥିର କରାଯାଇଥିଲା। ଏହାସହ ଆସନ୍ତା ରବିବାର ଲକ୍ଷ୍ମୀଡୁଙ୍ଗୁରି ବିଷୟରେ ଯୁବ ପିଢୀଙ୍କୁ ଜଣାଇବା ସହ ଗୁରୁ ପଦ୍ମସମ୍ଭବଙ୍କୁ ବିଷୟରେ ଅବଗତ କରାଯିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ବୈଠକରେ ସ୍ଥିର ହୋଇଥିଲା। ଆଜିର ବୈଠକରେ ଭାରତୀ ସମାଜର ଗୋପବନ୍ଧୁ ସେନାପତି, ଶାନ୍ତନୁ ପାଢୀ, ବସନ୍ତ କୋକବାକ, ଟିଙ୍କୁ କୁମାର ଜଗତ, ଅଶୋକ ତ୍ରିପାଠୀ, ଗଦାଧର ନିଆଲ, ଯଶୋବନ୍ତୀ ନିଆଲ, ବିରଞ୍ଚି ନାୟକ, ସୁବ୍ରତ ପ୍ରଧାନ, ସୁବୋଧ ଦୋରା, ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।



ଭାରତୀ ସମାଜର ବୈଠକରେ ଉପସ୍ଥିତ ସଦସ୍ୟମାନେ।

## ପରିବେଶ ସୁରକ୍ଷା ପାଇଁ ପ୍ରକୃତି ସଂରକ୍ଷଣ ଆବଶ୍ୟକ

**କୁଚିଣ୍ଡା, ୧।୨ (ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅର୍ଡାବାହାଲର ସରକାରୀ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ(ଏସ୍‌ଏସ୍‌ଡି)ପରିସରରେ ଟ୍ରିକ୍ସ ସୋଲାର କମ୍ପାନୀ ପକ୍ଷରୁ ରବିବାର ଆନ୍ତଃଜିଲା ପରିବେଶ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅବିଭକ୍ତ ସମ୍ବଲପୁର ଓ ଅନୁଗୋଳ ଜିଲାର ପରିବେଶ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ପରିବେଶ ସୁରକ୍ଷା ପାଇଁ ପ୍ରକୃତି ସଂରକ୍ଷଣର ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଏଥିରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟବକ୍ତା, କଲେଜ ଅଧ୍ୟକ୍ଷ ରଞ୍ଜନ ନାଏକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କରୁଣାକର କିଷାନ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଆନନ୍ଦ ରାଓ ଦୋରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିହାରିଲାଲ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପରିବେଶବିତ୍ ସୁବାସ ଚନ୍ଦ୍ର ନାୟକଙ୍କୁ ପ୍ରକୃତିର ଶ୍ରେଷ୍ଠପୁତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଝାରସୁଗୁଡ଼ାର ଦୀନବନ୍ଧୁ ପଟେଲ, ଦେବଗଡ଼ ରିଆମାଳର ବିପିନ ବିହାରୀ ପୃଷ୍ଟି, ସମ୍ବଲପୁରର ତ୍ରିବିକ୍ରମ ପୋଢ଼, ଜମନକିରାର ରତନଲାଲ ସିଂ, କୁଚିଣ୍ଡାର ପଙ୍କଜିନୀ ନାୟକ, ସୌଦାମିନୀ ପଟେଲ, ସରୋଜ ମେହେର, ସୁଗତ ପଟେଲ, ବାମରାର ପ୍ରଫୁଲ୍ଲ କୁମାର ସାହୁ ଓ ତୁଳସୀ ମଞ୍ଜରି ବହିଦାର, ଝାରସୁଗୁଡ଼ା ବ୍ଲକର ପ୍ରେମସାଗର ଦେହେରିଆ, ଯୁଯୁମୁରାର ପ୍ରଦ୍ୟୁମ୍ନ କୁମାର ବିଶି, ଧନକଉଡ଼ାର କିଶୋର ଛତର, ରେଢ଼ାଖୋଲର ପ୍ରତାପ କୁମାର, ଦେବଗଡ଼ର ସୁକାନ୍ତ ନନ୍ଦ ପ୍ରମୁଖ ପ୍ରକୃତିବନ୍ଧୁଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସାମାଜିକ କର୍ମୀ ଅମୃତ ବାଦି ସ୍ୱାଗତ ଭାଷଣ ଦେଇଥିବା ବେଳେ, ପୂର୍ବତନ ସରପଞ୍ଚ ରାଇମତୀ ମାଝି ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରିକ୍ସ ସୋଲାର ନିର୍ଦ୍ଦେଶିକା ସଙ୍ଗୀତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସାମାଜିକ କର୍ମୀ ଅଭିଷେକ ମିଶ୍ର, ନରୋତ୍ତମ ନାଏକ, ସୌମ୍ୟକୁମାର ଦଳେଇ, ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଗୁରୁଜନ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।



ମନ୍ତ୍ରୀ ରବିନାରାୟଣ ନାଏକ ପ୍ରକୃତି ବନ୍ଧୁମାନଙ୍କୁ ସମ୍ମାନିତ କରୁଛନ୍ତି।

**ଆନ୍ତଃଜିଲା ପ୍ରକୃତି ସୁରକ୍ଷା କର୍ମୀ ସମ୍ମିଳନୀ**

# କୁଚିଣ୍ଡାକୁ ହରାଇ ସୋନପୁର ରାମଧୁନ କ୍ଲବ ଚାମ୍ପିୟନ

### ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟ୍‌ବଲ

ବଲାଙ୍ଗୀର, ୧।୨ (ବୀରେନ୍ଦ୍ର କୁମାର ଝାଙ୍କର)


ଚାମ୍ପିୟନ ସୋନପୁର ରାମଧୁନ କ୍ଲବକୁ ଅତିଥିମାନେ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଖେଳରେ କୁଚିଣ୍ଡା ବ୍ରଦର୍ସ ଫୁଟବଲ କ୍ଲବ୍‌କୁ ୩-୧ ଗୋଲରେ ପରାସ୍ତ କରି ସୋନପୁର ରାମଧୂନ କ୍ଲବ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଖେଳ ପ୍ରାରମ୍ଭରୁ ସୋନପୁର ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଖେଳ ମଧ୍ୟାନ୍ତର ସୁଦ୍ଧା ୩-୦ ଗୋଲରେ ଆଗୁଆ ରହିଥିଲା। ପରେ ସଂଘର୍ଷପୂର୍ଣ୍ଣ ଖେଳ ପ୍ରଦର୍ଶନ କରି କୁଚିଣ୍ଡା ଦଳ ଗୋଟିଏ ଗୋଲ ସ୍କୋର କରି ଗୋଲ ବ୍ୟବଧାନ ୩-୧କୁ ଆଣିଥିଲେ। ରବିବାର ଖେଳକୁ ସୁବ୍ରତ ପୁରୋହିତ, ଜିତେନ୍ଦ୍ର ପାତ୍ର, ସଞ୍ଜନ କୁମାର କୁଦେଇ ଓ ଦେବାଶିଷ ବାଗ ପରିଚାଳନା କରିଥିଲେ।

ଟୁର୍ନାମେଣ୍ଟ ଆୟୋଜକ କମିଟି କାର୍ଯ୍ୟକାରୀ ସଭାପତି ବିଧୁଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖେଳରେ ଅତିଥି ଭାବେ ନୂଆପଡା ଜିଲା ଖରିଆର ବିଧାୟକ ଅହିରାଜ ପାଣିଗ୍ରାହୀ, କଳାହାଣ୍ଡି ଜିଲା ନର୍ଲା ବିଧାୟିକା ମନୋରମା ମହାନ୍ତି, ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ମିଶ୍ର, ପୂର୍ବତନ ବ୍ଲକ ଚେୟାରମ୍ୟାନ ଗୋଲାପ ବାଗ, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତୀ ବାଗ ଓ ଛାତ୍ରନେତା ସୁମନ କୁମାର ନନ୍ଦ ଯୋଗ ଦେଇଥିଲେ । କମିଟି ଉପସଭାପତି ଶମ୍ଭୁ ପ୍ରସାଦ ନାଗ, ସମ୍ପାଦକ ସାଗର ସଙ୍ଗମ ଶତପଥୀ ମଞ୍ଚାସୀନ ଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ସୋନପୁର ଦଳର ସୁନୀଲ ବାଘାଙ୍କୁ ଶ୍ରେଷ୍ଠ ଗୋଲକିପର, ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସୋନପୁର ଦଳର ବିଶାଲ ମୁଣ୍ଡା ଓ ମ୍ୟାନ ଅଫ୍ ଦ ଟୁର୍ନାମେଣ୍ଟ ଭାବେ କୁଚିଣ୍ଡା ଦଳର ଆଦିତ୍ୟ ଖାଖାଙ୍କୁ ଟ୍ରଫି ସହ ୨ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜୟୀ ସୋନପୁର ରାମଧୂନ ଦଳକୁ ଚାମ୍ପିୟନ ଟ୍ରଫି ସହ ୫୫ ହଜାର ୫୫୫ ଟଙ୍କା ଓ ଉପବିଜେତା କୁଚିଣ୍ଡା ବ୍ରଦର୍ସ ଫୁଟବଲ ଦଳଙ୍କୁ ରନର୍ସ ଅପ୍ ଟ୍ରଫି ସହ ୩୩ ହଜାର ୩୩୩ ଟଙ୍କା ଦିଆଯାଇ ପୁରସ୍କୃତ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଦୁଇଜଣ ପୂର୍ବତନ ଫୁଟବଲ ଖେଳାଳି ସୁଧାନିଧି ହୋତା ଓ କୁଳମଣି ମେହେରଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଖେଳ ପରିଚାଳନା କରୁଥିବା ରେଫରିମାନଙ୍କୁ ମାନପତ୍ର, ଉପଢୌକନ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। କ୍ରୀଡା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ ଏବଂ ଜିଲା କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଭୂତି ଭୂଷଣ ମିଶ୍ର, ବୀରସେନ ସାହୁ, ଭୂପେନ୍ଦ୍ର ସିଂ, ସନ୍ତୋଷ ଦନ୍ତା, ଦିଲୀପ ବଗର୍ତ୍ତି, ନିହାର ରଞ୍ଜନ ସ୍ୱାଇଁ, ଡୋଳାମଣି ବାଗ, ଚିନ୍ମୟ ସାହୁ ସହଯୋଗ କରିଥିଲେ। ଗାନ୍ଧୀ ଷ୍ଟାଡିୟମରେ ଫ୍ଲଡ୍ ଲାଇଟ୍‌ରେ ଅନୁଷ୍ଠିତ ଦିବାରାତ୍ରି ଫାଇନାଲ ମ୍ୟାଚ୍‌କୁ ସହସ୍ରାଧିକ ଦର୍ଶକ ଉପଭୋଗ କରିଥିଲେ।

## ଚଳିତ ବଜେଟ୍ ଓଡ଼ିଶା ପାଇଁ ନିରାଶଜନକ: କଳିକେଶ


ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ।

ବଲାଙ୍ଗୀର, ୧।୨ (ବୀରେନ୍ଦ୍ର କୁମାର ଝାଙ୍କର)

କେନ୍ଦ୍ର ସରକାରଙ୍କ ଚଳିତ ବଜେଟକୁ ଓଡିଶା ଦୃଷ୍ଟିକୋଣରୁ ନିରାଶାଜନକ କହିପାରିବା। ବର୍ତ୍ତମାନ ଦେଶର ଯେଭଳି ଅର୍ଥନୀତି ରହିଛି ତାକୁ ଯଦି ଦେଖିବା ତେବେ କେନ୍ଦ୍ର ସରକାରଙ୍କ ପାଖରେ ସଂସ୍କାର ଆଣିବା ପାଇଁ କ୍ଷମତା ରହିଛି। କିନ୍ତୁ ଚଳିତ ବଜେଟ ଯେଭଳି ହୋଇଛି ତାକୁ ଦେଖିଲେ ନିମ୍ନମାନର କହିପାରିବା। ଏହି ବଜେଟ୍‌ରେ ବଡ ବଡ ପ୍ରକଳ୍ପ ଘୋଷଣା ହୋଇଛି। ତେବେ ଏଥିରେ ଓଡିଶା ଉପଯୁକ୍ତ ସ୍ଥାନ ପାଇନାହିଁ। ଉଦାହରଣ ସ୍ୱରୂପ ୭ଟି ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଘୋଷଣା ହେଲା। ମାତ୍ର ଓଡିଶା ପାଇଁ ସେଥିରେ ଗୋଟିଏ ବି ପ୍ରକଳ୍ପ ନାହିଁ। ପର୍ଯ୍ୟଟନ କ୍ଷେତ୍ରରେ ବଡ ଘୋଷଣା ହେଲା। ବୌଦ୍ଧ ହେରିଟେଜ୍ ଉପରେ ଘୋଷଣା ହେଲା। ଓଡିଶାରେ ଉଦୟଗିରି, ଖଣ୍ଡଗିରି ଭଳି ସ୍ଥାନ ରହିଥିବା ସତ୍ତ୍ୱେ ପର୍ଯ୍ୟଟନରେ ଉପଯୁକ୍ତ ସ୍ଥାନ ମିଳିଲା ନାହିଁ। ଅନ୍ୟ ରାଜ୍ୟ ତୁଳନାରେ ଓଡିଶା ପାଇଁ ବିଶେଷ କିଛି ନାହିଁ ବୋଲି ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ କହିଛନ୍ତି । ସେ ଆହୁରି କହିଥିଲେ, କେନ୍ଦ୍ର ବଜେଟ୍ ଘୋଷଣା ଉପରେ ଧ୍ୟାନ ଦେଲେ ଲୋକଙ୍କ ପ୍ରକୃତ ସମସ୍ୟା ସମାଧାନ କରିବାରେ ସରକାର ପୁରା ବିଫଳ ହୋଇଥିବା ସ୍ପଷ୍ଟ ଦେଖାଯାଉଛି। ନିଯୁକ୍ତି ସୃଷ୍ଟି ପାଇଁ କୌଣସି ବିଶ୍ୱସନୀୟ ରୋଡମ୍ୟାପ୍ ନାହିଁ, ବିଶେଷକରି ଭାରତର ଯୁବପିଢ଼ି ପାଇଁ ଏହା ନିରାଶଜନକ। ଚାଷୀମାନେ ବର୍ଦ୍ଧିତ ଇନପୁଟ୍ ଖର୍ଚ୍ଚ ଏବଂ ଜଳବାୟୁ ଚାପର ସମ୍ମୁଖୀନ ହେଉଛନ୍ତି। ତଥାପି ଚଳିତ ବଜେଟରେ ଚାଷୀଙ୍କ ପାଇଁ ଏମ୍‌ଏସ୍‌ପି କିମ୍ବା ଆୟ ସୁରକ୍ଷା ଉପରେ କିଛି ଘୋଷଣା କରାଯାଇନାହିଁ। ଓଡିଶା ପାଇଁ ସରକାରଙ୍କ ଡବଲ ଇଞ୍ଜିନ ଫେଲ୍ ମାରିଛି। ଆଗାମୀ ଦିନରେ ନବୀନ ପଟ୍ଟନାୟକ ପୁଣି ଥରେ କ୍ଷମତାକୁ ଫେରିବେ ଏବଂ ଓଡିଶାବାସୀଙ୍କ ସ୍ୱପ୍ନ ପୂରଣ କରିବେ ବୋଲି କଳିକେଶ ବଜେଟ ପ୍ରତିକ୍ରିୟାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ୩.୨୦ କୁଇଣ୍ଟାଲ ଗଞ୍ଜେଇ ଜବତ

ଘଣ୍ଟାପଡ଼ା, ୧।୨ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଧୀନ ଲମ୍ବସରି ପଞ୍ଚାୟତ ବଲମତୁମା ଜଙ୍ଗଲ ଅଞ୍ଚଳରେ ଗଞ୍ଜେଇ ଚାଲାଣ ବେଳେ ପୋଲିସ୍‌ର ଏକ ଟିମ୍ ଚଢାଉ କରିଛି। ଚଢାଉ ବେଳେ ବ୍ୟାପକ ଗଞ୍ଜେଇ ଜବତ କରାଯାଇଛି। କଣ୍ଟାମାଳ ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ଜବତ ଗଞ୍ଜେଇର ପରିମାଣ ୩.୨୦ କୁଇଣ୍ଟାଲ ହୋଇଥିବା କଣ୍ଟାମାଳ ଥାନାଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଫେରାର ଅଛନ୍ତି। ଚଢାଉରେ ଏସ୍‌ଆଇ ପ୍ରକାଶ ଭୋଇ, ଏଏସ୍‌ଆଇ ଅଭୟ ପ୍ରଧାନ, ହାବିଲଦାର ମାନସ ପ୍ରଧାନଙ୍କ ସମେତ କନଷ୍ଟେବଲ ଓ ଆଇଆରବି ଜବାନ ସାମିଲ ହୋଇଥିଲେ।

## ଶୌଣ୍ଡିକ ସମାଜ ସମାବେଶ

ଟିଟିଲାଗଡ଼, ୧।୨ (ଶରତ ମିଶ୍ର)

ପରସ୍ପର ପ୍ରତି ସ୍ନେହ, ସୌହାର୍ଦ୍ଦ୍ୟ ପ୍ରତ୍ୟେକ ସମାଜ ପରିବାରରେ ସୃଷ୍ଟି ହେଲେ ଦେଶ ତଥା ରାଜ୍ୟରେ ସମୃଦ୍ଧି ଆସିବ। ସୁଖ, ଶାନ୍ତି ବଜାୟ ରହିବ। ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡିଠାରେ ଟିଟିଲାଗଡ଼ ଏବଂ ମୁରିବାହାଲ ବ୍ଲକ ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ସମାଜ ପକ୍ଷରୁ ଅନୁଷ୍ଠିତ ଏକ ସମାବେଶରେ ଯୋଗଦେଇ ଟିଟିଲାଗଡ଼ ବିଧାୟକ ନବୀନ ଜୈନ କହିଛନ୍ତି। ଏହି ଅବସରରେ ବିଧାୟକ ଶୁଣ୍ଡି ସମାଜ ପାଇଁ ଏଠାରେ ଏକ ସଭା ଗୃହ ନିର୍ମାଣ ଲାଗି ପ୍ରତିଶ୍ରୁତି ଦେଇଥିଲେ। ସମାବେଶରେ ସମାଜର ସଦସ୍ୟ ତଥା ବଲାଙ୍ଗୀର ଜିଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା ଯୋଗଦେଇ ପରିବାର, ସମାଜ କଲ୍ୟାଣ ସହ ଜନ ସେବା ନେଇ ଆମେ ସର୍ବଦା ତତ୍ପର ବୋଲି କହିଥିଲେ । ସମାଜର ବ୍ଲକ ସଭାପତି ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କଳାହାଣ୍ଡି ଜିଲା ସଭାପତି ଥବିର ସାହୁ, ଉପସଭାପତି ବିଦ୍ୟାଧର ସାହୁ, ବଲାଙ୍ଗୀର ଜିଲା ଉପସଭାପତି ଆଇନଜୀବୀ ତୁଳସୀରାମ ସାହୁ, କୁଳମଣି ସାହୁ, ହୃଦାନନ୍ଦ ସାହୁ, ରାଜାରାମ ବେହେରା, ଅନିରୁଦ୍ଧ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଭିମନ୍ୟୁ ସାହୁ, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବିରବର ସାହୁ ପ୍ରମୁଖ ଯୋଗଦେଇ ଶୌଣ୍ଡିକ ସମାଜର ବିଭିନ୍ନ ଦାବି ନେଇ ମତପ୍ରକାଶ କରିଥିଲେ। ସଭାରେ ସମାଜର ବରିଷ୍ଠ ସଦସ୍ୟ ଅଶ୍ୱିନୀ ସାହୁ, ଅଲେଖ ବେହେରା, ସଚ୍ଚିକାନ୍ତ ବେହେରା, ପ୍ରଭାକର ସାହୁ, ନବୀନ ସାହୁ, ଜଗବନ୍ଧୁ ସାହୁ, ରାଜେନ୍ଦ୍ର ବେହେରା, ନେତ୍ରା ବେହେରା, ହେମନ୍ତ ସାହୁ, ଅନନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଟିଟିଲାଗଡ଼ ବ୍ଲକ ଉପସଭାପତି ସେବକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଠକ ହିଁ ଲେଖକୀୟ ମର୍ଯ୍ୟାଦା ଦିଅନ୍ତି




### ଜିଲାସ୍ତରୀୟ 'ପାଠକ ଦିବସ' ପାଳିତ

ଭବାନୀପାଟଣା, ୧।୨ (ଉତ୍ତମ କୁମାର ଦାଶ)

ପାଠକ ପାଇଁ ଲେଖକ। ପାଠକ ସବୁବେଳେ ଲେଖକଙ୍କୁ ଲେଖେଇଥାଏ। ସାହିତ୍ୟରେ ପାଠକଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ପାଠକକୁ ସୃଷ୍ଟି ଛୁଇଁଲେ ସ୍ରଷ୍ଟାଙ୍କ ଶ୍ରମ ସାର୍ଥକ ହୋଇଥାଏ। ପାଠକ ବୋଧଗମ୍ୟ, ସରଳ ଓ ତା'ନିଜ କଥା ଥିବା ସାହିତ୍ୟକୁ ସର୍ବାଧିକ ପସନ୍ଦ କରେ ବୋଲି ସର୍ବଶ୍ରୀ ସାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୨୮ ସଂଖ୍ୟକ ସାରସ୍ୱତ ଆସର ଅବସରରେ ପାଳିତ 'ପାଠକ ଦିବସ'ର ଅତିଥି ଲେଖକଗଣ ମତ ପ୍ରକାଶ କରିଥିଲେ। ଶନିବାର ଭବାନୀପାଟଣାସ୍ଥ ପ୍ରକୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ନିଆରା ସାରସ୍ୱତ ପର୍ବରେ ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ପୌରୋହିତ୍ୟ କରିଥିଲେ। ବରିଷ୍ଠ ସାହିତ୍ୟିକ ଡ. ତପନ କୁମାର ରଥ ଅତିଥି ବକ୍ତା ତଥା ସମ୍ମାନିତ ଆଲୋଚକ ଭାବେ କବି ସ୍ୱର୍ଣ୍ଣକାନ୍ତି ବୈକାର, କବି ସବିତା ଶତପଥୀ, ହାସ୍ୟ କବି ଆନନ୍ଦିନୀ ପାତ୍ର, ଗାଳ୍ପିକା ଦୀପ୍ତି ମୁଣ୍ଡ, କବି ସଞ୍ଜୀବ ପଣ୍ଡା ଓ କବି କିଶୋର ମହାନନ୍ଦ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସର୍ବଶ୍ରୀ ପାଠକ ସମ୍ମାନ-୨୫ରେ ସମ୍ମାନିତ କେଦାରନାଥ ମିଶ୍ରଙ୍କୁ ତାଙ୍କ ଅବର୍ତ୍ତମାନରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶିଳ୍ପୀ ଲଙ୍କେଶ୍ୱରୀ ନାଏକ ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। ପ୍ରକାଶ ଥାଉକି, ଲବ୍ଧପ୍ରତିଷ୍ଠ ପାଠକ ସୁରେଶ ଚନ୍ଦ୍ର ନେଗୀ ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦୀ ଆଦି ଭାଷାର ପୁସ୍ତକ କ୍ରୟ କରି ପଠନ କରିବା ସହ ସମ୍ପୃକ୍ତ ଲେଖକଙ୍କୁ ଫୋନ କରୁଥିଲେ। ଜଣେ ବିଦଗ୍ଧ ପାଠକ ଭାବେ ଲେଖକ ମହଲରେ ସେ ଖୁବ ପରିଚିତ ଥିଲେ। ପାଠକମାନଙ୍କ ସମ୍ମାନ ପାଇଁ ପ୍ରତିବର୍ଷ ସ୍ୱର୍ଗତ ନେଗୀଙ୍କ ତିରୋଧାନ ଦିନ ଜାନୁଆରୀ ୩୦କୁ ପାଠକ ଦିବସ ଭାବେ ପାଳନ କରାଯାଉଛି। ଛାତ୍ର ସନନ୍ତ ମାଝୀ ପୁସ୍ତକ ପଢିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରତାପ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରସନ୍ନ ଶବର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ସାହୁ ସହଯୋଗ କରିଥିଲେ। ଛାତ୍ରୀଛାତ୍ର ଓ ଅଧ୍ୟାପକ 'ଆପଣ ବର୍ତ୍ତମାନ କେଉଁ ପୁସ୍ତକ ପଢୁଛନ୍ତି' ବୋଲି କଥା ଆରମ୍ଭ କରିବା ପାଇଁ ଶପଥ ନେଇଥିଲେ।

## ସମ୍ବଲପୁରୀ ଗୀତିକାର ଲେଖାଧର ଗୁଆଲ ଆଉ ନାହାନ୍ତି

ବେଲପଡା, ୧।୨ (ମନୋଜ କୁମାର ମିଶ୍ର)


ଲେଖାଧର ଗୁଆଲ।

ବେଲପଡା ବ୍ଲକର ଜଣାଶୁଣା ସମ୍ବଲପୁରୀ ଗୀତିକାର ଲେଖାଧର ଗୁଆଲ (୪୦)ଙ୍କ ଗତ ଶୁକ୍ରବାର ଦିନ ପରଲୋକ ହୋଇଯାଇଛି। ଗତ ୨୦୨୪ ନଭେମ୍ବର ମାସରେ ତାଙ୍କୁ ବ୍ରେନଷ୍ଟୋକ୍ ହୋଇଥିଲା। ସେତେବେଳେ ସେ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିଲା। ଗତ ୪ ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ରାୟପୁରକୁ ପରିବାର ଲୋକେ ଚିକିତ୍ସା ପାଇଁ ନେଇଥିଲେ। ତେବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ତାଙ୍କ ମରଶରୀର ନିଜ ଗ୍ରାମ ବେଲପଡା ବ୍ଲକର ଖରଖରାରେ ପହଞ୍ଚି ଥିଲା। ଖବରପାଇ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଲେଖାଧର ସମ୍ବଲପୁରୀ ଗୀତ କଲେ କଲେ କରି, କାହାକେ କରୁଛ ମନ, ହାଏ ତୋର ନୈନା ଓ ବିଭିନ୍ନ ପ୍ରକାର ସମ୍ବଲପୁର ଗୀତ ଲେଖିଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ବିୟୋଗରେ ସ୍ତ୍ରୀ ଓ ପୁଅ ସହ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

**GOVERNMENT OF ORISSA**
**OFFICE OF THE SUPERINTENDING ENGINEER : GANJAM (R&B) DIVISION NO.I, BERHAMPUR**
Phone/Fax : (0680) 2233683, e-mail : eernb1_bam@yahoo.com
Letter No.1004 / Dated 29.01.2026
Ist Corrigendum to Bid Identification No.S.E. (R&B) Divn. No.I Bam. 57/2025-26 vide letter No.665 dtd 20.01.2026
**No. 34001/11/2526** : The tender invited vide Bid Identification No.57/2025-26 bearing letter No.665 dated 20.01.2026 the sale and receipt of Tenders invited for 03 no. of work may be read as from 30.01.2026 to 06.02.2026 instead of 27.01.2026 to 04.02.2026 and opening of tender on 07.02.2026 in place of 05.02.2026.
Other terms and conditions remain unchanged
OIPR-34001/34109/1/25-26/0011
Sd./- Superintending Engineer, Ganjam R&B Division No. I

## ପାଇପ ଫାଟି ରାସ୍ତାରେ ପାଣି: ତଦନ୍ତ କଲେ ବିଭାଗୀୟ ଯନ୍ତ୍ରୀ

କେସିଙ୍ଗା, ୧।୨ (ଡୁମେଶ୍ୱର ସାହୁ)



କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଗ୍ରାମ ପଞ୍ଚାୟତ ୩ନଂ. ୱାର୍ଡରେ ପାଇପଫାଟି ମୁଖ୍ୟ ଗଳି ରାସ୍ତାରେ ପାଣି ଜମି ରହୁଥିବାରୁ ୱାର୍ଡବାସୀ ଗମନାଗମନ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଗତ କିଛିଦିନ ହେଲା ଏହି ୱାର୍ଡରେ ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗ ପକ୍ଷରୁ ସଂଯୋଗ କରାଯାଇଥିବା ପାଣି ପାଇପ ଫାଟି ଯାଇଥିଲା। ଏନେଇ ପଡ଼ାବାସୀ ଆର୍‌ଡବ୍ଲୁଏସଏସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇ ବିଭାଗୀୟ ଯନ୍ତ୍ରୀ ରବିବାର କାଣ୍ଡେଲ ଗ୍ରାମର ୩ନଂ. ୱାର୍ଡରେ ପହଞ୍ଚି ତଦନ୍ତ କରିଥିଲେ। ସ୍ଥାନୀୟ ଠିକାଦାରଙ୍କୁ ରବିବାର ସନ୍ଧ୍ୟା ସୁଦ୍ଧା ମରାମତି କରିବା ପାଇଁ କହିଥିଲେ। ୱାର୍ଡବାସୀ ପ୍ରତ୍ୟେକ ଦିନ ବାସନକୁସନ ମାଜୁଥିବା ପାଣି, ଗାଧୁଆ ଘର ପାଣି ଛାଡୁଥିବାରୁ ରାସ୍ତାରେ ପାଣି ଜମି ଦୁର୍ଗନ୍ଧ ହେଉଛି। ଏହି ୱାର୍ଡରେ ବସବାସ କରୁଥିବା ଲୋକମାନେ ରାସ୍ତାକୁ ଜବର ଦଖଲ କରି ଥିବାରୁ ଅଣଓସାରିଆ ହୋଇଥିବାରୁ ଯାନବାହନ ଗମନା ଗମନ କ୍ଷେତ୍ରରେ ଘୋର ସମସ୍ୟା ଦେଖା ଯାଉଛି। ୱାର୍ଡ ନଂ. ୩ ରୁ ଦୂଷିତ ପାଣି ବହି ଯାଉଥିବାରୁ ୱାର୍ଡ ନଂ. ୨ ର ପଡାବାସୀ ମୁଖ୍ୟ ଗଳି ରାସ୍ତା ଉପରେ ମାଟି ପକାଇ ରାସ୍ତା ଅବରୋଧ କରିଥିଲେ। ଏହି ଖବର ସ୍ଥାନୀୟ କାଣ୍ଡେଲ ଗ୍ରାମପଞ୍ଚାୟତର ସରପଞ୍ଚ ଓ ପିଇଓ ଚିନ୍ମୟୀ ନାଏକ, ଏଡିଓ ଜାଜ୍ଞାସେନି ସାହୁ ଘଟଣା ଶୁଣିଲା ପରେ ଉକ୍ତ ସ୍ଥଳକୁ ଯାଇ ଲୋକଙ୍କୁ ବୁଝାଇଥିଲେ। କିନ୍ତୁ ପଡ଼ାବାସୀ ଓଲଟା ଅଧିକାରୀଙ୍କୁ ଗାଳିଗୁଲଜ ଦେଇଥିଲେ। ଏହି ସବୁ ସମସ୍ୟାର ସମାଧାନ କରିବା ପାଇଁ ଆରଡବ୍ଲୁଏସଏସର ଯନ୍ତ୍ରୀ ରବିବାର ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇଥିଲେ। ରାସ୍ତାରେ ପକାଇ ଥିବା ମାଟିକୁ ତୁରନ୍ତ ଉଠାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାଣ୍ଡେଲ ଗ୍ରାମରେ ନିର୍ମାଣ ହୋଇଥିବା ଓଭର ହେଡ ପାଣି ଟାଙ୍କି ସହ ପାଇପ ଲାଇନର ଆଜକୁ ୩ ବର୍ଷ ହେଲା ଏହି ଗ୍ରାମ ପଞ୍ଚାୟତକୁ ଠିକାଦାରକୁ ହସ୍ତାନ୍ତର ହୋଇଛି ବୋଲି ବିଭାଗୀୟ ଏସଡ଼ିଓ ଧର୍ମେନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ପାର୍ବତୀ ଶର୍ମାଙ୍କୁ ପଚାରିବାରୁ ୩ ନମ୍ବର ୱାର୍ଡ ବାସୀ ପାଇଖାନା ପାଣି, ବାସନକୁସନ ମାଜୁଥିବା ପାଣି ଓ ଗାଧୁଆ ପାଣି ମୁଖ୍ୟ ଗଳି ରାସ୍ତାରେ ଛାଡୁ ଥିବାରୁ ଏହି ସମସ୍ୟା ହେଉଛି ଏବଂ ପଡ଼ାବାସୀ କେବେ ମଧ୍ୟ ଲିଖିତ ଅଭିଯୋଗ କରି ନାହାନ୍ତି ବୋଲି ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ଆରଡବ୍ଲୁଏସଏସ୍ ବିଭାଗର ଯନ୍ତ୍ରୀ ପ୍ରଭାସ କୁମାର ମାଝୀଙ୍କୁ ପଚାରିବାରୁ ରବିବାର କିମ୍ବା ସୋମବାର ସବୁ ସମାଧାନ ହେବ ବୋଲି ପ୍ରକାଶ କରିଥିଲେ।

**Government of Odisha "e" procurement Notice**
INVITATION FOR BIDS (IFB)
**OFFICE OF THE DISTRICT PROJECT OFFICE, SAMAGRA SHIKSHA, DHENKANAL**
No.27001/6/2526
**Bid Identification No.SS/DKL/02/2025-2026**

| | | |
|---|---|---|
| 1. | The District Project Coordinator, Samagra Shiksha, Dhenkanal, on behalf of Governor of Odisha, invites percentage rate bids in single cover system in **ONLINE MODE** only from eligible contractors for Construction of Building work as detailed below. | |
| 2. | Nature of work | : Construction of Additional Classrooms |
| 3. | No. of work | : 11 Nos. |
| 4. | Cost of Tender Paper | : 6,000/- |
| 5. | Class of Contractor | : "C" & "D" |
| 6. | Period of Completion | : 04 (Four) Calendar Months |
| 7. | Availability of Bid Documents in the website | : **From 10.00 A.M. of 04.02.2026 to 5.30 P.M. of 18.02.2026** |
| 8. | Date of Opening of Bid | : **Dt.19.02.2026 at 11:00 A.M.** |
| 9. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- District Project Coordinator, Samagra Shiksha, Dhenkanal
OIPR-27001/27210/1/25-26/0006

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାଟଣାଗଡ଼, ୧।୨ (ସଚ୍ଚିଦାନନ୍ଦ ମହାକୁର)



ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅଧୀନ ଗଙ୍ଗାସାଗର ଓ ଗଇଲପିଟା ଗାଁ ରାସ୍ତା ପାର୍ଶ୍ୱ ପାଣି ଟାଙ୍କିଠାରୁ କିଛି ଦୂରରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ରକ୍ତାକ୍ତ ଝୁଲନ୍ତା ମୃତଦେହ ପୋଲିସ ରବିବାର ଜବତ କରିଛି। ମୃତ ଯୁବକ ଜଣକ ହେଲେ ଗଙ୍ଗାସାଗରର ରାହୁଲ ଧରୁଆ(୧୯)। ତେବେ ଗାଁର ୩ ଜଣ ନାବାଳକ ମୋ ପୁଅକୁ ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ମୃତ ରାହୁଲଙ୍କ ବାପା ଜାଗର ଧରୁଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ୩ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ଅନୁଯାୟୀ, ରାହୁଲ ଓ ୩ ଜଣ ନାବାଳକ ଗାଁର ଜଣେ ବ୍ୟକ୍ତିଙ୍କ ନିକଟରେ ଶ୍ରମିକ ଭାବରେ ଏକାଠି କାମ କରୁଥିଲେ। ରବିବାର ସକାଳେ ସେମାନେ ଉକ୍ତ ଗାଁର ୨ ଜଣଙ୍କ ଘରୁ ଟ୍ରାକ୍ଟରରେ ଧାନ ବସ୍ତା ବୋଝେଇ କରି ଗଙ୍ଗାସାଗର ମଣ୍ଡିକୁ ନେଇଥିଲେ। କାମ ସାରି ମାଲିକଙ୍କ ଠାରୁ ଟଙ୍କା ନେଇ ଏକାଠି ବସି କୁଆଡେ ମଦ ପିଇଥିଲେ। ଏହାପରେ ସେମାନଙ୍କ ମଧ୍ୟରେ ବଚସା ହେବା ସହ କୌଣସି କଥାକୁ ନେଇ କଥା କଟାକଟି ହୋଇଥିଲା। ଏହି ସମୟରେ ୩ ନାବାଳକ ଉତ୍ତ୍ୟକ୍ତ ହୋଇ ରାହୁଲଙ୍କୁ ଟ୍ରାକ୍ଟରରେ ପୂର୍ବରୁ ଥିବା ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ନାକ, ପାଟି ଓ ମୁହଁରୁ ରକ୍ତ ବାହାରି ଦେହ ସାରା ରକ୍ତାକ୍ତ ହୋଇ ଯାଇଥିଲା। ପରେ ଘଟଣାକୁ ଚପାଇ ଆତ୍ମହତ୍ୟାର ରୂପ ଦେବା ପାଇଁ ଟ୍ରାକ୍ଟରରେ ଥିବା ଏକ ଦଉଡି ଦ୍ୱାରା ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଗଛର ଅନତି ଦୂରରେ ରାହୁଲ ବ୍ୟବହାର କରୁଥିବା ତାଙ୍କ ମୋବାଇଲ ଓ ସେ ପିନ୍ଧିଥିବା ଚପଲ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ମଧ୍ୟାହ୍ନରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ମୃତଦେହ ଜବତ କରିଛି। ଏନେଇ ପୋଲିସ ନଂ ୨/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**ODISHA MINING CORPORATION LTD**
(A Gold Category State PSU)
Registered Office : OMC House, Bhubaneswar-751 001
CIN : U13100OR1956SGC000313
OMC ODISHA MINING CORPORATION LTD. Mining Happiness
No.30001/4/2526 **NOTICE INVITING REQUEST FOR PROPOSAL (RFP)**
**RfP No.01/OMC/CIVIL/2026** **Dated : 30.01.2026**
1. Request for Proposal (RfP) for the following work is invited on-line through the e-procurement portal of Govt. of Odisha.

| Sl No. | Name of Project | EMD in INR | Bid Processing Fee in INR | Period of Services |
|---|---|---|---|---|
| 1 | **Design, Manufacturing, Supply and Installation of PEB (Pre-Engineered Building) Core Box shed 2 (two) nos including civil foundation, E/I and others on Turnkey basis at Dubuna camp of Barbil region in the district of Keonjhar** | 1,67,000/- | 10,000/- plus 18% GST | 08 (Eight Months) |

2. The bidders must participate in on-line bidding at the site : **https://www.tendersodisha.gov.in**
3. Bid documents will be available in the above website from Dt.03.02.2026 to Dt.18.02.2026 up to 05:00 P.M.
4. Last date and time for on-line submission of bid in web portal is Dt.18.02.2026 up to 05:00 P.M.
5. The tender will be opened on Dt.19.02.2026 at 11:00 A.M.
6. The bidder must possess compatible Digital Signature Certificate (DSC) of Class-III.
All other details can be seen from RfP Document at **https://www.tendersodisha.gov.in**.
Odisha Mining Corporation Limited reserves the right to reject any or all RfPs received without assigning any reasons thereof.
**OIPR-30001/30005/1/25-26/0004** **Sd./- GM (Civil)**

**ଅନୁକୂଳ ଚନ୍ଦ୍ରଙ୍କର ଜନ୍ମୋତ୍ସବ**

**ସମ୍ବଲପୁର (ଭବାନୀ ଶଙ୍କର ଭୋଇ):** ଠାକୁର ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କର ୧୩୮ତମ ଶୁଭ ଜନ୍ମୋତ୍ସବ ରବିବାର ରେଢ଼ାଖୋଲ ସତସଙ୍ଗ ବିହାରରେ ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ବେଦ ମାଙ୍ଗଳିକା, ଉଷା କୀର୍ତ୍ତନ ପରେ ପୂର୍ବାହ୍ନରେ ରେଢ଼ାଖୋଲ ସତସଙ୍ଗ ବିହାରଠାରୁ ଅନୁକୂଳ ଚନ୍ଦ୍ରଙ୍କର ରଥ ଭଜନ କୀର୍ତ୍ତନ ସହିତ ବାହାରି ରେଢ଼ାଖୋଲ ସହର ପରିକ୍ରମା କରିବା ପରେ ସତ୍‌ସଙ୍ଗଠାରେ ପହଞ୍ଚି ଥିଲା। ଗୁରୁ ଭାଇ ଉପେନ୍ଦ୍ର ନାଥ ବଡ଼ିଆ, ଦେବରାଜ ସାହୁ, ଅନାଦି ସାହୁ, ବିଜୟ ସାହୁ ଆଲୋଚନା କରିଥିଲେ। ମାତୃ ସମ୍ମିଳନୀରେ ରେଢ଼ାଖୋଲ ଅଞ୍ଚଳର ବହୁତ ଗୁରୁ ଭାଇ ଏବଂ ଭକ୍ତ ଯୋଗଦେଇଥିଲେ।

# ପାଦୁକା ପୂଜା, ସତ୍‌ସଙ୍ଗ ମହୋତ୍ସବ

ଜମନକିରା, ୧।୨
(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମାସ୍ଥିତ ଦସଘରିଆଠାରେ କ୍ଷିତିଜ୍ୟୋତି ଆଶ୍ରମ ପକ୍ଷରୁ ଠାକୁର ଶ୍ରୀ କେଶବ ଚନ୍ଦ୍ରଙ୍କ ଶ୍ରୀପାଦୁକା ପୂଜା ଓ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଭାତୃତ୍ୱ ଦିବ୍ୟମ୍ବା ପରିଷଦ, ଅଚ୍ୟୁତଗୁପ୍ତ ବ୍ରହ୍ମ ସଂଘ, କ୍ଷିତି ଜ୍ୟୋତି ଆଶ୍ରମ, ମାହାଙ୍ଗା କଟକ ଠାକୁର କେଶବ ଚନ୍ଦ୍ରଙ୍କ ଶ୍ରୀପାଦୁକା ପୂଜା ଓ ସତସଙ୍ଗ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପ୍ରବଚକ ତଥା କଥା ବାଚକ ଭାବରେ ସତ୍ୟ ସନାତନୀ ସାରଥୀ ମାନସ ପୁତ୍ର ଶ୍ରୀମାନ ସୁନୀଲ ବାବା(ପୁରୀ) ଦିବ୍ୟବାଣୀ ପ୍ରଦାନ କରିଥିଲେ। ସମ୍ବଲପୁର ଜିଲ୍ଲା ଉପପରିଚାଳକ ଦିନେଶ କୁମାର ଲୁହା ସତ୍‌ସଙ୍ଗ ପରିଚାଳନା କରିଥିଲେ। ଠାକୁରଙ୍କ ସ୍ୱହସ୍ତ ଲିଖିତ ଚରମ ଶାସ୍ତ୍ର ଜମନକିରା ଶାଖାର ନୂତନ ପରିଚାଳକ ଛତୁ କଲେତ ପଠନ କରିଥିଲେ।

# ଖଣ୍ଡୋକଟା ଧନୁଯାତ୍ରା ଉଦ୍‌ଯାପିତ

କୁଚିଣ୍ଡା,୧।୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଖଣ୍ଡୋକଟାରେ ପାଞ୍ଚଦିନ ଧରି ଚାଲିଥିବା ୩୫ତମ ଧନୁଯାତ୍ରା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଧନୁଯାତ୍ରା ପାଇଁ ଅକ୍ରୁରଙ୍କ ରଥରେ କୃଷ୍ଣ ବଳରାମ ମଥୁରାରେ ପ୍ରବେଶ, ମହାରାଜ କଂସଙ୍କ ଆଦେଶରେ କୃଷ୍ଣ ବଳରାମଙ୍କ ସହ ଚାଣୁର, ମୁଷ୍ଟିକ, ଅଷ୍ଟମଲ୍ଲ ସହ ଯୁଦ୍ଧରେ ସମସ୍ତେ ନିଧନ। ବେନିଭାଇଙ୍କ ପ୍ରବେଶ ପରେ ମହାରାଜ କଂସ ଦରବାର ଥରହର। ପରେ କୃଷ୍ଣ ବଳରାମଙ୍କ ସହ କଂସଙ୍କ ଯୁଦ୍ଧ ଓ ଭଣଜା କୃଷ୍ଣଙ୍କ ଦ୍ୱାରା ମାମୁଁ କଂସଙ୍କ ବଧ ଆଦି ଧନୁଯାତ୍ରାର ଅନ୍ତିମ ନାଟ୍ୟ ଅଭିନୟ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। କଂସ ଦରବାରରେ ସମ୍ବଲପୁର ଉଦିଆଁ ତରା ଅନୁଷ୍ଠାନ, ନୂଆପଡ଼ା ବଞ୍ଜିହାଲେନ ସାଂସ୍କୃତିକ ଅନୁଷ୍ଠାନର ଘୁମୁରା ନୃତ୍ୟ, ଖୋର୍ଦ୍ଧାର ପାଇକ ନୃତ୍ୟ, ଗଞ୍ଜାମ ଭଞ୍ଜନଗର ବିଶ୍ୱ ଜନନୀ କଳାରିଷଦ ଏବଂ ନରେନ୍ଦ୍ରପୁରର ରଣପା ନୃତ୍ୟ, ବରଗଡ଼ର ସମ୍ବଲପୁରୀ ନୃତ୍ୟ, କୁଚିଣ୍ଡା କେନ୍ଦ୍ରିୟ ବିଦ୍ୟାଳୟର କଳାକାରଙ୍କ ବିହୁ ନୃତ୍ୟ, ଝାରସୁଗୁଡ଼ାର ରାଇଜଅପ



ବଧ ପୂର୍ବରୁ ମହାରାଜ କଂସଙ୍କ ସହ ମନ୍ତ୍ରୀ ରବିନାରାୟଣ ନାଏକ ଓ ଅନ୍ୟ ଅତିଥିମାନେ।

## ଚାଣୁର, ମୁଷ୍ଟିକ,ଅଷ୍ଟମଲ୍ଲ ନିଧନସହ କଂସ ବଧ

ନୃତ୍ୟଙ୍କ ସମେତ କୁଚିଣ୍ଡା ଅଞ୍ଚଳର ବିଭିନ୍ନ ଲୋକନୃତ୍ୟ ପରିବେଷଣ ହୋଇଥିଲା। କଂସଙ୍କ ଦରବାରରେ ରାଜ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସମାଜସେବୀ ରାମଚନ୍ଦ୍ର ମେହେର, ଶୁଶିଳ କର,ମାନସ ବକ୍ସି ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀ ନାଏକ ତାଙ୍କ ଅଭିଭାଷଣରେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନାର ସମ୍ପର୍କରେ ଆଲୋଚନା କରିଥିଲେ।ଏହି ଅବସରରେ କୁଚିଣ୍ଡା ଏସଡିପିଓ ପ୍ରଦୀପ ଦାସ, ବିଡ଼ିଓ ଜୟନ୍ତ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞାପରମିତା ନାୟକଙ୍କ ସହ ବିଭିନ୍ନ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ଧନୁଯାତ୍ରାର କଂସ ଭୂମିକାରେ କଳାହାଣ୍ଡିର ଗୋପାଳ ଦାସଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ଜ୍ଞାନରଞ୍ଜନ ଭୋଇ ଓ ଦୀପକ ଦାସଙ୍କ ସୁନ୍ଦର ମଞ୍ଚ ପରିଚାଳନା ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପାଞ୍ଚଦିନ ଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବକୁ କମିଟି ମୁଖ୍ୟ ଉପଦେଷ୍ଟା ମନ୍ତ୍ରୀ ରବିନାରାୟଣ ନାଏକ, ଉପଦେଷ୍ଟା ଡିଲେଶ୍ୱର ସାହୁ,ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଉପସଭାପତି ସନ୍ତୋଷ ପୃଷ୍ଠେଠ ଓ ସନ୍ତୋଷ ପଟେଲ, ସାଧାରଣ ସମ୍ପାଦକ ଧନିରାମ ନାୟକ, ସହସମ୍ପାଦକ ମନୋଜ ପୃଷ୍ଠେଠ ଓ ବିକାଶ ଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ ଚନ୍ଦ୍ରମଣି ନାଏକ ଏବଂ ସହ କୋଷାଧ୍ୟକ୍ଷ ବୀରେନ୍ଦ୍ର ପଟେଲ ପରିଚାଳନା କରିଥିଲେ।

# କେନ୍ଦ୍ର ବଜେଟ୍‌କୁ ନେଇ ସମ୍ବଲପୁରରେ ମିଶ୍ର ପ୍ରତିକ୍ରିୟା

ସମ୍ବଲପୁର,୧।୨(ପ୍ରମୋଦ ବହିଦାର)
ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ସଂସଦରେ କେନ୍ଦ୍ରୀୟ ବଜେଟ ୨୦୨୬-୨୭ ଉପସ୍ଥାପନ କରିଛନ୍ତି। ଏହାକୁ ନେଇ ସମ୍ବଲପୁରରେ ମିଶ୍ର ପ୍ରତିକ୍ରିୟା ମିଳିଛି। କେତେକ ଏହାକୁ ବିକାଶନ୍ମୋମୁଖୀ ବଜେଟ୍ କହିଥିବା ବେଳେ ଅନ୍ୟ କେତେକ ଏହାକୁ ନୈରାଶ୍ୟଜନକ ବୋଲି କହିଛନ୍ତି।

### ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପାଇଁ ୧୦ପ୍ରତିଶତ ବୃଦ୍ଧି ସ୍ୱାଗତଯୋଗ୍ୟ



ବଜେଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପାଇଁ ଗତ ୧,୦୬,୫୩୦.୪୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇ ୧୦ ପ୍ରତିଶତ ବୃଦ୍ଧି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ସ୍ୱାସ୍ଥ୍ୟ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣ ତଥା କ୍ରିଟିକାଲ କେୟାର ବ୍ଲକ୍, ଲାବରୋଟାରୀ ଓ ଆପାତକାଳୀନ ସେବା ବିସ୍ତାର କରିବାରେ ସହାୟକ ହେବା ସହିତ ଦେଶରର ଗୁରୁତର ଚିକିତ୍ସା ସେବାର ଅଭାବକୁ ଦୂର କରିବାରେ ସକ୍ଷମ ହେବ। ଏହି ବଜେଟ ସ୍ୱାସ୍ଥ୍ୟସେବାର ବିକେନ୍ଦ୍ରୀକରଣ, ଗବେଷଣା ଓ ବୀମା ଆଧାରିତ ସେବାକୁ ସଶକ୍ତ କରିଛି।

-ଡା. ସଞ୍ଜୀବ କୁମାର ମିଶ୍ର, ରାଜ୍ୟ ସମ୍ପାଦକ, ଆଇପିଏଚ୍‌ଓ

### ସମ୍ବଲପୁର ବାସୀ ପ୍ରତାରଣାର ଶିକାର



ଚଳିତ ବଜେଟରେ ପଶ୍ଚିମ ଓଡିଶାବାସୀ ବିଶେଷକରି ସମ୍ବଲପୁରବାସୀ ପ୍ରତାରଣାର ଶିକାର ହୋଇଛନ୍ତି। ସମ୍ବଲପୁରରେ ଦ୍ୱିତୀୟ ଏଆଇଆଇଏମ୍‌ଏସ୍ ପ୍ରତିଷ୍ଠା ସମ୍ପର୍କିତ କୌଣସି ପ୍ରସ୍ତାବ ବଜେଟ୍‌ରେ ସ୍ଥାନିତ ନ ହେବା ଦୁର୍ଭାଗ୍ୟଜନକ। ପ୍ରଧାନମନ୍ତ୍ରୀ ଓଡିଶାକୁ ପୂର୍ବ ଭାରତର ଗ୍ରୋଥ ଇଞ୍ଜିନ କରିବେ ବୋଲି କହୁଥିଲେ। କିନ୍ତୁ ଚଳିତ ବଜେଟରେ ତାହା ପ୍ରତିଫଳନ ହୋଇନାହିଁ।

-ଇଂ. ରୋହିତ ପୂଜାରୀ, ବିଜେଡି ସମ୍ବଲପୁର ଜିଲା ସଭାପତି

### ଓଡ଼ିଶାର ବିକାଶକୁ ଗତିଶୀଳ କରିବ

କେନ୍ଦ୍ରୀୟ ବଜେଟ ଯୁବଶକ୍ତି, କୃଷକ, ମହିଳା, ଶ୍ରମିକ ଓ ଗରିବ ବର୍ଗ କୈନ୍ଦ୍ରିକ। ଏଥିରେ ଓଡ଼ିଶା ପାଇଁ ଆବଶ୍ୟକତା ଓ ସମ୍ଭାବନାକୁ ଧ୍ୟାନରେ ରଖି ଢାଞ୍ଚାଗତ ବିକାଶ, ରେଳ ସଂଯୋଗୀକରଣ ଲାଇନ୍, ଶିଳ୍ପ ଓ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି। ଆଦିବାସୀ-ପ୍ରଭାବିତ ଅଞ୍ଚଳ ଓ ପଛୁଆ ଅଞ୍ଚଳମାନଙ୍କ ପାଇଁ ଯୋଜନାଗତ ସମର୍ଥନ ରହିଛି। ଯାହା ଓଡ଼ିଶାର ବିକାଶକୁ ଗତିଶୀଳ କରିବ। ରାଷ୍ଟ୍ରୀୟ ସ୍ତରରେ, ଏହି ବଜେଟ ଯୁବ ଦକ୍ଷତା ବିକାଶ ଓ ନିଯୁକ୍ତି, କୃଷି ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ ଓ ଶିକ୍ଷାର ଗୁଣଗତ ବିସ୍ତାରକୁ ଗୁରୁତ୍ୱ ଦିଆଯାଇଛି। ଏହା ଅର୍ଥନୈତିକ ସ୍ଥିରତାକୁ ମଜଭୁତ କରିବ।



-ସୌରଭ ରଞ୍ଜନ ମହାପାତ୍ର, ଆବାହକ ପଶ୍ଚିମ ଓଡ଼ିଶା ଛାତ୍ର କ୍ରିୟାନୁଷ୍ଠାନ କମିଟି

### ବିକଶିତ ଭାରତର ସଂକଳ୍ପକୁ ସାକାର କରିବ



ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ହାସଲ ପାଇଁ ୧୨.୨୦ ଲକ୍ଷ କୋଟିର ପୁଞ୍ଜିଗତ ଅର୍ଥବ୍ୟବସ୍ଥା ଭିତ୍ତିଭୂମି ବିକାଶ ସାଙ୍ଗକୁ ଲୋକଙ୍କ ଆୟ ବୃଦ୍ଧିରେ ସହାୟକ ହେବ। ଏହାସହ ଆମର ଅର୍ଥବ୍ୟବସ୍ଥାକୁ ପ୍ରତିଯୋଗୀ କରିବା ସହିତ ଆତ୍ମନିର୍ଭର ଭାରତ ମାର୍ଗରେ ଅଗ୍ରସର ପାଇଁ ସୁଯୋଗ ସୃଷ୍ଟି କରିବ। ବାୟୋଫାର୍ମା ଶକ୍ତି, ବୟୋବନ୍ଧନା ନେଟୱର୍କ, ଭାରତ ସେମିକଣ୍ଡକ୍ଟର ମିଶନ-୨, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଯୋଜନା ତଥା ଓଡ଼ିଶା, କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ସଂଯୁକ୍ତ ଦୁର୍ଲଭ ମୃତ୍ତିକା କରିଡର ଘୋଷଣା ଆମର ଅର୍ଥନୈତିକ ବିକାଶଧାରାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ସେବା କ୍ଷେତ୍ରକୁ ପ୍ରାଧାନ୍ୟ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅରେଞ୍ଜ ଇକୋନୋମି ଘୋଷଣାଗୁଡ଼ିକ ଆତ୍ମନିର୍ଭରଶୀଳତା ସଙ୍ଗେ ସଙ୍ଗେ ଆମକୁ ଆମଦାନୀ ନିର୍ଭରଶୀଳତାରୁ ମୁକ୍ତି କରିବ। ସର୍ବୋଦୟ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ଏହି ବଜେଟ ଆଞ୍ଚଳିକ ଏବଂ ବ୍ୟକ୍ତିଗତ ବୈଷମ୍ୟ ହ୍ରାସ କରିବାରେ ସହାୟକ ହେବ। ତେଣୁ ଏହି ବଜେଟ୍ ବିକଶିତ ଭାରତର ପରିକଳ୍ପନା ତଥା ସଂକଳ୍ପକୁ ସାକାର କରିବାରେ ସଫଳ ହେବ।

-ଡ. ଉମାଚରଣ ପତି, ଉପ କୁଳସଚିବ ତଥା ଅର୍ଥନୀତି ବିଭାଗ ମୁଖ୍ୟ, ଜିଏମ୍‌ୟୁ

# ସଙ୍ଗଠନ ସୁଦୃଢ଼ ହେଲେ ଦାବି ହାସଲ ସହଜ ହେବ



ମଞ୍ଚାସୀନ ରାଜପୁତ କ୍ଷତ୍ରିୟ ସମାଜର ଅତିଥିମାନେ।

କୁଚିଣ୍ଡା,୧।୨(ବିରଞ୍ଚି ଦର୍ଶୀ)

## ବାମଣ୍ଡା ରାଜପୁତ କ୍ଷତ୍ରିୟ ସମାଜ ସମାବେଶ

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲଠାରେ ରବିବାର ବାମଣ୍ଡା ଇଷ୍ଟେଟ ବୃହତ ରାଜପୁତ କ୍ଷତ୍ରିୟ ସମାଜର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ରୁଦ୍ରପ୍ରତାପ ଦେଓ ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ, ରାଜପୁତ ସମାଜର ସଂସ୍କୃତି ଐତିହ୍ୟ ସମାଜ ପାଇଁ ଏକ ଉଦାହରଣ। ଆବାହମାନ କାଳରୁ ନିର୍ଭୀକ ଓ ଲଢୁଆ ଜାତି ଭାବେ ପରିଚିତ କ୍ଷତ୍ରିୟ ରାଜପୁତ ଜାତି ତାର ବୀରତ୍ୱ ଜାହିର କରି ଆସୁଥିଲେ ହେଁ ସମାଜ ସଙ୍ଗଠନ କ୍ଷେତ୍ରରେ ପଛରେ ରହିଛି। ତେଣୁ ପ୍ରତିଟି ଅଞ୍ଚଳରେ ନିଜ ସଙ୍ଗଠନକୁ ସୁଦୃଢ଼ କଲେ ଯାଇ ସରକାରଙ୍କଠାରେ ଦାବି ହାସଲ ପାଇଁ ସହଜ ହେବ ବୋଲି କହିଥିଲେ। ଏଥିରେ ବୀରନାରାୟଣ ଦେଓ, ବିରଞ୍ଚି ଦେ, ଅଜିତ ବାବୁ, ପୂର୍ଣ୍ଣଚନ୍ଦ୍ର ଦେ, ପୁରୁଷୋତ୍ତମ ଦେବ, ବିନୋଦ ଚନ୍ଦ୍ର କୁଅଁର, ଯୁଗଳ କିଶୋର ଦେବ, ବିଶ୍ୱମ୍ଭର ସିଂ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସେମାନେ ତାଙ୍କ ବକ୍ତବ୍ୟରେ ସମାଜର ଆର୍ଥିକ ସ୍ଥିତିକୁ ମଜଭୁତ କରିବାକୁ ହେଲେ ସଙ୍ଗଠନକୁ ସଜାଡି ସୁଦୃଢ଼ କରି ଲଢେଇ କରିବାକୁ ଆହ୍ୱାନ କରିଥିଲେ। ପରେ ସର୍ବସମ୍ମତିକ୍ରମେ ବାମଣ୍ଡା ଇଷ୍ଟେଟର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ଅଖିଳପ୍ରତାପ ସିଂ ସଭାପତି, ରୁଦ୍ରପ୍ରତାପ ଦେଓ ଏବଂ ରାଣାପ୍ରତାପ ସିଂ ଉପସଭାପତି, ଅସୀତ ଗଙ୍ଗଦେ ସମ୍ପାଦକ, ପ୍ରଶାନ୍ତ ଦେ, ବିକାଶ ସିଂ ଓ ସୁଦୀପ୍ତ ଦେବ ସହସମ୍ପାଦକ ଏବଂ ଅମିତ ପ୍ରତାପ ସିଂ ଓ ସୁଜିତ ଦେଓ କୋଷାଧ୍ୟକ୍ଷଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। କ୍ରିଷନ କୁମାର ଦେଓ ସଭା ପରିଚାଳନା କରିଥିଲେ। କୁମାର ବିକ୍ରମ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ରାଣା ପ୍ରତାପ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ପୃଥକ୍ ସଡ଼କ ଦୁର୍ଘଟଣା, ୩ ବାଇକ୍ ଆରୋହୀ ମୃତ

ସମ୍ବଲପୁର,୧।୨(ପ୍ରମୋଦ ବହିଦାର)

■ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ
■ଡିଭାଇଡରରେ ପିଟି ହୋଇ ଜଣେ ମୃତ

ନିୟମିତ ବ୍ୟବଧାନରେ ସମ୍ବଲପୁରରେ ଦୁର୍ଘଟଣା ଘଟିବା ସହିତ ଅନେକ ପ୍ରାଣହାନୀ ହେବାରେ ଲାଗିଛି। ଗତ ଏକମାସ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ତେବେ ରବିବାର ପୁଣି ଶାସନ ଥାନା ଅନ୍ତର୍ଗତ ବାରଢୁଙ୍ଗୁରି ଛକରେ ଏକ ଦୁର୍ଘଟଣା ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାଇକ ଚାଳକ କତରବଗା ଥାନା ଖୁଣ୍ଟଲମାଲ ଗାଁର ବିକାଶ ପଧାନ(୨୨) ଓ କପିଳ ନାୟକ(୨୬)। ଏ ନେଇ ଶାସନ ଥାନା ପୋଲିସ ତଦନ୍ତ ଜାରି ରଖିଥିବା କହିଛି। ପୋଲିସ ସୂଚନା ଅନୁସାରେ, ମୃତ ୨ଯୁବକ ବାଇକ(ନଂ.ଓଡି-୧୫ଡି ୪୭୬୮)ରେ ସମ୍ବଲପୁରକୁ ଆସୁଥିବା ସମୟରେ ସମ୍ମୁଖରୁ ଆସୁଥିବା ଅନ୍ୟ ଏକ ବାଇକ୍ (ନଂ.ଓଡି୧୫ୱାଇ ୨୯୬)ରେ ଆସୁଥିବା ମୁଦିପଡାର ହିତେଶ କୁମାର ସାମନ୍ତରାୟ(୨୮)ଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଶାସନ ଥାନା ପୋଲିସ ମୃତଦେହ ଜବତ କରି ଶବଗୃହରେ ରଖିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଗୁରୁତର ହିତେଶଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସେହିପରି ଅଇଁଠାପାଲି ଥାନା ପରଧିଆପାଲି ଟାଟା ଶୋରୁମ ନିକଟରେ ବିଜୁ ଏକ୍ସପ୍ରେସ୍ ୱେରେ ଡିଭାଇଡରରେ ପିଟି ହୋଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ କାଇଁଶିର ଅଞ୍ଚଳର ବୋଲି କୁହାଯାଉଥିବା ବେଳେ ତାଙ୍କର ମଧ୍ୟ ପରିଚୟ ମିଳି ନାହିଁ। ସନ୍ଧ୍ୟାରେ ଦୁଇଜଣ ଯୁବକ ଏକ ବାଇକରେ ସମ୍ବଲପୁର ପଟରୁ ଆସୁଥିଲେ। ହଠାତ ସେମାନେ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡରକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟ ଯୁବକଙ୍କୁ ଉଦ୍ଧାର କରିଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ଜଣେ ଯୁବକଙ୍କୁ ମୃତ ଘୋଷଣ କରିଥିଲେ। ଆହତଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଜବତ କରି ଶବଗୃହରେ ରଖିଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ସମ୍ବଲପୁର,୧।୨(ଭବାନୀ ଶଙ୍କର ଭୋଇ): ସମ୍ବଲପୁର ମୁଦିପଡା ପାର୍କସ୍ଥିତ ରାଧାକୃଷ୍ଣ କୀର୍ତ୍ତନ ମନ୍ଦିର ପକ୍ଷରୁ ୨୪ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନ ୨ଟାରେ ରୀତିନୀତି ଅନୁସାରେ ପୂଜା କରାଯାଇ ଦହିହାଣ୍ଡି ଭଙ୍ଗାଯାଇଥିଲା। ଏହାପରେ ରାଧାକୃଷ୍ଣଙ୍କ ନାମ କୀର୍ତ୍ତନ କରାଯାଇ ନଗର ପରିକ୍ରମା କରାଯାଇଥିଲା। ଶେଷରେ ପୂର୍ଣ୍ଣାହୂତି ପକାଯାଇ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ନାମଯଜ୍ଞରେ ଲୋକନାଥ ପୂଜାରୀ ଏବଂ ତାଙ୍କ ଧର୍ମପତ୍ନୀ ମମତା ପୂଜାରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଅନୁଷ୍ଠିତ ନାମଯଜ୍ଞ ମୁଖ ପୂଜକ ଭାବେ ରାଜାରାମ ବଡ଼ପଣ୍ଡା ଓ ତାଙ୍କ ସହଯୋଗୀ ଦାୟିତ୍ୱ ନିର୍ବାହ କରିଥିଲେ। ନାମଯଜ୍ଞ ଆୟୋଜନରେ ନିରୁ ନାଏକ, କିରଣ ଜେନା, ରାସେଶ୍ୱରୀ ଜେନା, ଆନନ୍ଦିନୀ ମିଶ୍ର ସହଯୋଗ କରିଥିଲେ।

# ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ : ସମ୍ବଲପୁରକୁ ହରାଇ ଦେବଗଡ଼ ସେମିରେ

ସମ୍ବଲପୁର,୧।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଅନ୍ତର୍ଗତ ଜେ.ରେଙ୍ଗାଲିସ୍ଥିତ ରଜାଚୌରୀ ଖେଳ ପଡ଼ିଆରେ ସ୍ଥାନୀୟ ନେହେରୁ ଯୁବକ ସଂଘ ଆନୁକୂଲ୍ୟରେ ୨୭ତମ ଶହୀଦ ଶୁକଦେବ ସ୍ମାରକୀ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଆୟୋଜକ ସଭାପତି ଯଜ୍ଞପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ଅଲମ୍ପିକ ଆସୋସିଏଶନର ଉପସଭାପତି ତଥା ସମ୍ବଲପୁର ଜିଲା କ୍ରିକେଟ ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ସରପଞ୍ଚ ସୈରେନ୍ଦ୍ରି ଭୋଇ, ସହିଦ ମାତା ମନ୍ଦୋଦରୀ ପ୍ରଧାନ, କ୍ରୀଡ଼ାବିତ ସୁଶିଲ ମହାନ୍ତି, ମନୋଜ ସ୍ୱାଇଁ, ଅଭିନବ ସାମନ୍ତ, ଅବସରପ୍ରାପ୍ତ ଶିକ୍ଷକ ଭୀମସେନ ସାହୁ, ଝଣ୍ଟୁ ସାହୁ, ସୁବାସ ତ୍ରିପାଠୀ, ଲବଣୀଶ୍ୱର ଭୋଇ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।



ଉଦଘାଟନୀ ଉତ୍ସବରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

ଉଦ୍‌ଘାଟନୀ ମ୍ୟାଚ ଡିସିଏ ଦେବଗଡ଼ ଏବଂ ରାଇଜିଂ ଷ୍ଟାର ସମ୍ବଲପୁର ମଧ୍ୟରେ ହୋଇଥିଲା। ଟସ୍ ଜିଣି ଦେବଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୩୩ ରନ କରିଥିଲା। ଦଳର ଲିଙ୍ଗରାଜ ସାହୁ ସର୍ବାଧିକ ୪୭ଟି ବଲରୁ ୧୦ଟି ଚୌକା ଓ ଛକା ସହାୟତାରେ ୧୧୪ରନ କରିଥିଲା। ସମ୍ବଲପୁରର ଧରିତ୍ରୀ ମେହେର ୨ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୦୪ ରନ କରି ପରାସ୍ତ ହୋଇଥିଲା। ଦଳର ସନ୍ତୋଷ ଶର୍ମା ୨୯ଟି ବଲରୁ ୭୮ ଓ ଅମନ ବେହେରା ୨୬ ବଲରୁ ୬୦ ରନ କରିଥିଲେ । ଦେବଗଡ଼ର ପ୍ରବୀଣ ତିର୍କୀ ଓ ଲିପୁ ନାଏକ ୨ ଟି ଲେଖାଏ ଉଇକେଟ ନେଇଥିଲେ । ଫଳରେ ଦେବଗଡ଼ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା କ୍ରିକେଟ ସଂଘ ସଭାପତି ସ୍ମୃତି ରଞ୍ଜନ ମହାପାତ୍ର, ବଡ଼ମାଳ ଫାଣ୍ଡି ଏଏସଆଇ ତପନ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ଦେବଗଡ଼ର ଲିଙ୍ଗରାଜ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପେୟାର ସୌମ୍ୟଦର୍ଶନ ମହାନ୍ତି ଓ ଟିକେଶ୍ୱର ସାହୁ ପରିଚାଳନା କରିଥିଲେ। କିରଣ କୁମାର ଭୋଇ ସ୍କୋରିଂ ଏବଂ ରାକେଶ ସେଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ନବଜୀବନ ସୁନ୍ଦରଗଡ଼ ଓ ଡିସିଏ ବୌଦ୍ଧ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ସର୍ବଭାରତୀୟ ଧର୍ମଘଟକୁ ଶ୍ରମିକ ସଙ୍ଗଠନର ସମର୍ଥନ

## ଚାଷୀ ଓ ଶ୍ରମିକ ବିରୋଧୀ ନୀତିର ବିରୋଧ

ସମ୍ବଲପୁର,୧।୨(ବି.ଶଙ୍କର)

କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ଚାଷୀ ଓ ଶ୍ରମିକ ବିରୋଧୀ ଆଇନ ସହ ଅନ୍ୟାନ୍ୟ ଦାବିରେ ଜାତୀୟ ଶ୍ରମିକ ସଙ୍ଗଠନଗୁଡିକ ସର୍ବଭାରତୀୟସ୍ତରୀୟ ଫେବୃଆରୀ ୧୨ରେ ଧର୍ମଘଟ ଆହ୍ୱାନ ଦେଇଛନ୍ତି। ଧର୍ମଘଟକୁ ସଫଳ କରିବା ପାଇଁ ରବିବାର ଶ୍ରମିକ ସଙ୍ଗଠନର ମିଳିତ ସମାବେଶ ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଆୟୋଜିତ ହୋଇଥିଲା। ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ କମିଟି ଆବାହକ ଗୋକୁଳ ମେହେର ସଭାପତିତ୍ୱ କରିଥିଲେ । ଦେଶର ଶ୍ରମିକ, କୃଷକ ଓ ସାଧାରଣ ଜନତାଙ୍କ ଜୀବନ ଏବଂ ଜୀବିକାକୁ ପ୍ରଭାବିତ କରୁଥିବା ବିଭିନ୍ନ ଜନବିରୋଧୀ ଆଇନ, ସଂଶୋଧନ ନେଇ ଆଲୋଚନା ହୋଇଥିଲା। ବକ୍ତାମାନେ ଶ୍ରମିକ ବିରୋଧୀ ଶ୍ରମ କୋଡଗୁଡିକୁ ତୁରନ୍ତ ବାତିଲ କରିବା, କୃଷକ ବିରୋଧୀ ୨୦୨୫ ଆଇନ ପ୍ରତ୍ୟାହାର, ଜି.ରାମଜି ଆଇନ ପ୍ରତ୍ୟାହାର ସହ ଜନବିରୋଧୀ ବିଦ୍ୟୁତ୍ ବିଲ ସଂଶୋଧନକୁ ରଦ୍ଦ କରିବା ଦାବି ଉଠାଇଥିଲେ। ଆଗାମୀ ଦିନରେ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଯୋଜନା ତିଆରି ସହ ପ୍ରସ୍ତୁତି ନିଆଯାଇଥିଲା । ହିନ୍ଦ ମଜଦୁର ସଭା ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଉପସ୍ଥିତ ରହି ବର୍ତ୍ତମାନର ସରକାରଙ୍କ ଶ୍ରମିକ ଚାଷୀ ମହିଳା ଓ ସଂଖ୍ୟାଲଘୁ ବିରୋଧୀ ମନୋଭାବ ଦେଶର ସାର୍ବଭୌମତ୍ୱକୁ ନଷ୍ଟ କରୁଥିବାରୁ ଏକତ୍ରିତ ହୋଇ ଲଢେଇରେ ସାମିଲ ହେବାକୁଆହ୍ୱାନ କରିଥିଲେ। ବିଷ୍ଣୁ ମହାନ୍ତି ଶ୍ରମ ଆଇନ ବଦଳରେ ଶ୍ରମ କୋଡ୍ ପ୍ରବର୍ତ୍ତନ କରିବା ମୋଦୀ ସରକାରଙ୍କ ଶିଳ୍ପପତିମାନଙ୍କ ପ୍ରତି ଦୁର୍ବଳତାର ପରିପ୍ରକାଶ ବୋଲି କହିଥିଲେ। ତ୍ରିନାଥ ଦୋରା, ଲଳିତ ପଟ୍ଟନାୟକ, ଏନ୍ ଗୋପାଳ, ଚାଷୀ ନେତା ସରୋଜ ମହାନ୍ତି, ମହେଶ୍ୱର ଷଣ୍ଢ, ପ୍ରଣୟ ନାୟକ, ରୁପେଶ ବାଗ, ସଞ୍ଜିତ ମହାନ୍ତି, ଆଶିଷ ରଞ୍ଜନ ମହାନ୍ତି, ଅରୁଣ ଖୁଣ୍ଟିଆ, ଯୋଗେନ୍ଦ୍ର ବେହେରା, ଇନ୍ଦ୍ରଜିତ ତାଣ୍ଡି, ଭି ରାମାରାଓ, ସୁଶାନ୍ତ ପଟ୍ଟନାୟକ, କିଶୋର ଚନ୍ଦ୍ର କର, ସୁବ୍ରତ ପଣ୍ଡା, ରୋଶନ ସିଂହ, ଯୁବ ନେତା ଦେବଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ ଅଂଶ ଗ୍ରହଣ କରି ଆଗାମୀ ୧୨ ତାରିଖରେ ହେବାକୁ ଥିବା ଦେଶବ୍ୟାପୀ ଧର୍ମଘଟକୁ ସମର୍ଥନ କରିବା ପାଇଁ ମତ ଉପସ୍ଥାପନ କରିଥିଲେ । ଏହି ବୈଠକରେ ଜାତୀୟ ଶ୍ରମିକ ସଙ୍ଗଠନ, ଆଇଏନଟିୟୁସି, ସିଟୁ, ଏଚ୍‌ଏମ୍‌ଏସ୍, ଏଆଇଟିୟୁସି ସହ ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ କମିଟିର ବହୁ ସଦସ୍ୟ ଉପସ୍ଥିତ ରହି ଶ୍ରମିକ ଓ କୃଷକହିତ ସୁରକ୍ଷା ପାଇଁ ଏକତ୍ର ଲଢ଼ାଇ କରିବାର ସଂକଳ୍ପ ପୁନରୁଚ୍ଚାରଣ କରିଥିଲେ ।

**GOVERNMENT OF ORISSA**
**OFFICE OF THE SUPERINTENDING ENGINEER : GANJAM (R&B) DIVISION NO.I, BERHAMPUR**
Phone/Fax : (0680) 2233683, e-mail : eernb1_bam@yahoo.com
Letter No.1004 / Dated 29.01.2026
**Ist Corrigendum to Bid Identification No.S.E. (R&B) Divn. No.I Bam. 57/2025-26 vide letter No.665 dtd 20.01.2026**
**No. 34001/11/2526** : The tender invited vide Bid Identification No.57/2025-26 bearing letter No.665 dated 20.01.2026 the sale and receipt of Tenders invited for 03 no. of work may be read as from 30.01.2026 to 06.02.2026 instead of 27.01.2026 to 04.02.2026 and opening of tender on 07.02.2026 in place of 05.02.2026.
Other terms and conditions remain unchanged
OIPR-34001/34109/1/25-26/0011
Sd./- Superintending Engineer, Ganjam R&B Division No. I

**Government of Odisha "e" procurement Notice**
INVITATION FOR BIDS (IFB)
**OFFICE OF THE DISTRICT PROJECT OFFICE, SAMAGRA SHIKSHA, DHENKANAL**
**Bid Identification No.SS/DKL/02/2025-2026**
No.27001/6/2526

| | | | |
|---|---|---|---|
| 1. | The District Project Coordinator, Samagra Shiksha, Dhenkanal, on behalf of Governor of Odisha, invites percentage rate bids in single cover system in **ONLINE MODE** only from eligible contractors for Construction of Building work as detailed below. | | |
| 2. | Nature of work | : | Construction of Additional Classrooms |
| 3. | No. of work | : | 11 Nos. |
| 4. | Cost of Tender Paper | : | 6,000/- |
| 5. | Class of Contractor | : | "C" & "D" |
| 6. | Period of Completion | : | 04 (Four) Calendar Months |
| 7. | Availability of Bid Documents in the website | : | **From 10.00 A.M. of 04.02.2026 to 5.30 P.M. of 18.02.2026** |
| 8. | Date of Opening of Bid | : | **Dt.19.02.2026 at 11:00 A.M.** |
| 9. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-27001/27210/1/25-26/0006
Sd./- District Project Coordinator, Samagra Shiksha, Dhenkanal

**ODISHA MINING CORPORATION LTD**
(A Gold Category State PSU)
Registered Office : OMC House, Bhubaneswar-751 001
CIN : U13100OR1956SGC000313
OMC ODISHA MINING CORPORATION LTD. Mining Happiness
No.30001/4/2526 **NOTICE INVITING REQUEST FOR PROPOSAL (RFP)**
**RfP No.01/OMC/CIVIL/2026** **Dated : 30.01.2026**
1. Request for Proposal (RfP) for the following work is invited on-line through the e-procurement portal of Govt. of Odisha.

| Sl No. | Name of Project | EMD in INR | Bid Processing Fee in INR | Period of Services |
|---|---|---|---|---|
| 1 | **Design, Manufacturing, Supply and Installation of PEB (Pre-Engineered Building) Core Box shed 2 (two) nos including civil foundation, E/I and others on Turnkey basis at Dubuna camp of Barbil region in the district of Keonjhar** | 1,67,000/- | 10,000/- plus 18% GST | 08 (Eight Months) |

2. The bidders must participate in on-line bidding at the site : **https://www.tendersodisha.gov.in**
3. Bid documents will be available in the above website from Dt.03.02.2026 to Dt.18.02.2026 up to 05:00 P.M.
4. Last date and time for on-line submission of bid in web portal is Dt.18.02.2026 up to 05:00 P.M.
5. The tender will be opened on Dt.19.02.2026 at 11:00 A.M.
6. The bidder must possess compatible Digital Signature Certificate (DSC) of Class-III.

All other details can be seen from RfP Document at **https://www.tendersodisha.gov.in**.
Odisha Mining Corporation Limited reserves the right to reject any or all RfPs received without assigning any reasons thereof.
**OIPR-30001/30005/1/25-26/0004** **Sd./- GM (Civil)**



# ସାଧାରଣ ବଜେଟ ୨୦୨୬-୨୭






## ଚଳିତ ବଜେଟ ସମସ୍ତଙ୍କୁ ନିରାଶ କରିଛି



କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ ସମସ୍ତଙ୍କୁ ନିରାଶ କରିଛି। ଏହି ବଜେଟରେ ଓଡ଼ିଶା ଏବଂ ଏହାର ଜନସାଧାରଣଙ୍କ ପାଇଁ କୌଣସି ଉଲ୍ଲେଖନୀୟ ସୁବିଧା ନାହିଁ। ଓଡ଼ିଶାବାସୀଙ୍କ ଆଶା ଥିଲା ଯେ 'ଡବଲ ଇଞ୍ଜିନ' ସରକାର ଭିତ୍ତିଭୂମି, ନିଯୁକ୍ତି ସୁଯୋଗ ଏବଂ ରାଜ୍ୟ ପାଇଁ ପ୍ରାପ୍ୟ ଅତିରିକ୍ତ ଅନୁଦାନ ଉପରେ ଗୁରୁତ୍ୱ ଦେଇ ବିକାଶକୁ ଗତି ଦେବ, କିନ୍ତୁ ତାହା ହେଲା ନାହିଁ। ଓଡ଼ିଶାରେ 'ରେୟାର ଆର୍ଥ କରିଡର' ପ୍ରତିଷ୍ଠା ପ୍ରସ୍ତାବକୁ ସ୍ୱାଗତ କରୁଛି। ଅନେକ ପ୍ରମୁଖ ଖଣିଜଦ୍ରବ୍ୟର ଅଗ୍ରଣୀ ଉତ୍ପାଦନକାରୀ ଓଡ଼ିଶା, ନିଜର ସମୃଦ୍ଧ ସମ୍ପଦ ମାଧ୍ୟମରେ ଦେଶ ଗଠନରେ ସର୍ବଦା ଯୋଗଦାନ ଦେଇଆସିଛି। ଖଣିଜ ସମୃଦ୍ଧ ଅଞ୍ଚଳ ଏବଂ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହିତ ସଂଯୋଗ କରିବା ପାଇଁ 'ଜାତୀୟ ଜଳପଥ' ନିର୍ମାଣ ନେଇ ପୁଣିଥରେ ଘୋଷଣା କରାଯାଇଛି। କିନ୍ତୁ ଏହା ଏକଦଶନ୍ଧିର ପୁରୁଣା ପ୍ରସ୍ତାବ; ଯାହାର ତୃଣମୂଳସ୍ତରରେ କୌଣସି ଅଗ୍ରଗତି ହୋଇନାହିଁ।

- ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା

## ଆଦିବାସୀଙ୍କ ପାଇଁ ଛୋଟ ହୃଦୟ



କେନ୍ଦ୍ର ସରକାରଙ୍କ ୨୦୨୬-୨୭ ଆର୍ଥିକବର୍ଷ ବଜେଟରେ ଓଡ଼ିଶାର ଆଦିବାସୀ ଏବଂ କେବିକେ ଜିଲା ପାଇଁ କୌଣସି ଗୁରୁତ୍ୱ ଦିଆଯାଇନାହିଁ। କେନ୍ଦ୍ରର ୫୩.୫ ଲକ୍ଷ କୋଟିର ବଡ଼ ବଜେଟ, ହେଲେ ଆଦିବାସୀଙ୍କ ପାଇଁ ଛୋଟ ହୃଦୟ। ୪.୩% ଆର୍ଥିକ ନିଅଣ୍ଟ ଏବଂ ବୃଦ୍ଧି ପାଉଥିବା ପୁଞ୍ଜି ବ୍ୟୟ କାଗଜପତ୍ରରେ ପ୍ରଭାବଶାଳୀ ଦେଖାଯାଇପାରେ, କିନ୍ତୁ କୋରାପୁଟ, ରାୟଗଡା, ମାଲକାନଗିରି, କନ୍ଧମାଳ ଏବଂ ଅନ୍ୟାନ୍ୟ ଆଦିବାସୀ ଅଞ୍ଚଳ ପାଇଁ କୌଣସି ଗୁରୁତ୍ୱ ଦିଆଯାଇ ନାହିଁ। କେବଳ ଚୟନିତ ଭାବରେ, ଜାତୀୟ ଜଳପଥ-୫ ଏକ ଲଜିଷ୍ଟିକ୍ସ ପ୍ରୋତ୍ସାହନ ଭାବରେ ପ୍ରକ୍ଷେପିତ ହୋଇଛି, ତଥାପି ଆଦିବାସୀ ବିସ୍ଥାପନ, ଜୀବିକା ସୁରକ୍ଷା କିମ୍ବା କରିଡର ପାର୍ଶ୍ୱରେ ବାସ କରୁଥିବା ସମ୍ପ୍ରଦାୟ ପାଇଁ ଲାଭ-ବଣ୍ଟନ ଉପରେ କୌଣସି ସ୍ୱଚ୍ଛତା ନାହିଁ। ଓଡ଼ିଶାର ଖଣିଜ ପଦାର୍ଥ ପୁଣି ପାଳନ କରାଯାଏ, କିନ୍ତୁ ପରିବେଶଗତ ଏବଂ ସାମାଜିକ ଖର୍ଚ୍ଚ ବହନ କରୁଥିବା ଲୋକଙ୍କୁ ସୁବିଧାଜନକ ଭାବରେ ଭୁଲି ଦିଆଯାଏ। ବଜେଟରେ ଆରାକୁ ଉପତ୍ୟକା ପାଇଁ ଟ୍ରେକିଂ ପଦକ୍ଷେପ ଘୋଷଣା କରାଯାଇଛି। କିନ୍ତୁ ଆଦିବାସୀ ପ୍ରାଣକେନ୍ଦ୍ର କୋରାପୁଟରେ ଅବସ୍ଥିତ ଓଡ଼ିଶାର ସର୍ବୋଚ୍ଚ ଶିଖର ଦେଓମାଳିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ପଡ଼ୋଶୀ ଗନ୍ତବ୍ୟସ୍ଥଳଗୁଡ଼ିକୁ ପ୍ରୋତ୍ସାହିତ କରିବା ସମୟରେ ଦେଓମାଳିକୁ ଅଣଦେଖା କରିବା ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ପ୍ରତି କେନ୍ଦ୍ରର ଉଦାସୀନତାକୁ ବୁଝାଉଛି।

- ସପ୍ତଗିରି ଉଲାକା, ଏମ୍‌ପି, କୋରାପୁଟ

## ଇଭି ଇକୋସିଷ୍ଟମ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସ୍ୱାଗତ



ୟୁନିୟନ୍ ବଜେଟ ବିଭିନ୍ନ କ୍ଷେତ୍ରକୁ ସ୍ଥାୟୀ ଓ ପ୍ରଯୁକ୍ତିଗତ ଭାବେ ଉନ୍ନତ ଭବିଷ୍ୟତ ଆଡ଼କୁ ନେବା ପାଇଁ ଏକ ଦୃଢ଼ ରାସ୍ତା ଦେଖାଇଛି। ବିଶେଷକରି ଇଭି ଇକୋସିଷ୍ଟମ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଆମେ ସ୍ୱାଗତ କରୁଛୁ। ଲିଥିୟମ-ଆୟନ ସେଲ୍ ନିର୍ମାଣରେ ବ୍ୟବହୃତ କ୍ୟାପିଟାଲଗୁଡିକ ପାଇଁ ବେସିକ କଷ୍ଟମ୍ସ ଡ୍ୟୁଟି ଛାଡ଼, ଓଡ଼ିଶା ଭଳି ଖଣିଜସମ୍ପନ୍ନ ରାଜ୍ୟଗୁଡିକରେ ରେୟାର୍ ଆର୍ଥ କରିଡର୍ ସ୍ଥାପନ, ଗ୍ରୀନ ମୋବିଲିଟିକୁ ଆହୁରି ମଜଭୁତ କରିବାକୁ ଉତ୍ତର-ପୂର୍ବ ଓ ପୂର୍ବୋଦୟ ଅଞ୍ଚଳ ପାଇଁ ୪,୦୦୦ ଇ-ବସ୍ ପ୍ରଦାନ, ବ୍ଲେଣ୍ଡେଡ ସିଏନ୍‌ଜିରେ ବାୟୋଗ୍ୟାସ ମୂଲ୍ୟକୁ କେନ୍ଦ୍ରୀୟ ଏକ୍ସାଇଜ ଡ୍ୟୁଟିରୁ ମୁକ୍ତ ରଖିବା, ଇଣ୍ଡିଆ ସେମିକଣ୍ଡକ୍ଟର୍ ମିଶନ ୨.୦ ଭଳି ଭଲ ପଦକ୍ଷେପ ନିଆଯାଇଛି। ୧୦,୦୦୦ କୋଟିର ଏମ୍‌ଏସ୍‌ଏମ୍‌ଇ ଗ୍ରୋଥ୍ ଫଣ୍ଡ୍ ଏବଂ ପେମେଣ୍ଟ ସେଟେଲମେଣ୍ଟ ସହିତ ମୋଟର୍ ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲ ଦ୍ୱାରା ହେଉଥିବା ସୁଧର ଆୟକର ଛାଡ଼ ବ୍ୟକ୍ତିଗତ ଯାନ ମାଲିକ ଓ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ଆଶ୍ୱସ୍ତିକର ହେବ।

- ସି.ଏସ୍, ବିଘ୍ନେଶ୍ୱର, ସଭାପତି,
ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ

## ପ୍ରଗତିର ରୋଡ୍‌ମ୍ୟାପ୍



୨୦୨୬-୨୭ ବଜେଟ ଭାରତ ତଥା ଓଡ଼ିଶାକୁ ପ୍ରଗତି ଦିଗରେ ଆଗେଇନେବାକୁ ଏକ ରୋଡ୍‌ମ୍ୟାପ୍ ବୋଲି କହିପାରିବା। ବିତ୍ତୀୟ ରେସପନ୍‌ସିବିଲିଟି ସହ ପ୍ରଗତିର ସନ୍ତୁଳନ ରକ୍ଷା କରିବା ଦିଗରେ ଚେଷ୍ଟା କରାଯାଇଛି। ଏମ୍‌ଏସ୍‌ଏମ୍‌ଇ, ପର୍ଯ୍ୟଟନ, ଶିକ୍ଷା ଆଦି ପ୍ରତ୍ୟେକ କ୍ଷେତ୍ରକୁ ସୁହାଇଲା ଭଳି ପଦକ୍ଷେପ ନିଆଯାଇଛି। ଓଡ଼ିଶା କଥା କହିଲେ, ରେଆର୍ ଆର୍ଥ ଓ ଖଣିଜ ସମ୍ପଦ ଥିବା ଜିଲାର ଉନ୍ନତୀକରଣ, ଜଳପଥ, ସହରୀ ଶିଳ୍ପାଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି। ଶିକ୍ଷା ଓ ଶିଳ୍ପ ମଧ୍ୟରେ ଥିବା ଦୂରତାକୁ ଦୂର କଲାଭଳି ଭଲ ପଦକ୍ଷେପ ରହିଛି, ଯାହାକି ଯୁବପିଢ଼ିଙ୍କୁ ସଶକ୍ତ କରିବ। ଝିଅମାନଙ୍କ ଶିକ୍ଷାଠାରୁ ଆରମ୍ଭ କରି ଉଦ୍ୟୋଗ ପର୍ଯ୍ୟନ୍ତ ସୁବିଧା ରହିଛି। ପ୍ରତି ଜିଲାରେ ବାଳିକା ହଷ୍ଟେଲ ଭଳି ସୁବିଧାର ପରିକଳ୍ପନା କରାଯାଇଛି।

- ମିତାଲି ଚିନାରା, ଅର୍ଥନୀତିଜ୍ଞ

## ପ୍ରଥମଥର ଓଡ଼ିଶାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି



ଚଳିତବର୍ଷର ବଜେଟ ସରକାରଙ୍କ ଦୀର୍ଘକାଳୀନ ବିକଶିତ ଭାରତର ଲକ୍ଷ୍ୟ ନିଶ୍ଚିତ ପୂରଣ କରିବ। ପ୍ରତିରକ୍ଷା କ୍ଷେତ୍ରରେ ବର୍ଦ୍ଧିତ ବ୍ୟୟ ଭାରତକୁ ବାହ୍ୟ ସୁରକ୍ଷା ଦେବା ସହ ପ୍ରତିରକ୍ଷା ସାମଗ୍ରୀ ରପ୍ତାନିରେ ମଧ୍ୟ ସାହାଯ୍ୟ କରିବ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଉପରେ ଦିଆଯାଇଥିବା ଗୁରୁତ୍ୱ ଆଗାମୀ ଦିନରେ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ଯୁବବର୍ଗଙ୍କ କଣ୍ଟେଣ୍ଟ କ୍ରିଏଶନକୁ ନିଯୁକ୍ତିରେ ରୂପାନ୍ତରଣ କରିବା ଦିଗରେ ସରକାରଙ୍କ ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ବଜେଟରେ ପ୍ରଥମଥର ଓଡ଼ିଶାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର, ବୟନ ଶିଳ୍ପ, ନଡ଼ିଆ ଓ କାଜୁ ଚାଷ ଆଦି କ୍ଷେତ୍ର ବହୁ ସୁବିଧା ପାଇବାକୁ ଯାଉଛି। ଓଡ଼ିଶାର ଖଣିଜ ପଦାର୍ଥକୁ ପୂର୍ଣ୍ଣ ବିନିଯୋଗ କରିବା ପାଇଁ ଏହାକୁ ବିରଳ ମୃତ୍ତିକା କରିଡରରେ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ତେଣୁ ଏହି ବଜେଟ ଏକ ସମତୁଲ ଓ ସକାରାତ୍ମକ ବଜେଟ କହିଲେ ଅତ୍ୟୁକ୍ତି ହେବ ନାହିଁ।

- ସଂଘମିତ୍ରା ମିଶ୍ର, ଅର୍ଥନୀତି ଅଧାପିକା,
ୟୁଜିଏସ୍ ମହାବିଦ୍ୟାଳୟ, ସାକ୍ଷୀଗୋପାଳ

## ଅଭିବୃଦ୍ଧିଭିତ୍ତିକ ବିକାଶମୁଖୀ ବଜେଟ

'ବିକଶିତ ଭାରତ-୨୦୪୭'ର ନାରାକୁ ଦୃଷ୍ଟିରେ ରଖି ଦେଶର ଅର୍ଥନୈତିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଏକ ଲୋକାଭିମୁଖୀ ତଥା ଅଭିବୃଦ୍ଧିଭିତ୍ତିକ

## ଚଳିତ ବଜେଟ ହେଉଛି ବିକଶିତ ଭାରତର ରୋଡ୍‌ମ୍ୟାପ



ଚଳିତ ବଜେଟରେ ଭିତ୍ତିଭୂମି ନିର୍ମାଣ ପାଇଁ ବ୍ୟୟବରାଦ ୧୨ଲକ୍ଷ କୋଟି ଟଙ୍କା ଟପିଥିଲାବେଳେ ସାମାଜିକ କ୍ଷେତ୍ରରେ ବ୍ୟୟବରାଦ ବଢ଼ିଛି। ପୂର୍ବରୁ ଚାଲୁଥିବା ଗୋଟିଏ ବି ଯୋଜନା ବନ୍ଦ ହୋଇନାହିଁ । ଜାତୀୟ ଜଳମାର୍ଗ ଯୋଜନାରେ ଆଗାମୀ ୫ ବର୍ଷରେ ୨୦ଟି ନୂତନ ଜଳପଥ ନିର୍ମାଣ କରାଯିବ, ଯାହା ଓଡ଼ିଶାରୁ ଆରମ୍ଭ ହେବ। ଖଣିଜ ପଦାର୍ଥରେ ଭରପୂର ତାଳଚେର ଓ ଅନୁଗୋଳ, କଳିଙ୍ଗନଗରକୁ ପାରାଦୀପ ବନ୍ଦର ସହ ସଂଯୋଗ କରିବା ପାଇଁ ଜାତୀୟ ଜଳପଥ ନିର୍ମାଣ ହେବ, ଯାହା ଆଗାମୀ ଦିନରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଓଡ଼ିଶାରେ ବିରଳ ଖଣିଜ କରିଡର କରିବାକୁ ଘୋଷଣା କରିଛନ୍ତି। ନିଯୁକ୍ତି ସୃଷ୍ଟି, ଉତ୍ପାଦକତା ବୃଦ୍ଧି ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ବ୍ୟାପକ ଅର୍ଥନୈତିକ ସଂସ୍କାର ଗ୍ରହଣ କରିଛନ୍ତି। ବଜେଟରେ ବିଭିନ୍ନ ସାମଗ୍ରୀକୁ ଶସ୍ତା କରିବା ସହ ଆୟକର ସ୍ଲାବ ଅପରବର୍ତ୍ତିତ ରଖାଯାଇଛି, ଯାହା ସାଧାରଣବର୍ଗକୁ ଆଶ୍ୱସ୍ତ କରିଛି।

- ମନମୋହନ ସାମଲ, ଭାଜପା, ରାଜ୍ୟ ସଭାପତି



ବିକାଶମୁଖୀ ବଜେଟ ଉପସ୍ଥାପନ କରିବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରୟାସ କରିଛନ୍ତି। କୃଷକ, ଯୁବବର୍ଗ ଓ ମହିଳାଙ୍କ ଉପରେ ପ୍ରାଧାନ୍ୟ ଦିଆଯାଇ ଭିତ୍ତିଭୂମି ଉନ୍ନୟନ, ସାମାଜିକ ନ୍ୟାୟ, ଗ୍ରାମୀଣ ଅର୍ଥନୀତି, ସହରାଞ୍ଚଳ ବିକାଶ, ପ୍ରତିରକ୍ଷା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପର୍ଯ୍ୟଟନ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ବିତ୍ତୀୟ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଅନେକ ପଦକ୍ଷେପ ନିଆଯାଇଥିବା ବେଳେ ଦେଶର ସାମଗ୍ରିକ ବିକାଶ ତଥା ଏକ ଆତ୍ମନିର୍ଭରଶୀଳ ଭାରତବର୍ଷ ଗଠନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି।

- ଶୁଭେନ୍ଦୁ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ(ଛାତ୍ର ବ୍ୟାପାର),
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ନୈରାଶ୍ୟଜନକ ବଜେଟ



କେନ୍ଦ୍ର ସରକାରଙ୍କ ବଜେଟରେ ରାଜ୍ୟ ପାଇଁ କୌଣସି ଗୁରୁତ୍ୱ ଦିଆଯାଇ ନାହିଁ। ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ନେଇ କୌଣସି ଆର୍ଥିକ ବ୍ୟବସ୍ଥା କରାଯାଇ ନ ଥିବାବେଳେ ଲୋକଙ୍କୁ ପାନୀୟଜଳ ସୁନିଶ୍ଚିତ ପାଇଁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ହୋଇନାହିଁ। ସେହିପରି ଖଣି ରୟାଲଟି ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇ ନାହିଁ। ଆଗାମୀ ଦିନରେ ଓଡ଼ିଶା ପ୍ରାକୃତିକ ଖଣିଜ ସମ୍ପଦହୀନ ହୋଇଯିବ ହେଲେ ରାଜ୍ୟ କ୍ଷତିଗ୍ରସ୍ତ ହେବ। ଉତ୍କଟ ବେକାରି ସମସ୍ୟା ଦୂରୀକରଣ ଦିଗରେ ସେଭଳି କିଛି ଅଧିକ ଅର୍ଥ ବ୍ୟବସ୍ଥା କରାଯାଇନାହିଁ। ଗରିବ, ମଧ୍ୟବିତ୍ତ ଓ ମହିଳାମାନଙ୍କୁ ନିରାଶ କରିଛି। ଟେକ୍ସଟାଇଲ ପାର୍କ କେବଳ କଥାରେ ରହିଥିବାବେଳେ ରେଳବାଇ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ଅବହେଳା କରାଯାଇଛି। ଓଡ଼ିଶାରୁ ଯେତିକି ଟଙ୍କା ନେଉଛନ୍ତି ସେହି ପରିମାଣରେ ସୁବିଧା ପ୍ରଦାନ କରାଯାଇନାହିଁ। ସ୍ୱତନ୍ତ୍ର ହାଇସ୍ପିଡ୍ କରିଡରରେ ଓଡ଼ିଶାକୁ ଅବହେଳା କରାଯାଇଛି। ଏହା ସର୍ବସାଧାରଣଙ୍କ ପାଇଁ ଲାଭଦାୟକ ନୁହେଁ, ଏକ ନୈରାଶ୍ୟଜନକ ବଜେଟ।

- ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପୂର୍ବତନ ଅର୍ଥମନ୍ତ୍ରୀ

## କର୍ପୋରେଟ୍ ସେକ୍ଟରକୁ ଉପହାର; କୃଷକ, ଶ୍ରମିକଙ୍କୁ ଅଣଦେଖା



ଚଳିତ ବଜେଟ ଧନୀଙ୍କୁ ସୁହାଉଥିବାବେଳେ ଗରିବଙ୍କୁ ରକ୍ତହୀନ କରୁଛି। ଏହା ବଜେଟ ନୁହେଁ, କର୍ପୋରେଟ ସେକ୍ଟର ପାଇଁ ଉପହାର ତାଲିକା। ସାଧାରଣ ଜନତାଙ୍କ ପାଇଁ ବଡ଼ ଧୋକା। ବଜେଟରେ କୃଷିକ୍ଷେତ୍ରକୁ ଅଣଦେଖା କରାଯାଇଛି। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପରିବର୍ତ୍ତେ କୃଷି ସଂକ୍ରାନ୍ତୀୟ ଯୋଜନାରେ ଅନୁଦାନ ହ୍ରାସ କରାଯାଇଛି। ଶ୍ରମିକଙ୍କ ସାମାଜିକ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। କର୍ପୋରେଟ ଅନୁକୂଳ ଶ୍ରମ ନୀତିକୁ ପ୍ରୋତ୍ସାହନ ଦେଇ ଶ୍ରମିକ ଶ୍ରେଣୀକୁ ଶୋଷଣ କରାଯିବାର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ହେବା ସହ ପରୋକ୍ଷ କର ଓ ନୀତିଗତ ଅବହେଳା ଯୋଗୁ ମୁଦ୍ରାସ୍ଫୀତି ବଢ଼ିବ। ଏହାର ସିଧାସଳଖ ପ୍ରଭାବ ଖାଉଟି ଓ ମଧ୍ୟବିତ୍ତ ପରିବାର ଉପରେ ପଡ଼ିବ।

-ମହେନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ, ଏଆଇସିସିଟିୟୁ

## ଜନବିରୋଧୀ ବଜେଟ



ସମ୍ପୂର୍ଣ୍ଣ ଜନବିରୋଧୀ ଓ କର୍ପୋରେଟ ସପକ୍ଷବାଦୀ ବଜେଟ। ଏଥିରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ, ପିଏମ-ଶ୍ରୀ, ପିଏମ୍-ଜେଏଓ, ପିଏମ୍-ଏମ୍‌ଏସ୍‌ଓ, ପିଏମ୍‌ଏଓ ଭଳି ଅନେକ ଯୋଜନାରେ ବ୍ୟୟ ବହୁତ କମ୍ ହୋଇଛି। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଉତ୍ତର-ପୂର୍ବାଞ୍ଚଳ କଲ୍ୟାଣ ପାଇଁ ବ୍ୟୟ ମଧ୍ୟ କମ୍ କରାଯାଇଛି। ମୋଦି ସରକାରଙ୍କ କାଳରେ 'ସ୍ଥିରତା, ଆର୍ଥିକ ଅନୁଶାସନ, ନିରନ୍ତର ବୃଦ୍ଧି ଓ ମଧ୍ୟମ ମୂଲ୍ୟବୃଦ୍ଧି' ରହିଥିବା ଅର୍ଥମନ୍ତ୍ରୀ କହିଛନ୍ତି, ହେଲେ ସ୍ଥିରତା କେବଳ ଶ୍ରମିକଙ୍କ ଦୁଃଖ, ବେକାରି ଓ କମ୍ ଆୟରେ ରହିଛି। ଧନୀ ଓ ଗରିବଙ୍କ ମଧ୍ୟରେ ବଢ଼ୁଥିବା ଅସମାନତାକୁ ଏହି ବଜେଟ ଆହୁରି ତୀବ୍ର କରିବ। ଏହା ଭାରତ ଓ ବିଶ୍ୱ ଅର୍ଥନୀତିର ସଙ୍କଟଜନକ ସ୍ଥିତିକୁ ମୁକାବିଲା କରିବାରେ ଅସମର୍ଥ ହେବ।

-ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ, ସିପିଆଇ(ଏମ)

## ମଧ୍ୟବିତ୍ତ ବର୍ଗ, ଘରୋଇ ଉତ୍ପାଦନକାରୀଙ୍କୁ ଖୁସି କରିବାକୁ ପ୍ରୟାସ



ଭାରତ ବିକଶିତ ରାଷ୍ଟ୍ର ହେବା ସହିତ ଅର୍ଥନୀତି କ୍ଷେତ୍ରରେ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ରଖିବା ଭଳି ବିଭିନ୍ନ ଯୋଜନାକୁ ଚଳିତ ବଜେଟରେ ସ୍ଥାନ ଦିଆଯାଇଛି। ଏଥର ବଜେଟରେ ମଧ୍ୟବିତ୍ତ ବର୍ଗ ଏବଂ ଘରୋଇ ଉତ୍ପାଦନକାରୀଙ୍କୁ ଖୁସି କରିବାକୁ ଚେଷ୍ଟା କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ଓ ଜଳସେଚନକୁ ଗୁରୁତ୍ୱ ଦିଆଯାଇଛି। ଆୟୁର୍ବେଦ ମେଡିକାଲ ସଂସ୍ଥାକୁ ବିକଶିତ କରିବାକୁ ବ୍ୟବସ୍ଥା ରହିଛି। ଯୁବପିଢ଼ିଙ୍କୁ ଚାକିରି, ବାଣିଜ୍ୟ ବ୍ୟବସାୟ ଆଦି କ୍ଷେତ୍ରରେ ଆଗୁଆ କରିବା ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇଛି। ଡାଇବେଟିସ୍, କ୍ୟାନ୍ସର ପାଇଁ ବ୍ୟବହାର ୧୭ଟି ଔଷଧ ଶସ୍ତା କରାଯାଇଛି। ବିମାନ ଯାତ୍ରା ଏବଂ ବିଦେଶ ଯାତ୍ରା ବି ଶସ୍ତା ହେବ। ତେବେ ଓଡ଼ିଶାରେ କିଛି ବଡ଼ କଳକାରଖାନା ପାଇଁ ବଜେଟରେ ପ୍ରସ୍ତାବ ରହିବା ଆବଶ୍ୟକ ଥିଲା।

-ଜଲିଲ ଖାଁ, ଶିକ୍ଷାବିତ୍

## କର୍ପୋରେଟଜଗତଧର୍ମୀ ବଜେଟ



କେନ୍ଦ୍ର ବଜେଟରେ କୃଷକ, ଯୁବକ, ଗରିବ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। 'ଉପା' ସରକାର ସମୟରେ ଥିବା ଘରୋଇ ସଞ୍ଚୟ ୭.୪% ଖସି ଆସି ୫.୩% ହୋଇଯାଇଛି। ଶିକ୍ଷିତ ଯୁବକମାନଙ୍କ ବେକାରି ସମସ୍ୟା ଅତି ଉତ୍କଟ ହୋଇଛି । ଶିକ୍ଷିତ ଗ୍ରାଜୁଏଟ ମାନଙ୍କ ବେକାରି ହାର ୨୬.୩% ପହଞ୍ଚିଛି। ଉପାର୍ଜନ ଅସମତାରେ ଭାରତ ଶୀର୍ଷରେ ଅଛି, ଏହାକୁ ରୋକିବା ପାଇଁ ସରକାରଙ୍କ କୌଣସି ଯୋଜନା ନାହିଁ । ଓଡ଼ିଶା କେନ୍ଦ୍ର ରାଜସ୍ୱ ଆଦାୟର କୌଣସି ଭାଗ ପାଇବାର ବ୍ୟବସ୍ଥା ନାହିଁ। ବଜେଟରେ ଘୋଷଣା ହୋଇଥିବା କେନ୍ଦୁଝର, ପାରାଦୀପ ଆନ୍ତଃଜଳ ଗମନାଗମନ ଏକ ଧୂଆଁବାଣ ଛଡ଼ା କିଛି ନୁହଁ। କାରଣ ବାଜପେୟୀଙ୍କ ସରକାର ମଧ୍ୟ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାର ଘୋଷଣା କରିଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ସ୍ୱପ୍ନ ହୋଇ ରହିଯାଇଛି । ବଜେଟରେ ଥିବା ଇଷ୍ଟ କୋଷ୍ଟ କରିଡର ଅମ୍ବାନୀ, ଅଦାନୀ ଆଦି ଶିଳ୍ପପତିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଘୋଷଣା ହୋଇନାହିଁ ତ? ୭ ଗୋଟି ସ୍ପିଡ୍ ରେଳ କରିଡର ଘୋଷଣାରେ ଓଡ଼ିଶାର ନାମ ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

- ଭକ୍ତ ଚରଣ ଦାସ, ପିସିସି ସଭାପତି

## ଅଲିମ୍ପିକ୍ସରେ ପଦକ ବୃଦ୍ଧି ଲକ୍ଷ୍ୟରେ ବଡ଼ ପଦକ୍ଷେପ



ଭାରତ ୨୦୩୬ ଅଲିମ୍ପିକ୍ସ ବିଡ୍ ଲାଗି ପ୍ରସ୍ତୁତ ହେଉଛି। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତେଣୁ ଖେଳାଳିଙ୍କ ସାମଗ୍ରିକ ବିକାଶକୁ ଲକ୍ଷ୍ୟରେ ରଖି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନୂଆ 'ଖେଲୋ ଇଣ୍ଡିଆ ମିଶନ' ଆରମ୍ଭ ପାଇଁ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ। ଲୋକସଂଖ୍ୟା ତୁଳନାରେ ଆମେ ଅଲିମ୍ପିକ୍ସରେ ପଦକ ହାସଲରେ ସବୁବେଳେ ବହୁ ପଛରେ ପଡ଼ି ଯାଉଛୁ। ଏହାକୁ ଲକ୍ଷ୍ୟରେ ରଖି ଦୀର୍ଘକାଳୀନ ଭିତ୍ତିରେ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଲାଗି ଏପରି ପଦକ୍ଷେପ ନିଆଯାଉଛି ବୋଲି ମୋର ଅନୁଭବ ହେଉଛି। ଏହାଦ୍ୱାରା ଏକାଧିକ କ୍ରୀଡ଼ାରେ ତୃଣମୂଳ ସ୍ତରରୁ ଖେଳାଳିମାନେ ଉପକୃତ ହୋଇପାରିବେ। କେନ୍ଦ୍ର ସରକାର ପୂର୍ବରୁ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତିଲାଗି ଅନେକ ପଦକ୍ଷେପ ନେଇଛନ୍ତି। ଏବେ ଖେଳାଳିଙ୍କ ସମେତ କୋଚ୍ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ଦକ୍ଷତା ବୃଦ୍ଧି, ସ୍ପୋର୍ଟ୍ସ ମେଡିସିନ, ମ୍ୟାନେଜମେଣ୍ଟ ଏବଂ ଭିତ୍ତିଭୂମିରେ ଉନ୍ନତି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ତେଣୁ ଆଗାମୀ ୧୦ ବର୍ଷକୁ ଦୃଷ୍ଟିରେ ରଖି ଏଥର ଯେଉଁ ଯୋଜନା ପ୍ରସ୍ତୁତ କରାଯାଉଛି ତାହାଦ୍ୱାରା ଖେଳାଳିମାନେ ନିଶ୍ଚିତ ଉପକୃତ ହୋଇପାରିବେ ଏବଂ ଏହାର ଫଳାଫଳ ବଡ଼ ପ୍ରତିଯୋଗିତାଗୁଡ଼ିକରେ ପ୍ରତିଫଳିତ ହେବ।

-ଅନୁରାଧା ବିଶ୍ୱାଳ, ଅଲିମ୍ପିଆନ

## ଜିଏସ୍‌ଟି ସରଳୀକରଣ ନିରାଶ କରିଛି



ସାଧାରଣ ଲୋକ, ମଧ୍ୟବର୍ଗ, କୃଷକ, ଯୁବତୀଯୁବକ ଓ ବ୍ୟବସାୟ ଦୃଷ୍ଟିକୋଣରୁ ଏହା ଏକ ଉତ୍ତମ ବଜେଟ। ଏହି ବଜେଟ ମାଧ୍ୟମରେ ରାସ୍ତା, ରେଲ୍‌ୱେ, ହାଇ-ସ୍ପିଡ୍ ଟ୍ରେନ୍, ଭିତ୍ତିଭୂମି, ରୋଜଗାର ସୃଷ୍ଟି ଓ ଅର୍ଥନୈତିକ କ୍ଷେତ୍ରରେ ବୃଦ୍ଧି ସମ୍ଭାବନା ରହିଛି। ଶିକ୍ଷା ଓ ଗବେଷଣାକୁ ଗୁରୁତ୍ୱ ଦେଇ ବିଶ୍ୱବିଦ୍ୟାଳୟ ଟାଉନ୍‌ଶିପ୍, ଛାତ୍ରୀ ହଷ୍ଟେଲ ଆଦି ସ୍ଥାନ ପାଇଛି। ଏଥିରେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ମହିଳା ଶିକ୍ଷା ଓ ସୁରକ୍ଷାରେ ସହାୟକ ହେବ। କୃଷି, ମତ୍ସ୍ୟ, ପଶୁପାଳନ ଯୋଜନା ଏବଂ କୃଷକ ଆୟ ବୃଦ୍ଧିର ସମ୍ଭାବନା ସୃଷ୍ଟି କରାଯାଇଛି। ଉଦ୍ୟୋଗ ଓ ନିବେଶ ପ୍ରୋତ୍ସାହନ ସେମିକଣ୍ଡକ୍ଟର, ଉତ୍ପାଦନ କ୍ଷେତ୍ରରେ ନିବେଶ ବୃଦ୍ଧି ଭଲ ସଙ୍କେତ। ଜୀବନ ବଞ୍ଚାଉଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଔଷଧ ଉପରେ କଷ୍ଟମ ଶୁଳ୍କ ହ୍ରାସ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ମଧ୍ୟବର୍ଗ ପାଇଁ ଉପଯୁକ୍ତ କର ରିହାତି ନାହିଁ। ବୃଦ୍ଧ ନାଗରିକଙ୍କ ପାଇଁ ଅତିରିକ୍ତ ପେନ୍‌ସନ କିମ୍ବା କର ରିହାତିରେ ବଡ଼ ଘୋଷଣା ହୋଇନାହିଁ। ମହଙ୍ଗା ନିୟନ୍ତ୍ରଣ ଉପରେ ସ୍ପଷ୍ଟ ରୋଡ୍‌ମ୍ୟାପ୍ ହୋଇପାରିନାହିଁ। ଛୋଟ ବ୍ୟବସାୟ ପାଇଁ ସୀମିତ ରିହାତି ଋଣ ଓ ଜିଏସ୍‌ଟି ସରଳୀକରଣ ଉପରେ ରହିଥିବା ଆଶା ପୂରଣ ହୋଇପାରିଲାନାହିଁ, ଯାହା ନିରାଶ କରିଛି। କହିବାକୁ ଗଲେ ଏହା ଏକ ସନ୍ତୁଳନ ବଜେଟ।

- ବିବେକାନନ୍ଦ ମହାନ୍ତି, ସଭାପତି,
ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ

## ରେୟାର ଆର୍ଥ କରିଡର ଲାଭକାରୀ ପଦକ୍ଷେପ



ଚଳିତ ବର୍ଷର ବଜେଟ୍ ସବୁ ସେକ୍ଟରକୁ ନିଶ୍ଚିତ ଭାବେ ଉତ୍ସାହିତ କରିବ। ବାୟୋ ଫାର୍ମା ଶକ୍ତି ଓ ରେୟାର ଆର୍ଥ କରିଡର ତଥା ସେମି କଣ୍ଡକ୍ଟର ୟୁନିଟ୍, ହାଇସ୍ପିଡ୍ ରେଲୱେ କରିଡର, ଏମ୍‌ଏସ୍‌ଏମଇ ସେକ୍ଟର ପାଇଁ ଦଶ ହଜାର କୋଟିର ସରକାର ଯେଉଁ ବ୍ୟୟବରାଦ କରିଛନ୍ତି ତାହା ବିକଶିତ ଭାରତ ପାଇଁ ଉଲ୍ଲେଖନୀୟ ପଦକ୍ଷେପ। ଓଡ଼ିଶା ପରିପ୍ରେକ୍ଷୀରେ ରେୟାର ଆର୍ଥ କରିଡର ଏକ ଲାଭକାରୀ ପଦକ୍ଷେପ। ପ୍ରାକୃତିକ ସମ୍ପଦର ବିକାଶ ସହ ଏଥିରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୱାଟର ୱେ ଟ୍ରେନିଂ ସେଣ୍ଟର ଓଡ଼ିଶାରେ ହେବା ଏକ ଶୁଭଙ୍କର ସୂଚନା। ବିତ୍ତୀୟ ନିଅଣ୍ଟ ୪.୩% ହ୍ରାସ କରାଯାଇଛି। ଫଳରେ ଭାରତରେ ଅର୍ଥନୈତିକ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି ହେବ। ବୈଶ୍ୱିକ କ୍ଷେତ୍ରରେ ଯୁଦ୍ଧର ଘନଘଟାକୁ ଲକ୍ଷ୍ୟ ରଖି ପ୍ରତିରକ୍ଷା କ୍ଷେତ୍ରରେ ବଜେଟ୍ ବୃଦ୍ଧି କରାଯିବା ଏକ ଉଲ୍ଲେଖନୀୟ ପଦକ୍ଷେପ।

- ଅଧାପକ ସୁବ୍ରତ ବଳ,
ବିଭାଗ ମୁଖ୍ୟ, ବାଣିଜ୍ୟ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

## ପ୍ରଗତିର ବିକାଶଶୀଳ ବଜେଟ



କେନ୍ଦ୍ର ବଜେଟ୍-୨୦୨୬ ମୋଦିଙ୍କ ବିକାଶ ଆବର୍ତ୍ତନର ବହୁମୁଖୀ ବିକାଶ ଯୋଜନା ରୂପାୟନର ପ୍ରୟାସ। ଏହା ଏକ ଉତ୍ତମ ଆର୍ଥିକ ପ୍ରଗତିଶୀଳ ବଜେଟ୍। ଏଥିରେ ଦେଶର ଦ୍ରୁତ ଆର୍ଥିକ ପ୍ରଗତି ସୁଦୃଢ଼ ହେବ। ଯୁବଶକ୍ତିର ଉତ୍ତମ ବିନିଯୋଗ, ନାରୀ ପ୍ରଗତିର ଦ୍ରୁତ ବିକାଶ, ନିଯୁକ୍ତି ପ୍ରକ୍ରିୟା, ଉଦ୍ୟମ ନିବେଶ, ପ୍ରକଳ୍ପ ପରିପୂର୍ଣ୍ଣତା ସିଦ୍ଧି ହେବ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗ୍ରାମୀଣ ରୋଜଗାରର ଅଭିବୃଦ୍ଧି ପାଇଁ ବଜେଟ୍‌ରେ ଯଥେଷ୍ଟ ସୁବିଧା ସୁଯୋଗ ଦିଆଯାଇଛି। ଏମ୍‌ଏସ୍‌ଏମ୍‌ଇ ପାଇଁ ବାୟୋଫାର୍ମ ବୃଦ୍ଧିର ୧୦,୦୦୦ କୋଟିର କର୍ପସ ଫଣ୍ଡ ଓ ଛୋଟ ଉଦ୍ୟୋଗ ପାଇଁ ୨୦୦୦ କୋଟି ବ୍ୟବସ୍ଥା ରହିଛି। ଜଳ ତଥା ସ୍ଥଳପଥ ସମ୍ପ୍ରସାରଣ ଅଗ୍ରାଧିକାର ନିର୍ମାଣ ରହିଛି। ରେଳପଥର ବିସ୍ତାର ଓ ସଂଯୋଗୀକରଣର ସୁବ୍ୟବସ୍ଥା ଅଛି। ସାଧାରଣ ଜନଜୀବନ ଏହାଦ୍ୱାରା ସୁଦୂରପ୍ରସାରୀ ହେବା ସହ ବିଶ୍ୱ ମାନଚିତ୍ରରେ ମାନବସମ୍ବଳ ଅଧିକୃତ କରିପାରିବ।

- ଡ. ଚୈତନ୍ୟ କୁମାର ସାହୁ, ଶିଳ୍ପପତି, ଖପୁରିଆ, କଟକ

## ଶ୍ରମିକ ଗୋଷ୍ଠୀ ପାଇଁ ନୈରାଶ୍ୟଜନକ



ଗରିବ, ଖଟିଖିଆ, ଦିନମଜୁରିଆ, ଶ୍ରମିକ ଗୋଷ୍ଠୀ ପାଇଁ ଚଳିତ ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ଶ୍ରମିକ ଗୋଷ୍ଠୀ ପାଇଁ ଏହା ନୈରାଶ୍ୟଜନକ ହୋଇଛି। କାଗଜ, ନିୟୁଜପ୍ରିଣ୍ଟ, ପୁସ୍ତକ ପ୍ରସ୍ତୁତ ସାମଗ୍ରୀ ପାଇଁ ବଜେଟରେ ଧ୍ୟାନ ଦିଆଯାଇନାହିଁ। ଓଡ଼ିଶାରେ ବୁଲେଟ ଟ୍ରେନ, ଟ୍ରାମର ପ୍ରଚଳନର ବ୍ୟବସ୍ଥା ଉପରେ କୌଣସି ପ୍ରସ୍ତାବ ନାହିଁ। ଶେୟାର ମାର୍କେଟ ଉପରେ ଏହା ପ୍ରତିକୂଳ ବଜେଟ। ଆୟକର ସମ୍ବନ୍ଧୀୟ ପ୍ରସ୍ତାବ ସ୍ୱାଗତଯୋଗ୍ୟ ପଦକ୍ଷେପ । ଖଣିଜ ପଦାର୍ଥ, ନଦୀ ବନ୍ଦର ଉନ୍ନତୀକରଣ, ମହାକାଶ ଉପରେ ତୀକ୍ଷ୍ଣ ନଜର ସହ ହିମାଳିଆନ ଚନ୍ଦ୍ରା ଟେଲେସ୍କୋପିକର ଉନ୍ନତୀକରଣ ଦ୍ୱାରା ଓଡ଼ିଶା ପାଇଁ ଥିବା ପ୍ରସ୍ତାବ ସ୍ୱାଗତଯୋଗ୍ୟ ଓ ଅଭିନନ୍ଦନୀୟ । ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ୟାନ୍‌ସର ଓ ମଧୁମେହ ଔଷଧ ଶସ୍ତା ହେବାର ଆବଶ୍ୟକତା ଥିଲା। ସାମଗ୍ରୀର ମୂଲ୍ୟାଙ୍କନ ଉତ୍ତମ ବିଚାର ଓ ହ୍ରାସ ଘୋଷଣା ସ୍ୱାଗତଯୋଗ୍ୟ । ସାଧାରଣ ଲୋକଙ୍କ ପାଇଁ ମୋଟାମୋଟି ଏହା ଏକ ମିଶ୍ରିତ ବଜେଟ।

- ଉତ୍କଳ ଭୂଷଣ ରାଉତରାୟ, ରେଳ ଶ୍ରମିକ ନେତା, କଟକ

## ୱାଟର ୱେ କରିଡର ନିଯୁକ୍ତି ସୃଷ୍ଟି କରିବ



ଚଳିତ ବଜେଟ୍‌ରେ ଆଗାମୀ ୨୦୪୭ ବିକଶିତ ଭାରତ ନିର୍ମାଣକୁ ଆଖିରେ ରଖି ଭିତ୍ତିଭୂମି ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଇଛି। ଏମ୍‌ଏସ୍‌ଏମ୍‌ଇ ସେକ୍ଟରର ଅଭିବୃଦ୍ଧି ବ୍ୟବସ୍ଥା ଦ୍ୱାରା ଜନସାଧାରଣ ସ୍ୱାବଲମ୍ବୀ ହୋଇପାରିବେ। ୨୦ଟି ୱାଟର ୱେ କରିଡରରେ ଜଳପଥର ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି। ଏଦ୍ୱାରା ଲୋକମାନେ ଦୁବାଇ, ମରିସସ୍, ଆମେରିକା ଭଳି ଦେଶକୁ ନ ଯାଇ ନିଜ ଦେଶରେ ନିଯୁକ୍ତି ପାଇପାରିବେ। ବଜେଟ୍‌ରେ ୧୨ ଲକ୍ଷ କୋଟି ଟଙ୍କା ଦେଶର ରାସ୍ତାଘାଟ ଆଦି ଉନ୍ନତୀକରଣ କ୍ଷେତ୍ରରେ ଖର୍ଚ୍ଚ ହେବାକୁ ବ୍ୟୟ ବରାଦ କରାଯାଇଛି। ସେହିପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଭାରତ ସଶକ୍ତ ଓ ସ୍ୱାବଲମ୍ବୀ ହେବ। ସେମିକଣ୍ଡକ୍ଟର ପ୍ରତିଷ୍ଠା କ୍ଷେତ୍ରରେ ପ୍ରୋତ୍ସାହନ, ନିଜସ୍ୱ ଡାଟା ସେକ୍ଟର ପ୍ରତିଷ୍ଠା କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ । ଏହା ଏକ ସାମୂହିକ ତଥା ହିତକାରୀ ବଜେଟ।

- ପ୍ରଦୀପ କୁମାର ପଟ୍ଟନାୟକ, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ

## ମହିଳା ଉଦ୍ୟୋଗୀଙ୍କ ପାଇଁ ନୂଆ ଆଶା



ଉଦ୍ୟମିତା ଓ ଆତ୍ମନିର୍ଭରତାକୁ ଆଧାର କରି କେନ୍ଦ୍ର ସରକାର ବଜେଟ ଆଣିଛନ୍ତି। ବିଶେଷକରି ମହିଳା ଉଦ୍ୟୋଗୀଙ୍କ ପାଇଁ ଏହି ବଜେଟ ଏକ ସକାରାତ୍ମକ ସନ୍ଦେଶ ନେଇଆସିଛି। ଏମ୍‌ଏସ୍‌ଏମ୍‌ଇ ଓ ଷ୍ଟାର୍ଟଅପ ଖାତାରେ ଋଣ ସୁବିଧା, ଲିକ୍ୟୁଡିଟି ସହାୟତା ଏବଂ ଡିଜିଟାଲ ଫାଇନାନ୍ସିଂକୁ ଗୁରୁତ୍ୱ ଦିଆଯାଇଥିବାରୁ ମହିଳାମାନେ ନିଜ ବ୍ୟବସାୟକୁ ଆହୁରି ବିସ୍ତାର କରିପାରିବେ। ଏହା ଛୋଟ ବ୍ୟବସାୟ ପାଇଁ ଆତ୍ମବିଶ୍ୱାସ ବଢ଼ାଇବ। ଇନ୍‌ଫ୍ରାଷ୍ଟ୍ରକ୍ଚର ଓ ଲଜିଷ୍ଟିକ୍ସ ଖାତାରେ ବିନିଯୋଗ ବୃଦ୍ଧି ହେବାରୁ ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତଶିଳ୍ପ, ଆଗ୍ରୋ-ଭିତ୍ତିକ ଓ ଘରୋଇ ଉଦ୍ୟମଗୁଡ଼ିକୁ ନୂଆ ବଜାର ମିଳିବ। ଏହା ଗ୍ରାମୀଣ ଓ ଅର୍ଦ୍ଧ-ସହରୀ ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ବଡ଼ ସୁଯୋଗ। ସ୍କିଲ ଡେଭଲପ୍‌ମେଣ୍ଟ ଓ ଡିଜିଟାଲ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ମହିଳାମାନେ ନୂଆ ପ୍ରଯୁକ୍ତି ସହିତ ନିଜକୁ ଯୋଡ଼ିପାରିବେ।

-ସଙ୍ଗୀତା ଦାସ, ମହିଳା ଉଦ୍ୟୋଗୀ

## ସ୍ୱାସ୍ଥ୍ୟ, ଶିକ୍ଷାକୁ ଅଧିକ ଗୁରୁତ୍ୱ



ଏଥର ବଜେଟ ଅନୁମାନୀୟ ଠିକ୍ ରହିଛି। ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ଜିଲାରେ ଛାତ୍ରୀନିବାସ ନିର୍ମାଣ କରାଯିବ। ଏହାଦ୍ୱାରା ଛାତ୍ରୀମାନେ ସୁରକ୍ଷିତ ଓ ଅନୁକୂଳ ପରିବେଶରେ ରହି ପାଠ ପଢ଼ିପାରିବେ। ଶିକ୍ଷା କ୍ଷେତ୍ରରେ ଛାତ୍ରୀମାନେ ଆହୁରି ଅଧିକ ସଶକ୍ତ ହୋଇପାରିବେ। ବିଦେଶ ଯାତ୍ରା ଓ ପାଠପଢ଼ା ଶସ୍ତା ହେବା ଦ୍ୱାରା ଅନେକ ମେଧାବୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାର ସୁଯୋଗ ପାଇପାରିବେ। ସେହିପରି ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। କ୍ୟାନ୍ସର ଓ ଡାଇବେଟିସ ମେଡିସିନ ଶସ୍ତା ହେବ। ସାଧାରଣ ଲୋକଙ୍କ ପାଇଁ ବୋଝ ପାଲଟିଥିବା ଔଷଧ ଖର୍ଚ୍ଚରୁ କିଛିଟା ମୁକ୍ତି ମିଳିବ।

-ପ୍ରୀତିଛନ୍ଦା ଧଳ, ସମାଜସେବୀ

## ବୃଦ୍ଧିମୁଖୀ, ସୁଧାରମୁଖୀ ବଜେଟ



କେନ୍ଦ୍ର ବଜେଟ ୨୦୨୬-୨୭ ହେଉଛି ଏକ ବୃଦ୍ଧିମୁଖୀ ଓ ସୁଧାରମୁଖୀ ବଜେଟ। ଏହା ଆର୍ଥିକ ଶାସନକୁ ସୁନିଶ୍ଚିତ କରିବା ସହିତ ଦୀର୍ଘମିଆଦୀ ବିକାଶକୁ ଆଗକୁ ନେବ। ବଜେଟରେ ନିଯୁକ୍ତି, ବ୍ୟବସାୟିକ ଅଭିବୃଦ୍ଧି, ଭିତ୍ତିଭୂମି ଏବଂ ଦୀର୍ଘକାଳୀନ ସ୍ଥିରତାକୁ ପ୍ରାଥମିକତା ଦିଆଯାଇଛି। ମାନୁଫ୍ୟାକ୍ଚରିଂ, ଏମ୍‌ଏସ୍‌ଏମ୍‌ଇ, ସେବା ଓ ଆର୍ଥିକ କ୍ଷେତ୍ରକୁ ସରକାର ଲଗାତର ଗୁରୁତ୍ୱ ଦେଇଛନ୍ତି। ମେକ ଇନ୍ ଇଣ୍ଡିଆ, ଉର୍ଜା ପରିବର୍ତ୍ତନ, ଏମ୍‌ଏସ୍‌ଏମ୍‌ଇ ଋଣ ବିସ୍ତାର ସମ୍ବନ୍ଧୀୟ କୌଶଳଗତ ପଦକ୍ଷେପ ଦୀର୍ଘକାଳୀନ ଲାଭ ବୃଦ୍ଧି ଓ ରୋଜଗାର ସୃଷ୍ଟିକୁ ସମର୍ଥନ କରିବ। ଏହି ବଜେଟ ଅନୁମାନମୂଳକ ବ୍ୟାପାର ଅପେକ୍ଷା ଦୀର୍ଘମିଆଦୀ ଓ ଲକ୍ଷ୍ୟଭିତ୍ତିକ ନିବେଶକୁ ପ୍ରାଥମିକତା ଦେଇ ଭାରତକୁ ଏକ ଦୃଢ଼ ଓ ଆକର୍ଷଣୀୟ ନିବେଶ ଗନ୍ତବ୍ୟ ଭାବେ ଆହୁରି ସୁଦୃଢ଼ କରିବ।

-ତ୍ରିନାଥ ଲେଙ୍କା, ଏମ୍‌ଡି, ୱାଲେଟ ଫର୍ ୱେଲ୍‌ଥ

## 'ଓଡ଼ିଶା ଭିଜନ ୨୦୩୬', 'ଇଣ୍ଡିଆ ଭିଜନ ୨୦୪୭'କୁ ଦୃଢ଼ କରୁଛି



କେନ୍ଦ୍ରୀୟ ବଜେଟ 'ଓଡ଼ିଶା ଭିଜନ ୨୦୩୬' ଏବଂ 'ଇଣ୍ଡିଆ ଭିଜନ ୨୦୪୭'କୁ ଶକ୍ତିଶାଳୀ ଭାବରେ ସୁଦୃଢ଼ କରୁଛି। ଜାତୀୟ ଜଳପଥ-୫ ଏବଂ ଏନ୍‌ଡବ୍ଲ୍ୟୁ-୬୪ର ୧୨,୨୦୦ କୋଟି ଟଙ୍କାର ରୂପାନ୍ତରଣ ପ୍ରକ୍ରିୟା ଅନୁଗୋଳ-ତାଳଚେରକୁ କଳିଙ୍ଗନଗର, ପାରାଦୀପ ଏବଂ ଧାମରା ସହିତ ଯୋଡ଼ିବ, ଯାହା ପରିବହନ ଖର୍ଚ୍ଚକୁ ୩୦% ପର୍ଯ୍ୟନ୍ତ ହ୍ରାସ କରିବ। ଏଥିସହ ଶିଳ୍ପ, ଏମ୍‌ଏସ୍‌ଏମଇ ଏବଂ ଚାଷୀଙ୍କ ପାଇଁ ଗ୍ରୀନ୍ କାର୍ଗୋ କରିଡର ସୃଷ୍ଟି କରିବ। ରେୟାର ଆର୍ଥ ମୂଲ୍ୟ ଶୃଙ୍ଖଳା ଏବଂ ୪୦,୦୦୦ କୋଟି ଟଙ୍କାର ଇଲେକ୍ଟ୍ରୋନିକ୍ସ ମିଶନ, ଓଡ଼ିଶାକୁ ଇଭି, ଅକ୍ଷୟ ଶକ୍ତି, ପ୍ରତିରକ୍ଷା ଏବଂ ସେମିକଣ୍ଡକ୍ଟର ପାଇଁ ଏକ ରଣନୀତିକ କେନ୍ଦ୍ର ଭାବରେ ସ୍ଥାପିତ କରୁଛି। ୧୨.୨ ଲକ୍ଷ କୋଟି ଟଙ୍କାର ଜାତୀୟ ପୁଞ୍ଜିଗତ ବ୍ୟୟ ଏବଂ ଓଡ଼ିଶା ପାଇଁ ଆବଣ୍ଟନ ୬୪,୪୦୮ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଏହି ବଜେଟ ସରକାର, ଉଦ୍ୟୋଗୀ, ଶ୍ରମିକ, ଶିକ୍ଷାବିତ୍, ଷ୍ଟାର୍ଟଅପ୍, ବନ୍ଦର ସମୁଦାୟକୁ ସୁଆଉଥିବାବେଳେ ଏଆଇ-ସକ୍ଷମ ଉତ୍ପାଦନ, ସୁଦୃଢ଼ ଭିତ୍ତିଭୂମି ଏବଂ ଅନ୍ତର୍ଭୁକ୍ତ ଜୀବିକା ଗଠନ ପାଇଁ ଆହ୍ୱାନ ଦେଉଛି।

- ପଙ୍କଜ ଲୋଚନ ମହାନ୍ତି, ଅଧ୍ୟକ୍ଷ, ଆସୋଚାମ ଓଡ଼ିଶା ରାଜ୍ୟ ବିକାଶ ପରିଷଦ

# ଗହୀରମଥାରୁ ୨ ଟ୍ରଲର ଜବତ: ୨୦ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧।୨
(ଭାସ୍କର ରାଉତରାୟ)



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନବିଭାଗର ପାଟ୍ରୋଲିଂ ଦଳ ଏଫ.ବି. ମା' ଅନ୍ନପୂର୍ଣ୍ଣା ଓ ବାବା ରଘୁନାଥ-୨ ନାମକ ୨ଟି ଟ୍ରଲରକୁ ଜବତ କରିଛି। ଏସିଏଫ୍ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବନ ବିଭାଗର କର୍ମଚାରୀମାନେ ଅନ୍ନପୂର୍ଣ୍ଣା ଟ୍ରଲରରୁ ଗୋଟିଏ ଜିପିଏସ, ଗୋଟିଏ ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ୧୨ଟି ଟ୍ରଲିଂ ନେଟ, ୧କୁଇଣ୍ଟାଲ ୧୦କେଜି ମାଛ ଜବତ କରିବା ସହ ୧୨ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ହରିପଦ ବର, ପଞ୍ଚୁ ମଣ୍ଡଳ, ପଙ୍କଜ ବର, ଶିବପ୍ରସାଦ ବର, ରଞ୍ଜନ ପାଖିରା, ରଞ୍ଜିତ ବର, କାର୍ତ୍ତିକ ମଣ୍ଡଳ, ରବିନ ଦାସ, ଅଜୟ ମଙ୍ଗଳ, ଗଣେଶ ମଣ୍ଡଳ, ଲକ୍ଷ୍ମୀଧର ରାଉଳ, ବିଷ୍ଣୁପଦ ବର। ୩ ଜଣ ମତ୍ସ୍ୟଜୀବୀ ବାଲେଶ୍ୱର ଜିଲାର ହୋଇଥିବା ବେଳେ ଅନ୍ୟ ୯ଜଣ ପଶ୍ଚିମବଙ୍ଗ ଓ ହାୱଡା ପୂର୍ବମେଦିନ ଜିଲାର ବୋଲି ଜଣାପଡିଛି। ସେହିପରି ବାବା ରଘୁନାଥ-୨ ଟ୍ରଲରରୁ ଗୋଟିଏ ଜିପିଏସ, ୨ଟି ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ୧୦ଟି ଟ୍ରଲିଂ ନେଟ ଓ ୨୨ କୁଇଣ୍ଟାଲ ୮୦କେଜି ମାଛ ଜବତ କରିବା ସହ ୮ଜଣ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ଗିରଫ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ରମାକାନ୍ତ ମଳିକ, ସୂର୍ଯ୍ୟମଣୀ ମଳିକ, ସରୋଜ ମଳିକ, ମନ୍ମଥ ମଳିକ, ପ୍ରଶାନ୍ତ ତରାଇ, ଦୀପକ ମାଝୀ, ସୁରେନ୍ଦ୍ର ଦାସ, ରମେଶ ମାଝୀ। ଗିରଫ ମତ୍ସ୍ୟଜୀବୀମାନେ ବାଲେଶ୍ୱର ଓ ଭଦ୍ରକ ଜିଲାର ବୋଲି ଜଣାପଡିଛି। ୨ ଟି ଟ୍ରଲରରୁ ଗିରଫ ସମସ୍ତ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରାପଡ଼ା ସିଜେଏମ୍‌ଙ୍କ କୋର୍ଟରେ ରବିବାର ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଆଜୀବନ କାରାଦଣ୍ଡାଦେଶ ପାଇଥିବା ୫ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ଜାମିନ

କଟକ, ୧।୨ (କାର୍ତ୍ତିକ ସାହୁ)

## ପୁରୀ କୋର୍ଟର ରାୟ ଉପରେ ସ୍ଥଗିତାଦେଶ

ପୁରୀ ଜିଲାର ଏକ ହତ୍ୟାକାଣ୍ଡ ମାମଲାରେ ଆଜୀବନ କାରାଦଣ୍ଡାଦେଶ ପାଇଥିବା ୫ ଅଭିଯୁକ୍ତଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକ ଓ ବିଚାରପତି ଶିବ ଶଙ୍କର ମିଶ୍ରଙ୍କ ଖଣ୍ଡପୀଠ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି କରି ପ୍ରତ୍ୟେକ ୨୦ ହଜାର ଟଙ୍କାର ବେଲବଣ୍ଡ ସହିତ ଜଣେ ଜାମିନଦାରଙ୍କ ଜରିଆରେ ତଳକୋର୍ଟରେ ଜାମିନରେ ଯିବାକୁ ଆଦେଶ ଦେଇଛନ୍ତି। ଜାମିନ ସମୟ ମଧ୍ୟରେ ସେମାନେ କୌଣସି ଆପରାଧିକ କାର୍ଯ୍ୟରେ ଲିପ୍ତ ରହିବେ ନାହିଁ ବୋଲି ଖଣ୍ଡପୀଠ ସର୍ତ୍ତ ରଖିଛନ୍ତି। ଏଥିସହ ତଳକୋର୍ଟ ଦେଇଥିବା ଆଜୀବନ କାରାଦଣ୍ଡ ରାୟକୁ ସ୍ଥଗିତ ରଖିଛନ୍ତି। ଆବେଦନକାରୀମାନେ ହେଲେ ଧର୍ମାନନ୍ଦ ବେହେରା, ରାମ ଚନ୍ଦ୍ର ବେହେରା, ପରମାନନ୍ଦ ବେହେରା, ବୈକୁଣ୍ଠ ବେହେରା ଓ ହୃଷୀକେଶ ବେହେରା।

ମାମଲାର ବିବରଣୀ ଅନୁସାରେ, ପୁରୀ ଆଡିଶନାଲ ସେସନ୍ସ ଜଜ୍ ଉପରୋକ୍ତ ୫ ଆବେଦନକାରୀଙ୍କ ବିରୋଧରେ ଆଗତ ହତ୍ୟା ମାମଲାର ବିଚାର କରି ପ୍ରତ୍ୟେକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହ ପ୍ରତ୍ୟେକଙ୍କୁ ୧୫ ହଜାର ଟଙ୍କା ଲେଖାଏ ଜରିମାନା ମଧ୍ୟ କରିଥିଲେ। ସେମାନେ ତଳକୋର୍ଟର ରାୟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଶୁଣାଣି ବେଳେ ଯୁକ୍ତି ଉପସ୍ଥାପନ କରାଯାଇଥିଲା ଯେ, ଅଭିଯୁକ୍ତମାନଙ୍କ କୌଣସି ପୂର୍ବ ଆପରାଧିକ ରେକର୍ଡ ନାହିଁ। ସାକ୍ଷୀମାନେ କେବଳ ଅଭିଯୁକ୍ତମାନେ ଏହି ହତ୍ୟାକାଣ୍ଡ କରିଛନ୍ତି ବୋଲି କୋର୍ଟରେ କହିଛନ୍ତି। ଧାରୁଆ ଅସ୍ତ୍ର ଦ୍ୱାରା ମୃତକଙ୍କ ଶରୀରରେ ଗଭୀର କ୍ଷତ ହୋଇଥିବା ଦର୍ଶାଯାଇଥିଲେ ବି କୌଣସି ଅସ୍ତ୍ର ଘଟଣାସ୍ଥଳରୁ ମିଳି ନାହିଁ। ତେଣୁ ଏସବୁ ଆଧାରରେ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ବେଲଘର ହାତୀମୃତ୍ୟୁ ଘଟଣା, ଡ୍ରାଇଭର, ଶିକାରୀ ଗିରଫ

ବାଲିଗୁଡ଼ା, ୧।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ବହୁ ଚର୍ଚ୍ଚିତ କନ୍ଧମାଳ ଜିଲା ବେଲଘର ହାତୀମୃତ୍ୟୁ ଘଟଣାରେ ଆଉ ୨ ଜଣଙ୍କୁ ବନ ବିଭାଗ ଗିରଫ କରିଛି। ସେମାନେ ହେଲେ ଜେସିବି ଡ୍ରାଇଭର ପ୍ରଶାନ୍ତ ସାହୁ ଓ ଝିରିପାଣି ଗ୍ରାମର ଶିକାରୀ ଜୟମଙ୍ଗଳ ପାତ୍ର। ଜୟମଙ୍ଗଳ ଘରୁ ତାର ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି। ହାତୀମୃତ୍ୟୁ ଘଟଣାକୁ ଚପାଇ ଦେବାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଥିଲା। ଘଟଣା ସାମ୍ନାକୁ ଆସିବା ପରେ ପ୍ରଥମେ ବେଲଘର ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବନ କରାଯିବା ପରେ ତାଙ୍କ ଡ୍ରାଇଭର ହୃଷିକେଶ ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ତଦନ୍ତରେ ଅବହେଳା ଯୋଗୁ ଶନିବାର ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବନ କରାଯାଇଛି।

# ମୋଷ୍ଟ ୱାଣ୍ଟେଡ୍ ସିପୁଙ୍କ ଗୋଡ଼କୁ ଗୁଳି

## ବହୁଚର୍ଚ୍ଚିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଡକାୟତି ଘଟଣା

ବଡ଼ବିଲ, ୧।୨ (ଜୟନ୍ତୀ ରଣା)



ପୋଲିସ ଉପସ୍ଥିତିରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅପରାଧୀଙ୍କ ଚିକିତ୍ସା କରାଯାଉଛି।

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ରବିବାର ଭୋରରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ଡକାୟତି ଘଟଣାରେ ସମ୍ପୃକ୍ତ ମୋଷ୍ଟ ୱାଣ୍ଟେଡ୍ ତଥା ଆନ୍ତଃରାଜ୍ୟ ଅପରାଧୀଙ୍କ ଗୋଡ଼କୁ ଗୁଳି କରିଛି। ପୋଲିସ ଗୁଳିରେ ଅଭିଯୁକ୍ତ ଗୁରୁତର ହୋଇଥିବା ବେଳେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଜଣଙ୍କ ବିହାର ରାଜ୍ୟ ପାଟନା ଜିଲା ପିପାର ଅଞ୍ଚଳର ସିପୁ କୁମାର। ତାଙ୍କୁ ଗିରଫ କରାଯାଇଥିବା ବେଳେ ପୋଲିସ ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ଜବତ କରିବାକୁ ସକ୍ଷମ ହୋଇଛି।

ସୂଚନା ଅନୁଯାୟୀ, ଜାନୁଆରୀ ୨୧ ତାରିଖ ଦିନ ଦ୍ୱିପ୍ରହରରେ ବଡ଼ବିଲ ଏସ୍‌ଡିପିଓ (ସବ୍‌ଡିଭିଜନାଲ ପୋଲିସ ଅଫିସର)ଙ୍କ କାର୍ଯ୍ୟାଳୟଠାରୁ ଅନତି ଦୂରରେ ଥିବା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖାରେ ୬ ଜଣ ଦୁର୍ବୃତ୍ତ ପ୍ରବେଶ କରିଥିଲେ। ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କୁ ବନ୍ଧୁକ ମୁନରେ ଭୟଭୀତ କରି ବ୍ୟାଙ୍କ୍ ଷ୍ଟ୍ରଙ୍ଗ ରୁମ୍‌ରେ ଥିବା ନଗଦ ୪ ଲକ୍ଷ ୩୮ ହଜାର ୭ ଶହ ଟଙ୍କା ଏବଂ ୧୫୫ଟି ପ୍ୟାକେଟ୍‌ରେ ଭର୍ତ୍ତିଥିବା ମୋଟ ୬ କିଲୋଗ୍ରାମ୍ ୪ ଶହ ଗ୍ରାମ୍ ସ୍ୱର୍ଣ୍ଣ ଅଳଙ୍କାର( ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୯ କୋଟି ୪୦ ଲକ୍ଷ ଟଙ୍କା ହେବ) ଲୁଟି ନେଇଥିଲେ। ଘଟଣାରେ ପୋଲିସ ଏଯାବତ୍ ଦୁର୍ବୃତ୍ତଙ୍କ ୩ ସହଯୋଗୀଙ୍କୁ ଗିରଫ କରିଛି। ରବିବାର ଭୋରରେ ଡକାୟତି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଗୋଡ଼କୁ ଗୁଳି କରି ଗିରଫ କରିବାରେ ସକ୍ଷମ ହୋଇଛି। ପୋଲିସ ରାଜ୍ୟ ସୀମାନ୍ତ ତଥା ଟାଙ୍କୁରା ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ଡକାୟତି ଘଟଣାର ଫଲୋ-ଅପ୍ ଅପରେଶନ କରୁଥିବା ସମୟରେ ଅଭିଯୁକ୍ତ ଖସିଯିବାକୁ ଚେଷ୍ଟା କରିଥିଲେ। ଏଥିସହ ଜଙ୍ଗଲ ଭିତରୁ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ଆତ୍ମରକ୍ଷା ପାଇଁ ଗୁଳି ଚଳାଇଥିଲା। ଗୁଳି ଅପରାଧୀଙ୍କ ଗୋଡ଼ର ମାଂସପେଶୀ ଦେଇ ପାର ହୋଇଯାଇଥିଲା। ପୋଲିସ ଅପରାଧୀଙ୍କୁ କାବୁ କରିବା ସହ ତୁରନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଆଶୁ ଚିକିତ୍ସା ପରେ ଅପରାଧୀଙ୍କ ଅଧିକ ଚିକିତ୍ସା ନିମନ୍ତେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ଜବତ କରିଛି। ଅଭିଯୁକ୍ତ ଜଣକ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ବିହାରରେ ବିଭିନ୍ନ ହତ୍ୟା, ସଶସ୍ତ୍ର ଡକାୟତି, ଲୁଟ୍ ଏବଂ ବଟି ଆଦାୟ ଭଳି ମାମଲାରେ ସମ୍ପୃକ୍ତ ଥିବାବେଳେ ଦୀର୍ଘ ଦିନରୁ ଫେରାରଥିବା ପୋଲିସ କହିଛି।

# ଆଉ ଜଣେ ସାଇବର ଠକ ଆନ୍ଧ୍ରରୁ ଗିରଫ

ବ୍ରହ୍ମପୁର, ୧।୨
(ସୁବାସ ଚନ୍ଦ୍ର ପାଢ଼ୀ)

## ୬ କୋଟି ଠକେଇ ଘଟଣା

କ୍ରିପ୍ଟୋ କରେନ୍ସିରେ କାରବାର ନାଁରେ ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କଠାରୁ ୬ କୋଟି ୧୬ ଲକ୍ଷ ଟଙ୍କା ଠକି ନେବା ଘଟଣାରେ ରାଜ୍ୟ କ୍ରାଇମବ୍ରାଞ୍ଚ ଆନ୍ଧ୍ରପ୍ରଦେଶରୁ ଆଉ ଜଣେ ସାଇବର ଠକଙ୍କୁ ଗିରଫ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଅଞ୍ଚଳର ଭି. ଶ୍ରୀନିବାସ ରାଓ(୩୮)। ପୂର୍ବରୁ ଏହି ମାମଲାରେ ୬ଜଣ ସାଇବର ଠକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତମାନେ ଏକ କମ୍ପାନୀ ଖୋଲି କ୍ରିପ୍ଟୋ କାରବାର ନାଁରେ ବ୍ରହ୍ମପୁରର ଅଭିଯୋଗକାରୀ ସଞ୍ଜନା ଶ୍ରୀନିବାସନଙ୍କଠାରୁ ୨୦୨୪ ମେ ମାସରୁ ଜୁନ ମାସ ଭିତରେ ୬ କୋଟି ୧୯ ଲକ୍ଷ ଟଙ୍କା ଠକି ନେଇଥିଲେ। ଜେଡ୍‌ଏଆଇଏଫ୍ ନାମକ ଏହି ସଂସ୍ଥା ସଞ୍ଜନାଙ୍କୁ ବାରମ୍ବାର ଫୋନ କରି କ୍ରିପ୍ଟୋ କରେନ୍ସିରେ ନିବେଶ କରିବାକୁ କହିଥିଲେ। ଏହାପରେ ସାଇବର ଠକମାନେ ତାଙ୍କଠାରୁ ଟଙ୍କା ଠକି ନେଇଥିଲେ। ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ସାଇବର ଥାନାରେ ନଂ.୩୮/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ କ୍ରାଇମବ୍ରାଞ୍ଚ ଏହି ବଡ ଧରଣର ସାଇବର ଠକେଇର ମାଷ୍ଟରମାଇଣ୍ଡ ସମେତ ୬ ଅଭିଯୁକ୍ତଙ୍କୁ ବିଭିନ୍ନ ରାଜ୍ୟରୁ ଗିରଫ କରିଥିଲା। ଅଭିଯୁକ୍ତ ଶ୍ରୀନିବାସନଙ୍କୁ ଗିରଫ ପରେ ସଂଖ୍ୟା ୭କୁ ବୃଦ୍ଧି ହୋଇଛି। ଶ୍ରୀନିବାସନଙ୍କୁ ଆନ୍ଧ୍ରରୁ କାବୁ କରି ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା କ୍ରାଇମବ୍ରାଞ୍ଚ ଡିଏସପି ରତ୍ନପ୍ରଭା ଶତପଥୀ ସୂଚନା ଦେଇଛନ୍ତି।

## Business

# ବିକଶିତ ଭାରତର ସଂକଳ୍ପକୁ ମଜଭୁତ କରିବ ବଜେଟ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର କେନ୍ଦ୍ର ବଜେଟ ୨୦୨୬-୨୭ ଉପସ୍ଥାପନ କରିଛନ୍ତି। ଏହି ବଜେଟ ବିକଶିତ ଭାରତର ସଂକଳ୍ପକୁ ଆହୁରି ମଜଭୁତ କରିବାର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବର୍ଣ୍ଣନା କରାଯାଉଛି। ଏଥିରେ ଆର୍ଥିକ ଅଭିବୃଦ୍ଧି, ରାଜକୋଷୀୟ ଅନୁଶାସନ, ଇନ୍‌ଫ୍ରାଷ୍ଟ୍ରକ୍ଚରରେ ରେକର୍ଡ ନିବେଶ ଏବଂ ସମାବେଶୀ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ବଜେଟରେ ସାର୍ବଜନୀନ ପୁଞ୍ଜିଗତ ବ୍ୟୟ (କ୍ୟାପେକ୍ସ)କୁ ବଢ଼ାଇ ୧୨.୨ ଲକ୍ଷ କୋଟି ଟଙ୍କା କରାଯାଇଛି, ଯାହା ଏପର୍ଯ୍ୟନ୍ତର ସର୍ବାଧିକ ଅଟେ। ଏହି ବଜେଟ ମାନୁଫାକ୍ଚରିଙ୍ଗ, ସେମିକଣ୍ଡକ୍ଟର୍, ରେୟାର୍ ଅର୍ଥ ମିନେରାଲ୍ସ, ବାୟୋଫାର୍ମା, ଏମ୍‌ଏସ୍‌ଏମ୍‌ଇ, ଇନ୍‌ଫ୍ରାଷ୍ଟ୍ରକ୍ଚର୍, ସ୍କିଲିଙ୍ଗ, ରୋଜଗାର ସୃଷ୍ଟି ଏବଂ ଯୁବ ଶକ୍ତି ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଲୋକଙ୍କ ଆକାଂକ୍ଷା ପୂରଣ ଏବଂ ସମସ୍ତଙ୍କ ପାଇଁ ଅବସର ସୁନିଶ୍ଚିତ କରିବା ମୁଖ୍ୟ ଲକ୍ଷ୍ୟ ରହିଛି। ଏହି ବଜେଟ ବିଶ୍ୱବ୍ୟାପୀ ଚ୍ୟାଲେଞ୍ଜ ମଧ୍ୟରେ ଭାରତର ମଜଭୁତ ଆର୍ଥିକ ନୀତି ଏବଂ ଆତ୍ମନିର୍ଭରତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କହିଥିବାବେଳେ ଭିନ୍ନ ଭିନ୍ନ ମହଲରେ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।





"ଉତ୍ପାଦନ କ୍ଷେତ୍ର ଉପରେ ଦିଆଯାଇଥିବା ବିଶେଷ ଗୁରୁତ୍ୱ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏକ ପ୍ରମୁଖ ଚାଳକ ଭାବରେ କାର୍ଯ୍ୟ କରିବ। ଉତ୍ପାଦନ, ସେବା, ପର୍ଯ୍ୟଟନ ଏବଂ ଦକ୍ଷତା ବିକାଶ ଉପରେ ବଜେଟର ଧ୍ୟାନ କେନ୍ଦ୍ରିତ ହୋଇଥିବାରୁ ଓଡ଼ିଶା ଏଥିରୁ ବହୁଳ ଭାବରେ ଉପକୃତ ହେବ। ଉତ୍ପାଦନକୁ ଦିଆଯାଇଥିବା ଗୁରୁତ୍ୱ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। କାଜୁ ପ୍ରକ୍ରିୟାକରଣ ଏବଂ ନଡ଼ିଆ ପ୍ରୋତ୍ସାହନ ଯୋଜନା ଭଳି ନିର୍ଦ୍ଦିଷ୍ଟ ପଦକ୍ଷେପଗୁଡ଼ିକ ରାଜ୍ୟର କୃଷିଭିତ୍ତିକ ଶିଳ୍ପଗୁଡ଼ିକୁ ସିଧାସଳଖ ସହାୟତା କରିବ। ପର୍ଯ୍ୟଟନ, ସ୍ୱାସ୍ଥ୍ୟସେବା ଏବଂ ସେବା କ୍ଷେତ୍ର ଉପରେ ଗୁରୁତ୍ୱ ଓଡ଼ିଶାର ବିକାଶ ଧାରାକୁ ଆହୁରି ସୁଦୃଢ଼ କରୁଛି।



– ଡ. ପ୍ରଦୀପ୍ତ ମହାନ୍ତି
ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ

"କେନ୍ଦ୍ର ବଜେଟ ୨୦୨୬ରେ ଏମ୍‌ଏସ୍‌ଏମ୍‌ଇ ଓ ଏସ୍‌ଏମ୍‌ଇ ପାଇଁ ଆର୍ଥିକ ସହାୟତା, ସହଜ ଋଣ, ଇକ୍ୱିଟି ଫଣ୍ଡ, ଟ୍ରେଡ୍‌ସ ମାଧ୍ୟମରେ ତ୍ୱରିତ ପେମେଣ୍ଟ ଏବଂ ଇଜ୍ ଅଫ୍ ଡୁଇଂ ବିଜନେସ୍ ଭଳି ଅନେକ ଐତିହାସିକ ପଦକ୍ଷେପ ନିଆଯାଇଛି। ଏହା ଓଡ଼ିଶାର ଛୋଟ ଉଦ୍ୟୋଗୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଓଡ଼ିଶାର କଳିଙ୍ଗନଗର, ଅନୁଗୋଳ, ତାଳଚେର, ପାରାଦୀପ ଭଳି ଶିଳ୍ପ ଅଞ୍ଚଳଗୁଡ଼ିକ ରାଜ୍ୟକୁ ଏକ ଇଣ୍ଡଷ୍ଟ୍ରିଆଲ ପାୱରହାଉସ କରୁଛି। ନୂଆ ରେଆର୍ ଆର୍ଥ କରିଡର, ଇଣ୍ଡଷ୍ଟ୍ରିଆଲ କ୍ଲଷ୍ଟର ଏବଂ ଇନ୍‌ଫ୍ରାଷ୍ଟ୍ରକ୍ଚର ବିକାଶ ଓଡ଼ିଶାର ଶିଳ୍ପକୁ ଆହୁରି ଶକ୍ତିଶାଳୀ କରିବ। ଯୁବବର୍ଗ ଚାକିରି ଖୋଜନ୍ତୁ ନାହିଁ, ଚାକିରି ସୃଷ୍ଟିକର୍ତ୍ତା ହୁଅନ୍ତୁ। ଏମ୍‌ଏସ୍‌ଏମ୍‌ଇ ହେଉଛି ସେଇ ପ୍ଲାଟଫର୍ମ ଯେଉଁଠାରୁ ଆତ୍ମନିର୍ଭର ଓଡ଼ିଶା ଗଢ଼ିଉଠିବ। ଚାଷୀ, ଶ୍ରମିକ, ମହିଳା ଉଦ୍ୟୋଗୀ ଏବଂ ଯୁବ ଉଦ୍ୟୋଗୀମାନେ ଏହି ଶିଳ୍ପ ଯାତ୍ରାର ମୁଖ୍ୟ ଶକ୍ତି।



– ସୁଶାନ୍ତ କୁମାର ପଣ୍ଡା, ଏମ୍‌ଡି, ଭାରତ ମସଲା

"ଚଳିତ ବର୍ଷ ଉପସ୍ଥାପିତ ହୋଇଥିବା ବଜେଟ୍ ସବୁ କ୍ଷେତ୍ରକୁ ଛୁଇଁଛି। ଓଡ଼ିଶାରେ ରେଆର୍ ଆର୍ଥ, ଖଣିଜ ପଦାର୍ଥ ଠାରୁ ଆରମ୍ଭ କରି ଉନ୍ନତ ଭିତ୍ତିଭୂମି ସହ ଜଳପଥର ବିକାଶ ଦିଗରେ ପଦକ୍ଷେପ ନିଆଯାଇଛି। ସବୁ ବର୍ଗ ପାଇଁ କିଛି କିଛି ଘୋଷଣା ହୋଇଛି। ମାତ୍ର କୌଣସି ଗୋଟିଏ କ୍ଷେତ୍ରକୁ ଫୋକସ୍ କରି ବିଶେଷ ଘୋଷଣା କରାଯାଇନାହିଁ। ବ୍ୟାଙ୍କିଂ ବା ଫାଇନାନ୍ସ ସେକ୍ଟର ପାଇଁ ଅନେକ କିଛି ଘୋଷଣା ପାଇଁ ଆଶା କରାଯାଇଥିଲା। ମାତ୍ର ଆଶାନୁରୂପ ଘୋଷଣା ହୋଇନି। କହିବାକୁ ଗଲେ ଏଥିରେ ନିର୍ଦ୍ଦିଷ୍ଟ ଭାବେ କୌଣସି କ୍ଷେତ୍ର ପାଇଁ ଲୋଭନୀୟ ଘୋଷଣା କରାଯାଇନାହିଁ।



– ଗୋବିନ୍ଦ ପଟ୍ଟନାୟକ, ମ୍ୟାନେଜିଂ ଡାଇରେକ୍ଟର, ଅନ୍ନପୂର୍ଣ୍ଣା ଫାଇନାନ୍ସ

"ଅଟୋମୋବାଇଲ କ୍ଷେତ୍ର ପାଇଁ ଏହା ଏକ ସ୍ଥିର ବଜେଟ। ଏଥିରେ ବଡ଼ ଧରଣର ଘୋଷଣା ନଥିଲେ ମଧ୍ୟ ଦୀର୍ଘମିଆଦୀ ବୃଦ୍ଧି ପାଇଁ ଏକ ସ୍ପଷ୍ଟ ରାସ୍ତା ପ୍ରଦାନ କରୁଛି। ଅଟୋ ପିଏଲଆଇ ଯୋଜନା ଅଧୀନରେ ଅଧିକ ବ୍ୟୟ ଦ୍ୱାରା ଉତ୍ପାଦନ ଓ ଉନ୍ନତ ଅଟୋମୋଟିଭ ପ୍ରଯୁକ୍ତିକୁ ସମର୍ଥନ ମିଳିବ, ଯାହା ଓଇଏମ୍‌ମାନଙ୍କୁ ଅଧିକ ସ୍ଥାନୀୟକରଣ, ନୂତନ ଉତ୍ପାଦ ନିବେଶ ଓ ସପ୍ଲାଇ ଚେନ ମଜବୁତ କରିବାକୁ ଉତ୍ସାହିତ କରିବ। ଏହାର ଲାଭ ଧୀରେ ଧୀରେ ଡିଲରଶିପଗୁଡ଼ିକୁ ଭଲ ମଡେଲ ପାଇପଲାଇନ, କମ ଖର୍ଚ୍ଚ ଓ ମଜବୁତ ବ୍ୟାକ୍ ଏଣ୍ଡ ସପୋର୍ଟ ଆକାରରେ ମିଳିବ। ପିଏମ ଇ-ଡ୍ରାଇଭ, ଇଭି ସପ୍ଲାଇ ଚେନ ଓ ସ୍ୱଦେଶୀ ସେଲ ନିର୍ମାଣ ପ୍ରତି ନିରନ୍ତର ଗୁରୁତ୍ୱ ଇଭିର ଦୃଢ଼ ନୀତି ସଙ୍କେତ ଦେଉଛି, ଯଦିଓ ଟିୟର-୨ ଓ ଟିୟର-୩ ସହରରେ ମାସ୍ -ମାର୍କେଟ ଇଭି ଚାହିଦା ସୁଲଭତା, ଚାର୍ଜିଙ୍ଗ ଭିତ୍ତିଭୂମି ଓ ଗ୍ରାହକ ବିଶ୍ୱାସ ଉପରେ ନିର୍ଭର କରିବ। ରାସ୍ତା ଓ ଲଜିଷ୍ଟିକ୍ସ କରିଡରରେ ବୃଦ୍ଧି ପାଇଥିବା ପୁଞ୍ଜିଗତ ବ୍ୟୟ ଓଡ଼ିଶା ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଉନ୍ନତ ହାଇୱେ ଓ ସଂଯୋଗ ଆଗାମୀ ବର୍ଷଗୁଡ଼ିକରେ କମର୍ସିଆଲ ଭେହିକଲ, ଏସ୍‌ୟୁଭି ଓ ଗ୍ରାମାଞ୍ଚଳ ଯାତ୍ରୀବାହୀ କାର୍ ଚାହିଦା ବଢ଼ାଇବ।



– ଆଦିତ୍ୟ ପାତ୍ର, ମ୍ୟାନେଜିଂ ଡାଇରେକ୍ଟର, ହାଇୱେ ହୋଣ୍ଡା

"କେନ୍ଦ୍ର ବଜେଟ ୨୦୨୬-୨୭ ରିୟଲ ଇଷ୍ଟେଟ କ୍ଷେତ୍ର ପାଇଁ ପ୍ରତ୍ୟକ୍ଷ ସହାୟତା ନ ଦେଇଥିଲେ ମଧ୍ୟ ଇନଫ୍ରାଷ୍ଟ୍ରକ୍ଚର୍ ବିକାଶ ଓ ଆରଇଆଇଟି ମନିଟାଇଜେଶନ ଭଳି ସଂସ୍କାରଗୁଡ଼ିକ ଉପରେ ଦୃଢ଼ ଗୁରୁତ୍ୱ ଦେବା ଦ୍ୱାରା ସମୟ ସହିତ ଲିକ୍ୱିଡିଟି ବୃଦ୍ଧି ଓ ଚାହିଦା ବୃଦ୍ଧି କରିଛି। ଏହା ଅର୍ଥପୂର୍ଣ୍ଣ ପରୋକ୍ଷ ସମର୍ଥନ ପ୍ରଦାନ କରିବ ବୋଲି ଆଶା କରାଯାଉଛି।



– ମନୋଜ ସାହୁ, ପ୍ରତିଷ୍ଠାତା, ଡିଅନ ଗ୍ରୁପ

"ଏହି ବଜେଟ ଅଟୋମୋବାଇଲ ଶିଳ୍ପ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଇଲେକ୍ଟ୍ରିକ ଭେହିକଲ (ଇଭି), ଉତ୍ପାଦନ ଓ ସପ୍ଲାଇ ଚେନ୍ ମଜଭୁତ କରିବା ଦିଗରେ ଦୀର୍ଘମିଆଦୀ ଦୃଢ଼ ପ୍ରୋତ୍ସାହନର ସଙ୍କେତ ଦେଉଛି, ଯଦିଓ ଗ୍ରାହକମାନଙ୍କ ପାଇଁ ତୁରନ୍ତ ଚାହିଦା ବା ପ୍ରତ୍ୟକ୍ଷ ପ୍ରୋତ୍ସାହନର ଅଭାବ ରହିଛି। ଏମ୍‌ଏସ୍‌ଏମ୍‌ଇ ପାଇଁ ବଜେଟ ଅନେକ ସକାରାତ୍ମକ ଦିଗ ଆଣିଛି। ଏହି ବଜେଟ ଅଣୁ ଓ ଲଘୁ ଉଦ୍ୟୋଗକୁ ବହୁଗୁଣ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ତଥାପି ଆୟକରରେ କୌଣସି ପରିବର୍ତ୍ତନ ନ ହେବା ମଧ୍ୟବର୍ଗୀୟ କରଦାତାଙ୍କ ମଧ୍ୟରେ ନିରାଶା ସୃଷ୍ଟି କରିଛି। ଏହି ବଜେଟ ପୂର୍ବବର୍ତ୍ତୀ ନୀତିଗୁଡ଼ିକର ନିରନ୍ତରତାକୁ ପ୍ରତିଫଳିତ କରୁଛି ଏବଂ 'ମେକ୍ ଇନ୍ ଇଣ୍ଡିଆ' ସହିତ ଦୀର୍ଘମିଆଦୀ ଆର୍ଥିକ ମଜଭୁତି ଉପରେ ଦୃଢ଼ ଗୁରୁତ୍ୱ ଦେଇଛି।



–ଅଖିଳ ପୋଦ୍ଦାର, ଓଡ଼ିଶା ରାଜ୍ୟ ଅଧ୍ୟକ୍ଷ, ଫାଡା

"ପ୍ରତିରକ୍ଷା, ବିମାନ, ମହାକାଶ, ରାସାୟନିକ ପଦାର୍ଥ, ଔଷଧ, ଇଲେକ୍ଟ୍ରୋନିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଦୀର୍ଘକାଳୀନ ଗଭୀର ଚିନ୍ତାଧାରାଯୁକ୍ତ ବଜେଟ। ଦୀର୍ଘକାଳୀନ ଟିକସ ଛାଡ଼ ଦେଇ ଆଇଟି କ୍ଷେତ୍ରକୁ ଉତ୍ସାହିତ କରାଯାଇଛି। ନଡ଼ିଆ, କାଜୁ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ଲାଭବାନ ହେବ। ରେୟାର ଆର୍ଥ କରିଡର ମଧ୍ୟ ଫୋକସରେ ରହିବ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ବଡ଼ ପ୍ରଭାବ ନ ପଡ଼ିପାରେ କିନ୍ତୁ ଉତ୍ପାଦନ କ୍ଷେତ୍ରରେ ଦୀର୍ଘକାଳୀନ ପ୍ରଭାବ ପଡ଼ିବ। ସି-ମାର୍ଟ ଏକ ଦୀର୍ଘକାଳୀନ ଦାବି ଥିଲା, ଯାହା ପୂରଣ ହୋଇଛି।



– ସାତ୍ତ୍ୱିକ ସ୍ୱାଇଁ,
ସେକ୍ରେଟାରୀ ଜେନେରାଲ, ଓଏଏସ୍‌ଏମ୍‌ଇ

# ରୟାଲ ଏନ୍‌ଫିଲ୍ଡ ହିମାଳୟନ ୪୫୦ 'ମାନା ବ୍ଲାକ'ର ଅନାବରଣ



ଭୁବନେଶ୍ୱର, ୧।୨ (ଅନୁରାଧା ମହାରାଣା)

ଭୁବନେଶ୍ୱର ଲୁଇସ୍‌ରୋଡସ୍ଥିତ ଜୟବାବା ଅଟୋମୋବାଇଲ୍ସରେ ପ୍ରଥମ ରୟାଲ ଏନ୍‌ଫିଲ୍ଡ ହିମାଳୟନ ୪୫୦ 'ମାନା ବ୍ଲାକ' ସହିତ ପୂର୍ଣ୍ଣ ଗ୍ୟାର୍ ଅଫ୍ ଜେନୁଇନ୍ ମୋଟରସାଇକେଲ ଆକ୍ସେସରିଜ ଡେଲିଭରି କରାଯାଇଛି। ଏହି ବାଇକଟି ମଣିପାଲ ହସ୍ପିଟାଲ୍ସର ଡାକ୍ତର କୀର୍ତ୍ତି କେତନଙ୍କୁ ଜୟବାବା ଅଟୋମୋବାଇଲ୍ସ ପକ୍ଷରୁ ପ୍ରଦାନ କରାଯାଇଛି। ଡିଲର୍ ପ୍ରିନ୍ସିପାଲ ହର୍ଷିତ ଲୋଧାଙ୍କ ଦ୍ୱାରା ଏହି ମୋଟରସାଇକେଲକୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଇଥିଲା। ଏହି ଅବସରରେ ରୟାଲ ଏନଫିଲ୍ଡ ଆର୍‌ଆର୍‌ସିଚନ୍ଦନ ଗୋରାଇ, ରାଇଡର୍ ଓ ରୟାଲ ଏନ୍‌ଫିଲ୍ଡ କମ୍ୟୁନିଟି ସଦସ୍ୟ ଶୁଭେନ୍ଦୁ, ପ୍ରଭୁ ଦତ୍ତ ଏବଂ ରାଜକିଶୋରଙ୍କ ସମେତ ଜୟବାବା ଟ୍ରାଇବ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ମାଇଲଷ୍ଟୋନ୍ ଡେଲିଭରି ଜୟବାବା ଅଟୋମୋବାଇଲ୍ସର ପ୍ରିମିୟମ ମୋଟରସାଇକେଲିଂ ଅଭିଜ୍ଞତା ପ୍ରଦାନ କରିବା ପ୍ରତି ପ୍ରତିବଦ୍ଧତା ଏବଂ ଅଞ୍ଚଳରେ ରୟାଲ ଏନ୍‌ଫିଲ୍ଡ ରାଇଡିଂ ସଂସ୍କୃତିକୁ ପ୍ରୋତ୍ସାହନ ଦେବାରେ ତାଙ୍କର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଜୟବାବା ଅଟୋମୋବାଇଲ୍ସ ଭୁବନେଶ୍ୱରରେ ରୟାଲ ଏନ୍‌ଫିଲ୍ଡର ଏକ ବିଶ୍ୱସ୍ତ ଡିଲର ଭାବେ ପରିଚିତ ଏବଂ ଏହି ପ୍ରଥମ ମାନା ବ୍ଲାକ ଡେଲିଭରି ସ୍ଥାନୀୟ ରାଇଡର ମହଲରେ ବହୁତ ଉତ୍ସାହ ସୃଷ୍ଟି କରିଛି।

# ରେଶମ ଉତ୍ପାଦନରେ କୋଲ୍ ଇଣ୍ଡିଆକୁ ସଫଳତା

ଭୁବନେଶ୍ୱର, ୧।୨ (ଅନୁରାଧା ମହାରାଣା)

କୋଲ୍ ଇଣ୍ଡିଆ ଲିମିଟେଡର କର୍ପୋରେଟ ସୋସିଆଲ ରେସ୍ପନ୍ସିବିଲିଟି (ସିଏସ୍‌ଆର୍) ଫଣ୍ଡର ସହଯୋଗରେ ଚାଲିଥିବା ଆଇଆଇଟି ବମ୍ବେର ଅନନ୍ୟ ପାଇଲଟ ପ୍ରୋଜେକ୍ଟ 'ଜୀବୋଦୟ' ତିନି ବର୍ଷର ଅବିରତ ଅନୁସନ୍ଧାନ ଓ ବିକାଶ ପରେ ନୈତିକ ରେଶମ ଉତ୍ପାଦନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିଛି। ଏହି ପ୍ରୋଜେକ୍ଟ ଅଧୀନରେ ଆଇଆଇଟି ବମ୍ବେର ଗ୍ରାମାଞ୍ଚଳ ପାଇଁ ଟେକ୍ନୋଲୋଜି ଅଲଟରନେଟିଭ୍ସ ସେଣ୍ଟର (ସି-ତାରା) ଏକ ନୂତନ ରେଶମ ଉତ୍ପାଦନ ପ୍ରଯୁକ୍ତି ସଫଳତାପୂର୍ବକ ବିକଶିତ କରିଛି। ଏଥିରେ ରେଶମ କୀଟମାନଙ୍କର ହତ୍ୟାର ଆବଶ୍ୟକତା ନାହିଁ। ପାରମ୍ପରିକ ପଦ୍ଧତିରୁ ଭିନ୍ନ, ଏହି ପ୍ରଯୁକ୍ତିରେ ରେଶମ କୀଟମାନେ ରେଶମୀ ସୂତା ଉତ୍ପାଦନ କରିବା ପରେ ପ୍ରାକୃତିକ ଭାବେ ପତଙ୍ଗ(ମଥ୍)ରେ ପରିଣତ ହୋଇ ନିଜ ଜୀବନ ଚକ୍ର ପୂର୍ଣ୍ଣ କରିପାରନ୍ତି। ଏହି ପ୍ରଯୁକ୍ତି ରେଶମ ଉତ୍ପାଦନ ସହ ଜଡ଼ିତ ଚାଷୀମାନଙ୍କ ପାଇଁ ଆୟର ଏକ ନୂତନ ଓ ସ୍ଥାୟୀ ଉତ୍ସ ପ୍ରଦାନ କରୁଛି, ଯାହା ଗ୍ରାମାଞ୍ଚଳର ଜୀବିକାକୁ ମଜଭୁତ କରିବ। 'ଜୀବୋଦୟ' ପାଇଲଟ ପ୍ରୋଜେକ୍ଟର ସଫଳତା ସହିତ ଏହି ପଦକ୍ଷେପ ବ୍ୟାପକ ସ୍ତରରେ ଗ୍ରହଣ କରାଯିବା ଏବଂ ସ୍ଥାୟୀ ଓ ନୈତିକ ରେଶମ ଉତ୍ପାଦନକୁ ପ୍ରୋତ୍ସାହନ ଦେବାର ବିପୁଳ ସମ୍ଭାବନା ରଖିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେମିଫାଇନାଲରେ ଭାରତ

**ବୁଲୱାୟୋ,୧।୨**

ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ରବିବାର ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ସୁପର-୬ ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍-ବି' ମ୍ୟାଚ୍‌କୁ ଭାରତୀୟ ଦଳ ୫୮ ରନରେ ଜିତି ନେଇଛି। ଏହି ବିଜୟ ସହ ଭାରତୀୟ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ଦ୍ୱାରା ପ୍ରଦତ୍ତ ୨୫୩ ରନର ଟାର୍ଗେଟ ଆଗରେ ପାକିସ୍ତାନ ୧୯୪ ରନରେ ଅଲଆଉଟ୍ ହୋଇଯାଇଥିଲା।

## ୧୯ ବର୍ଷରୁ କମ୍ ବିଶ୍ୱକପ୍

ଏହି ବିଜୟ ସହ ଗତ ଡିସେମ୍ବରରେ ୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲରେ ପାକିସ୍ତାନଠାରୁ ମିଳିଥିବା ପରାଜୟର ମଧୁର ପ୍ରତିଶୋଧ ନେଇଛି ଭାରତ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୯.୫ ଓଭରରେ ୨୫୨ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ବେଦାନ୍ତ ତ୍ରିବେଦୀ ୬୮ (୨ ଚୌକା ଓ ୧ ଛକା), କନିଷ୍କ ଚୌହ୍ୱାନ ୩୫ (୪ ଚୌକା ଓ ୧ ଛକା), ବୈଭବ ସୂର୍ଯ୍ୟବଂଶୀ ୩୦ (୫ ଚୌକା ଓ ୧ ଛକା) ଓ ଆର୍ ଅମ୍ବ୍ରିଶ ୨୯ (୨ ଚୌକା) ରନ କରିଥିଲେ। ପାକିସ୍ତାନ ପକ୍ଷରୁ ଅବଦୁଲ ସୁଭନ ୩, ମହମ୍ମଦ ସୟମ ୨ ଓ ଅଲୀ ରାଜା ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଉସ୍ମାନ ଖାନଙ୍କ ୬୬ (୭ ଚୌକା) ଓ ହମଜା ଜହୁରଙ୍କ ୪୨ (୮ ଚୌକା) ରନର ପାଳି ଯୋଗୁ ପାକିସ୍ତାନ ୨୯ ଓଭର ସୁଦ୍ଧା ୨ ଉଇକେଟ ହରାଇ ୧୫୧ ରନ କରିଥିଲା। ହେଲେ ଏହିଠାରୁ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୬.୨ ଓଭରରେ ୧୯୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତ ପାଇଁ ଅଧିନାୟକ ଆୟୁଷ ମାହାତ୍ରେ ଓ ଖିଲାନ ପଟେଲ ୩ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୪୯.୫ ଓଭରରେ ୨୫୨/ଅଲଆଉଟ୍ (ବେଦାନ୍ତ ତ୍ରିବେଦୀ-୬୮, କନିଷ୍କ ଚୌହ୍ୱାନ-୩୫, ଅବଦୁଲ ସୁଭନ-୩/୩୩, ମହମ୍ମଦ ସୟମ-୨/୬୯)। ପାକିସ୍ତାନ: ୪୬.୨ ଓଭରରେ ୧୯୪/ଅଲଆଉଟ୍ (ଉସ୍ମାନ ଖାନ-୬୬, ହମଜା ଜହୁର-୪୨, ଫର୍ହାନ ୟୁସଫ-୩୮, ଆୟୁଷ ମାହାତ୍ରେ-୩/୧୪, ଖିଲାନ ପଟେଲ-୩/୩୫)।



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍‌ର ୩ଟିଯାକ ବର୍ଗରେ ଚାମ୍ପିୟନ ଓଡ଼ିଶା ଖେଳାଳିମାନେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

# କିଟ୍-ସମ୍ବଲପୁର ଫାଇନାଲ


ଫାଇନାଲରେ ପ୍ରବେଶ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଦଳ।

**ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)**

ଓଡ଼ିଶାର ଦୁଇଟି ବିଶ୍ୱବିଦ୍ୟାଳୟ କିଟ୍ ଓ ସମ୍ବଲପୁର ସର୍ବଭାରତୀୟ ଆନ୍ତଃଜୋନ ମହିଳା ହକି ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶୁଟ୍‌ଆଉଟରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ରେ ବରାବର ରହିଥିଲା। ଦ୍ୱିତୀୟ ସେମିଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ୨-୧ ଗୋଲରେ ଗ୍ୱାଲିୟରର ଆଇଟିଏମ୍ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ଫଳରେ ପ୍ରତିଯୋଗିତାରେ ଦେଶର ୧୬ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଥିଲେ ହେଁ ଶେଷରେ ଫାଇନାଲରେ ଅଲ୍ ଓଡ଼ିଶା ମୁକାବିଲା ପାଇଁ ପଥ ପ୍ରସ୍ତୁତ ହୋଇଛି। ପଞ୍ଜାବୀ ବିଶ୍ୱବିଦ୍ୟାଳୟ ଓ ଆଇଟିଏମ୍ ମଧ୍ୟରେ ତୃତୀୟ ସ୍ଥାନ ଲାଗି ମୁକାବିଲା ହେବ। ଫାଇନାଲ ପୂର୍ବରୁ ଉଭୟ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଶାର କ୍ଲିନ ସୁଇପ୍

## ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍

**ଭୁବନେଶ୍ୱର,୧।୨(ଅନାଦି କର)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ସବ୍-ଜୁନିୟର ବାଳିକା(୧୫ ବର୍ଷରୁ କମ୍), ଜୁନିୟର ବାଳିକା (୧୮ ବର୍ଷରୁ କମ୍) ଓ ସିନିୟର ମହିଳା ବର୍ଗରେ ଚାମ୍ପିୟନ ହୋଇ ଓଡ଼ିଶା ଦଳ କ୍ଲିନ ସୁଇପ୍ କରିଛି।

ସବ୍-ଜୁନିୟର ବାଳିକା ବିଭାଗ ଫାଇନାଲରେ ଓଡ଼ିଶା ୨୬-୬ ବ୍ୟବଧାନରେ ବିହାରକୁ ହରାଇଥିବା ବେଳେ ଜୁନିୟର ବାଳିକା ଫାଇନାଲରେ ୨୯-୦ ବ୍ୟବଧାନରେ ମହାରାଷ୍ଟ୍ରକୁ ହରାଇଥିଲା। ସିନିୟର ମହିଳା ବିଭାଗ ଫାଇନାଲରେ ଓଡ଼ିଶା ୩୬-୫ ବ୍ୟବଧାନରେ ବିହାରକୁ ହରାଇ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍‌ରେ କ୍ଲିନ ସୁଇପ୍ ହାସଲ କରିଥିଲା। ସେହିଭଳି ମହାରାଷ୍ଟ୍ର ଓ ରାଜସ୍ଥାନ ସବ୍-ଜୁନିୟର ବାଳିକା ବର୍ଗରେ ଯୁଗ୍ମ ଭାବେ ଦ୍ୱିତୀୟ ରନରଅପ୍ ହୋଇଥିବା ବେଳେ ଜୁନିୟର ବାଳିକାରେ ବିହାର ଓ ରାଜସ୍ଥାନ ଦ୍ୱିତୀୟ ରନରଅପ୍ ହେଇଛନ୍ତି। ସେହିଭଳି ସିନିୟର ମହିଳା ବର୍ଗରେ ପଶ୍ଚିମ ବଙ୍ଗ ଓ ମହାରାଷ୍ଟ୍ର ଦ୍ୱିତୀୟ ରନରଅପ୍ ଭାବେ ଅଭିଯାନ ଶେଷ କରିଛନ୍ତି। ପ୍ରତ୍ୟେକ ବର୍ଗର ଚାମ୍ପିୟନ ଦଳକୁ ୧ ଲକ୍ଷ ୪୪ ହଜାର ଓ ରନରଅପ୍ ଦଳକୁ ୧ ଲକ୍ଷ ୨୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ସେହିଭଳି ସେମିଫାଇନାଲରେ ପରାଜିତ ହୋଇଥିବା ଦୁଇ ଦ୍ୱିତୀୟ ରନରଅପ୍ ଦଳକୁ ୯୬ ହଜାର ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୧୫ ବର୍ଷରୁ କମ୍ ବର୍ଗରେ ଓଡ଼ିଶାର ସୁମି ଗଗରାଇ (୭୧ ପଏଣ୍ଟ), ଜୁନିୟର ବର୍ଗରେ ବିହାର ସିମରନ ପର୍ବିନ (୬୦) ଓ ସିନିୟର ବର୍ଗରେ ରାଜସ୍ଥାନର ମୁସ୍କାନ ପିପଲୋଦା (୫୫) ସର୍ବାଧିକ ସ୍କୋର କରିଥିଲେ।


# ମନେ ପଡ଼ନ୍ତି

**୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰ବିଷ୍ଣୁପ୍ରିୟା ମହାନ୍ତି

ଜେଲ୍ ରୋଡ, ଖୋର୍ଦ୍ଧା

ଶୋକସନ୍ତପ୍ତ ପରିବାର ପରିଜନ ଶୁଭଚିନ୍ତକା ଭୁବନେଶ୍ୱର, କଟକ, କେଉଁଝର ଅଞ୍ଚଳର ଆତ୍ମୀୟ ପରିଜନ ତୁମକୁ ସବୁ ବେଳେ ମନେ ପକାଇ ଥାଆନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଆତ୍ମା ସଦ୍‌ଗତି ଦିଅନ୍ତୁ।

ଧ-୩୨୮୨

**ଏକାଦଶାହ ଉପଲକ୍ଷେ**



୰ଶୈଳବାଳା ଦାସ

ଜଗନ୍ନାଥପୁର, ଗୋବିନ୍ଦପୁର, କଟକ

ଆବିର୍ଭାବ: ୦୧।୧୨।୧୯୩୬
ତିରୋଧାନ: ୨୩।୦୧।୨୦୨୬

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ହତଭାଗ୍ୟ ପୁତ୍ରମାନେ:
ପ୍ରମୋଦ, ପ୍ରତାପ, ପ୍ରଦୀପ, ପ୍ରବୀର

ଧ-୩୨୮୦

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ କେଲୁ ଖଟୁଆ

ଆବିର୍ଭାବ : ୧୨।୦୧।୧୯୩୧
ତିରୋଧାନ : ୨୩।୦୧।୨୦୨୬
(ଶ୍ରୀ ପଞ୍ଚମୀ ତିଥି)

ଚାହୁଁ ଚାହୁଁ ଆପଣଙ୍କ ଯିବା ଆଜକୁ ଏଗାର ଦିନ ବିତିଲା। ଆଜି ଏ ପବିତ୍ର ଏକାଦଶାହ ତିଥିରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

-:ଶୋକସନ୍ତପ୍ତ:-

ହତଭାଗ୍ୟ ପୁତ୍ର- ଅନାମ ଖଟୁଆ, ସୁଦାମ ଖଟୁଆ, ଝିଅ- ପ୍ରତିମା ଖଟୁଆ, ଜ୍ୱାଇଁ- ବିକାଶ ଚନ୍ଦ୍ର ବେହେରା ତଥା ବନ୍ଧୁ ଓ ପରିବାରବର୍ଗ।

ଧ-୩୨୮୧


## ନ୍ୟାଶନାଲ ସ୍କୁଲ ଗେମ୍ସ

# ଓଡ଼ିଶା ବାଳିକା, ବାଳକ ଦଳ ଚାମ୍ପିୟନ

**ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବାଳିକା ଓ ବାଳକ ଦଳ ୬୯ତମ ନ୍ୟାଶନାଲ ସ୍କୁଲ ଗେମ୍ସର ରଗ୍‌ବୀ (୧୯ ବର୍ଷରୁ କମ୍) ଇଭେଣ୍ଟରେ ଚାମ୍ପିୟନ ହୋଇ ଇତିହାସ ରଚିଛି। ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ବାଳିକା ବିଭାଗ ଫାଇନାଲରେ ଓଡ଼ିଶା ୨୦-୦ରେ ବିହାରକୁ ପରାସ୍ତ କରିଛି। ସେହିପରି ବାଳକ ବର୍ଗ ଫାଇନାଲରେ ଓଡ଼ିଶା ୧୨-୫ରେ ମହାରାଷ୍ଟ୍ରକୁ ହରାଇ ଟାଇଟଲ ଜିତିଛି। କ୍ୱାର୍ଟର ଫାଇନାଲରେ ଓଡ଼ିଶା ବାଳକ ଦଳ ଆନ୍ଧ୍ର ପ୍ରଦେଶକୁ ୫୮-୦ ଓ ସେମିଫାଇନାଲରେ ଦିଲ୍ଲୀକୁ ୧୭-୭ରେ ପରାସ୍ତ କରିଥିଲା। ସେହିପରି ବାଳିକା ଦଳ କ୍ୱାର୍ଟରରେ ପଞ୍ଜାବକୁ ୪୪-୧୦ ଓ ସେମିରେ ମହାରାଷ୍ଟ୍ରକୁ ୧୯-୧୦ରେ ହରାଇଥିଲା। ଓଡ଼ିଶା ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ଉପେନ୍ଦ୍ର ମହାନ୍ତି ଏବଂ ସିଏଚ୍‌ଏସଇ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ବିଜେଇଏମ୍ ସ୍କୁଲ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଆନ୍ତଃସ୍କୁଲ କ୍ରିକେଟ: ବିଜେଇଏମ୍ ସ୍କୁଲ ଚାମ୍ପିୟନ

**ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)**

ଓଡ଼ିଶା ଭେଟେରାନ୍ସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ହାଇ-ଟେକ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ୟୁନିଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ବିଜେଇଏମ୍ ସ୍କୁଲ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ବିଜେଇଏମ୍ ୧୦୧ ରନରେ ଡିଏଭି ଚନ୍ଦ୍ରଶେଖର ପୁର ଦଳକୁ ପରାସ୍ତ କରିଛି। ବିଜେଇଏମ୍ ହାଇସ୍କୁଲ ୨୫ ଓଭରରେ ୫ ଉଇକେଟ ହରାଇ ୨୦୨ ରନ କରିଥିଲା। ଜବାବରେ ଡିଏଭି ୨୫ ଓଭରରେ ୧୦୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ହାଇ-ଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ରାକେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ୟୁନିଲାଇଟ ପକ୍ଷରୁ ଦେବାଶିଷ ପଣ୍ଡା ଓ ଅନନ୍ତ ଅଟୋମୋବାଇଲ୍ସର ପରିଚାଳନା ନିର୍ଦ୍ଦେଶକ ରାଜଶେଖର ସୁବୁଦ୍ଧି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳର ଶାହଜିବ ଆଲାମ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

# ବାପୁଜୀ, ରାମେଶ୍ୱର କ୍ରିକେଟ କ୍ଲବ ସେମିରେ




ପୁରସ୍କାର ଗ୍ରହଣ ଅବସରରେ ପ୍ଲେୟର ଅଫ୍ ଦି ମ୍ୟାଚ ନମନ ଧ୍ରୁବ ଓ ଶୁଭାଶିଷ ମଲିକ।

**ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)**

ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ୯ମ ନବ ଦାଶ ଓ ୫ମ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ବିଜେବି କଲେଜ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ବାପୁଜୀ କ୍ରିକେଟ କ୍ଲବ ଏବଂ ରାମେଶ୍ୱର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ବାପୁଜୀ କ୍ଲବ ୧୬ ରନରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାପୁଜୀ କ୍ଲବ ୧୯.୩ ଓଭରରେ ୧୫୭ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସିଦ୍ଧାନ୍ତ ଜେନା ସର୍ବାଧିକ ୩୨ ରନକରି ଅପରାଜିତ ରହିଥିଲେ। ଆର୍ଯ୍ୟଶ୍ରୀ ଭଞ୍ଜ ୨୮ ରନ କରିଥିଲେ। ବିପକ୍ଷ ଦଳର ଉଦୟ ଜଟ ଓ ସ୍ୱପ୍ନ ଏସ. ଭୂୟାଁ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ୧୯.୫ ଓଭରରେ ୧୪୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଅର୍ଶଦ କିଶୋର ୭୫ ରନ ସତ୍ତ୍ୱେ ଅନ୍ୟମାନଙ୍କ ବିଫଳତା ଯୋଗୁ ଦଳ ପରାଜିତ ହୋଇଥିଲା। ବିପକ୍ଷ ଦଳର ନମନ ଧ୍ରୁବ ମାତ୍ର ୨୦ ରନ ବିନିମୟରେ ୪ ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଅଭିଷେକ ଯାଦବ ୩ଟି ଓ ଦୀନା ଦାସ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ରାମେଶ୍ୱର ୬ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ପାରାମାଉଣ୍ଟ ୧୯.୩ ଓଭରରେ ୧୨୯ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସେକ୍ ନକିବ ସର୍ବର ସର୍ବାଧିକ ୩୭ ଓ ସୁଦର୍ଶନ ସ୍ୱାଇଁ ୩୨ ରନ କରିଥିଲେ। ପ୍ରତିପକ୍ଷ ଦଳର ଶୁଭମ ବିସ୍ତ ୩ଟି ଏବଂ ଆଶୁତୋଷ ନାୟକ ଓ ଏମ.ଜି. ଗୋପାଳ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୩୦ ରନର ବିଜୟ ଲକ୍ଷ୍ୟକୁ ରାମେଶ୍ୱର ୧୫.୧ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଶୁଭାଶିଷ ମଲିକ ୬୬ ରନରେ ଅପରାଜିତ ରହି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ନିର୍ମଳ କୁମାର ମିଶ୍ର ଓ ଦିଲୀପ କୁମାର ସାମଲ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ସୁଶୀଲ ସୁନ୍ଦରାୟ।


# Classified Everyday

0674-2580101, 9692975378


REAL ESTATE
SALE

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା **Sum-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **SC general plot** କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **9658562429.** D-3194

ଭୁବନେଶ୍ୱର ବରମୁଣ୍ଡାରୁ **48km farmhouse land** ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। **8144706560.** D-3199

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ **KEC** ପାଖରେ **ready to move 2/3BHK flat** ବିକ୍ରି ହେବ। **8327785834** D-3178

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

**AFFIDAVIT**

"By virtue of an affidavit sworn before Notary Public, Rourkela, dated- 15.01.2026, I, Manorama Swain, Khariabahal- 1, Sector- 2, Rourkela, Sundargarh, Odisha- 769006 declare that I have changed my name from Manorama Bisoi to Manorama Swain. Henceforth, I shall be known as Manorama Swain for all purposes". D-3279

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Titlagarh, Dtd.- 23.11.2026, I, Piyush Sharma, resident of At- Raghunath Pada, P.O./P.S.- Titlagarh, Dist.- Balangir, Odisha do hereby declare that my son's actual name is Avyukt Sharma, S/o.- Piyush Sharma. But in my son's birth certificate Vide No. 458/2023, dtd.- 10.03.2023 issued by S. D. H. Titilagarh his name has been mentioned as Advait Sharma instead of Avyukt Sharma. I declare that both the names Avyukt Sharma and Advait Sharma belongs to one and the same person i.e. my son. D-3277

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before the Executive Magistrate, Sambalpur, No. 369, Dtd. 31.01.26, I, Saroj Kumar Bakshi, S/o. Ramani Ranjan Bakshi, R/o. At- Kanijuri, Durgapali, P.O.- Remed, P.S.- Khetrajpur, Dist.- Sambalpur declare that I have changed the spelling of my surname from Boxi to Bakshi. That I am known as Saroj Kumar Bakshi, S/o. Ramani Ranjan Bakshi instead of Saroj Kumar Boxi, S/o. Ramani Ranjan Boxi for all purpose. That both the names belongs to one and same person. D-3278

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଦୃଶ୍ୟ ଆକ୍ରମଣକାରୀ ମାଇକ୍ରୋପ୍ଲାଷ୍ଟିକ



ଡ. ଶିବାନୀ ମହାପାତ୍ର

''ସାମୁଦ୍ରିକ ଇକୋସିଷ୍ଟମ୍ ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ପ୍ଲାଙ୍କଟନ୍ ଏବଂ ଅନ୍ୟାନ୍ୟ ଛୋଟ ଜୀବ। ସେମାନଙ୍କର ଆକାର ଏବଂ ପ୍ରାକୃତିକ ଶିକାର ସହିତ ସମାନତା ହେତୁ ମାଇକ୍ରୋପ୍ଲାଷ୍ଟିକ୍‌କୁ ଖାଦ୍ୟ ବୋଲି ଭାବି ଭୁଲ୍ କରନ୍ତି। ଏହି କଣିକାଗୁଡ଼ିକ ତା'ପରେ ଖାଦ୍ୟ ଶୃଙ୍ଖଳ ଉପରକୁ ଚାଲିଯାଏ। କାରଣ ଛୋଟ ମାଛ ପ୍ଲାଙ୍କଟନ୍ ଗ୍ରହଣ କରନ୍ତି ଏବଂ ବଡ଼ ଶିକାରୀମାନେ ଛୋଟ ମାଛକୁ ଖାଇଥାନ୍ତି, ଯାହା ଫଳରେ ଟ୍ରୋଫିକ୍ ସ୍ତର ମଧରେ ଜୈବସଞ୍ଚୟ ହୁଏ। ୭୦୦ରୁ ଅଧିକ ସାମୁଦ୍ରିକ ପ୍ରଜାତି ପ୍ଲାଷ୍ଟିକ୍ ଗ୍ରହଣ କିମ୍ବା ଜଡ଼ିତ ହେବା ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରମାଣିତ ହୋଇଛି।''



ମାଇକ୍ରୋପ୍ଲାଷ୍ଟିକ୍ ଆଧୁନିକ ବିଶ୍ୱର ସବୁଠାରୁ ବ୍ୟାପକ କିନ୍ତୁ ସବୁଠାରୁ କମ୍ ଦୃଶ୍ୟମାନ ପ୍ରଦୂଷକ ମଧ୍ୟରୁ ଗୋଟିଏ। ଏହା ୫ ମିଲିମିଟରରୁ ଛୋଟ ପ୍ଲାଷ୍ଟିକ୍ ଖଣ୍ଡ ଭାବରେ ପରିଭାଷିତ। ଏହି କଣିକାଗୁଡ଼ିକ ତିଳ ବିହନ ତୁଳନାତ୍ମକ ଖଣ୍ଡରୁ ଆରମ୍ଭ କରି ନାନୋପ୍ଲାଷ୍ଟିକ୍ ପର୍ଯ୍ୟନ୍ତ ଏତେ ଛୋଟ ଯେ ସେମାନେ ସମ୍ପୂର୍ଣ୍ଣ ଭାବରେ ମଣିଷ ଦୃଷ୍ଟିରୁ ଦୂରେଇ ଯାଆନ୍ତି। କିଛି ମାଇକ୍ରୋପ୍ଲାଷ୍ଟିକ୍ ଉଦ୍ଦେଶ୍ୟମୂଳକ ଭାବରେ ଅଣୁବୀକ୍ଷଣୀୟ ଆକାରରେ ନିର୍ମିତ ହୋଇଥାଏ, ଯେପରିକି ପ୍ରସାଧନ ସାମଗ୍ରୀ ଏବଂ ଶିଳ୍ପ ସାମଗ୍ରୀରେ ଥରେ ବ୍ୟବହୃତ ମାଇକ୍ରୋବିଡ୍ କିମ୍ବା କପଡ଼ାରୁ ନିର୍ଗତ ସିନ୍ଥେଟିକ୍ ଫାଇବର ଇତ୍ୟାଦି। ଅନ୍ୟଗୁଡ଼ିକ ବଡ଼ ପ୍ଲାଷ୍ଟିକ୍ ବସ୍ତୁ – ବୋତଲ, ପ୍ୟାକେଜିଂ, ମାଛ ଧରିବା ଜାଲ, ଟାୟାର ଏବଂ ଘରୋଇ ସାମଗ୍ରୀର ଧୀର ବିଭାଜନରୁ ଉତ୍ପନ୍ନ ହୁଏ, ଯାହା ସୂର୍ଯ୍ୟାଲୋକ, ପବନ ଏବଂ ଯାନ୍ତ୍ରିକ ଚାପରେ ନଷ୍ଟ ହୁଏ।

ଲ୍ୟାଣ୍ଡଫିଲ୍ସରୁ ଜୀବନ୍ତ ପ୍ରାଣୀ ପର୍ଯ୍ୟନ୍ତ ମାଇକ୍ରୋପ୍ଲାଷ୍ଟିକ୍‌ର ଯାତ୍ରା ନିରନ୍ତର ଏବଂ ନିରବଚ୍ଛିନ୍ନ। ପ୍ରତିଦିନ ମାନବ କାର୍ଯ୍ୟକଳାପ ଏହି ଅଦୃଶ୍ୟ ପ୍ରଦୂଷଣରେ ଯୋଗଦାନ କରେ। ସିନ୍ଥେଟିକ୍ ପୋଷାକ ଧୋଇବା ଦ୍ୱାରା ପ୍ରତି ଥରରେ ହଜାର ହଜାର ମାଇକ୍ରୋଫାଇବର ନିର୍ଗତ ହୁଏ। ଯେତେବେଳେ ରାସ୍ତା ଯାତ୍ରା ସମୟରେ ଟାୟାର ଘଷି ହେବା ଦ୍ୱାରା ସୂକ୍ଷ୍ମ ରବର କଣିକା ବାୟୁରେ ବିସ୍ତାରିତ ହୁଏ। ଶିଳ୍ପ ରଙ୍ଗ, ସିନ୍ଥେଟିକ୍ ଆବରଣ ଏବଂ କସମେଟିକ୍ ଗ୍ଲିଟର ବର୍ଦ୍ଧିତ ବୋଝକୁ ଆହୁରି ବୃଦ୍ଧି କରେ। ଯଦିଓ ଅପଚୟ ଜଳ ଚିକିତ୍ସା କେନ୍ଦ୍ର ଏହି କଣିକାଗୁଡ଼ିକର ଏକ ଅଂଶକୁ ବାହାର କରିପାରେ, ଅନେକ ଫିଲ୍ଟ୍ରେଶନରୁ ଖସି ଜଳୀୟ ପ୍ରଣାଳୀରେ ନିଷ୍କାସିତ ହୁଏ। ଏକ ସଦ୍ୟତମ ଆକଳନ ଅନୁଯାୟୀ ପ୍ରତିବର୍ଷ ୧୧ ନିୟୁତ ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍ ସମୁଦ୍ରରେ ପ୍ରବେଶ କରେ। ପ୍ରଭାବଶାଳୀ ହସ୍ତକ୍ଷେପ ଅନୁପସ୍ଥିତିରେ ୨୦୪୦ ସୁଦ୍ଧା ଏହା ତିନି ଗୁଣ ହେବ ବୋଲି ଆକଳନ କରାଯାଇଛି। ସମୁଦ୍ର ସ୍ରୋତ ଏହି କଣିକାଗୁଡ଼ିକୁ ବିଶ୍ୱବ୍ୟାପୀ ପରିବହନ କରେ, ସେଗୁଡ଼ିକୁ ଆର୍କଟିକ୍ ବରଫ, ଆଣ୍ଟାର୍କଟିକ୍ ତୁଷାର ଏବଂ ହିମାଳୟ ପରି ଉଚ୍ଚ-ଉଚ୍ଚ ପର୍ବତ ଅଞ୍ଚଳ ସମେତ ସବୁଠାରୁ ଦୂରବର୍ତ୍ତୀ ପରିବେଶରେ ଜମା କରେ। ଏହି ବିଚ୍ଛିନ୍ନ ସ୍ଥାନରେ ସେମାନଙ୍କର ଉପସ୍ଥିତି ମାଇକ୍ରୋପ୍ଲାଷ୍ଟିକ୍ ବିସ୍ତାରର ଗ୍ରହୀୟ ସ୍କେଲକୁ ହାଇଲାଇଟ୍ କରୁଛି।

ସାମୁଦ୍ରିକ ଇକୋସିଷ୍ଟମ୍ ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ପ୍ଲାଙ୍କଟନ୍ ଏବଂ ଅନ୍ୟାନ୍ୟ ଛୋଟ ଜୀବ। ସେମାନଙ୍କର ଆକାର ଏବଂ ପ୍ରାକୃତିକ ଶିକାର ସହିତ ସମାନତା ହେତୁ ମାଇକ୍ରୋପ୍ଲାଷ୍ଟିକ୍‌କୁ ଖାଦ୍ୟ ବୋଲି ଭାବି ଭୁଲ୍ କରନ୍ତି। ଏହି କଣିକାଗୁଡ଼ିକ ତା'ପରେ ଖାଦ୍ୟ ଶୃଙ୍ଖଳ ଉପରକୁ ଚାଲିଯାଏ କାରଣ ଛୋଟ ମାଛ ପ୍ଲାଙ୍କଟନ୍ ଗ୍ରହଣ କରନ୍ତି ଏବଂ ବଡ଼ ଶିକାରୀମାନେ ଛୋଟ ମାଛକୁ ଖାଇଥାନ୍ତି, ଯାହା ଫଳରେ ଟ୍ରୋଫିକ୍ ସ୍ତର ମଧ୍ୟରେ ଜୈବସଞ୍ଚୟ ହୁଏ। ୭୦୦ରୁ ଅଧିକ ସାମୁଦ୍ରିକ ପ୍ରଜାତି ପ୍ଲାଷ୍ଟିକ୍ ଗ୍ରହଣ କିମ୍ବା ଜଡ଼ିତ ହେବା ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରମାଣିତ ହୋଇଛି। ମାଇକ୍ରୋପ୍ଲାଷ୍ଟିକ୍ ଶରୀରର ପାଚନ ପ୍ରକ୍ରିୟାକୁ ଅବରୋଧ କରିପାରେ, ପୁଷ୍ଟିକର ଅବଶୋଷଣକୁ ହ୍ରାସ କରିପାରେ ଏବଂ ଆଭ୍ୟନ୍ତରୀଣ ଆଘାତ ସୃଷ୍ଟି କରିପାରେ। ଶାରୀରିକ କ୍ଷତି ବ୍ୟତୀତ, ମାଇକ୍ରୋପ୍ଲାଷ୍ଟିକ୍ ରାସାୟନିକ ପ୍ରଦୂଷଣର ବାହକ ଭାବରେ କାର୍ଯ୍ୟ କରେ। ସେମାନଙ୍କର ପୃଷ୍ଠଗୁଡ଼ିକ ଆଖପାଖର ଜଳରୁ ସ୍ଥାୟୀ ଜୈବ ପ୍ରଦୂଷକ, ଭାରି ଧାତୁ ଏବଂ ହାଇଡ୍ରୋକାର୍ବନକୁ ସହଜରେ ଶୋଷିତ କରିପାରେ।

ସମସ୍ୟା ସାମୁଦ୍ରିକ ପରିବେଶଠାରୁ ମଧ୍ୟ ବହୁତ ଦୂରକୁ ବିସ୍ତାରିତ। ସ୍ଥଳଜ ଇକୋସିଷ୍ଟମ୍, ବିଶେଷକରି କୃଷି ମୃତ୍ତିକା, ମାଇକ୍ରୋପ୍ଲାଷ୍ଟିକ୍ ପାଇଁ ପ୍ରମୁଖ ଉପାଦାନ ଭାବରେ ଉଭା ହୋଇଛି। ପ୍ଲାଷ୍ଟିକ୍ ମଲ୍ଚିଂ, ସ୍ୱେରେଜ୍ କାଦୁଅ ଏବଂ କମ୍ପୋଷ୍ଟ ହୋଇଥିବା ଅପଚୟ ବ୍ୟବହାର ଚାଷ ଜମିରେ ବହୁ ପରିମାଣର ପ୍ଲାଷ୍ଟିକ୍ କଣିକା ପ୍ରବେଶ କରାଏ। ଗବେଷଣା ସୂଚିତ କରେ ଯେ ମାଟିରେ ଏବେ ସମୁଦ୍ର ତୁଳନାରେ ମାଇକ୍ରୋପ୍ଲାଷ୍ଟିକ୍ ଅଧିକ ଘନତା ଥାଇପାରେ। ଏହି କଣିକାଗୁଡ଼ିକ ମାଟି ଗଠନକୁ ପରିବର୍ତ୍ତନ କରିପାରେ, ଜୀବାଣୁ ସମ୍ପ୍ରଦାୟର ବୃଦ୍ଧିକୁ ବାଧା ଦେଇପାରେ, ଜଳ ସଂରକ୍ଷଣରେ ବାଧା ସୃଷ୍ଟି କରିପାରେ ଏବଂ ଉଦ୍ଭିଦ ବୃଦ୍ଧି ଏବଂ ଫସଲ ଉତ୍ପାଦନକୁ ମଧ୍ୟ ବିଶେଷ ଭାବରେ ବାଧା ଦେଇପାରେ। କୃଷି ମାନବ ଖାଦ୍ୟ ପ୍ରଣାଳୀର ମୂଳଦୁଆ ଗଠନ କରୁଥିବାରୁ, ମାଟିରେ ମାଇକ୍ରୋପ୍ଲାଷ୍ଟିକ୍ ଜମା ହେବା ଦୀର୍ଘକାଳୀନ ଖାଦ୍ୟ ସୁରକ୍ଷା ଏବଂ ଇକୋସିଷ୍ଟମ୍ ସ୍ଥିରତା ବିଷୟରେ ଚିନ୍ତା ସୃଷ୍ଟି କରୁଛି।

ବାୟୁବାହୀ ମାଇକ୍ରୋପ୍ଲାଷ୍ଟିକ୍ ଏକ୍ସପୋଜରର ଆଉ ଏକ ବିଶେଷ ଦିଗକୁ ପ୍ରତିନିଧିତ୍ୱ କରେ। ପୋଷାକ ପିନ୍ଧିବା, ଶୁଖାଇବା ଏବଂ ଧୋଇବା ସମୟରେ ନିର୍ଗତ ସିନ୍ଥେଟିକ୍ ଫାଇବର ଘର ଭିତରେ ଏବଂ ବାହାର ବାୟୁରେ ଝୁଲିଯାଏ। ସହରାଞ୍ଚଳ ପରିବେଶରେ କରାଯାଇଥିବା ଅଧ୍ୟୟନରୁ ପ୍ରତି ଘନ ମିଟର ବାୟୁରେ ଦଶରୁ ଶହ ଶହ ମାଇକ୍ରୋପ୍ଲାଷ୍ଟିକ୍ କଣିକା ଚିହ୍ନଟ ହୋଇଛି। ଏହି କଣିକାଗୁଡ଼ିକ ଶେଷରେ ପୃଷ୍ଠରେ ବସତି ସ୍ଥାପନ କରନ୍ତି, ଖାଦ୍ୟକୁ ଦୂଷିତ କରନ୍ତି କିମ୍ବା ମାନବ ଶ୍ୱାସକ୍ରିୟା ପ୍ରଣାଳୀରେ ପ୍ରବେଶ କରନ୍ତି। ମାଇକ୍ରୋପ୍ଲାଷ୍ଟିକ୍ ସାଧାରଣ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯେପରିକି ଟେବୁଲ୍ ଲୁଣ, ମହୁ, ବୋତଲ ପାଣି, ବିୟର ଏବଂ ସାମୁଦ୍ରିକ ଖାଦ୍ୟରେ ଚିହ୍ନଟ କରାଯାଇଛି ଏବଂ ରକ୍ତ, ଫୁସ୍‌ଫୁସ୍, ପ୍ଲାସେଣ୍ଟାଲ୍ ଟିସୁ ଏବଂ ସ୍ତନ କ୍ଷୀର ସମେତ ମାନବ ଜୈବିକ ନମୁନାରେ ମଧ ଚିହ୍ନଟ କରାଯାଇଛି। ସେମାନଙ୍କର ବ୍ୟାପକ ଉପସ୍ଥିତି ଆଧୁନିକ ମାନବ ଇକୋସିଷ୍ଟମ ମଧରେ ମାଇକ୍ରୋପ୍ଲାଷ୍ଟିକ୍ କେତେ ପରିମାଣରେ ସ୍ଥାପିତ ହୋଇଛି ତାହା ସ୍ପଷ୍ଟ କରୁଛି।

ମାଇକ୍ରୋପ୍ଲାଷ୍ଟିକ୍ ସେମାନଙ୍କର ସ୍ଥାୟିତା ଯୋଗୁ ବିପଜ୍ଜନକ। ପ୍ଲାଷ୍ଟିକ୍ ଜୈବିକ ଅପଘଟନ କରେ ନାହିଁ; ବରଂ, ସେମାନେ ସେମାନଙ୍କର ରାସାୟନିକ ପରିଚୟ ବଜାୟ ରଖି ସର୍ବଦା ଛୋଟ କଣିକାରେ ଖଣ୍ଡ ଖଣ୍ଡ ହୋଇଯାଆନ୍ତି। ଫଳସ୍ୱରୂପ, ପ୍ରାୟତଃ ଉତ୍ପାଦିତ ପ୍ରତ୍ୟେକ ପ୍ଲାଷ୍ଟିକ ଅଂଶ ପରିବେଶରେ କୌଣସି ସ୍ଥାନରେ ରହିଥାଏ। ଏହି କଣିକାଗୁଡ଼ିକ ରାସାୟନିକ ସ୍ପଞ୍ଜ ଭାବରେ କାର୍ଯ୍ୟ କରନ୍ତି, କର୍କଟ ରୋଗ ସୃଷ୍ଟିକାରୀ ଯୌଗିକଗୁଡ଼ିକ ଏବଂ ପଲିକ୍ଲୋରିନେଟେଡ୍ ବାଇଫିନାଇଲ୍ସ, ପଲିସାଇକ୍ଲିକ୍ ଆରୋମାଟିକ୍ ହାଇଡ୍ରୋକାର୍ବନ ଭଳି ହରମୋନ୍-ବିଘ୍ନକାରୀ ଯୌଗିକଗୁଡ଼ିକୁ ଶୋଷିତ କରନ୍ତି। ଗ୍ରହଣ କରିବା ପରେ, ଏହି ବିଷାକ୍ତ ପଦାର୍ଥଗୁଡ଼ିକ ଟିସୁଗୁଡ଼ିକରେ ପ୍ରବେଶ କରି ଜୈବିକ କ୍ଷତିକୁ ବଢ଼ାଇପାରେ। ଅଲଟ୍ରାଭାୟୋଲେଟ୍ ବିକିରଣ ଅଧୀନରେ ପ୍ଲାଷ୍ଟିକ୍ ଅବକ୍ଷୟ ମିଥେନ ଏବଂ ଇଥିଲିନ୍ ପରି ସବୁଜଗୃହ ଗ୍ୟାସ୍ ନିର୍ଗତ କରେ, ଯାହା ସୂକ୍ଷ୍ମ ଭାବରେ ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣକୁ ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟା ସହିତ ଯୋଡ଼ିଥାଏ। (କ୍ରମଶଃ...)

-ସହକାରୀ ପ୍ରଫେସର (ଗବେଷଣା),
ଜୈବପ୍ରଯୁକ୍ତି ବିଦ୍ୟା କେନ୍ଦ୍ର, ଶିକ୍ଷା ଓ
ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୬୩୭୨୫୯୮୯୯୩

## ସତର୍କ ନ ରହିଲେ...



ଆମ ଶରୀର କିପରି ସୁସ୍ଥ ରହିବ ସେନେଇ ଆମେ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବା ନିହାତି ଦରକାର। ଶରୀର ଭିତରେ କେତେକ ଅଙ୍ଗ ଠିକ୍ ଭାବରେ କାମ କଲେ ଶରୀର ଅନେକାଂଶରେ ନୀରୋଗ ରହିଥାଏ। ବର୍ତ୍ତମାନ କିଡନୀ ରୋଗ ଅନ୍ୟତମ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ଏହାର କାରଣ ବିଷୟରେ ଅବଗତ ରହିବା ଆବଶ୍ୟକ। ପ୍ରାରମ୍ଭରୁ କିଡନୀଜନିତ ସମସ୍ୟାର ଲକ୍ଷଣ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ କିଡନୀ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବା ବୁଦ୍ଧିମତାର ପରିଚାୟକ। କିଡନୀ ଶରୀରରେ ପ୍ରଭାବିତ ହେଉଥିବା ରକ୍ତକୁ ବିଶୋଧନ କରି, ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ। ଶ୍ୱାସକ୍ରିୟାଜନିତ ଅନେକ ରୋଗ ଶରୀରରେ ଦେଖାଦିଏ। ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ଲାଗି ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଇବା ଆବଶ୍ୟକ। ଯଦି ନିଶାଦ୍ରବ୍ୟ ସେବନ ଅଭ୍ୟାସ ରହିଛି ତେବେ ଏହାକୁ ତୁରନ୍ତ ଛାଡ଼ନ୍ତୁ। ଏ ନେଇ ନିଜେ ସତର୍କ ରହିଲେ ହିଁ ଆପଣ ନିଜ କିଡନୀକୁ ସୁସ୍ଥ ଆଉ ସକ୍ରିୟ ରଖିପାରିବେ।

## ସନ୍ତୁଳିତ ଖାଦ୍ୟ ଖାଉଥିଲେ...



କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଶକ୍ତ ରଖିବାକୁ ଆମେ ଭିଟାମିନଯୁକ୍ତ ଖାଦ୍ୟ ଖାଇବା ଦରକାର। ଯଦି ଜଣେ ବ୍ୟକ୍ତି ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତି ତେବେ ସେ ସୁସ୍ଥ ରହିବା ସହ ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ମଧ ଦୃଢ଼ ରଖିପାରିବେ। ଏଭଳି ଖାଦ୍ୟରେ ବିଭିନ୍ନ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଏହାଦ୍ୱାରା ମଧ ପାଚନ କ୍ରିୟା ସକ୍ରିୟ ରହିଥାଏ। 'ସନ୍ତୁଳିତ ଖାଦ୍ୟ ଓ ରୋଗ ପ୍ରତିରୋଧକ ଶକ୍ତି' ବିଷୟକୁ ନେଇ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ସମୟରେ ସେମାନେ ଜାଣିପାରିଥିଲେ ଯେ ସନ୍ତୁଳିତ ଖାଦ୍ୟରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବାରେ ଅନେକାଂଶରେ ସହାୟକ ହୋଇଥାଏ।

## ହୃଦ୍‌ରୋଗ: କିଛି କଥା



ଆଜିର ସମୟରେ ଅନ୍ୟତମ ସ୍ୱାସ୍ଥ୍ୟଜନିତ ସମସ୍ୟା ହେଉଛି ହୃଦ୍‌ରୋଗ। ଶାରୀରିକ ପରିଶ୍ରମର ଅଭାବ, ନିଶାଦ୍ରବ୍ୟ ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା ଆଦି ହୃଦ୍‌ରୋଗର ଅନ୍ୟତମ କାରଣ। ବର୍ତ୍ତମାନ ସମୟରେ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି। ହୃଦ୍‌ରୋଗଠାରୁ ନିଜକୁ ଦୂରେଇ ରଖିବାକୁ ହେଲେ ଚାପମୁକ୍ତ ଏବଂ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଅତି କମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ଶରୀରର ଗଢ଼ଣ ଓ ବୟସ ଅନୁସାରେ ଓଜନ କେତେ ରହିବା ଆବଶ୍ୟକ, ତାହା ଜାଣନ୍ତୁ। ଆବଶ୍ୟକତାଠାରୁ ଅଧିକ ଓଜନ ଥିଲେ, ତାହାକୁ କେମିତି ସନ୍ତୁଳିତ ସ୍ତରକୁ ଆଣିହେବ, ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରକ୍ତଚାପ ଏବଂ ରକ୍ତରେ ଶର୍କରା ବା ସୁଗାର ପରିମାଣ ଯେପରି ସନ୍ତୁଳିତ ରହେ ସେନେଇ ସତର୍କ ରହନ୍ତୁ। ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ଯେତେ ବ୍ୟସ୍ତ ରହିଲେ ମଧ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

## ମନେରଖନ୍ତୁ

ସବୁବେଳେ ଖୁସିରେ ରହିବାକୁ ଚାହିଁଲେ ମଧ ଅନେକ ସମୟରେ ଏହା ସମ୍ଭବ ହୋଇ ନ ଥାଏ। ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଚାପ, ଅବସାଦ, ଟେନସନ୍ ଆଦି ଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଭଲ। କାରଣ ଏହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ଚିନ୍ତାଧାରା ଯଦି ସବୁବେଳେ ନକାରାତ୍ମକ ରହୁଛି ତେବେ ତାହାର କାରଣ ଖୋଜି ତାହାକୁ ତୁରନ୍ତ ସମାଧାନ କରନ୍ତୁ। ତେଣୁ ଜୀବନକୁ ଠିକ୍ ବାଟରେ ଆଗେଇ ନେବାକୁ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରନ୍ତୁ। ଠିକ୍ ସମୟରେ ଖାଆନ୍ତୁ। ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ। ସବୁବେଳେ ହସଖୁସିର ମାହୋଲ ଭିତରେ ରହିବାକୁ ଚେଷ୍ଟା କରନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ଜଣେ ନିଜ ନିଷ୍ପତ୍ତି ଠିକ୍ ଭାବେ ନେବାକୁ କେତେକାଂଶରେ ସକ୍ଷମ ହୋଇଥାଏ। ଯଦି ଆପଣ ଡାଇବେଟିସ୍ କିମ୍ବା ବ୍ଲଡପ୍ରେସର ସମସ୍ୟା ସହ ଜଡ଼ିତ ତେବେ ନିୟମିତ ଔଷଧ ଖାଇବା ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ୟାୟାମକୁ ନିଜର ଦୈନନ୍ଦିନ ରୁଟିନ୍‌ରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ।



## ସୁସ୍ଥ ରହିବା ଅନ୍ତରାଳେ...

ସୁସ୍ଥ ମଣିଷ ହେଉଛି ଦେଶ ଓ ସମାଜର ସମ୍ବଳ। ଜଣେ ଅସୁସ୍ଥ ରହିଲେ ସେ କାର୍ଯ୍ୟକ୍ଷମ ହୋଇ ନ ଥାଏ। ଯେଉଁମାନେ ସମ୍ପୂର୍ଣ୍ଣ ସୁସ୍ଥ, ତାଙ୍କର କୌଣସି ଚିକିତ୍ସା ଆବଶ୍ୟକତା ନ ଥାଏ। ମାତ୍ର ସେମାନେ ମଧ ସୁସ୍ଥ ରହିବା ପାଇଁ ଓ ରୋଗ ନ ହେବା ପାଇଁ ସତର୍କ ରହିବା ଦରକାର। ଯେଉଁମାନେ ସାଧାରଣ ଅଣ-ଗୁରୁତର ରୋଗରେ ପୀଡ଼ିତ, ଯାହାର କି ଚିକିତ୍ସା ସହଜ ଓ ଆରୋଗ୍ୟ ମଧ ହୋଇଥାଏ। ତୃତୀୟ ପ୍ରକାରର ରୋଗ, ଯାହା କି ବହୁଳ ପରିଲକ୍ଷିତ ହେଉଛି ଦୀର୍ଘ ଦିନ ଧରି ଓ ପ୍ରାୟ ଜୀବନସାରା ଚିକିତ୍ସା ଦରକାର କରୁଥିବା ରୋଗ ସମୂହ। ଏହି ରୋଗ ପାଇଁ ପ୍ରଥମରୁ ଯାଞ୍ଚ କରିବା ଆବଶ୍ୟକ ଓ ରୋଗ ନିର୍ଣ୍ଣୟ ପରେ ନିୟମିତ ଔଷଧ ଖାଇବା ଓ ଯାଞ୍ଚ କରିବା ଉଚିତ। ସାଧାରଣତଃ ଉଚ୍ଚ ରକ୍ତଚାପ, ମଧୁମେହ-୨, ଥାଇରଏଡ ନ୍ୟୁନତା, ମାନସିକ ଅବସାଦ, ହୃଦ୍‌ରୋଗ ଓ କେତେଗୁଡ଼ିଏ ସ୍ନାୟୁଜନିତ ରୋଗ ତଥା କେତେକ କ୍ଷେତ୍ରରେ କ୍ୟାନ୍‌ସର ଓ ରକ୍ତରୋଗମାନଙ୍କର ସାରା ଜୀବନ ଚିକିତ୍ସା ଆବଶ୍ୟକ ହୋଇଥାଏ। ଦୁର୍ଘଟଣା, ହାର୍ଟ ଆଟାକ୍, ଷ୍ଟ୍ରୋକ୍, ରେନାଲ ଫେଲ୍ୟୁୟର, ମଧୁମେହ ଜଟିଳତା, ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ, ବିଭିନ୍ନ ପ୍ରକାରର ଅସ୍ତ୍ରୋପଚାର (ଅପରେଶନ) ଦ୍ୱାରା ହେଉଥିବା ଚିକିତ୍ସା ଓ ଆହୁରି ଅନେକ ରୋଗ ପାଇଁ ହସ୍ପିଟାଲରେ ଆଡ୍‌ମିଶନ କରାଯାଇ ସେଗୁଡ଼ିକର ଠିକ୍ ଚିକିତ୍ସା କରାଯାଇଥାଏ।



## ସ୍ୱାସ୍ଥ୍ୟ ସୂଚନା

➤ଅଣ୍ଟାଜନିତ ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



➤ସ୍ୱାସ୍ଥ୍ୟ ପାଇଁ ମହୁ ବେଶ୍ ଉପକାରୀ। ଉଷୁମ ପାଣିରେ ମହୁ ମିଶାଇ ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।

➤ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ଦାନ୍ତଜନିତ ସମସ୍ୟା ଥିଲେ ତାହାର ତୁରନ୍ତ ଚିକିତ୍ସା କରାଇ ନିଅନ୍ତୁ।

➤ମେଦବହୁଳତା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିବାର ଆଶଙ୍କା ରହିଛି। ତେଣୁ ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ।

➤ ନିଜକୁ ଟେନ୍‌ସନ୍ ଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।

➤ଘରେ ଫାଷ୍ଟ-ଏଡ୍ ବକ୍ସ ରଖିଥିଲେ ନିୟମିତ ସମୟ ବ୍ୟବଧାନରେ ଚେକ୍ କରିନିଅନ୍ତୁ। ଏହାକୁ ଏଭଳି ସ୍ଥାନରେ ରଖନ୍ତୁ ଯେମିତି ଖୋଜିବା ମାତ୍ରେ ପାଇପାରିବେ।

➤ଖାଉଥିବ ଔଷଧକୁ ନେଇ ଯଦି ମନରେ କିଛି ପ୍ରଶ୍ନ ସୃଷ୍ଟି ହେଉଛି ତେବେ କେବଳ ଡାକ୍ତରଙ୍କ ସହ ହିଁ ପରାମର୍ଶ କରନ୍ତୁ।

## ସକାରାତ୍ମକ ମାନସିକତା ଓ ଯୋଗ

ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ ସିଡନୀ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।






# ଅଲ୍‌କାରାଜ ଜିତିଲେ ଅଷ୍ଟ୍ରେଲିଆନ୍ ଓପନ

## କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ, ଜୋକୋଭିଚ୍ ନିରାଶ

**ମେଲବୋର୍ନ,୧।୨(ଏପି)**

ୱାର୍ଲ୍ଡ ନଂ-୧ କାର୍ଲୋସ ଅଲକାରାଜ ଚଳିତବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନରେ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଅଲକାରାଜ ୨-୬, ୬-୨, ୬-୩, ୭-୫ ସେଟ୍‌ରେ ଚତୁର୍ଥ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଏହି ମ୍ୟାଚ୍ ଲାଗି ରଡ ଲାଭର ଏରେନାରେ ସ୍ପାନିଶ ଟେନିସ କିମ୍ବଦନ୍ତୀ ରାଫେଲ ନାଡାଲ ଉପସ୍ଥିତ ଥିଲେ। ଏହି ବିଜୟ ସହିତ ୨୨ ବର୍ଷୀୟ ଅଲକାରାଜ ଓପନ ଏରାର ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାରିୟରର ଗ୍ରାଣ୍ଡସ୍ଲାମ ପୂରଣ କରିଛନ୍ତି। ସେ ୨୨ ବର୍ଷ ୨୭୨ ଦିନ ବୟସରେ ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଡନ ବଜଙ୍କ ନାମରେ ଥିଲା। ସେ ୧୯୩୮ରେ ୨୨ ବର୍ଷ ୩୬୩ ଦିନ ବୟସରେ ଫ୍ରେଞ୍ଚ ଚାମ୍ପିୟନଶିପ୍‌ରେ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କରିଥିଲେ। ତେବେ ଅଲକାରାଜ ବିଶ୍ୱର ନବମ ପୁରୁଷ ଖେଳାଳି ଭାବେ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କରିଛନ୍ତି। ଏହା ଅଲକାରାଜଙ୍କର ପ୍ରଥମ ଅଷ୍ଟ୍ରେଲିଆନ ଓପନ ଓ ମୋଟ ଉପରେ ସପ୍ତମ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଥିପୂର୍ବରୁ ସେ ୱିମ୍ବେଲଡନ, ଫ୍ରେଞ୍ଚ ଓ ୟୁଏସ୍ ଓପନରେ ଦୁଇ ଥର ଲେଖାଏ ଚାମ୍ପିୟନ ହୋଇଛନ୍ତି।

ଅନ୍ୟପକ୍ଷରେ ପରାଜୟ ଯୋଗୁ ସର୍ବିଆର କିମ୍ବଦନ୍ତୀ ଖେଳାଳି ଜୋକୋଭିଚ୍‌ଙ୍କର ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଅପେକ୍ଷା ଜାରି ରହିଛି। ସେ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ପ୍ରଥମ ଥର ପାଇଁ ପରାସ୍ତ ହୋଇଛନ୍ତି।


ଅଷ୍ଟ୍ରେଲିଆନ ଓପନ ଟ୍ରଫି ସହ କାର୍ଲୋସ ଅଲ୍‌କାରାଜ।

## ଥାଇଲାଣ୍ଡ ମାଷ୍ଟର୍ସ: ଦେବୀକାଙ୍କୁ ଟାଇଟଲ

**ନୂଆଦିଲ୍ଲୀ,୧।୨:** ଯୁବା ଭାରତୀୟ ଶଟଲର ଦେବୀକା ସିହାଗ ବ୍ୟାଙ୍କକଠାରେ ଚାଲିଥିବା ଥାଇଲାଣ୍ଡ ମାଷ୍ଟର୍ସରେ ଟାଇଟଲ ହାସଲ କରିଛନ୍ତି। ପ୍ରତିପକ୍ଷ ଖେଳାଳି ମାଲେସିଆର ଗୋ ଜିନ ୱେଇ ଫାଇନାଲ ମ୍ୟାଚ୍ ମଧ୍ୟରୁ ଇଞ୍ଜୁରି କାରଣରୁ ଓହରି ଯିବାରୁ ଦେବୀକା କ୍ୟାରିୟରର ପ୍ରଥମ ବିଡବ୍ଲ୍ୟୁଏଫ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଜିତିଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ହରିୟାଣାରେ ଜନ୍ମିତ ଦେବୀକା ପ୍ରଥମ ଗେମ୍‌କୁ ୨୧-୮ ବ୍ୟବଧାନରେ ଜିତିବା ପରେ ଦ୍ୱିତୀୟ ଗେମ୍‌ରେ ୬-୩ ବ୍ୟବଧାନରେ ଆଗରେ ଥିବା ବେଳେ ୱାର୍ଲ୍ଡ ନଂ-୬୮ ଗୋ ମାଂସପେଶୀଜନିତ ସମସ୍ୟା କାରଣରୁ ମ୍ୟାଚ୍‌ରୁ ଓହରି ଯାଇଥିଲେ। ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୬୩ତମ ସ୍ଥାନରେ ଥିବା ଦେବୀକାଙ୍କୁ ଏହି ଟାଇଟଲ ସହ ପୁରସ୍କାର ରାଶି ବାବଦକୁ ଅଢ଼େଇ ଲକ୍ଷ ଆମେରିକୀୟ ଡଲାର ମିଳିବ। ଦେବୀକା ଭାରତର ତୃତୀୟ ଖେଳାଳି ଭାବେ ସୁପର ୩୦୦ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।

# ପରାଜୟ ସହ ଓଡ଼ିଶା ଅଭିଯାନ ଶେଷ

**ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)**

ଜାମସେଦପୁରର କିନାନ୍ ଷ୍ଟାଡିୟମରେ ଅନୁଷ୍ଠିତ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୪ ଉଇକେଟରେ ଝାଡ଼ଖଣ୍ଡଠାରୁ ହାରିଯାଇଛି। ଫଳରେ ପରାଜୟ ସହ ଓଡ଼ିଶା ରଣଜୀ ଟ୍ରଫି ୨୦୨୫-୨୬ ଅଭିଯାନ ଶେଷ କରିଛି। ଓଡ଼ିଶା ପକ୍ଷରୁ ୨୪୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଝାଡ଼ଖଣ୍ଡ ରବିବାର ଅନ୍ତିମ ଦିବସରେ ଦ୍ୱିତୀୟ ଇନିଂସରେ ୭୧.୩ ଓଭର ଖେଳି ୬ ଉଇକେଟରେ ୨୪୯ ରନ ସଂଗ୍ରହ କରି ନେଇଥିଲା।

## ରଣ୍‌ଜୀ ଟ୍ରଫି

ଶରଣଦୀପ ସିଂ ୬୪, ରବିନ ମିଞ୍ଜ ୬୩, ଅନୁକୂଳ ରାୟ ୪୫ ଓ ଶିଖର ମୋହନ ୩୦ ରନକରି ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶା ପକ୍ଷରୁ ନିଜର ପଦାର୍ପଣ ମ୍ୟାଚରେ ସୟଦ ତୁଫେଲ ଅହମଦ ୪ ଉଇକେଟ ସଫଳତା ପାଇଥିବାବେଳେ ଗୋବିନ୍ଦ ପୋଦ୍ଦାର ୨ଟି ଉଇକେଟ ନେଇଥିଲେ। ପୂର୍ବରୁ ଓଡ଼ିଶା ଏହାର ଦ୍ୱିତୀୟ ଇନିଂସରେ ୨୨୬ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୭୩ ଓ ଗୋବିନ୍ଦ ପୋଦ୍ଦାର ୩୧ ରନ କରିଥିଲେ। ଝାଡ଼ଖଣ୍ଡ ବୋଲରଙ୍କ ମଧ୍ୟରେ ଅନୁକୂଳ ରାୟ ୫ ଉଇକେଟ ସଫଳତା ପାଇଥିବାବେଳେ ଆଦିତ୍ୟ ସିଂ ୪ଟି ଏବଂ ରିଷଭ ରାଜ ଗୋଟିଏ ଉଇକେଟ ନେଇଥିଲେ। ଦୁଇ ଇନିଂସରେ ଯଥାକ୍ରମେ ୫୨ ଓ ୬୩ ରନ କରିଥିବା ଝାଡ଼ଖଣ୍ଡର ରବିନ ମିଞ୍ଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଦଳ ଏଲିଟ ଗ୍ରୁପ୍ 'ଏ'ରେ ୭ ମ୍ୟାଚରୁ ୧ ବିଜୟ, ୫ ପରାଜୟ ଓ ୧ ଡ୍ର ସହ ମୋଟ ୭ ପଏଣ୍ଟ ପାଇ ୮ ଦଳ ବିଶିଷ୍ଟ ଗ୍ରୁପ୍‌ରେ ୭ମ ସ୍ଥାନରେ ରହିଛି।


ସୟଦ ତୁଫେଲ ଅହମଦ

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୨। ଝାଡ଼ଖଣ୍ଡ ପ୍ରଥମ ଇନିଂସ: ୨୬୩। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୨୬। ଝାଡ଼ଖଣ୍ଡ ଦ୍ୱିତୀୟ ଇନିଂସ: ୨୪୯/୬।

# ମହିଳା ଟି୨୦ ବିଶ୍ୱକପ୍: ସ୍କଟଲାଣ୍ଡ, ଆୟର୍ଲାଣ୍ଡକୁ ଯୋଗ୍ୟତା

**ନୂଆଦିଲ୍ଲୀ,୧।୨**

ଆସନ୍ତା ଜୁନ୍‌ରେ ଇଂଲଣ୍ଡରେ ହେବାକୁ ଥିବା ମହିଳା ଟି୨୦ ବିଶ୍ୱକପ୍ ଲାଗି ସ୍କଟଲାଣ୍ଡ ଓ ଆୟର୍ଲାଣ୍ଡ ରବିବାର ଯୋଗ୍ୟତା ଅର୍ଜନ କରିଛନ୍ତି। ନେପାଳର କିର୍ତ୍ତିପୁରଠାରେ ଚାଲିଥିବା କ୍ୱାଲିଫାୟର୍ସ ସୁପର-୬ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆୟର୍ଲାଣ୍ଡ ୬୨ ରନରେ ଥାଇଲାଣ୍ଡକୁ ଏବଂ ସ୍କଟଲାଣ୍ଡ ୪୧ ରନରେ ଆମେରିକାକୁ ହରାଇ ଏହି ସଫଳତା ହାସଲ କରିଛନ୍ତି। ବାଂଲାଦେଶ ଓ ନେଦରଲାଣ୍ଡ୍ସ ପ୍ରଥମ ଦୁଇ ଦଳ ଭାବେ ସୁପର ୬ ପଏଣ୍ଟ ଟେବୁଲରେ ଶୀର୍ଷରେ ରହି ସ୍ଥାନ ପକ୍କା କରିଥିଲେ। ଜୁନ ୧୨ରୁ ଇଂଲଣ୍ଡରେ ହେବାକୁ ଥିବା ବିଶ୍ୱକପ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରିବେ। ଅଂଶଗ୍ରହଣକାରୀଙ୍କ ତାଲିକାରେ ନେଦରଲାଣ୍ଡ୍ସ, ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ ବ୍ୟତୀତ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ପାକିସ୍ତାନ ଓ ଶ୍ରୀଲଙ୍କା ରହିଛନ୍ତି।



ମନ୍ମୟ ପଟ୍ଟନାୟକଙ୍କୁ ବିଦାୟୀ ଶୁଭେଚ୍ଛା ଜଣାଇବା ଅବସରରେ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ ଅନ୍ୟମାନେ।

# ଭାରତୀୟ ସଫ୍ଟଟେନିସ ଦଳରେ ମନ୍ମୟ

**ଭୁବନେଶ୍ୱର,୧।୨(ଅନାଦି କର)**

ଆସନ୍ତା ୩ରୁ ୮ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଲୁଧିଆନାରେ ଦ୍ୱିତୀୟ ଜୁନିୟର ଏସିଆନ୍ ସଫ୍ଟ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ମନ୍ମୟ ପଟ୍ଟନାୟକ ସ୍ଥାନ ପାଇଛନ୍ତି। ଏହି ଦଳରେ କୋଚ୍ ଭାବେ ମହମଦ ଅମନ, ରେଫରି ମହମଦ ଆଜମ, ଅମ୍ପାୟର ସତିଶ କୁମାର ବିଶ୍ୱକର୍ମା, ସହଦେବ ସିଂ, ରୀନା ରଶ୍ମି ତିର୍କୀ, ବୁଦ୍ଧେଶ୍ୱର ବେହେରା ପ୍ରମୁଖ ଯୋଗ ଦେବେ। ଲୁଧିଆନା ଗସ୍ତ ପୂର୍ବରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଧିରଜ କୁମାର ପଟ୍ଟନାୟକ, ଆଶିଷ କୁମାର ରାଉତ, ମହମ୍ମଦ ଆଜମ ଓ ଦିଲୀପ କୁମାର ପଟ୍ଟନାୟକ ଉପସ୍ଥିତ ରହି ମନ୍ମୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ରାଇଜିଂ ଷ୍ଟୁଡେଣ୍ଟ୍ସ କଟକ ଚାମ୍ପିୟନ

## ସର୍ବଭାରତୀୟ କିଶୋର ନାୟକ ସ୍ମାରକୀ କ୍ରିକେଟ

**ବନ୍ତ,୧।୨(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକର ପୁରୁଷୋତ୍ତମପୁରସ୍ଥିତ ନେତାଜୀ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍‌ରେ ଚାଲିଥିବା ୨୪ତମ ସର୍ବଭାରତୀୟ କିଶୋର ନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ (ବନ୍ତ କପ୍-୨୦୨୬)ର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଷ୍ଟକୋଷ୍ଟ ରେଲ୍‌ୱେ ବିଶାଖାପାଟଣାକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ୍ସ କଟକ ଚାମ୍ପିୟନ ହୋଇଛି। ରାଇଜିଂ ଷ୍ଟୁଡେଣ୍ଟ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୨ ରନ୍ କରିଥିଲା। ଦଳ ପକ୍ଷରୁ ବିକ୍ରମ ସାମଲ ୬୮ ଓ ଆନନ୍ଦ ଭରଦ୍ୱାଜ ୩୫ ରନ୍ କରିଥିଲେ। ଇଷ୍ଟକୋଷ୍ଟ ରେଲ୍‌ୱେର ବୋଲର ପ୍ରକାଶ ରେଡ୍ଡୀ ୩ ଓ ଧୀରଜ କୁମାର ୨ ଉଇକେଟ ନେଇଥିଲେ। ଇଷ୍ଟକୋଷ୍ଟ ରେଲ୍‌ୱେ ୨୦ ଓଭରରେ ୯ ଉଇକେଟ ହରାଇ ୧୭୯ ରନ୍ କରିପାରିଥିଲା। ଦଳ ପକ୍ଷରୁ ବି.ସାତ୍ତ୍ୱିକ ୪୩ ଓ କେ.ପି. ରାହୁଲ ୩୧ ରନ୍ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ୍ସର ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ୩ ଓ ଆନନ୍ଦ ଭରଦ୍ୱାଜ ୨ ଉଇକେଟ ନେଇଥିଲେ। ଫଳରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୧୩ ରନ୍‌ରେ ବିଜୟୀ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅବକାରୀ ବିଭାଗର ସହକାରୀ କମିଶନର ବିଶ୍ୱନାଥ ଜେନା, ଜିଲା ଭାଜପା ସଭାପତି ଭଗବାନ ପଣ୍ଡା, ଭଣ୍ଡାରିପୋଖରୀ ବିଧାନସଭା ନେତା ଡ. ସୁଧାଂଶୁ ଶେଖର ନାୟକ, ଏମ୍‌ପି ପ୍ରତିନିଧି ସନ୍ତୋଷ କୁମାର ନାୟକ, କମିଟିର ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଅରୁଣ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ରାଇଜିଂ ଷ୍ଟୁଡେଣ୍ଟ୍ସର ବିକ୍ରମଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ବରିଷ୍ଠ ସଦସ୍ୟ ମାଧବାନନ୍ଦ ଦାସ, କେଦାରନାଥ ମହାନ୍ତି ପ୍ରଦାନ କରିଥିଲେ। ଇଷ୍ଟକୋଷ୍ଟ ରେଲ୍‌ୱେର ବି.ସାତ୍ତ୍ୱିକଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ବରିଷ୍ଠ ସଦସ୍ୟ ସପନ କୁମାର ମଜୁମଦାର, ପ୍ରଦ୍ୟୁମ୍ନ ସେଠୀ ଓ କାହ୍ନା ନାୟକ ପ୍ରଦାନ କରିଥିଲେ। ଶାନ୍ତନୁ ରାଉତ ଓ ଲଲାଟ କେଶରୀ ନନ୍ଦ ମ୍ୟାଚ୍ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସଞ୍ଜୟ କୁମାର ମଜୁମଦାର, ସୁଧାଂଶୁ ଶେଖର ମହାନ୍ତି, ସୁକାନ୍ତ କୁମାର ବେହେରା, ସ୍କୋରର ଭାବେ ଜ୍ୟୋତି ରଞ୍ଜନ ଜେନା, ଗୁରୁଦେବ ସେଠୀ, ଅବନୀ ମଲ୍ଲିକ ଓ ପୂର୍ଣ୍ଣେନ୍ଦୁ ଜେନା ଦାୟିତ୍ୱ ତୁଲାଇଥିଲେ।



ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ